- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

PANIKOILI

◆VOLUME- 43 ◆ISSUE-343 ◆THURSDAY ◆11 JUNE 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୩୪୩ ◆ଗୁରୁବାର ◆୧୧ ଜୁନ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ଫିଫା ବିଶ୍ୱକପ୍ ଉଦ୍‌ଘାଟନ ଆଜି




■ ମେକ୍ସିକୋ ସିଟି,୧୦।୬ (ସମିସ): ଫିଫା ବିଶ୍ୱକପ୍ ଫୁଟବଲର ୨୩ତମ ସଂସ୍କରଣ ଆସନ୍ତାକାଲିଠାରୁ ଆରମ୍ଭ ହେବ। ବିଶ୍ୱର ଏହି ସର୍ବାଧିକ ଲୋକପ୍ରିୟ ପ୍ରତିଯୋଗିତାକୁ ପ୍ରଥମଥର ୩ଟି ଦେଶ ଯୁକ୍ତରାଷ୍ଟ୍ର ଆମେରିକା, ମେକ୍ସିକୋ ଏବଂ କାନାଡା ମିଳିତ ଭାବେ ଆୟୋଜନ କରୁଛନ୍ତି। ଜୁନ୍ ୧୧ରୁ ଏହି ପ୍ରତିଯୋଗିତା ଆରମ୍ଭ ହୋଇ ଜୁଲାଇ ୧୯ରେ ଶେଷ ହେବ। ଏହି ସଂସ୍କରଣରେ ମଧ୍ୟ ସର୍ବାଧିକ ୪୮ଟି ଦେଶ ଅଂଶଗ୍ରହଣ କରୁଥିଲାବେଳେ ସର୍ବାଧିକ ୧୦୪ଟି ମ୍ୟାଚ୍ ୩ଟି ଦେଶର ୧୬ଟି ଷ୍ଟାଡିୟମ୍‌ରେ ଖେଳାଯିବାର କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି। ଏହା ମଧ୍ୟରୁ ଆମେରିକାର ସର୍ବାଧିକ ୧୧ଟି ଭେନ୍ୟୁରେ ଫାଇନାଲ ଓ କ୍ୱାର୍ଟରଫାଇନାଲ ପରଠାରୁ ସମସ୍ତ ନକ୍‌ଆଉଟ ମ୍ୟାଚ୍ ସମେତ ମୋଟ ୭୮ଟି, ଅନ୍ୟ ଦୁଇ ସହ ଆୟୋଜକ ଦେଶ ୧୩ଟି ଲେଖାଏଁ ମ୍ୟାଚ୍ ଆୟୋଜନ କରିବେ। ଜୁଲାଇ ୧୯ ତାରିଖ ରାତି ୧୨ଟା ୩୦ ମିନିଟ୍‌ରେ ଫାଇନାଲ ମୁକାବିଲା ନ୍ୟୁ ଜର୍ସୀର ମେଟ୍‌ଲାଇଫ ଷ୍ଟାଡିୟମ୍‌ରେ ଖେଳାଯିବ। ଭାରତରେ ମ୍ୟାଚ୍ ଗୁଡିକର ସିଧାସଳଖ ପ୍ରସାରଣ ଜୀ ଏଣ୍ଟରଟେନ୍‌ମେଣ୍ଟ ନେଟ୍‌ୱର୍କରେ ପ୍ରସାରଣ କରାଯିବ। ଜୀ ଟିଭି ପକ୍ଷରୁ ୟୁନିଟ୍୮ -ସ୍ପୋର୍ଟ୍ସ ନାମରେ ୪ଟି ଚ୍ୟାନେଲ ହିନ୍ଦୀ ଓ ଇଂରାଜୀରେ ସିଧାସଳଖ ପ୍ରସାରଣ କରାଯିବ।

ଆସନ୍ତାକାଲି ବା ଗୁରୁବାର ମେକ୍ସିକୋ ସିଟିରେ ଭାରତୀୟ ସମୟ ରାତି ୧୦ଟା ୩୦ ମିନିଟ୍‌ରୁ ଦେଢ଼ ଘଣ୍ଟା ଲାଗି ରଙ୍ଗାରଙ୍ଗ୍ ଉଦ୍‌ଘାଟନୀ ଉତ୍ସବର ଆୟୋଜନ କରାଯାଇଛି। ଆମେରିକା ଓ କାନାଡାରେ ମଧ୍ୟ ଏକ ସଙ୍ଗେ ଉତ୍ସବର ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ପ୍ରଖ୍ୟାତ ଗାୟିକା ସାକିରା ଉଦ୍‌ଘାଟନୀ ଉତ୍ସବର ମୁଖ୍ୟ ଆକର୍ଷଣ ସାଜିବେ। କାନାଡାର ଟରଣ୍ଟୋ ଓ ଆମେରିକାରେ ମଧ୍ୟ ଉଦଘାଟନୀ ଉତ୍ସବର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# ଦୁଃସ୍ଥିତି ଆଣିବ ‘ଗଡ଼ଜିଲା ଏଲ୍ ନିନୋ’

■ ନୂଆଦିଲ୍ଲୀ, ୧୦।୬ (ଏଜେନ୍ସି): ପ୍ରଶାନ୍ତ ମହାସାଗରରେ ସୃଷ୍ଟି ହେଉଥିବା ଏକ ପ୍ରାକୃତିକ ଜଳବାୟୁ ପରିବର୍ତ୍ତନ ‘ଏଲ୍ ନିନୋ’ ଏବେ ସାରା ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଛି। ବୈଜ୍ଞାନିକମାନେ ଏହାକୁ ‘ଗଡ଼ଜିଲା ଏଲ୍ ନିନୋ’ ବା ଅତି ଶକ୍ତିଶାଳୀ ଏଲ୍ ନିନୋର ଆଖ୍ୟା ଦେଇଛନ୍ତି। ଯଦିଓ ଏହି ପରିବର୍ତ୍ତନ ଭାରତଠାରୁ ହଜାର ହଜାର କିଲୋମିଟର ଦୂରରେ ସୃଷ୍ଟି ହେଉଛି, ତଥାପି ଏହାର ସିଧାସଳଖ ପ୍ରଭାବ ଭାରତର ସାଧାରଣ ଜୀବନଯାତ୍ରା, ଚାଷକାର୍ଯ୍ୟ ଏବଂ ବ୍ୟବସାୟ ଉପରେ ପଡ଼ିବାକୁ ଯାଉଛି। ବିଶ୍ୱ ଅର୍ଥନୈତିକ ମଞ୍ଚ ସମେତ ଅନେକ ଅନ୍ତର୍ଜାତୀୟ ସଂଗଠନ ଏହାକୁ ନେଇ ସତର୍କ ସୂଚନା ଜାରି କରିଛନ୍ତି। ଭାରତର ଲକ୍ଷ ଲକ୍ଷ ଚାଷୀଙ୍କ ପାଇଁ ମୌସୁମୀ ଋତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏବେ ବି ଦେଶର ପ୍ରାୟ ଅଧା କୃଷି ଜମି ଜଳସେଚନ ବଦଳରେ ବର୍ଷା ଜଳ ଉପରେ ନିର୍ଭର କରେ। ଏଲ୍ ନିନୋ ପ୍ରଭାବରେ ମୌସୁମୀ ବର୍ଷା କମିଯାଏ କିମ୍ବା ଦୀର୍ଘ ଦିନ ଧରି ମରୁଡ଼ି ପରିସ୍ଥିତି ସୃଷ୍ଟି ହୁଏ। ଏହାଦ୍ୱାରା ଧାନ, ଡାଲି, ସୋୟାବିନ୍, କପା ଏବଂ ମକା ଭଳି ମୁଖ୍ୟ ଫସଲର ବୁଣାକାର୍ଯ୍ୟ ବାଧାପ୍ରାପ୍ତ ହେବ। ବର୍ଷା ଅଭାବରୁ ଉତ୍ପାଦନ କମିଲେ ବଜାରରେ ଖାଦ୍ୟ ସାମଗ୍ରୀର ଅଭାବ ଦେଖାଦେବ। ଫଳରେ ଦୈନନ୍ଦିନ ବ୍ୟବହୃତ ▶ପୃଷ୍ଠା-୭



ଚାଷଠାରୁ ଆରମ୍ଭ କରି ବିଦ୍ୟୁତ ଗ୍ରୀଡ୍ ପର୍ଯ୍ୟନ୍ତ ସବୁକିଛି ପ୍ରଭାବିତ ହେବ

# ନେହରୁଙ୍କ ରେକର୍ଡ ଭାଙ୍ଗିଲେ ମୋଦୀ

## ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ଶାସନରେ ସର୍ବାଧିକ ସମୟ



■ ନୂଆଦିଲ୍ଲୀ, ୧୦।୬ (ଏଜେନ୍ସି): ଭାରତୀୟ ରାଜନୀତିରେ ଆଜି ଆଉ ଏକ ଐତିହାସିକ ଅଧ୍ୟାୟ ଯୋଡ଼ି ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ଦେଶର ସର୍ବାଧିକ ସମୟ କାର୍ଯ୍ୟ କରିବାର ରେକର୍ଡ ସ୍ଥାପନ କରିଛନ୍ତି। ଜୁନ ୧୦ ତାରିଖରେ ସେ ଲଗାତାର ୪, ୩୯୯ ଦିନ ପ୍ରଧାନମନ୍ତ୍ରୀ ପଦରେ ରହି ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ୪, ୩୯୮ ଦିନର ରେକର୍ଡକୁ ଅତିକ୍ରମ କରିଛନ୍ତି।

୨୦୧୪ ମସିହା ମେ ୨୬ରେ ପ୍ରଥମଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିବା ନରେନ୍ଦ୍ର ମୋଦୀ କ୍ରମାଗତ ତିନିଟି ଲୋକସଭା ନିର୍ବାଚନରେ ବିଜୟ ହାସଲ କରି ଏହି ରେକର୍ଡ ସ୍ଥାପନ କରିଛନ୍ତି। ଏହା ପୂର୍ବରୁ କେବଳ ଜବାହରଲାଲ ନେହରୁ ଲଗାତାର ତିନିଥର ସାଧାରଣ ନିର୍ବାଚନ ଜିତି ଏପରି ସଫଳତା ହାସଲ କରିଥିଲେ। ନେହରୁ ୧୯୪୭ରୁ ୧୯୬୪ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଥିବା ବେଳେ ସେ ଏବେ ମଧ୍ୟ ଭାରତର ସର୍ବାଧିକ ସମୟ ଧରି ପ୍ରଧାନମନ୍ତ୍ରୀ ରହିଥିବା ନେତା ଭାବେ ପରିଚିତ। ତେବେ ନିର୍ବାଚନ ଜିତି ଲଗାତାର କାର୍ଯ୍ୟକାଳ ଆଧାରରେ ମୋଦୀ ଏବେ ନୂଆ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ମୋଦୀ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ମଧ୍ୟ ଦୀର୍ଘ ୧୨ ବର୍ଷରୁ ଅଧିକ ସମୟ ଦାୟିତ୍ୱରେ ଥିଲେ। ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଭାବେ ତାଙ୍କର ମୋଟ ଶାସନକାଳ ୯ ହଜାର ଦିନରୁ ଅଧିକ ହୋଇଛି। ଏହା ସହ ସେ ଦେଶର ସର୍ବାଧିକ ସମୟ ନିର୍ବାଚିତ ସରକାରର ମୁଖ୍ୟ ଭାବେ କାର୍ଯ୍ୟ କରିବାର ରେକର୍ଡ ମଧ୍ୟ ହାସଲ କରିଛନ୍ତି।

ଲୋକସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟିର ପ୍ରଦର୍ଶନ ମଧ୍ୟ ଏହି ଯାତ୍ରାର ଏକ ମୁଖ୍ୟ ଅଂଶ। ୨୦୦୯ରେ ୧୧୬ଟି ଆସନ ଜିତିଥିବା ଦଳ ୨୦୧୪ରେ ୨୮୨ ଏବଂ ୨୦୧୯ରେ ୩୦୩ଟି ଆସନ ଜିତିଥିଲା। ୨୦୨୪ରେ ଆସନ ସଂଖ୍ୟା ୨୪୦କୁ ଖସିଥିଲେ ମଧ୍ୟ ଦଳ ଜାତୀୟ ଗଣତାନ୍ତ୍ରିକ ମେଣ୍ଟର ନେତୃତ୍ୱରେ କ୍ଷମତା ବଜାୟ ରଖିଥିଲା। ଅନ୍ୟପଟେ କଂଗ୍ରେସ ୨୦୦୯ରେ ୨୦୬ଟି ଆସନ ଜିତିଥିବା ବେଳେ ୨୦୧୪ରେ ଏହା ୪୪କୁ ଖସିଯାଇଥିଲା। ତେବେ ୨୦୨୪ରେ ଦଳ ପୁଣି ୯୯ଟି ଆସନ ଜିତି ନିଜର ସ୍ଥିତିକୁ କିଛିଟା ସୁଦୃଢ଼ କରିଥିଲା। ନରେନ୍ଦ୍ର ମୋଦୀଙ୍କ ୪, ୩୯୯ ଦିନର ଲଗାତାର ପ୍ରଧାନମନ୍ତ୍ରୀ ପଦର ଯାତ୍ରା କେବଳ ଏକ ବ୍ୟକ୍ତିଗତ ସଫଳତା ନୁହେଁ; ବରଂ ଭାରତୀୟ ରାଜନୀତିରେ ଏକ ନୂତନ ମାଇଲଖୁଣ୍ଟ। ଏହି ରେକର୍ଡ ଆଗାମୀ ଦିନରେ ଭାରତର ରାଜନୈତିକ ଇତିହାସରେ ଏକ ସ୍ମରଣୀୟ ଅଧ୍ୟାୟ ଭାବେ ଲିପିବଦ୍ଧ ହୋଇ ରହିବ।

## ମମତାଙ୍କ ଘର ବାହୁଡ଼ା !

# କଂଗ୍ରେସରେ ମିଶିବ ଟିଏମ୍‌ସି ?



■ ନୂଆଦିଲ୍ଲୀ, ୧୦।୬ (ଏଜେନ୍ସି): ମମତା ବାନାର୍ଜୀଙ୍କ ଘର ୱାପସି ହେବ କି? ୧୯୯୮ରେ ଗଠିତ ତୃଣମୂଳ କଂଗ୍ରେସ ବା ଟିଏମ୍‌ସି କଣ କଂଗ୍ରେସରେ ମିଶିଯିବ? ସଂପ୍ରତି ଏଭଳି ଅନେକ ପ୍ରଶ୍ନ ଜାତୀୟ ରାଜନୀତିକୁ ସରଗରମ କରି ରଖିଛି। ଦୀର୍ଘ ୨୮ ବର୍ଷ ଧରି ପଶ୍ଚିମ ବଙ୍ଗ ରାଜନୀତିରେ ଛାଇ ହୋଇ ରହିଥିବା ମମତା ବାନାର୍ଜୀଙ୍କୁ ନେଇ ଅନେକ କଳ୍ପନାଜଳ୍ପନା ଲାଗି ରହିଛି। କ୍ରମାଗତ ୧୫ ବର୍ଷ ଧରି ମୁଖ୍ୟମନ୍ତ୍ରୀ ଥିବା ମମତା ହାରିଯିବା ପରେ ତାଙ୍କ ବିରୋଧରେ ଦଳ ଭିତରେ ଏମିତି ବିଦ୍ରୋହ ହେବ ବୋଲି କେହି କେବେହେଲେ କଳ୍ପନା କରିନଥିଲେ। ଗତ ୨୮ ବର୍ଷ ଧରି ତାଙ୍କର ଅତି ଘନିଷ୍ଠ ଓ ନିର୍ଭରଯୋଗ୍ୟ ସହଯୋଗୀ ଥିବା ନେତାମାନେ ବିପଦ ସମୟରେ ତାଙ୍କୁ ଛାଡ଼ିଦେଇ ବିରୋଧୀ ଶିବିରରେ ମିଶିବାରେ ଲାଗିଛନ୍ତି। ଏଥିରେ ହତାଶ ହୋଇ ସେ କଂଗ୍ରେସରେ ମିଶିବା ଲାଗି ଯୋଜନା କରୁଥିବା କୁହାଯାଉଛି।

ରାଜନୀତିରେ କିଛି ଅସମ୍ଭବ ନାହିଁ। ରାଜନୀତିରେ ଚିର ଦିନ ପାଇଁ କେହି ଶତ୍ରୁ କି ମିତ୍ର ନାହାନ୍ତି। ଗତ ଏକ ମାସ ମଧ୍ୟରେ ଟିଏମ୍‌ସିକୁ ନେଇ ଯାହା ସବୁ ଘଟିଯାଉଛି, ତାହା ଏହି ଉକ୍ତିକୁ ସତ ପ୍ରମାଣିତ କରିବାରେ ଲାଗିଛି।

କଂଗ୍ରେସରୁ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିବା ମମତା ବାନାର୍ଜୀ ୧୯୯୭ରେ କଂଗ୍ରେସ ସହ ସଂପର୍କ ଛିନ୍ନ କରି ଟିଏମସି ଗଠନ କରିଥିଲେ। ଦୀର୍ଘ ୧୫ ବର୍ଷ ଧରି ▶ପୃଷ୍ଠା-୭

## ଦଳର ବିଧାୟକ ପ୍ରାର୍ଥୀଙ୍କ ସହ ବୈଠକ

# ଏସ୍‌ଆଇଆର୍ ସମୟରେ ସତର୍କ ଓ ସଜାଗ ରୁହ: ନବୀନ

- ଦୁଇ ବର୍ଷରେ ଭୁଶୁଡ଼ି ଯାଇଛି ଆଇନଶୃଙ୍ଖଳା
- ଭୟରେ ଅଛନ୍ତି ସାରା ଓଡ଼ିଶାର ଜନସାଧାରଣ
- ପୂର୍ବରୁ ରାଜ୍ୟରେ ଦେଖା ନ ଥିଲା ଏଭଳି ଅବ୍ୟବସ୍ଥା
- ପଞ୍ଚାୟତ ଓ ପୌର ନିର୍ବାଚନ ପ୍ରସ୍ତୁତି ଆରମ୍ଭ କର
- ପରିବର୍ତ୍ତନର ସୂଚନା ଦେଉଛି ନାରୀ ଅଧିକାର ଅଭିଯାନ



■ ଭୁବନେଶ୍ୱର, ୧୦।୬ (ସମିସ): ୨୦୨୪ ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିଥିବା ବିଧାୟକ ପ୍ରାର୍ଥୀଙ୍କ ସହ ବୁଧବାର ସାଂଗଠନିକ ବୈଠକ କରିଛନ୍ତି ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଶଙ୍ଖ ଭବନରେ ଅନୁଷ୍ଠିତ ଏହି ବୈଠକରେ ନବୀନ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ଦଳର ସାଙ୍ଗଠନିକ ସ୍ଥିତି ଓ ସ୍ଥାନୀୟ ସମସ୍ୟା ସମ୍ପର୍କରେ ମତ ବିନିମୟ କରିଛନ୍ତି। ରାଜ୍ୟର ସାମଗ୍ରିକ ସ୍ଥିତି, ଶାସନ ବ୍ୟବସ୍ଥା ତଥା ଆଇନ ଶୃଙ୍ଖଳା ସ୍ଥିତିକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ ନବୀନ। ସେ କହିଛନ୍ତି ଯେ ଗତ ଦୁଇ ବର୍ଷରେ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭୁଷୁଡି ଯାଇଛି। ଜନ ସାଧାରଣ ଭୟରେ ରହିଛନ୍ତି। ହତ୍ୟା, ଧର୍ଷଣ, ଲୁଟ, ନାରୀ ନିର୍ଯାତନା ଆଦି ଅପରାଧ ସୀମା ଲଙ୍ଘି ସାରିଲାଣି। ଅର୍ଥନୈତିକ ଅବସ୍ଥା ▶ପୃଷ୍ଠା-୭

## ଜୀବନ ନେଲା ଚୋରା ବାଲି ଖାଦାନ

# ସୋନ୍ ନଦୀରେ ବୁଡ଼ି ଦୁଇ ନାବାଳକ ମୃତ

■ ନୀଳଗିରି, ୧୦।୬ (ସମିସ) : ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ରାଧାକିଶୋରପୁର ପଞ୍ଚାୟତ ପୁଦାଳ ସୋନ ନଦୀର ରଣିତ ଘାଟରେ ଘଟିଛି ଅଘଟଣ। ବୁଧବାର ମଧ୍ୟାହ୍ନ ସମୟରେ ୬ ଜଣ ସାଙ୍ଗ ଜାମୁ କୋଳି ଗଛରୁ କୋଳି ଖାଇ ନଦୀ ଘାଟକୁ ଗାଧୋଇବାକୁ ଯାଇଥିଲେ। ସମସ୍ତ ନାବାଳକ ସାଙ୍ଗ ନଦୀରେ ଗାଧୋଇବା ସମୟରେ ଅସାବଧାନତା ଯୋଗୁଁ ଜଣେ ଗଭୀର ନଦୀଗଣ୍ଡରେ ବୁଡିଯିବା ଯୋଗୁଁ ଅନ୍ୟ ଜଣେ ଉଦ୍ଧାର କରିବାକୁ ଯାଇ ସେ ମଧ୍ୟ ବୁଡିଯାଇଥିଲା। ପାଖରେ ଥିବା ଅନ୍ୟ ସାଙ୍ଗମାନେ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଞ୍ଚି ପୁଲିସ, ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ସ୍ଥାନୀୟ ଲୋକ, ଅଗ୍ନିଶମ ବାହିନୀଙ୍କ ୧ ଘଣ୍ଟାର ପ୍ରୟାସ ପରେ ଉଭୟ ଦୁଇ ନାବାଳକଙ୍କୁ ଉଦ୍ଧାର କରି ୧୦୮ ଯୋଗେ ରେମୁଣା ମେଡିକାଲ କଲେଜକୁ ନେଇଥିଲେ। ତେବେ ଡାକ୍ତର ଉଭୟ ଦୁଇ ସାଙ୍ଗଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ଦୁଇ ଜଣ ହେଲେ ରାଧାକିଶୋରପୁର ଗ୍ରାମର ଲକ୍ଷ୍ମୀଧର ମହାଲିକଙ୍କ ପୁଅ ଆକାଶ ମହାଲିକ(୧୨) ଓ ପ୍ରଦୀପ ବେହେରାଙ୍କ ପୁଅ କାର୍ତ୍ତିକ ବେହେରା(୧୪)। ଏହି ଖବର ଶୁଣି ସ୍ଥାନୀୟ ଅଞ୍ଚଳରେ ▶ପୃଷ୍ଠା-୭

# ଇ-୮୫ ଫ୍ଲେକ୍ସ-ଫୁଏଲକୁ ନେଇ ବଢୁଛି ଚିନ୍ତା



## ଇ-୨୦ ଇନ୍ଧନ ଗାଡ଼ିରେ ସୁରକ୍ଷିତ ତ?

■ ନୂଆଦିଲ୍ଲୀ,୧୦।୬(ଏଜେନ୍ସି): ସମ୍ପ୍ରତି ଇ-୮୫ ଇନ୍ଧନକୁ ନେଇ ସାରା ଦେଶରେ ଚର୍ଚ୍ଚା ହେଉଛି। ଏହି ନୂଆ ଇନ୍ଧନ କେବଳ ପରିବେଶ ଅନୁକୂଳ ହେବ ନାହିଁ, ବରଂ ଲୋକଙ୍କ ଖର୍ଚ୍ଚ ମଧ୍ୟ କମ୍ କରିବ। ଏହା ବର୍ତ୍ତମାନର ଇ-୨୦ ଇନ୍ଧନ ଅପେକ୍ଷା ଲିଟର ପିଛା ୨୦ ଟଙ୍କା ଶସ୍ତା ହେବ। ଅର୍ଥାତ୍ ଏହାର ମୂଲ୍ୟ ବର୍ତ୍ତମାନ ପ୍ରଚଳିତ ପେଟ୍ରୋଲ ତୁଳନାରେ ୨୦ ଟଙ୍କା କମ୍। ଦିଲ୍ଲୀରେ ପ୍ରଚଳନ ହୋଇଥିବା ଏହି ଇନ୍ଧନକୁ ନେଇ ସରକାର ଏଭଳି ଯୁକ୍ତି ବାଢୁଥିବା ବେଳେ ଗାଡ଼ି ମାଲିକ କିନ୍ତୁ ଚିନ୍ତାରେ। ସେମାନଙ୍କର ଗାଡ଼ି ଇ-୨୦ ପେଟ୍ରୋଲ ଅନୁକୂଳ ଥିବା ବେଳେ ଏହା ଇ-୮୫ରେ ଚାଲିପାରିବ ତ? ଇ-୨୦ ପେଟ୍ରୋଲ ଗାଡ଼ିକୁ ନେଇ ସେମାନଙ୍କର ଚିନ୍ତା ବଢ଼ିଲାଣି। ସୂଚନାଯୋଗ୍ୟ ଯେ ଇ-୮୫ ଇନ୍ଧନ ହେଉଛି ଏକ ସ୍ୱତନ୍ତ୍ର ପ୍ରକାର ପେଟ୍ରୋଲ ମିଶ୍ରଣ, ଏଥିରେ ୮୫% ଯାଏ ଇଥାନଲ୍ ମିଶ୍ରଣ କରାଯାଇଛି। ଏଥିରେ କେବଳ ୧୫% ପେଟ୍ରୋଲ୍ ଅଛି। ଭାରତରେ ଏବେ ଇ-୨୦ କିମ୍ବା ୨୦ ପ୍ରତିଶତ ଇଥାନଲ୍ ସହିତ ମିଶ୍ରିତ ପେଟ୍ରୋଲ ଗାଡ଼ି ଚାଲିଛି। ହେଲେ ଇ-୮୫ ଫ୍ଲେକ୍ସ-ଫୁଏଲ ଯାନ କ’ଣ ଇ-୨୦ ଇନ୍ଧନରେ ସୁରକ୍ଷିତ ଭାବରେ ଚାଲିପାରିବ, ଯାହା ଏବେ ସମସ୍ତଙ୍କ ମନରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯଦି ଇ-୮୫ କୁ ଇ-୨୦ ମାନଦଣ୍ଡ ପାଇଁ ଡିଜାଇନ୍ କରାଯାଇଥିବା ଗାଡ଼ିରେ ଭର୍ତ୍ତି କରାଯାଏ ତେବେ କ’ଣ ହେବ, ଏହା ଗାଡ଼ି ମାଲିକଙ୍କ ପାଇଁ ନିରାପଦ ତ? ▶ପୃଷ୍ଠା-୭






## ୨୦୩୦ ସୁଦ୍ଧା ଶେଷ ହେବ 'ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ'ର ଯାତ୍ରା

■ ପ୍ରଶାନ୍ତ ମହାସାଗରରେ ଖସାଇବ ନାସା
■ ଖର୍ଚ୍ଚ ହେବ ୯, ୫୦୦ କୋଟି ଟଙ୍କା

ନ୍ୟୁୟର୍କ, ୧୦।୬(ଏଜେନ୍ସି): ପୃଥିବୀ ପୃଷ୍ଠରୁ ପ୍ରାୟ ୪୦୦ କିଲୋମିଟର ଉପରେ ରହି ବିଗତ ୨୫ ବର୍ଷ ଧରି କାର୍ଯ୍ୟ କରୁଥିବା ବିଶ୍ୱର ସବୁଠାରୁ ବଡ଼ ସ୍ପେସ୍ ଲାବୋରେଟୋରୀ 'ଆନ୍ତର୍ଜାତୀୟ ମହାକାଶ ଷ୍ଟେସନ' (ଆଇଏସ୍ଏସ୍) ନିଜର ଶେଷ ସମୟରେ ପହଞ୍ଚିଛି। ଆମେରିକାର ମହାକାଶ ସଂସ୍ଥା 'ନାସା' ଏହାକୁ ୨୦୨୮ ରୁ ୨୦୩୦ ମସିହା ମଧ୍ୟରେ ସୁରକ୍ଷିତ ଭାବେ ପୃଥିବୀକୁ ଫେରାଇ ଆଣିବାକୁ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିଛି। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ପାଇଁ ପ୍ରାୟ ୧ ବିଲିୟନ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୯, ୫୦୦ କୋଟି ଟଙ୍କା) ଖର୍ଚ୍ଚ କରାଯିବ। ମହାକାଶ ଷ୍ଟେସନଟି ତାର ନିର୍ଦ୍ଧାରିତ ସମୟ ସୀମାଠାରୁ ବହୁତ ଅଧିକ ଦିନ କାର୍ଯ୍ୟ କରିସାରିଛି। ଏବେ ଏଥିରେ ଅନେକ ଯାନ୍ତ୍ରିକ ତ୍ରୁଟି ଦେଖାଯାଉଛି ଏବଂ ଏହାର ରକ୍ଷଣାବେକ୍ଷଣ ପାଇଁ ଅତ୍ୟଧିକ ଖର୍ଚ୍ଚ ହେଉଛି। ଏହା ବଦଳରେ ନାସା ଏବେ ଚନ୍ଦ୍ର ଓ ମଙ୍ଗଳ ଅଭିଯାନ ଉପରେ ଅଧିକ ଧ୍ୟାନ ଦେବାକୁ ଚାହୁଁଛି। ପ୍ରାୟ ୪, ୫୦, ୦୦୦ କିଲୋଗ୍ରାମ ଓଜନର ଏହି ବିଶାଳ ଷ୍ଟେସନକୁ ଏକ ସ୍ୱତନ୍ତ୍ର ସ୍ପେସକ୍ରାଫ୍ଟ ସାହାଯ୍ୟରେ ପୃଥିବୀର ବାୟୁମଣ୍ଡଳକୁ ଠେଲି ଦିଆଯିବ। ବାୟୁମଣ୍ଡଳର ଘର୍ଷଣ ଯୋଗୁଁ ଏହାର ଅଧିକାଂଶ ଅଂଶ ଜଳିଯିବ। ଜଳିବା ପରେ ବଞ୍ଚିଯାଇଥିବା ବଡ଼ ବଡ଼ ଖଣ୍ଡଗୁଡ଼ିକୁ ପ୍ରଶାନ୍ତ ମହାସାଗରର ଏକ ଦୂରବର୍ତ୍ତୀ ଅଞ୍ଚଳ 'ପଏଣ୍ଟ ନେମୋ'ରେ ଖସାଯିବ। ଏହି ସ୍ଥାନରେ କୌଣସି ଜନବସତି ନାହିଁ ଏବଂ ଏହାକୁ ମହାକାଶର ଆବର୍ଜନା ପକାଇବା ପାଇଁ ବ୍ୟବହାର କରାଯାଏ। ଏହା ମହାକାଶରେ ମଣିଷ ଦ୍ୱାରା ନିର୍ମିତ ସବୁଠାରୁ ବଡ଼ ଗଠନ, ଯାହାର ଆକାର ଏକ ଫୁଟବଲ୍ ପଡ଼ିଆ ସହ ସମାନ। ଏପର୍ଯ୍ୟନ୍ତ ୧୯ଟି ଦେଶର ୨୫୦ରୁ ଅଧିକ ମହାକାଶଚାରୀ ଏଠାକୁ ଗସ୍ତ କରିସାରିଛନ୍ତି। ଆଇଏସ୍ଏସ୍'ର ଅବସର ପରେ ଅନେକ ବେସରକାରୀ କମ୍ପାନୀ (ଯେପରିକି ବ୍ଲୁ ଓରିଜିନ୍, ଆକ୍ସିଅମ୍ ସ୍ପେସ୍) ନିଜସ୍ୱ ସ୍ପେସ୍ ଷ୍ଟେସନ ନିର୍ମାଣ କରୁଛନ୍ତି। ଚୀନ୍‌ର ନିଜସ୍ୱ ସ୍ପେସ୍ ଷ୍ଟେସନ ମଧ୍ୟ ରହିଛି। ଅନ୍ୟପଟେ ଭାରତୀୟ ମହାକାଶ ସଂସ୍ଥା 'ଇସ୍ରୋ' ୨୦୩୫ ସୁଦ୍ଧା ନିଜର ସ୍ୱଦେଶୀ ମହାକାଶ ଷ୍ଟେସନ ସ୍ଥାପନ କରିବା ପାଇଁ କାମ କରୁଛି।



## ଚନ୍ଦ୍ରରେ ଅବତରଣ ସ୍ୱପ୍ନକୁ ସାମୟିକ ବିରାମ

### ଆର୍ଟେମିସ-୩ ପାଇଁ ନୂଆ ମହାକାଶଚାରୀ ଦଳ ଘୋଷଣା କଲା ନାସା

ୱାଶିଂଟନ, ୧୦।୬(ଏଜେନ୍ସି): ଚନ୍ଦ୍ର ଅଭିଯାନର ନୂଆ ଅଧ୍ୟାୟ ଲେଖିବା ଦିଗରେ ଆଗେଇ ଚାଲିଥିବା ନାସା ଆର୍ଟେମିସ-୩ ଅଭିଯାନ ପାଇଁ ମହାକାଶଯାତ୍ରୀ ଦଳର ନାମ ଘୋଷଣା କରିଛି। ତେବେ ଏହି ଅଭିଯାନ ଆଉ ଚନ୍ଦ୍ରପୃଷ୍ଠରେ ଅବତରଣ କରିବ ନାହିଁ। ପୂର୍ବ ଯୋଜନା ଅନୁସାରେ ଚନ୍ଦ୍ରର ଦକ୍ଷିଣ ଧ୍ରୁବ ଅଞ୍ଚଳରେ ମଣିଷଙ୍କୁ ଅବତରଣ କରାଇବାର ଲକ୍ଷ୍ୟ ଥିଲେ ମଧ୍ୟ, ବର୍ତ୍ତମାନ ଏହାକୁ ପୃଥିବୀର ନିମ୍ନ କକ୍ଷପଥରେ ପରୀକ୍ଷାମୂଳକ ଅଭିଯାନରେ ପରିଣତ କରାଯାଇଛି। ଅଭିଯାନର ନେତୃତ୍ୱ ନେବେ ଅଭିଜ୍ଞ ମହାକାଶଯାତ୍ରୀ ରାଣ୍ଡି ବ୍ରେସନିକ। ଲୁକା ପାର୍ମିଟାନୋ ଅଭିଯାନର ପାଇଲଟ୍ ଭାବେ କାର୍ଯ୍ୟ କରିବେ। ଆଣ୍ଡ୍ରେ ଡଗଲାସ ଓ ଫ୍ରାଙ୍କ ରୁବିଓଙ୍କୁ ଅଭିଯାନ ବିଶେଷଜ୍ଞ ଭାବେ ନିଯୁକ୍ତ କରାଯାଇଛି। ବବ୍ ହାଇଣ୍ଟ୍ସ ବିକଳ୍ପ ସଦସ୍ୟ ଭାବେ ରହିବେ। ନାସା ଫେବୃଆରୀ ମାସରେ ଆର୍ଟେମିସ-୩'ର ରୂପରେଖାରେ ପରିବର୍ତ୍ତନ ଆଣିଥିଲା। ବର୍ତ୍ତମାନ ଏହି ଅଭିଯାନ ଚନ୍ଦ୍ରକୁ ଯିବା ପରିବର୍ତ୍ତେ ପୃଥିବୀଠାରୁ ପ୍ରାୟ ୪୬୦ କିଲୋମିଟର ଉଚ୍ଚତାରେ ଥିବା ନିମ୍ନ କକ୍ଷପଥରେ ରହିବ। ସେଠାରେ ମହାକାଶଯାନଟି ଚନ୍ଦ୍ର ଅବତରଣ ଯାନର ପ୍ରାରମ୍ଭିକ ନମୁନା ସହ ସଂଯୋଗ ସ୍ଥାପନ କରିବ ଏବଂ ବିଭିନ୍ନ ପ୍ରଯୁକ୍ତିର ପରୀକ୍ଷା କରାଯିବ। ଅଭିଯାନ ସମୟରେ ନୂତନ ମହାକାଶ ପୋଷାକ, ଜୀବନରକ୍ଷା ବ୍ୟବସ୍ଥା ଏବଂ ଚନ୍ଦ୍ର ଅବତରଣ ଯାନର ପ୍ରଯୁକ୍ତିଗତ କ୍ଷମତା ଯାଞ୍ଚ କରାଯିବ। ଏହାସହ ପୃଥିବୀର ବାୟୁମଣ୍ଡଳକୁ ଫେରିବା ବେଳେ ଉନ୍ନତ ତାପ ସୁରକ୍ଷା କବଚର ପରୀକ୍ଷା ମଧ୍ୟ କରାଯିବ। ଚନ୍ଦ୍ର ଅବତରଣ ଯୋଜନା ସ୍ଥଗିତ ହେବାର ପ୍ରମୁଖ କାରଣ ହେଉଛି ଚନ୍ଦ୍ର ଅବତରଣ ପାଇଁ ପ୍ରସ୍ତାବିତ ଯାନର ପ୍ରସ୍ତୁତି ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ନ ହେବା। ସେହିପରି କକ୍ଷପଥରେ ଇନ୍ଧନ ଭରଣ ପ୍ରଣାଳୀର ସଫଳ ପରୀକ୍ଷା ମଧ୍ୟ ହୋଇନାହିଁ। ଏହି ସମସ୍ତ ପ୍ରଯୁକ୍ତିଗତ ଚ୍ୟାଲେଞ୍ଜ ଦୂର ହେବା ପରେ ଆର୍ଟେମିସ-୪ ଅଭିଯାନରେ ଚନ୍ଦ୍ରରେ ମଣିଷଙ୍କୁ ଅବତରଣ କରାଇବାକୁ ନାସା ଆଶା ରଖିଛି। ନାସାର ଦୀର୍ଘମିଆଦୀ ଲକ୍ଷ୍ୟ ହେଉଛି ଚନ୍ଦ୍ରରେ ସ୍ଥାୟୀ ମାନବ ବସତି ସ୍ଥାପନ କରିବା। ଏହା ଭବିଷ୍ୟତରେ ମଙ୍ଗଳ ଗ୍ରହ ଅଭିଯାନ ପାଇଁ ଆବଶ୍ୟକ ପ୍ରଯୁକ୍ତି ଓ ଅନୁଭବ ସଂଗ୍ରହରେ ସହାୟକ ହେବ ବୋଲି ବୈଜ୍ଞାନିକମାନେ ମନେ କରୁଛନ୍ତି। ଆର୍ଟେମିସ-୩ ଚନ୍ଦ୍ରରେ ଅବତରଣ ନ କରିଥିଲେ ମଧ୍ୟ ଏହା ଭବିଷ୍ୟତର ଚନ୍ଦ୍ର ଅଭିଯାନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ପର୍ବ ଭାବେ ବିବେଚିତ ହେଉଛି। ଏହି ଅଭିଯାନର ସଫଳତା ଆଗାମୀ ଦିନରେ ମଣିଷଙ୍କୁ ପୁଣିଥରେ ଚନ୍ଦ୍ରପୃଷ୍ଠରେ ପହଞ୍ଚାଇବାର ପଥକୁ ଅଧିକ ସୁଗମ କରିବ।

## ବିଶ୍ୱର ଶ୍ରେଷ୍ଠ ଖାଦ୍ୟ ସହର ତାଲିକାରେ ଭାରତର ଏକମାତ୍ର ସହର ବେଙ୍ଗାଲୁରୁ

ନୂଆଦିଲ୍ଲୀ, ୧୦।୬(ଏଜେନ୍ସି): ବିଶ୍ୱର ଶ୍ରେଷ୍ଠ ଖାଦ୍ୟ ସହରଗୁଡ଼ିକର ତାଲିକାରେ ଭାରତର ଏକମାତ୍ର ପ୍ରତିନିଧି ଭାବେ ବେଙ୍ଗାଲୁରୁ ସ୍ଥାନ ପାଇଛି। ଆନ୍ତର୍ଜାତିକ ପତ୍ରିକା 'ଟାଇମ୍ ଆଉଟ୍' ପକ୍ଷରୁ ପ୍ରକାଶିତ 'ବିଶ୍ୱର ୨୦ଟି ଶ୍ରେଷ୍ଠ ଖାଦ୍ୟ ସହର-୨୦୨୬' ତାଲିକାରେ ବେଙ୍ଗାଲୁରୁ ୧୩ତମ ସ୍ଥାନ ଅଧିକାର କରିଛି। ସୁଗନ୍ଧିତ ବିରିୟାନି, ପାରମ୍ପରିକ ଦକ୍ଷିଣ ଭାରତୀୟ ଖାଦ୍ୟ ଏବଂ ନୂଆ ଧରଣର ପାନୀୟ ସଂସ୍କୃତି ପାଇଁ ସହରଟି ବିଶ୍ୱସ୍ତରରେ ପ୍ରଶଂସା ସାଉଁଟିଛି। ୨୪ ହଜାରରୁ ଅଧିକ ଲୋକଙ୍କ ମତାମତକୁ ଆଧାର କରି ଏହି ତାଲିକା ପ୍ରସ୍ତୁତ କରାଯାଇଛି। ଖାଦ୍ୟର ଗୁଣବତ୍ତା, ବିବିଧତା, ସୁଲଭତା ଏବଂ ସ୍ଥାନୀୟ ସଂସ୍କୃତି ସହ ତାହାର ସମ୍ପର୍କ ଭଳି ବିଭିନ୍ନ ମାନଦଣ୍ଡ ଉପରେ ସହରଗୁଡ଼ିକୁ ମୂଲ୍ୟାୟନ କରାଯାଇଥିଲା। ବେଙ୍ଗାଲୁରୁର ୮୨ ପ୍ରତିଶତ ବାସିନ୍ଦା ସହରର ଖାଦ୍ୟ ସଂସ୍କୃତିକୁ ଉତ୍କୃଷ୍ଟ କିମ୍ବା ଅତ୍ୟନ୍ତ ଭଲ ବୋଲି ମତ ଦେଇଛନ୍ତି। ବେଙ୍ଗାଲୁରୁର ପରିଚୟ କେବଳ ସୂଚନା ପ୍ରଯୁକ୍ତି କେନ୍ଦ୍ର ଭାବେ ସୀମିତ ନୁହେଁ। ଏଠାର ପାରମ୍ପରିକ ଖାଦ୍ୟାଳୟ, ଦକ୍ଷିଣ ଭାରତୀୟ ଜଳଖିଆ, ସାମରିକ ଶୈଳୀର ଭୋଜନାଳୟ ଓ ଆଧୁନିକ ଭୋଜନ ସଂସ୍କୃତି ଖାଦ୍ୟପ୍ରେମୀଙ୍କୁ ଆକର୍ଷିତ କରୁଛି। ବେନ୍‌ନେ ଦୋସା, ଇଡ୍ଲି, ବଡ଼ା, ନଡ଼ିଆ ଚଟଣୀ ଓ ପ୍ରସିଦ୍ଧ 'ଦୋନେ ବିରିୟାନି' ସହରର ଖାଦ୍ୟ ପରିଚୟକୁ ସମୃଦ୍ଧ କରିଛି। ସହରର ପାରମ୍ପରିକ ଭୋଜନାଳୟଗୁଡ଼ିକ ଦଶନ୍ଧି ଧରି ଲୋକପ୍ରିୟତା ବଜାୟ ରଖିଛନ୍ତି। ଅନ୍ୟପଟେ, ନୂତନ ପିଢ଼ିର ଭୋଜନାଳୟ ଓ ପାନୀୟ କେନ୍ଦ୍ରଗୁଡ଼ିକ ସ୍ଥାନୀୟ ଉପାଦାନ ବ୍ୟବହାର କରି ନୂଆ ସ୍ୱାଦର ପରୀକ୍ଷା କରୁଛନ୍ତି। ଏହି ମିଶ୍ରଣ ବେଙ୍ଗାଲୁରୁକୁ ବିଶ୍ୱର ଅନ୍ୟତମ ଆକର୍ଷଣୀୟ ଖାଦ୍ୟ ଗନ୍ତବ୍ୟସ୍ଥଳରେ ପରିଣତ କରିଛି।

## ଆମେରିକା ଆକ୍ରମଣର ଜବାବ ଦେଲା ଇରାନ

ତେହରାନ, ୧୦।୬(ଏଜେନ୍ସି): ହର୍ମୁଜ ପ୍ରଣାଳୀ ନିକଟରେ ଆମେରିକାର ଏକ ଆପାଚି ହେଲିକପ୍ଟରକୁ ଇରାନ ଅସ୍ତ୍ରଶସ୍ତ୍ର ଦ୍ୱାରା ଖସାଇ ଦେବା ପରେ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି। ଏହାର ଜବାବରେ ଆମେରିକା ସେନା ଇରାନ ଉପରେ ବଡ଼ ଧରଣର ଆକ୍ରମଣ କରିଥିବା ବେଳେ ଏବେ ଇରାନ ମଧ୍ୟ ଓଲଟା ଆକ୍ରମଣ କରି ଆମେରିକାର ସେନାଘାଟି ଏବଂ ଏଫ୍-୩୫ ଯୁଦ୍ଧବିମାନ ରହୁଥିବା ସ୍ଥାନଗୁଡ଼ିକୁ ଟାର୍ଗେଟ୍ କରିଛି। ଏହି ଘଟଣା ପରେ

### ଟାର୍ଗେଟରେ ଆଶ୍ରୟସ୍ଥଳୀ ଓ ସେନାଘାଟି



ସମଗ୍ର ଅଞ୍ଚଳରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ଆମେରିକାର ଆକ୍ରମଣ ପରେ ଇରାନର ବୈଦେଶିକ ମନ୍ତ୍ରୀ ଅବ୍ବାସ ଆରାଗଚି ଏକ କଡ଼ା ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ, 'ଆମେରିକା ଆମର ଧୈର୍ଯ୍ୟ ଏବଂ ସଂକଳ୍ପର ପରୀକ୍ଷା ନେବାକୁ ଚେଷ୍ଟା କରିଛି। ଇରାନର ସେନା କୌଣସି ବି ଆକ୍ରମଣ କିମ୍ବା ଧମକର ଜବାବ ନଦେଇ ଛାଡ଼ିବ ନାହିଁ। ଯଦି ନିଜକୁ ସୁରକ୍ଷିତ ରଖିବାକୁ ଚାହୁଁଛ, ତେବେ ଆମ ଅଞ୍ଚଳ ଛାଡ଼ି ପଳାଅ'। ଇରାନର ସେନା ଏବଂ ଇସଲାମିକ ବିପ୍ଳବୀ ସେନାବାହିନୀ (ଆଇଆରଜିସି) ମିଳିତ ଭାବେ ବହାରିନରେ ଥିବା ଆମେରିକାର ନୌସେନା ବାହିନୀ ଉପରେ ଡ୍ରୋନ୍ ସାହାଯ୍ୟରେ ଶକ୍ତିଶାଳୀ ଆକ୍ରମଣ କରିଛନ୍ତି। ଯଦି ଆମେରିକା ନିଜର ଆକ୍ରମଣ ବନ୍ଦ ନକରେ, ତେବେ ଆଗକୁ ଆହୁରି ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ ବୋଲି ଇରାନ ଚେତାବନୀ ଦେଇଛି। ଏହି ଆକ୍ରମଣ ପରେ ବହାରିନ ସରକାର ନିଜ ନାଗରିକମାନଙ୍କୁ ଶାନ୍ତ ରହିବାକୁ ଏବଂ ନିକଟସ୍ଥ ସୁରକ୍ଷିତ ସ୍ଥାନକୁ ଚାଲିଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯୁଦ୍ଧ ଶେଷ କରିବାକୁ ଚେଷ୍ଟା କରୁଥିବା ସମୟରେ ହିଁ ଆମେରିକା ସେନା ପକ୍ଷରୁ ଇରାନ ଉପରେ ତିନି ପର୍ଯ୍ୟାୟରେ ଆକ୍ରମଣ କରାଯାଇଥିଲା। ସେପଟେ ଆମେରିକା ଦାବି କରିଛି ଯେ, ଆମେରିକା ବାୟୁସେନା ଏବଂ ନୌସେନାର ଯୁଦ୍ଧବିମାନଗୁଡ଼ିକ ଇରାନର ଆକାଶ ମାର୍ଗ ସୁରକ୍ଷା ବ୍ୟବସ୍ଥା, ଯୋଗାଯୋଗ କେନ୍ଦ୍ର ଏବଂ ସତର୍କ ସୂଚନା ଦେଉଥିବା ରାଡାରଗୁଡ଼ିକୁ ସେମାନଙ୍କର ସୂକ୍ଷ୍ମ ଅସ୍ତ୍ରଶସ୍ତ୍ର ଦ୍ୱାରା ଧ୍ୱଂସ କରିଦେଇଛନ୍ତି। ଇରାନର ଗଣମାଧ୍ୟମ ଅନୁଯାୟୀ, ଦକ୍ଷିଣ ଇରାନର ଜାସ୍କ, ସିରିକ୍ ଏବଂ କେଶମ ଦ୍ୱୀପରେ ପ୍ରଚଣ୍ଡ ବିସ୍ଫୋରଣ ଶବ୍ଦ ଶୁଣାଯାଇଛି। ଆମେରିକା ଆକ୍ରମଣରେ ଏକ ଯୋଗାଯୋଗ ଟାୱାର କ୍ଷତିଗ୍ରସ୍ତ ହେବା ସହ ସିରିକ୍ ଅଞ୍ଚଳର ଦୁଇଟି ବଡ଼ ପାଣି ଟାଙ୍କି ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ଆମେରିକା ସେନାର କେନ୍ଦ୍ରୀୟ କମାଣ୍ଡ ପକ୍ଷରୁ କୁହାଯାଇଛି ଯେ ଇରାନ ବିରୋଧରେ ସେମାନଙ୍କର ଆତ୍ମରକ୍ଷାମୂଳକ ସାମରିକ କାର୍ଯ୍ୟାନୁଷ୍ଠାନ ଏବେ ଶେଷ ହୋଇଛି। ଆମେରିକାର ହେଲିକପ୍ଟରକୁ ଇରାନର ଏକ ଡ୍ରୋନ୍ ଆଘାତ କରି ଖସାଇ ଦେଇଥିବା ତଦନ୍ତରୁ ଜଣାପଡ଼ିବା ପରେ ହିଁ ଏହି ଓଲଟା ଆକ୍ରମଣ କରାଯାଇଥିଲା। ଆମେରିକା ଏହାକୁ ଏକ ଉପଯୁକ୍ତ ଜବାବ ବୋଲି ଦର୍ଶାଇଛି ଏବଂ ଆଗକୁ ଯଦି ଇରାନ କୌଣସି ଅଯଥା ଆକ୍ରମଣ କରେ, ତେବେ ତାହାର ମୁହଁତୋଡ଼ ଜବାବ ଦେବା ପାଇଁ ସେମାନଙ୍କ ସେନା ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି ବୋଲି କହିଛି।

## ଆଫଗାନିସ୍ତାନରେ ପାକିସ୍ତାନର ପୁଣି ଆକ୍ରମଣ

### ୧୧ ଶିଶୁଙ୍କ ସହ ୨୦ ମୃତ, ୧୪ ଆହତ

କାବୁଲ, ୧୦।୬(ଏଜେନ୍ସି): ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ଚାଲିଥିବା ବିବାଦ ଆହୁରି ଉଗ୍ର ରୂପ ନେଇଛି। ଆଫଗାନିସ୍ତାନର ତାଲିବାନ



ସରକାର ଅଭିଯୋଗ କରିଛନ୍ତି ଯେ ପାକିସ୍ତାନୀ ସେନା ବିମାନ ଗତ ମଙ୍ଗଳବାର ଏବଂ ବୁଧବାର ସେମାନଙ୍କ ଆକାଶ ସୀମା ଉଲ୍ଲଂଘନ କରି ଆଫଗାନିସ୍ତାନ ଭିତରେ ବୋମା ବର୍ଷଣ କରିଛି। ଏହି ଆକ୍ରମଣରେ ଅତିକମରେ ୨୦ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଥିବା ବେଳେ ୧୪ ଜଣ ଆହତ ହୋଇଛନ୍ତି। ତେବେ ପାକିସ୍ତାନ ପକ୍ଷରୁ ଏନେଇ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ। ତାଲିବାନ ମୁଖପାତ୍ର ଜବିହୁଲ୍ଲା ମୁଜାହିଦ୍‌ଙ୍କ ଅନୁସାରେ, ପାକିସ୍ତାନୀ ସେନା କୁନାର, ଖୋସ୍ତ ଏବଂ ପାକ୍ତିକା ପ୍ରଦେଶର ସାଧାରଣ ଲୋକଙ୍କ ଘରକୁ ଟାର୍ଗେଟ୍ କରି ଏହି ଆକ୍ରମଣ କରିଛି। ମୃତକଙ୍କ ମଧ୍ୟରେ ୧୧ ଜଣ ଶିଶୁ, ଜଣେ ମହିଳା ଏବଂ ଜଣେ ବୃଦ୍ଧ ଅଛନ୍ତି। ଏହା ସହିତ ୧୪ ଜଣ ମହିଳା ଆହତ ହୋଇଛନ୍ତି। ଗତ ବର୍ଷେ ହେବ ଦୁଇ ଦେଶ ମଧ୍ୟରେ ସମ୍ପର୍କ ସବୁଠାରୁ ଖରାପ ସ୍ଥିତିରେ ପହଞ୍ଚିଛି। ଗତ ମାର୍ଚ୍ଚ ମାସରେ ପାକିସ୍ତାନୀ ସେନା କାବୁଲର ଏକ ପୁନରୁଦ୍ଧାର କେନ୍ଦ୍ର ଉପରେ ଆକ୍ରମଣ କରି ୨୬୯ ଜଣଙ୍କୁ ମାରିଦେଇଥିବା ତାଲିବାନ ଦାବି କରିଛି। ଅକ୍ଟୋବର ୨୦୨୫ ରୁ ଏହି ବିବାଦ ଏକ ବଡ଼ ଯୁଦ୍ଧର ରୂପ ନେଇଛି, ଯେଉଁଥିପାଇଁ ହଜାର ହଜାର ଆଫଗାନ ନାଗରିକ ନିଜ ଘର ଛାଡ଼ି ପଳାଇଛନ୍ତି। ପାକିସ୍ତାନର କହିବା କଥା ହେଉଛି, ତାଲିବାନ ନିଜ ମାଟିରେ 'ତେହରିକ-ଇ-ତାଲିବାନ ପାକିସ୍ତାନ' (ଟିଟିପି) ଏବଂ 'ବେଲୁଚିସ୍ତାନ ଲିବରେସନ ଆର୍ମି' (ବିଏଲ୍ଏ) ଭଳି ଆତଙ୍କବାଦୀ ସଂଗଠନକୁ ଆଶ୍ରୟ ଦେଉଛି, ଯେଉଁମାନେ ପାକିସ୍ତାନ ଉପରେ ଆକ୍ରମଣ କରୁଛନ୍ତି। ଅନ୍ୟପଟେ ତାଲିବାନ ଏହି ଅଭିଯୋଗକୁ ଅସ୍ୱୀକାର କରିଛି। କିଛି ବର୍ଷ ପୂର୍ବ ପର୍ଯ୍ୟନ୍ତ ପାକିସ୍ତାନକୁ ତାଲିବାନର ସବୁଠାରୁ ବଡ଼ ସମର୍ଥକ ବୋଲି କୁହାଯାଉଥିଲା। କିନ୍ତୁ ୨୦୨୧ରେ ତାଲିବାନ ଆଫଗାନିସ୍ତାନର ଶାସନ ଗ୍ରହଣ କରିବା ପରଠାରୁ ଦୁଇ ଦେଶ ମଧ୍ୟରେ ସମ୍ପର୍କ ସମ୍ପୂର୍ଣ୍ଣ ଭାବେ ବିଗିଡ଼ି ଯାଇଛି। ଗତ ବର୍ଷ ଅକ୍ଟୋବରଠାରୁ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ କାରବାର ମଧ୍ୟ ବନ୍ଦ ରହିଛି।

## ଦକ୍ଷିଣ ଆଫ୍ରିକାରେ ଗୁଳିକାଣ୍ଡ; ୧୨ ନିହତ

ଜୋହାନ୍ସବର୍ଗ, ୧୦।୬(ଏଜେନ୍ସି): ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗ ସହର ନିକଟସ୍ଥ କ୍ଲିଭଲ୍ୟାଣ୍ଡ ଅଞ୍ଚଳର ଏକ ଅସ୍ଥାୟୀ ବସତିରେ ଘଟିଥିବା ଭୟାବହ ଗଣଗୁଳିକାଣ୍ଡରେ ଅତି କମରେ ୧୨ ଜଣଙ୍କ ମୃତ୍ୟୁ ଘଟିଛି ଏବଂ ୯ ଜଣ ଆହତ ହୋଇଛନ୍ତି। ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଆତଙ୍କ ଓ ଶୋକର ପରିବେଶ ସୃଷ୍ଟି ହୋଇଛି। ପୁଲିସ ସୂଚନା ଅନୁଯାୟୀ, ଦଶରୁ ଅଧିକ ଦୁର୍ବୃତ୍ତ ଏକ ଧଳା ରଙ୍ଗର ଯାନରେ ଆସି ବସତି ଅଞ୍ଚଳକୁ ବିଭିନ୍ନ ପ୍ରବେଶ ପଥ ଦେଇ ପ୍ରବେଶ କରିଥିଲେ। ପରେ ସେମାନେ ଅଲଗା ଅଲଗା ଦଳରେ ବିଭକ୍ତ ହୋଇ ବିଭିନ୍ନ ସ୍ଥାନରେ ଲୋକମାନଙ୍କ ଉପରେ ଆଖିବୁଜା ଗୁଳିଚାଳନା କରିଥିଲେ। ଆକ୍ରମଣ ପରେ ସମସ୍ତ ଦୁର୍ବୃତ୍ତ ସେହି ଯାନରେ ଫେରାର ହୋଇଯାଇଥିଲେ। ମଙ୍ଗଳବାର ରାତି ପ୍ରାୟ ସାଢେ ଏଗାରଟା ସମୟରେ ଗୁଳିଚାଳନା ସମ୍ପର୍କରେ ସୂଚନା ପାଇ ଜରୁରୀ ସେବା ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତକମାନଙ୍କ ମଧ୍ୟରେ ଆଠ ଜଣ ପୁରୁଷ ଏବଂ ତିନି ଜଣ ମହିଳା ଥିବା ବେଳେ ଆଉ ଜଣେ ଆହତ ବ୍ୟକ୍ତି ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିଲେ। ଆହତମାନଙ୍କୁ ବିଭିନ୍ନ ଚିକିତ୍ସାଳୟକୁ ପଠାଯାଇଛି। ଏହି ଆକ୍ରମଣ ପଛର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବା ବେଳେ ପୁଲିସ ତଦନ୍ତ ଜାରି ରଖିଛି ଏବଂ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବ୍ୟାପକ ଖୋଜାଖୋଜି ଆରମ୍ଭ କରିଛି। ଉଲ୍ଲେଖଯୋଗ୍ୟ ଯେ, ଦକ୍ଷିଣ ଆଫ୍ରିକାରେ ହିଂସାତ୍ମକ ଅପରାଧର ହାର ବିଶ୍ୱରେ ସର୍ବାଧିକ ମଧ୍ୟରୁ ଗୋଟିଏ। ପ୍ରତିଦିନ ହାରାହାରି ପ୍ରାୟ ଷାଠିଏ ଜଣ ଲୋକ ହତ୍ୟାର ଶିକାର ହେଉଥିବା ଆକଳନ କରାଯାଏ। ଗତ ବର୍ଷ ମଧ୍ୟ ଜୋହାନ୍ସବର୍ଗର ଏକ ମଦ୍ୟପାନ କେନ୍ଦ୍ରରେ ଘଟିଥିବା ଗଣଗୁଳିକାଣ୍ଡରେ ନଅ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ନୂତନ ଘଟଣା ଦେଶରେ ବଢୁଥିବା ଅସ୍ତ୍ରଜନିତ ହିଂସାକୁ ପୁଣିଥରେ ସାମ୍ନାକୁ ଆଣିଛି।

## ବିଦ୍ରୋହୀ ଶିବିରରେ ୟୁସୁଫ, ସାୟୋନି, ଶତ୍ରୁଘ୍ନ

କୋଲକାତା, ୧୦।୬(ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ପରାଜୟ ପରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ରେ ବଡ଼ ଧରଣର ବିଦ୍ରୋହ ସୃଷ୍ଟି ହୋଇଛି। ଦଳର ୧୯ ଜଣ ଲୋକସଭା ସାଂସଦ ଅଲଗା ଗୋଷ୍ଠୀ ଗଠନ କରି ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)କୁ ସମର୍ଥନ ଜଣାଇବା ପାଇଁ ଆଗକୁ ଆସିଥିବା ଖବର ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ, ଲୋକସଭା ସାଂସଦ କାକୋଲି ଘୋଷ ଦସ୍ତିଦାରଙ୍କ ନେତୃତ୍ୱରେ ଏହି ବିଦ୍ରୋହୀ ଗୋଷ୍ଠୀ ଗଠିତ ହୋଇଛି। ଦଳର କିଛି ପ୍ରମୁଖ ଚେହେରା ମଧ୍ୟ ଏଥିରେ ସାମିଲ ଥିବା ଜଣାପଡ଼ିଛି। ବିଦ୍ରୋହୀ ଶିବିରରେ ଥିବା ସାଂସଦମାନେ ହେଲେ: କାକୋଲି ଘୋଷ ଦସ୍ତିଦାର, ସାୟୋନୀ ଘୋଷ, ଶତ୍ରୁଘ୍ନ ସିହ୍ନା, ୟୁସୁଫ ପଠାନ, ଜଗଦୀଶ ଚନ୍ଦ୍ର ବାସୁନିଆ, ରଚନା ବାନାର୍ଜୀ, ମାଲା ରାୟ, ଶତାବ୍ଦୀ ରାୟ, ଆବୁ ତାହିର ଖାନ, ଜୁନ୍ ମାଲିଆ, ଅସିତ କୁମାର ମଲ, ଖଲିଲୁର ରହମାନ, ବାପି ହାଲଦାର, ପାର୍ଥ ଭୌମିକ, ମିତାଲି ବାଗ, କାଳୀପଦ ସୋରେନ, ଅରୂପ ଚକ୍ରବର୍ତ୍ତୀ, ଦୀପକ ଅଧିକାରୀ (ଦେବ) ଓ ଶର୍ମିଳା ସରକାର। ରାଜନୈତିକ ପର୍ଯ୍ୟବେକ୍ଷକଙ୍କ ମତରେ, ଦଳର ଏତେ



ଟିଏମସି ଛାଡ଼ିଲେ ରାଜ୍ୟସଭା ସାଂସଦ ସୁସ୍ମିତା ଦେବ

ସଂଖ୍ୟକ ସାଂସଦଙ୍କ ବିଦ୍ରୋହ ତୃଣମୂଳ କଂଗ୍ରେସ ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି। ବିଶେଷ କରି ସାୟୋନୀ ଘୋଷ, ୟୁସୁଫ ପଠାନ ଏବଂ ଶତ୍ରୁଘ୍ନ ସିହ୍ନାଙ୍କ ଭଳି ଚର୍ଚ୍ଚିତ ନେତାଙ୍କ ନାମ ସାମ୍ନାକୁ ଆସିବା ଦଳକୁ ଅଧିକ ଅସୁବିଧାରେ ପକାଇପାରେ। ତୃଣମୂଳ କଂଗ୍ରେସ ଗଠନ ପରଠାରୁ ଏହାକୁ ସବୁଠାରୁ ବଡ଼ ରାଜନୈତିକ ସଙ୍କଟ ବୋଲି କୁହାଯାଉଛି। ବିଦ୍ରୋହୀ ସାଂସଦମାନଙ୍କ ପରବର୍ତ୍ତୀ ପଦକ୍ଷେପ ଏବଂ ମମତା ବାନାର୍ଜୀଙ୍କ ପ୍ରତିକ୍ରିୟା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

ଇତିମଧ୍ୟରେ ଟିଏମସିର ଜଣେ ପ୍ରମୁଖ ନେତ୍ରୀ ତଥା ରାଜ୍ୟସଭା ସଦସ୍ୟା ସୁସ୍ମିତା ଦେବ ଦଳର ସମସ୍ତ ପଦବୀ ଏବଂ ସଂସଦ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଚଳିତ ସପ୍ତାହରେ ସେ ହେଉଛନ୍ତି ଦ୍ୱିତୀୟ ସାଂସଦ ଯିଏ ଦଳ ଛାଡ଼ିଛନ୍ତି। ଏହି ଇସ୍ତଫାର କିଛି ସମୟ ପରେ ସେ ଆସାମର ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କୁ ତାଙ୍କ ଦିଲ୍ଲୀ ବାସଭବନରେ ଭେଟିଥିବା ଦେଖିବାକୁ ମିଳିଛି, ଯାହାକୁ ନେଇ ଏବେ ରାଜନୀତି ଜୋର ଧରିଛି। ସେ କହିଛନ୍ତି ଯେ, 'ମୁଁ କାହିଁକି ଏହି ନିଷ୍ପତ୍ତି ନେଲି, ତାହା ଏକ ବହୁତ ଲମ୍ବା କାହାଣୀ। ରାଜନୀତିରେ ସବୁକଥା ସାର୍ବଜନୀନ କରାଯାଏ ନାହିଁ। ସେ ବର୍ତ୍ତମାନ କୌଣସି ଦଳରେ ନାହାନ୍ତି ଏବଂ କିଛି ଦିନ ରାଜନୀତିରୁ ବିରତି ନେବେ। ସୁସ୍ମିତା ଦେବ ହେଉଛନ୍ତି ଆସାମ କଂଗ୍ରେସର ପ୍ରଭାବଶାଳୀ ନେତା ସନ୍ତୋଷ ମୋହନ ଦେବଙ୍କ ଝିଅ। ସେ ପୂର୍ବରୁ କଂ।ଗ୍ରେସର ସାଂସଦ ଥିଲେ ଏବଂ କଂଗ୍ରେସର ମହିଳା ସଂଗଠନର ମୁଖ୍ୟ ଭାବେ ଦାୟିତ୍ୱ ତୁଲାଇଥିଲେ।

## ଲଣ୍ଡନର ଆପାର୍ଟମେଣ୍ଟରୁ ଡେଇଁ ଭାରତୀୟ ଦମ୍ପତି, ପୁଅଙ୍କ ଆତ୍ମହତ୍ୟା

ଲଣ୍ଡନ, ୧୦।୬(ଏଜେନ୍ସି): ଲଣ୍ଡନର ଏକ ସୁଉଚ୍ଚ ଆପାର୍ଟମେଣ୍ଟର ୩୬ ତଲା ବାଲକୋନିରୁ ଖସି ଜଣେ ଭାରତୀୟ ଦମ୍ପତି ଏବଂ ସେମାନଙ୍କ ୯ ବର୍ଷର ପୁଅଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ରାକେଶ ପାଇ (୪୭), ଅଦିତି ପାରଲକର (୪୬) ଏବଂ ସେମାନଙ୍କ ପୁଅ ସିଡ୍। ପ୍ରାଥମିକ ତଦନ୍ତରୁ ଏହା ଏକ ଆତ୍ମହତ୍ୟା ମାମଲା ବୋଲି ସନ୍ଦେହ କରାଯାଉଛି। ପୁଅ ସିଡ୍ ଜନ୍ମରୁ ଏକ ଅସାଧ୍ୟ କିଡନୀ ରୋଗରେ ପୀଡ଼ିତ ଥିଲା ଏବଂ ସେ କଥା କହିପାରୁନଥିଲା। ଡାକ୍ତରମାନେ ତାର ଚିକିତ୍ସା ଆଉ ସମ୍ଭବ ନୁହେଁ ବୋଲି କହିବା ପରେ ଦମ୍ପତି ଜଣକ ମାନସିକ ସ୍ତରରେ ଭାଙ୍ଗି ପଡ଼ିଥିଲେ ଏବଂ ଏହି ଚରମ ନିଷ୍ପତ୍ତି ନେଇଥିବା କୁହାଯାଉଛି। ମୁମ୍ବାଇର ଏହି ଦମ୍ପତି ୨୦୦୦ ମସିହାରେ ଲଣ୍ଡନ ଆସି ସେଠାରେ ଭଲ ଚାକିରି କରୁଥିଲେ। ପୁଅର ଚିକିତ୍ସା ପାଇଁ ସେମାନେ କିଛି ଦିନ ମୁମ୍ବାଇ ମଧ୍ୟ ଫେରିଥିଲେ, କିନ୍ତୁ କୌଣସି ସୁଫଳ ନମିଳିବାରୁ ପୁଣି ୟୁକେ ଫେରିଆସିଥିଲେ। ବର୍ତ୍ତମାନ ବ୍ରିଟିଶ୍ ପୁଲିସ ଏହି ଅପ୍ରତ୍ୟାଶିତ ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ଅଧିକ ତଦନ୍ତ ଚଳାଇଛି।

## ଉତ୍ତର କାଶ୍ମୀରରେ ବିସ୍ଫୋରଣ, ୨ ସେନା ଯବାନ ସହିଦ

ଶ୍ରୀନଗର, ୧୦।୬(ଏଜେନ୍ସି): ଉତ୍ତର କାଶ୍ମୀରର ଉରି ସେକ୍ଟରରେ ଲାଇନ୍ ଅଫ୍ କଣ୍ଟ୍ରୋଲ୍ (ଏଲ୍ଓସି) ନିକଟରେ ଘଟିଥିବା ଏକ ଦୁର୍ଘଟଣାଜନିତ ବିସ୍ଫୋରଣରେ ଭାରତୀୟ ସେନାର ଦୁଇ ଜଣ ଯବାନ ଶହୀଦ ହୋଇଛନ୍ତି। ବୁଧବାର ସକାଳେ ସୀମା ନିକଟରେ କୌଣସି କାରଣରୁ ଏକ ହଠାତ୍ ବିସ୍ଫୋରଣ ଘଟିଥିଲା, ଯେଉଁଥିରେ ଦୁଇ ଜଣ ଯବାନ ଗୁରୁତର ଭାବେ ଆହତ ହୋଇଥିଲେ। ଆହତ ଯବାନମାନଙ୍କୁ ତୁରନ୍ତ ସ୍ଥାନୀୟ ହସ୍ପିଟାଲ୍‌କୁ ନିଆଯାଇଥିଲା ଏବଂ ପରେ ସେଠାରୁ ଶ୍ରୀନଗରସ୍ଥିତ ସେନାର '୯୨ ବେସ୍ ହସ୍ପିଟାଲ୍'କୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ସେମାନେ ପ୍ରାଣ ହରାଇଥିଲେ। ସେନା ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଶହୀଦ ହୋଇଥିବା ଦୁଇ ଜଣ ଯବାନ ମହାରାଷ୍ଟ୍ରର ବାସିନ୍ଦା ଅଟନ୍ତି। ସେନା ପକ୍ଷରୁ ଏହି ବିସ୍ଫୋରଣର ପ୍ରକୃତ କାରଣ ଜାଣିବା ପାଇଁ ତଦନ୍ତ ଆରମ୍ଭ କରାଯାଇଛି।

## ପାଟନା ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ଖାନ୍ ସାର୍

ପାଟନା, ୧୦।୬(ଏଜେନ୍ସି): ଲୋକପ୍ରିୟ ଶିକ୍ଷାବିତ୍ ତଥା ୟୁଟ୍ୟୁବର୍ ଫୈସଲ ଖାନ୍ (ଖାନ୍ ସାର୍ ଭାବେ ବେଶ୍ ଜଣାଶୁଣା) ନିଜ ସୁରକ୍ଷା ପାଇଁ ପାଟନା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କ କୋଚିଂ ଇନଷ୍ଟିଚ୍ୟୁଟ୍ 'ଖାନ୍ ଗ୍ଲୋବାଲ୍ ଷ୍ଟଡିଜ୍' (କେଜିଏସ୍) ବାହାରେ ଘଟିଥିବା ହିଂସାକାଣ୍ଡ ମାମଲାରେ ତାଙ୍କ ନାଁରେ ରୁଜୁ ହୋଇଥିବା ଏଫ୍ଆଇଆର୍‌କୁ ରଦ୍ଦ କରିବା ଏବଂ ବନ୍ଦ ଥିବା କୋଚିଂ ସେଣ୍ଟରକୁ ପୁଣି ଖୋଲିବା ପାଇଁ ସେ କୋର୍ଟରେ ଆବେଦନ କରିଛନ୍ତି। ଜୁନ୍ ୪ ତାରିଖରେ ପାଟନାର କଦମକୁଆଁ ଥାନାରେ ଖାନ୍ ସାର୍‌ଙ୍କ ବିରୋଧରେ ଏହି ମାମଲା ରୁଜୁ ହୋଇଥିଲା। ଏହା ବିରୋଧରେ ସେ ଜୁନ୍ ୯ରେ ହାଇକୋର୍ଟରେ ଏକ କ୍ରିମିନାଲ୍ ରିଟ୍ ପିଟିସନ ଦାଖଲ କରିଥିଲେ, ଯାହାର ଶୁଣାଣି ବୁଧବାର ଜଷ୍ଟିସ୍ ଚନ୍ଦ୍ରଶେଖର ଝା'ଙ୍କ ଅଦାଲତରେ ହୋଇଛି। ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ହାଇକୋର୍ଟ ବିହାର ସରକାରଙ୍କୁ ଏକ ନୋଟିସ୍ ଜାରି କରିଛନ୍ତି।

## ଜାହାଜ ଉପରେ ଆକ୍ରମଣ: ୨୧ ଭାରତୀୟ ଉଦ୍ଧାର, ୩ ନିଖୋଜ

ନୂଆଦିଲ୍ଲୀ, ୧୦।୬(ଏଜେନ୍ସି): ଓମାନ ଉପକୂଳ ନିକଟରେ ଏକ ବାଣିଜ୍ୟିକ ଜାହାଜ ଉପରେ ହୋଇଥିବା ଆକ୍ରମଣ ପରେ ୨୪ ଜଣ ଭାରତୀୟ ନାବିକଙ୍କ ମଧ୍ୟରୁ ୨୧ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ବେଳେ ଅନ୍ୟ ୩ ଜଣ ଏପର୍ଯ୍ୟନ୍ତ ନିଖୋଜ ଥିବା ଜଣାପଡ଼ିଛି। ଘଟଣାକୁ ନେଇ ଭାରତ ସରକାର ଗଭୀର ଚିନ୍ତା ପ୍ରକାଶ କରିବା ସହ ଏହି ଆକ୍ରମଣକୁ କଡ଼ା ଭାଷାରେ ନିନ୍ଦା କରିଛନ୍ତି। ବିଦେଶ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଛି ଯେ ଓମାନ ଉପକୂଳରେ 'ସେଟେବେଲୋ' ନାମକ ଜାହାଜ ଉପରେ ହୋଇଥିବା ଆକ୍ରମଣ ଅତ୍ୟନ୍ତ ଚିନ୍ତାଜନକ। ଜାହାଜରେ ଥିବା ୨୪ ଜଣ ଭାରତୀୟ କ୍ରୁ ସଦସ୍ୟଙ୍କ ମଧ୍ୟରୁ ୨୧ ଜଣଙ୍କୁ ଉଦ୍ଧାର କରାଯାଇଛି ଏବଂ ୩ ଜଣ ନିଖୋଜ ଅଛନ୍ତି। ଭାରତୀୟ ଦୂତାବାସ ଓମାନ ସରକାରଙ୍କ ସହ ନିରନ୍ତର ଯୋଗାଯୋଗରେ ରହିଛି ଏବଂ ଚାଲିଥିବା ତଲାସ ଓ ଉଦ୍ଧାର ଅଭିଯାନ ଉପରେ ନଜର ରଖିଛି। ନିଖୋଜ ଭାରତୀୟମାନଙ୍କୁ ଖୋଜିବା ପାଇଁ ସମସ୍ତ ପ୍ରକାର ଉଦ୍ୟମ ଜାରି ରହିଛି।

## କାନାଡାରେ ଭାରତୀୟ ବଂଶୋଦ୍ଭବ ପୁଲିସ ଅଧିକାରୀଙ୍କୁ ଗାଡ଼ି ଚଢ଼ାଇ ହତ୍ୟା

ଅଟ୍ଟାୱା, ୧୦।୬(ଏଜେନ୍ସି): କାନାଡାର ଓଣ୍ଟାରିଓ ପ୍ରଦେଶରେ କାର୍ଯ୍ୟରତ ଜଣେ ୨୯ ବର୍ଷୀୟ ଭାରତୀୟ ବଂଶୋଦ୍ଭବ ପୁଲିସ କନଷ୍ଟେବଳ ତରୁଣ ବାଲିଙ୍କୁ ଗାଡ଼ି ଚଢ଼ାଇ ହତ୍ୟା କରାଯାଇଛି। ଏହି ଘଟଣାରେ ପୁଲିସ ଜଣେ ୧୮ ବର୍ଷୀୟ ଯୁବକକୁ ଗିରଫ କରିଛି। ଅଭିଯୁକ୍ତ ଯୁବକ ଜଣକ ମାନସିକ ସ୍ୱାସ୍ଥ୍ୟ ସଂକ୍ରାନ୍ତୀୟ ଯାଞ୍ଚ ପାଇଁ ଏକ ମେଡିକାଲରେ ଭର୍ତ୍ତି ହୋଇଥିଲେ, ଯେଉଁଠାରୁ ସେ ଫେରାର ହୋଇଯାଇଥିଲେ। ପୁଲିସ ତାଙ୍କୁ ଧରିବାକୁ ଚେଷ୍ଟା କରୁଥିବା ସମୟରେ, ସେ ନିଜ ଗାଡ଼ି ସାହାଯ୍ୟରେ ଡ୍ୟୁଟିରେ ଥିବା ଅଫିସର ତରୁଣ ବାଲିଙ୍କୁ ଧକ୍କା ଦେଇଥିଲେ। ଗୁରୁତର ଅବସ୍ଥାରେ ତରୁଣଙ୍କର ମୃତ୍ୟୁ ହୋଇଛି। ଓଣ୍ଟାରିଓ ପୁଲିସ ଅଭିଯୁକ୍ତ ଯୁବକ ବିରୋଧରେ ପ୍ରଥମ ଶ୍ରେଣୀ ହତ୍ୟା ଏବଂ ବିପଜ୍ଜନକ ଭାବେ ଗାଡ଼ି ଚଳାଇବା ଅଭିଯୋଗରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ମୃତ ତରୁଣ ବାଲି ଓଣ୍ଟାରିଓ ପୁଲିସର ଓପେରିନ୍ ବିଭାଗରେ କାର୍ଯ୍ୟ କରୁଥିଲେ।




୧୨ ବର୍ଷ ଶାସନର ପୂର୍ତ୍ତି ଅବସରରେ ନୂଆଦିଲ୍ଲୀରେ ବିଜେପି ଶାସିତ ରାଜ୍ୟ ମୁଖ୍ୟମନ୍ତ୍ରୀମାନଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ବରିଷ୍ଠ ନେତୃବୃନ୍ଦ

# ଆଗକୁ ବଢୁନି ମୌସୁମୀ

■ ସାରା ରାଜ୍ୟରେ ଜାରି ରହିଛି ଭୀଷଣ ତାତି ଓ ଗୁଳୁଗୁଳି
■ ପର୍ଯ୍ୟାୟ କ୍ରମେ ଓଡ଼ିଶାକୁ ପ୍ରବେଶ କରିବ ମୌସୁମୀ

ଭୁବନେଶ୍ୱର,୧୦।୬(ସମିସ): ରାଜ୍ୟରେ ଭୀଷଣ ତାତି ସାଙ୍ଗକୁ ଗୁଳୁଗୁଳି ଜାରି ରହିଛି। ଯଦିଓ ଖରାର ପ୍ରଭାବ ସାମାନ୍ୟ କମିଛି, ମାତ୍ର ସକାଳୁ ଗୁଳୁଗୁଳି ଆରମ୍ଭ ହୋଇଯାଉଥିବାରୁ ଲୋକେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ବିଶେଷକରି ଉପକୂଳବର୍ତ୍ତୀ ଜିଲ୍ଲାରେ ଆର୍ଦ୍ରତା ପରିମାଣ ଅଧିକ ରହୁଥିବା ହେତୁ ଏଠାରେ ଲୋକେ ସବୁଠୁ ଅଧିକ କଷ୍ଟ ଭୋଗୁଛନ୍ତି। ଅନ୍ୟପଟେ ମୌସୁମୀ କେରଳ ଛୁଇଁବା ପରେ ଓ ଓଡ଼ିଶାକୁ ଆଗମନ ପୂର୍ବରୁ ସାଧାରଣତଃ ଉତ୍ତର ବଙ୍ଗୋପସାଗରରେ କୌଣସି ଲଘୁଚାପ ସୃଷ୍ଟି ହେଲେ ଏହାକୁ ଓଡ଼ିଶାକୁ ଭିଡ଼ି ଆଣିଥାଏ। ହେଲେ ଚଳିତ ବର୍ଷ ସୁସଂଗଠିତ ଲଘୁଚାପ କିମ୍ବା ଅବପାତର ଅଭାବ ହେତୁ ମୌସୁମୀ ଆଗକୁ ବଢ଼ିବାରେ ଅନୁକୂଳ ପାଗ ସୃଷ୍ଟି ହୋଇପାରୁ ନାହିଁ। ହେଲେ ବଙ୍ଗୋପସାଗରରେ ଜଳୀୟବାଷ୍ପ ବ୍ୟାପକ ଅଞ୍ଚଳରେ ବିକ୍ଷିପ୍ତ ହୋଇ ରହିଥିବାରୁ ମୌସୁମୀ ପର୍ଯ୍ୟାୟକ୍ରମେ ଆଗକୁ ବଢୁଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ବିଗତ କିଛି ଦିନ ହେବ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ବଙ୍ଗୋପସାଗରରେ ଧୀରେ ଧୀରେ ଆଗକୁ ବଢୁଛି। ତେବେ ମୌସୁମୀର ଗତିକୁ ଅତି ଦ୍ରୁତ କରିବା ଭଳି କୌଣସି ଶକ୍ତିଶାଳୀ ଲଘୁଚାପ କ୍ଷେତ୍ର କିମ୍ବା ଅବପାତ ଏପର୍ଯ୍ୟନ୍ତ ବଙ୍ଗୋପସାଗରରେ ସୃଷ୍ଟି ହୋଇନାହିଁ କିମ୍ବା ନିକଟରେ ସୃଷ୍ଟି ହେବାର ସଙ୍କେତ ମିଳୁନାହିଁ। ଫଳସ୍ୱରୂପ, ଓଡ଼ିଶାରେ ମୌସୁମୀ ଏକାସଙ୍ଗେ ସମଗ୍ର ରାଜ୍ୟକୁ ନଛୁଇଁ ପର୍ଯ୍ୟାୟକ୍ରମେ ଧୀରେ ଧୀରେ ଆଗକୁ ବଢ଼ିବ ବୋଲି ଆକଳନ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ଅର୍ଥାତ ୧୩-୧୫ ତାରିଖ ମଧ୍ୟରେ ଉପକୂଳ ଏବଂ ଦକ୍ଷିଣ ଓଡ଼ିଶାକୁ ମୌସୁମୀ ଆଗମନ ହୋଇପାରେ। ଏହି କ୍ରମରେ ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ଯାଜପୁର, ଭଦ୍ରକ ଏବଂ ବାଲେଶ୍ୱର ଜିଲ୍ଲାକୁ ମୌସୁମୀ ଛୁଇଁପାରେ। ଏମାନଙ୍କ ମଧ୍ୟରୁ ଗଞ୍ଜାମ, ପୁରୀ ଏବଂ ଖୋର୍ଦ୍ଧା ଜିଲ୍ଲା ଦେଇ ମୌସୁମୀ ବାୟୁ ଓଡ଼ିଶାରେ ପ୍ରବେଶ କରିବାର ସବୁଠାରୁ ଅଧିକ ସମ୍ଭାବନା ଅଛି। ଏହି ସମୟ ମଧ୍ୟରେ ଆନ୍ଧ୍ରପ୍ରଦେଶ ଉପକୂଳରୁ ଆର୍ଦ୍ରତା ଉପରକୁ ଆସୁଥିବାରୁ ଦକ୍ଷିଣ ଓଡ଼ିଶାର ଗଜପତି, ରାୟଗଡ଼ା, କୋରାପୁଟ, ନବରଙ୍ଗପୁର ଏବଂ ମାଲକାନଗିରି ଜିଲ୍ଲାରେ ମଧ୍ୟ ମୌସୁମୀ ପ୍ରବେଶ କରିବ। ମୌସୁମୀ ଛୁଇଁବା ପୂର୍ବରୁ ଏହି ସବୁ ଜିଲ୍ଲାରେ ପ୍ରବଳ ଗୁଳୁଗୁଳି, ମେଘୁଆ ପାଗ ଏବଂ ବାରମ୍ବାର ଘଡ଼ଘଡ଼ି ସହ ବର୍ଷା ହେଉଥିଲା ଏବଂ ତାପମାତ୍ରା ଧୀରେ ଧୀରେ କମିବାର ସମ୍ଭାବନା ରହିଛି।

୧୪-୧୭ ମଧ୍ୟରେ ମୌସୁମୀ ପାଗ ଧୀରେ ଧୀରେ କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗିର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼ ଏବଂ ସୁବର୍ଣ୍ଣପୁର ଜିଲ୍ଲାକୁ ସମ୍ପ୍ରସାରିତ ହେବ। ମୌସୁମୀ ପ୍ରବେଶ କରିବା ପୂର୍ବରୁ ଏଠାରେ ମଝିରେ ମଝିରେ ଗ୍ରୀଷ୍ମ ପ୍ରବାହ ବଢୁଥିବା ଆର୍ଦ୍ରତା ଏବଂ ଅପରାହ୍ଣ କିମ୍ବା ସନ୍ଧ୍ୟା ସମୟରେ ବାରମ୍ବାର ଘଡ଼ଘଡ଼ି ସହ ବର୍ଷା ଜାରି ରହିବ। ୧୫-୧୯ ମଧ୍ୟରେ ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, ବୌଦ୍ଧ ଏବଂ କନ୍ଧମାଳ ଜିଲ୍ଲାରେ ମୌସୁମୀ ଆଗମନ ହୋଇପାରେ। ଏହି ଜିଲ୍ଲାଗୁଡ଼ିକୁ ଶେଷ ପର୍ଯ୍ୟାୟରେ ମୌସୁମୀ ଅଗ୍ରସର ହେବାର ସମ୍ଭାବନା ରହିଛି ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମ ମୃତ୍ୟୁ ମାମଲା

# ଆଗୁଆ ଜାମିନ ପାଇଁ ହାଇକୋର୍ଟରେ ପୁରୁଷ ବନ୍ଧୁ ଭୀମସେନ

କଟକ,୧୦।୬(ସମିସ): ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମଙ୍କ ରହସ୍ୟଜନକ ମୃତ୍ୟୁ ଘଟଣା ଉପରୁ ଏପର୍ଯ୍ୟନ୍ତ ପରଦା ହଟି ନଥିବା ବେଳେ ଏହି ମାମଲା ଦିନକୁ ଦିନ ନୂଆ ମୋଡ଼ ନେବାରେ ଲାଗିଛି। ବାରଙ୍ଗ ଥାନାରେ ରୁଜୁ ଏହି ମାମଲାରେ ସମ୍ଭାବ୍ୟ ଗିରଫଦାରୀ ଏଡ଼ାଇବା ପାଇଁ ଚନ୍ଦ୍ରିକାଙ୍କ ପୁରୁଷ ବନ୍ଧୁ ତଥା ଓଏଏସ ଅଧିକାରୀ ଭୀମସେନ ପ୍ରସାଦ ଟୁଡୁ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି। ଭୀମସେନଙ୍କୁ ଗିରଫ କରିବା ପାଇଁ ପୂର୍ବରୁ ପୁଲିସ ୩ଟି ଟିମ ଗଠନ କରିଥିବା କହିଥିବା ବେଳେ ତାଙ୍କୁ ଅଦ୍ୟାବଧି ଗିରଫ କରାଯାଇପାରିନାହିଁ।

ଅନ୍ୟପକ୍ଷରେ ଚନ୍ଦ୍ରିକାଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି ଯେ ଭୀମସେନଙ୍କ ସହ ଥିବା ସମ୍ପର୍କ ଓ ମାନସିକ ଚାପ ଯୋଗୁଁ ଚନ୍ଦ୍ରିକା ଆତ୍ମହତ୍ୟା କରିଥିଲେ। ଏହି ଅଭିଯୋଗ ପରଠାରୁ ଭୀମସେନ ଫେରାର ଥିବା କୁହାଯାଇଛି। ଚନ୍ଦ୍ରିକାଙ୍କ ମୃତ୍ୟୁ ଆତ୍ମହତ୍ୟା ନା ଏହା ପଛରେ ଅନ୍ୟ କୌଣସି କାରଣ ରହିଛି, ସେନେଇ ଏବେ ବି ଅନେକ ପ୍ରଶ୍ନ ଉଠୁଛି। ଲାପଟପ୍ ଓ ଟାବଲେଟ୍‌ରୁ ମିଳୁଥିବା ତଥ୍ୟ ହିଁ ଚନ୍ଦ୍ରିକା ମୃତ୍ୟୁ ମାମଲାର ଅସଲ ସତ୍ୟ ସାମ୍ନାକୁ ଆଣିବ ବୋଲି ଚର୍ଚ୍ଚା ହେଉଛି। ପ୍ରକାଶଥାଉକି, କାଠଯୋଡି ନଦୀ କୂଳ ତ୍ରିଶୁଳିଆ ନେତାଜୀ ସେତୁ ତଳୁ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜ ଓ ହସପିଟାଲର ଅଧ୍ୟୟନ କରୁଥିବା ମୟୂରଭଞ୍ଜ ଅଞ୍ଚଳର ୨୮ ବର୍ଷୀୟା ଏମବିବିଏସ ତୃତୀୟ ବର୍ଷ ଛାତ୍ରୀ ଚନ୍ଦ୍ରିକାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା।

# ସମ୍ବଲପୁରରେ କହ୍ନେୟାଙ୍କ ରାଲି




ସମ୍ବଲପୁର, ୧୦।୬ (ସମିସ) : ସମ୍ବଲପୁରରେ ନିଟ୍ ଓ ଅନ୍ୟ ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ଆୟୋଜିତ ଆକ୍ରୋଶ ରାଲିରେ ଏନ୍‌ଏସ୍‌ୟୁଆଇର ଏଆଇସିସି ପ୍ରଭାରୀ କହ୍ନେୟା କୁମାର ଯୋଗ ଦେଇଛନ୍ତି। ବୁଧବାର ଅପରାହ୍ଣ ପ୍ରାୟ ୫ଟା ବେଳେ ଅଇଁଠାପାଲି ଛକରୁ ଏକ ବିଶାଳ ରାଲି ବାହାରି ଚର୍ଚ୍ଚ ଛକ, ମୁଦିପଡ଼ା ଛକ ଆଦି ଦେଇ ଧନକଉଡ଼ାସ୍ଥିତ ସମାବେଶସ୍ଥଳକୁ ଯାଇଥିଲା। କହ୍ନେୟା କୁମାରଙ୍କ ସହ ଖୋଲା ଜିପ୍‌ରେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ରାସ୍ତାରେ ବିଭିନ୍ନ ଛକ ସ୍ଥାନ ମାନଙ୍କରେ ତାଙ୍କୁ କଂଗ୍ରେସ କର୍ମକର୍ତ୍ତା ଓ କର୍ମୀମାନେ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ।

ଏହି ରାଲି ପଶ୍ଚିମ ଓଡ଼ିଶାର କେନ୍ଦ୍ରସ୍ଥଳୀ ସମ୍ବଲପୁରରେ କରାଯାଉଥିବାବେଳେ ଛାତ୍ର କଂଗ୍ରେସ ଦାୟିତ୍ୱରେ ଥିବା କହ୍ନେୟା କୁମାର ଓ କଂଗ୍ରେସ ନେତୃବୃନ୍ଦ ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି। କଂଗ୍ରେସ ପକ୍ଷରୁ ଏହି ଛାତ୍ର ସମାବେଶକୁ ନେଇ ବିଭିନ୍ନ ସ୍ଥାନରେ ପୋଷ୍ଟର ଲାଗିବାସହ ସାମାଜିକ ଗଣମାଧ୍ୟମରେ ଷ୍ଟିକର୍ ଓ ରିଲ୍‌ସ ପ୍ରସାରିତ ହେଉଛି। କଂଗ୍ରେସ ପକ୍ଷରୁ କହ୍ନେୟା କୁମାରଙ୍କୁ ରାଲି ପାଇଁ ଡକାଯାଇଥିବାବେଳେ ଗତ କେଇଦିନ ହେବ ସାମାଜିକ ଗଣମାଧ୍ୟମରେ ତାଙ୍କୁ ଦେଶଦ୍ରୋହୀ ଆଖ୍ୟା ଦେଇ ତାଙ୍କ ପୁରୁଣା ଭିଡିଓକୁ ନେଇ ରିଲ୍‌ସ ଘୂରି ବୁଲୁଛି। ଏହାସହ ସମ୍ବଲପୁରର ବିଭିନ୍ନ ସ୍ଥାନରେ କଂଗ୍ରେସକୁ ରାଷ୍ଟ୍ରବିରୋଧୀ ଏବଂ କହ୍ନେୟା କୁମାରଙ୍କୁ ଦେଶଦ୍ରୋହୀ ବୋଲି ପୋଷ୍ଟର ଲଗାଯିବା ସହ କଂଗ୍ରେସ ତାଙ୍କୁ ଡାକି ନିଜର ରାଷ୍ଟ୍ରବିରୋଧୀ ମାନସିକତାକୁ ପ୍ରକାଶ କରୁଛି ବୋଲି ଉଲ୍ଲେଖ କରାଯାଇଛି। ସାମାଜିକ ଗଣମାଧ୍ୟମ ଓ ପୋଷ୍ଟର ଯୁଦ୍ଧକୁ ଦେଖି କହ୍ନେୟା କୁମାର ଆସିବା ଦ୍ୱାରା ବିଜେପି ଶିବିରରେ ଛନକା ପଶିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ବୁଧବାର ସକାଳେ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଆକ୍ରୋଶ ରାଲିକୁ ଆସୁଥିବା କଂଗ୍ରେସ କର୍ମୀଙ୍କୁ ବିଭିନ୍ନ ଜିଲ୍ଲାରେ ରୋକାଯାଉଛି, ଏହା ଅଗଣତାନ୍ତ୍ରିକ ଏବଂ ସରକାର ଓ ପ୍ରଶାସନ ଏଥିରୁ କ୍ଷାନ୍ତ ରହନ୍ତୁ ବୋଲି ଚେତାବନୀ ଦେଇଥିଲେ। ଏହାପରେ କଂଗ୍ରେସ କର୍ମୀମାନେ ବିଭିନ୍ନ ସ୍ଥାନରେ ଲାଗିଥିବା କହ୍ନେୟା କୁମାର ବିରୋଧୀ ପୋଷ୍ଟର ଗୁଡ଼ିକୁ ଚିରିଦେଇଥିଲେ।

ଶ୍ରୀମନ୍ଦିର ପ୍ରଶାସନକୁ ବଡ଼ ସଫଳତା

# 'ଆନନ୍ଦ ବଜାର', 'ପତିତପାବନ' ଓ ନୀଳଚକ୍ର ଲୋଗୋକୁ ମିଳିଲା ଟ୍ରେଡ୍‌ମାର୍କ

ପୁରୀ,୧୦।୬(ସମିସ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଧ୍ୟାତ୍ମିକ, ସାଂସ୍କୃତିକ ପରିଚୟକୁ ସୁରକ୍ଷିତ ରଖିବା ଦିଗରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ (ଏସ୍‌ଜେଟିଏ)କୁ ମିଳିଛି ବଡ଼ ସଫଳତା। ଶ୍ରୀମନ୍ଦିର ସହ ଜଡ଼ିତ ବିଭିନ୍ନ ଶବ୍ଦ ଓ ଲୋଗୋକୁ ଟ୍ରେଡ୍‌ମାର୍କ ଭାବେ ପଞ୍ଜିକୃତ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଭାରତୀୟ ଟ୍ରେଡ୍ ମାର୍କ ରେଜିଷ୍ଟ୍ରିରେ ମୋଟ ୨୯ଟି ଆବେଦନ ଦାଖଲ କରାଯାଇଥିଲା। ଏହି ଆବେଦନ ମଧ୍ୟରୁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଶବ୍ଦ ଚିହ୍ନ ଯଥା 'ଆନନ୍ଦ ବଜାର' ଓ 'ପତିତପାବନ' ପାଇଁ ଟ୍ରେଡ୍‌ମାର୍କ ପଞ୍ଜୀକରଣ ମଞ୍ଜୁର ହୋଇଛି। ଏଥିସହ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ସରକାରୀ 'ନୀଳଚକ୍ର ଲୋଗୋ'କୁ ମଧ୍ୟ ଅନୁମୋଦନ ମିଳିଛି।

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ, ଏହି ପଞ୍ଜୀକରଣ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହ ଜଡିତ ଐତିହ୍ୟ, ପ୍ରାମାଣିକତା ଓ ବୌଦ୍ଧିକ ସମ୍ପତ୍ତିର ସୁରକ୍ଷା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ବିଭିନ୍ନ ବ୍ୟାବସାୟିକ ସଂସ୍ଥା ଦ୍ୱାରା ମହାପ୍ରଭୁଙ୍କ ନାମ ଓ ଶ୍ରୀମନ୍ଦିରର ପରମ୍ପରା ସହ ଜଡ଼ିତ ନାମର ଅପବ୍ୟବହାରକୁ ରୋକିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଶ୍ରୀଜଗନ୍ନାଥ ମନ୍ଦିର ସହ ଜଡ଼ିତ ଆହୁରି ୨୬ଟି ସୁପରିଚିତ ନାମ ଓ ପରିଚୟ ସମ୍ବନ୍ଧୀୟ ଆବେଦନ ବର୍ତ୍ତମାନ ବିଚାରାଧୀନ ଅଛି। ଏହି ଆବେଦନଗୁଡ଼ିକରେ ମଧ୍ୟ ସକାରାତ୍ମକ ଫଳାଫଳ ମିଳିବ ବୋଲି ମନ୍ଦିର ପ୍ରଶାସନ ଆଶା ପ୍ରକାଶ କରିଛି। ଏ ନେଇ ଅଧିକ ତଥ୍ୟ ମାଗିଛି ଆଇପି ଇଣ୍ଡିଆ ବା ଇଣ୍ଡିଆନ୍ ପାଟେଣ୍ଟ ଅଫିସ୍। ପାଟେଣ୍ଟ ନିୟମ ଅନୁଯାୟୀ କୌଣସି ଜିନିଷ ବା ଦ୍ରବ୍ୟ କିମ୍ବା ଶବ୍ଦ ଅଥବା ଲୋଗୋକୁ ଅନୁମୋଦନ ମିଳିଲେ ତାହା ମୂଳ ସ୍ଥାନଠାରୁ ଅନ୍ୟତ୍ର ବ୍ୟବହାର, ବିକ୍ରି, ପ୍ରସ୍ତୁତି କିମ୍ବା ଆମଦାନୀ ଉପରେ ରୋକ୍ ଲାଗିଥାଏ। ଜଗନ୍ନାଥ ଧାମ ନାମ ପାଇଁ ମଧ୍ୟ ପାଟେଣ୍ଟ ଆବେଦନ କରିଛି ଶ୍ରୀମନ୍ଦିର ପ୍ରଶାସନ। ଅନ୍ୟପକ୍ଷରେ ଏହି ଟ୍ରେଡ୍‌ମାର୍କ ମଞ୍ଜୁରୀ ଦ୍ୱାରା ମହାପ୍ରଭୁଙ୍କ ପବିତ୍ର ପରମ୍ପରାର ବ୍ୟବସାୟିକ ଦୁରୁପଯୋଗ ରୋକାଯାଇ ପାରିବ ଏବଂ ଶ୍ରୀମନ୍ଦିରର ଗାରିମା ଓ ମୌଳିକତା ଅକ୍ଷୁଣ୍ଣ ରହିବ ବୋଲି ଶ୍ରଦ୍ଧାଳୁ ମହଲରେ ଆଶା ପ୍ରକାଶ ପାଇଛି।

# ଡିଏଲ୍‌ଆର୍, ୱାର୍କଚାର୍ଜ କର୍ମଚାରୀ ପାଇବେ ପେନ୍‌ସନ

କଟକ,୧୦।୬(ସମିସ): ଡିଏଲଆର କର୍ମଚାରୀ ଭାବେ ସରକାରଙ୍କ ବିଭିନ୍ନ ବିଭାଗରେ କାମ କରିବା ପରେ ୱାର୍କଚାର୍ଜ କର୍ମଚାରୀ ଓ ଶେଷରେ ନିୟମିତ ହୋଇଥିବା କର୍ମଚାରୀଙ୍କୁ ମିଳିବ ପେନସନ ଓ ଅବସରକାଳୀନ ପ୍ରାପ୍ୟ। ଏହି ଅବସରପ୍ରାପ୍ତ କର୍ମଚାରୀଙ୍କ ପେନସନ ଦାବିକୁ ସରକାର ଖାରଜ କରି ପ୍ରଦାନ କରିଥିବା ଗତ ୨୦୨୫ ମେ୨୧ରେ ନିର୍ଦ୍ଦେଶକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଏଥିସହ ତିନି ମାସ ଭିତରେ ଆବେଦନକାରୀଙ୍କୁ

■ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ହାଇକୋର୍ଟରେ ଖାରଜ
■ ଉପକୃତ ହେବେ ୫୦ ହଜାର ଅବସରପ୍ରାପ୍ତ କର୍ମଚାରୀ

ପେନସନ ଓ ଅନ୍ୟାନ୍ୟ ଅବସରକାଳୀନ ସୁବିଧା ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଆଲୋକଚନ୍ଦ୍ର ଦାସ ଓ ଅନ୍ୟମାନଙ୍କ ତରଫରୁ ଦାୟର ମାମଲାର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ରାୟ ପ୍ରଦାନ କରିଛନ୍ତି। ହାଇକୋର୍ଟଙ୍କ ରାୟ ପରେ ଡିଏଲଆର, ୱାର୍କଚାର୍ଜ କର୍ମଚାରୀ ଭାବେ ଦୀର୍ଘ ବର୍ଷ ଚାକିରି କରି ଅବସରର ମାତ୍ର କିଛି ବର୍ଷ ପୂର୍ବରୁ ନିୟମିତ ହୋଇଥିବା ପ୍ରାୟ ୫୦ ହଜାରରୁ ଅଧିକ ବ୍ୟକ୍ତିଙ୍କ ପାଇଁ ପେନସନ ଓ ଅବସରକାଳୀନ ପ୍ରାପ୍ୟ ପାଇବା ପାଇଁ ବାଟ ଫିଟିଛି। ପ୍ରକାଶଥାଉକି, ନିୟମିତ କର୍ମଚାରୀ ଭାବେ ୧୦ ବର୍ଷ କାର୍ଯ୍ୟ କରି ନ ଥିବାରୁ ୧୯୯୨ର ନିୟମାବଳୀ ଅନୁସାରେ ଏହି ଅବସରପ୍ରାପ୍ତ କର୍ମଚାରୀ ମାନେ ପେନସନ ପାଇବାକୁ ଅଯୋଗ୍ୟ ବୋଲି ଦର୍ଶାଇ ସେମାନଙ୍କ ଦରଖାସ୍ତକୁ ୨୦୨୫, ମେ ୨୧ରେ ରାଜ୍ୟ ସରକାର ଖାରଜ କରିଥିଲେ। ଡିଏଲଆର, ୱାର୍କଚାର୍ଜ ଓ ନିୟମିତ କର୍ମଚାରୀ ଭାବେ ଦୀର୍ଘ ବର୍ଷ ସରକାରଙ୍କ ଅଧୀନ?ରେ କାର୍ଯ୍ୟକରି ଅବସର ନେଇଥିବାରୁ ତଥା ସୁପ୍ରିମକୋର୍ଟ ଓ ହାଇକୋର୍ଟଙ୍କ ପୂର୍ବ ରାୟ ଅନୁସାରେ ଆବେଦନକାରୀ ପେନସନ ଓ ଅନ୍ୟ ଅବସରକାଳୀନ ସୁବିଧା ପାଇବାକୁ ଯୋଗ୍ୟ ବୋଲି ହାଇକୋର୍ଟ କହିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ୧୯୮୩ରୁ ୧୯୮୫ ମଧ୍ୟରେ ପୂର୍ତ୍ତ ବିଭାଗରେ ଡିଏଲଆର ଭାବେ ଆବେଦନକାରୀ ମାନେ ଡିଏଲଆର ଭାବେ ଯୋଗ ଦେଇ ୨୦୧୧ରୁ ୱାର୍କଚାର୍ଜ ହୋଇଥିଲେ। ସେହିଭଳି ୨୦୧୮ ପରେ ସେମାନଙ୍କ ଚାକିରି ନିୟମିତ କରାଯାଇଥିଲା ବେଳେ ଏମାନେ ୨୦୨୪-୨୫ରେ ଚାକିରିରୁ ଅବସର ନେଇଥିଲେ। ତିନି ଦଶନ୍ଧି ଧରି କାର୍ଯ୍ୟ କରିଥିଲେ ମଧ୍ୟ ତାଙ୍କୁ ପେନସନ ନମିଳିବାରୁ କେତେକ କର୍ମଚାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ମନୋଜ କୁମାର ମିଶ୍ର ମାମଲା ପରିଚାଳନା କରୁଥିବା ବେଳେ ଆଇନଜୀବୀ ତନ୍ମୟ ମିଶ୍ର ସହାୟତା କରୁଥିଲେ।




ଚାରିଦ୍ୱାର ଖୋଲି କି ଲାଭ?

# ସାମାଜିକ ଗଣମାଧ୍ୟମରେ ବୁଲୁଛି ଭକ୍ତଙ୍କ କ୍ଷୋଭ

ପୁରୀ,୧୦।୬(ସମିସ): ରାଜ୍ୟରେ ନୂଆ ସରକାର ଆସିବା ପରେ ଭକ୍ତଙ୍କ ପାଇଁ ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲାଗଲା ବୋଲି ପ୍ରବଳ ପ୍ରଚାର ହେଲା। ହେଲେ ଭିତରେ ଦର୍ଶନ କିଭଳି ଶୃଙ୍ଖଳିତ ହେବ ସେଥିଲାଗି କୌଣସି ବ୍ୟବସ୍ଥା କରାଗଲା ନାହିଁ। ଇତିମଧ୍ୟରେ ଦୁଇବର୍ଷ ବିତିଲାଣି। ପ୍ରାୟ ପ୍ରତିଦିନ ଭକ୍ତ ଭିତରେ କଲବଲ ହେଉଛନ୍ତି। ପ୍ରବଳ ଭିଡ଼ ହେଉଥିବା ବେଳେ ବହୁ ଶ୍ରଦ୍ଧାଳୁ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ବିଶେଷକରି ଛୁଟିଦିନ ଏବଂ ପର୍ବପର୍ବାଣି ଦିନରେ ଭିଡ଼ ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି। ପ୍ରାୟ ପ୍ରତିଦିନ ଶ୍ରୀମନ୍ଦିରକୁ ଆସୁଥିବା ଅଧିକାଂଶ ଭକ୍ତ କ୍ଷୋଭ ପ୍ରକାଶ କରୁଛନ୍ତି। ନୀତିକାନ୍ତି ବିଳମ୍ବ ଯୋଗୁଁ ଘଣ୍ଟା ଘଣ୍ଟା ଧରି ଲାଇନରେ ଛିଡ଼ା ହେଉଥିବାବେଳେ ବିଭିନ୍ନ ସମୟରେ ଦର୍ଶନ ପାଇଁ ହାତଗୁଞ୍ଜାର ଅଭିଯୋଗ ବି ଶୁଣିବାକୁ ମିଳୁଛି। ନିକଟରେ ଜଣେ ଭକ୍ତ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିଲେ। ପଶ୍ଚିମ ଦ୍ୱାରରେ ଥିବା ଧାଡ଼ିରେ ଛିଡ଼ା ହୋଇଥିଲେ। ହେଲେ ଟଙ୍କା ଦେଇ ନ ଥିବାରୁ ତାଙ୍କୁ ଧାଡ଼ିରୁ ବାହାରିଯିବାକୁ ପଡ଼ିଲା। ତାଙ୍କୁ ମନ୍ଦିର ଭିତରକୁ ନେବା ପାଇଁ ଟଙ୍କା ମଗାଗଲା। ମାତ୍ର ରାଜି ନ ହେବାରୁ ତାଙ୍କୁ ଗାଳିମନ୍ଦ ଶୁଣିବାକୁ ପଡ଼ିଥିଲା। ଏପରିକି ମାଡ଼ ମାରିବା ଉଦ୍ଦେଶ୍ୟରେ ତାଙ୍କ ଉପରକୁ ହାତ ଉଠିଥିଲା ବୋଲି ନିଜ ଫେସ୍‌ବୁକ୍ ପେଜ୍‌ରେ ଅନୁଭୂତି ବଖାଣିଛନ୍ତି ସୂର୍ଯ୍ୟକାନ୍ତ ପ୍ରଧାନ ନାମକ ଜଣେ ଭକ୍ତ। ତାଙ୍କର ଏହି କ୍ଷୋଭ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ତେବେ ଏଠାରେ ପ୍ରଶ୍ନ ଉଠୁଛି, ସରକାର ଚାରିଦ୍ୱାର ଖୋଲିଦେଲେ ବୋଲି କହି ବାହାବା ନେବାକୁ ଚେଷ୍ଟା କରୁଥିବାବେଳେ ବାସ୍ତବରେ କିପରି ଭକ୍ତ ଶୋଷଣ ଏବଂ ନିର୍ଯାତିତ ହେଉଛି ତାହା ଦେଖିବାକୁ କିନ୍ତୁ କେହି ନାହାଁନ୍ତି। ଗତ ସୋମବାର ସୂର୍ଯ୍ୟକାନ୍ତ ତାଙ୍କ ଫେସ୍‌ବୁକ୍ ପେଜ୍‌ରେ ଦର୍ଶନ ଅନୁଭୂତି ଉଲ୍ଲେଖ କରିଛନ୍ତି। ସେ ଲେଖିଛନ୍ତି, 'ଆଜି ମୁଁ ଆମର ଆରାଧ୍ୟ ଦେବତା ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଯାଇଥିଲି। ପଶ୍ଚିମ ଦ୍ୱାରରେ ପହଞ୍ଚିବା ପରେ ଷ୍ଟାଣ୍ଡରେ ଜୋତା ଏବଂ ମୋବାଇଲ ରଖିଥିଲି। ବହୁତ ଲୋକ ଧାଡ଼ିରେ ଛିଡ଼ା ହୋଇଥିଲେ। ମୁଁ ସେହି ଧାଡ଼ିରେ ଛିଡ଼ା ହେଇ କିଛିବାଟ ଆଗକୁ ଗଲି। ପଶ୍ଚିମ ଦ୍ୱାରରେ କିଛି ପୁଲିସ କର୍ମଚାରୀ ଏବ ସେବାୟତ ମତେ ଅଟକାଇ ପଚାରିଲେ ତମକୁ କେଉଁ ପଣ୍ଡା ଆଣିଛନ୍ତି। କହିଲି ନା ମୁଁ ଧାଡ଼ିରେ ଆସିଛି। ସେମାନେ କହିଲେ ଧାଡ଼ିରେ ଯଦି ଆସିବ ତାହେଲେ ସିଂହଦ୍ୱାର ଦେଇକି ଆସ। ଏ ପାଖେ କେବଳ ପଣ୍ଡାମାନଙ୍କ ଲୋକ ହିଁ ଯାଇପାରିବେ। ମାନେ ସେବାୟତ ଯାହାକୁ ଆଣିଥିବେ ସେଇମାନେ ଯାଇପାରିବେ। ଏହାପରେ ମୋତେ ଧାଡ଼ିରୁ ବାହାରିଯାଇ କୌଣସି ଜଣେ ସେବାୟତ କିମ୍ବା ପଣ୍ଡାଙ୍କୁ ଧରନ୍ତୁ ବୋଲି କହିଥିଲେ। ମୁଁ ମଧ୍ୟ ସେଇୟା କଲି। ଜଣେ ପଣ୍ଡାଙ୍କୁ ଦେଖାକରି କହିଲି ମତେ ଟିକେ ଭିତରକୁ ନେଇଯାଆନ୍ତୁ। ସେ କହିଲେ ତମେ କେତେ ଜଣ? ମୁଁ କହିଲି ୨ଜଣ। ସେ ମୋତେ ୧,୦୦୦ ଟଙ୍କା ମାଗିଲେ। କହିଲେ ହଜାରେ ଟଙ୍କା ଦିଅ ମନ୍ଦିର ଭିତରକୁ ନେଇଯିବି। ମୁଁ କହିଲି ଟଙ୍କା କ'ଣ ଦେବି ଫ୍ରି' ନୁହେଁ କି? ସେ କହିଲେ ମୁଣ୍ଡ ଗୋଟିକୁ ୫୦୦ ଟଙ୍କା। ତା'ପରେ ମୁଁ ସେଠାରୁ

## 'ମୁଣ୍ଡପିଛା ୫୦୦ ଦିଅ, ମନ୍ଦିର ଭିତରକୁ ନେଇଯିବି'

ଫେରିଆସି ଧାଡ଼ିରେ ଯେଉଁ ଲୋକେ ଥିଲେ ପଚାରିଲି, ଆପଣମାନେ କ'ଣ ସେବାୟତଙ୍କୁ ଟଙ୍କା ଦେଇ ମନ୍ଦିର ଭିତରକୁ ପ୍ରବେଶ କରୁଛନ୍ତି କି? ସେ କହିଲେ ହଁ! ଏଠି ଫ୍ରି'ରେ କିଏ ଛାଡ଼ିବ? ପରେ ମୁଁ ଏକ ମୋ ଫୋନ୍‌ରେ ଭିଡିଓ କରିବାକୁ ଲାଗିଲି। ଜଣେ ସେବାୟତ ଏବଂ ସେଠାରେ ଥିବା ପୋଲିସ୍ (ପଶ୍ଚିମ ଦ୍ୱାର) ମୋ ଫୋନ୍ ଛଡ଼େଇବା ସହିତ ମତେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ବାଡ଼େଇବା ପାଇଁ ହାତ ଉଠେଇ କହିଲେ ଏବେ ଏଠାରୁ ଯିବ ନା ମାଡ଼ ଖାଇବ? ମୁଁ ସେଠାରୁ ଆସି ପାଚେରି ପାଖରେ ମୋର ବନ୍ଧୁଙ୍କୁ ଫୋନ୍ କରୁଥିଲି। ପୁନର୍ବାର ଜଣେ ପୁଲିସ ବାବୁ ଆସି ମୋ ହାତ ଟାଣିଟାଣି ନେଲେ। ପଶ୍ଚିମ ଦ୍ୱାରରେ ଥିବା ତାଙ୍କର ସହକର୍ମୀ ପୁଲିସ୍ ମୋ ସହ ଖରାପ ବ୍ୟବହାର କରିଲେ ଏବଂ ଫୋନ୍ ଛଡ଼େଇ ନେଇଥିଲେ। ମୋର ବିଜେପି ସରକାରଙ୍କ ଉପରେ ବହୁତ୍ ଭରସା ଥିଲା। ଆଗରୁ ଯେମିତି ଶ୍ରୀମନ୍ଦିରରେ ସେବାୟତମାନଙ୍କ ମନମୁଖୀ ଶାସନ ଚାଲିଥିଲା ତାହା ବନ୍ଦ ହେଇଥିବ। କିନ୍ତୁ ମୁଁ ଭୁଲ୍ ଥିଲି। ଅସଲ ଚୋରି ଶ୍ରୀଜଗନ୍ନାଥ ମନ୍ଦିର ପଶ୍ଚିମଦ୍ୱାରରେ ହିଁ ହେଉଛି। ମୋ ସହ ଏହି ଘଟଣାଟି ଠିକ୍ ମଧ୍ୟାହ୍ନ ୧୨ଟାରୁ ୧ଟା ଭିତରେ ଘଟିଛି। ଶ୍ରୀମନ୍ଦିର ପ୍ରଶାସନ ଚାହିଁଲେ ପଶ୍ଚିମ ଦ୍ୱାର ସିସିଟିଭି ଯାଞ୍ଚ କରିଲେ ସତ୍ୟାସତ୍ୟ ଜାଣିପାରିବେ। ମୋର ଅନୁରୋଧ ଶ୍ରୀମନ୍ଦିର ପ୍ରଶାସନ ଏହାର ତଦନ୍ତ କରନ୍ତୁ'।

ଏହା କେବଳ ସୂର୍ଯ୍ୟକାନ୍ତଙ୍କ କ୍ଷୋଭ ନୁହେଁ, ପ୍ରତିଦିନ ଏମିତି ଶହଶହ ଭକ୍ତ ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି। ତେଣୁ ମନ୍ଦିର ପ୍ରଶାସନ ତୁରନ୍ତ ଏହି ଅଭିଯୋଗର ସତ୍ୟାସତ୍ୟ ତଦନ୍ତ କରି ଭକ୍ତଙ୍କୁ ଦର୍ଶନ ସୁବିଧା ଦେଉ। ନଚେତ୍ ରାଜ୍ୟ ସରକାର ଚାରିଦ୍ୱାର ଖୋଲିଦେଲେ ବୋଲି ଯେଉଁ ଡିଣ୍ଡିମ ପିଟୁଛନ୍ତି ତାହା କେବଳ ବାହାସ୍ଫୋଟ ଛଡ଼ା ଆଉ କିଛି ନୁହେଁ ବୋଲି ବୁଦ୍ଧିଜୀବୀଙ୍କ ମହଲରେ ଚର୍ଚ୍ଚା ହେଉଛି। ସୂର୍ଯ୍ୟକାନ୍ତଙ୍କ ଏହି କ୍ଷୋଭର ପୋଷ୍ଟ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେବାରେ ଲାଗିଛି।

## ଦୁର୍ଘଟଣାରେ ଦିବ୍ୟାଙ୍ଗ ଯୁବକ ମୃତ

ରେମୁଣା,୧୦।୬ (ସମିସ) : ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ଅଧୀନ ଟୟୋଟା ସୋରୁମ ସମ୍ମୁଖ ଜାତୀୟ ରାଜପଥରେ ଏକ ସଡ଼କ ଦୁର୍ଘଟଣା ଜଣେ ଦିବ୍ୟାଙ୍ଗ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣକ ସୁତେଇ ପଞ୍ଚାୟତ ଶ୍ୟାମରାଇପୁର ଗାଁର ବିଜୟ କୁମାର ଦାସ (୩୪)। ବିଜୟ ଜଣେ ଯୁବକଙ୍କ ବାଇକ ପଛରେ ବସି ବାମପଦା ଆଡ଼କୁ ଯାଉଥିବାବେଳେ ସମାନ ଦିଗରେ ଯାଉଥିବା ଟ୍ରକ ତଳେ ପଡ଼ିଯାଇଥିଲେ। ଟ୍ରକ ତାଙ୍କ ଉପରେ ଚଢ଼ିଯିବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପୁଲିସ ବାଇକ୍ ଚାଳକ ଓ ଟ୍ରକକୁ ଅଟକ ରଖିଥିବା ପୁଲିସ ସୂତ୍ରରୁ ଜଣାପଡିଛି।

## ଭଦୁଆ-ରଙ୍ଗାମାଟିଆ ରାସ୍ତାର ଶିଳାନ୍ୟାସ

ଜଳେଶ୍ୱର,୧୦।୬ (ସମିସ): ଜଳେଶ୍ୱର ବ୍ଲକ, ରାଇବଣିଆ, କାଳିକ ପଞ୍ଚାୟତର, ଭଦୁଆ ହାଟ ଠାରୁ କାଳିକ ରଙ୍ଗା ମାଟିଆ ଗ୍ରାମ ପର୍ଯ୍ୟନ୍ତ ୩ କିଲୋମିଟର ଦୂରତା ବିଶିଷ୍ଟ ଆର.ଡି ସଡ଼କର କାର୍ଯ୍ୟ ଶୁଭ ଉଦଘାଟନ ହୋଇଯାଇଛି। ଉକ୍ତ ଗ୍ରାମ୍ୟ ଉନ୍ନୟନ ସଡ଼କ ନିର୍ମାଣ ଲାଗି ୪ କୋଟି ୩୧ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ଜଣାଯାଇଛି। ବୁଧବାର ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ର ବିଜେପି ନେତା ବ୍ରଜମୋହନ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଉକ୍ତ ସଡ଼କ ନିର୍ମାଣ ଫଳରେ ଭଦୁଆ, ଭଣ୍ଡାରୀ ପଲ୍ଲୀ, ତେନ୍ତୁଳା, ଉପରତୋଟା ରଙ୍ଗାମାଟିଆ ଏବଂ ଆଖପାଖ ଅଞ୍ଚଳର ଗ୍ରାମବାସୀଙ୍କ ଯାତାୟାତ ସମସ୍ୟାର ସମାଧାନ ହେବ। କାର୍ଯ୍ୟକ୍ରମରେ ଯୁବନେତା କାଳିଚରଣ ଦାସ,ପ୍ରମୁଖଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ରହି ରାସ୍ତା ନିର୍ମାଣ ଆରମ୍ଭ ରେ ସହଯୋଗ ସହଯୋଗ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପ୍ରାକ୍ତନ ମଣ୍ଡଳ ସଭାପତି ତରୁଣ ପଟ୍ଟନାୟକ,କାଳିକା ପାଞ୍ଚାୟତ ସଭାପତି ହରିପଦ ବେରା, ଦୀପକ ବିନ୍ଧାଣି, ଚନ୍ଦନ ବିନ୍ଧାଣି, ଦୟାନିଧି ପାତ୍ର ,ରବୀନ୍ଦ୍ର ସିଂ, ବାଦଲ ସିଂ, ଭୀମ ବେହେରା, ମଧୁସୂଦନ ଦାଶ, ରବୀନ୍ଦ୍ର ଜେନା, ମୃତ୍ୟୁଞ୍ଜୟ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

## ମଦ ଜବତ, ଚାରି ଗିରଫ

ସୋର, ୧୦।୬ (ସମିସ): ସୋର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଦେଶୀମଦ ଏବଂ ବିୟର ଜବତ କରିବା ସହିତ ଚାରି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ନୀଳଗିରି ରେଞ୍ଜ ଅବକାରୀ ଅଧିକାରୀ କେଶବ ଚନ୍ଦ୍ର ଦାସ ଓ ସୋର ଆଦର୍ଶ ଅବକାରୀ ଭାରପ୍ରାପ୍ତ ଅଧିକାରୀ ପ୍ରହ୍ଲାଦ ସାମଲଙ୍କ ନେତୃତ୍ୱରେ ଏକ ଟିମ ବାଲଙ୍ଗ ଗ୍ରାମରେ ଚଢ଼ାଉ କରି ଲକ୍ଷ୍ମଣ ହାଂସଦା ନିକଟରୁ ୫୦ ଲିଟର ଦେଶୀ ମଦ ଏବଂ ୭. ୮ ଲିଟର ବିୟର, ହରିହର ପ୍ରଧାନ ନିକଟରୁ ୫୦ ଲିଟର ଦେଶୀମଦ, ଟେଣ୍ଟେଇ ଗ୍ରାମର କନକ ମଳିକ ନିକଟରୁ ୩୦ ଲିଟର ଦେଶୀମଦ ଏବଂ ସିତାମଣି ମଳିକ ନିକଟରୁ ୩୦ ଲିଟର ଦେଶୀମଦ ଜବତ କରିବା ସହିତ ସମସ୍ତଙ୍କୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡିକାଲରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରିଛି।

## ଭତ୍ତା ଟଙ୍କାକୁ ଚାହିଁ ଆଖି ବୁଜିଲେ ବୃଦ୍ଧା

ଜଳେଶ୍ୱର ବ୍ଲକ, ୧୦।୬ (ସମିସ) : ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ବରଡ଼ିହା ଗ୍ରାମ ପଞ୍ଚାୟତର ବଣକାଟି ଗ୍ରାମର ଅସହାୟ ୮୨ ବର୍ଷର ବୃଦ୍ଧା ଡୋଉପାଡି ସିଂ ନିଜର ବୋଲି କେହି ନାହାଁନ୍ତି। ସ୍ୱାମୀ ନଦ ସିଂ ଆଜକୁ ୪୦ ବର୍ଷ ହେଲା ଆର ପାରିରେ ଜୀବନ ଜିଇବାକୁ ଭତ୍ତା ଟଙ୍କା ହିଁ ଏକ ମାତ୍ର ସାହାରା ଥିଲା ପରିଣତ ବୟସରେ ପାଉଥିବା ୧ ହଜାର ଟଙ୍କାରେ ତେଲ ଲୁଣ ସଂସାର ସହିତ ଔଷଧ ଖର୍ଚ୍ଚ ମଧ୍ୟ ତାହାରି ଭିତରୁ ତୁଲାଇବାକୁ ପଡୁଥିଲା। ନୂଆ ସରକାରଙ୍କ ସଫ୍ଟଓ୍ୟାର କାର୍ଯ୍ୟ ପାଇଁ ଆଜକୁ ତିନି ମାସ ଧରି ଭତ୍ତା ପାଇବାରୁ ବଞ୍ଚିତ। ଥରେ ପଞ୍ଚାୟତ ବାରଣ୍ଡା ତ ଆଉ କେତେବେଳେ ବ୍ୟାଙ୍କ ବାରଣ୍ଡାରେ ନିଜର ଭତ୍ତା ଟଙ୍କା ପାଇଁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇ ଶେଷରେ ଔଷଧ ଏବଂ ଖାଦ୍ୟ ଅଭାବରୁ ପ୍ରାଣ ତ୍ୟାଗ କରିଛନ୍ତି। ଡୋଉପାଡି ସିଂର ମୃତ୍ୟୁ ପରେ ତାଙ୍କର ନିଜର ବୋଲି କେହିଭ ଥିବାରି ଗ୍ରାମର ଯୁବ ସମାଜସେବୀ ଜଗନ୍ନାଥ ବେରାଙ୍କ ପ୍ରଚେଷ୍ଟାରେ ଗ୍ରାମର ନାକୁଳା ସିଂ, ମୃଷା, ସିଂ, ସୁଦାମ ସିଂ, ଅଜୟ ସିଂ, ରମାନାଥ ସିଂ, ଜଳନ୍ଧର ସିଂ, ବେଣୁ ସିଂ ମିଶି ତାଙ୍କର ଶବ ସତ୍କାର କରିଥିଲେ।

## ସାମ୍ବାଦିକଙ୍କ ମାତୃ ବିୟୋଗ



ସୋର,୧୦।୬ (ସମିସ): ସୋର ପୌରପାଳିକା ଅନ୍ତର୍ଗତ କମରପୁର ଗ୍ରାମର ସାମ୍ବାଦିକ ଅଞ୍ଜନ ଦାସଙ୍କ ମାତା ସାବିତ୍ରୀ ଦାସଙ୍କର ୬୮ ବର୍ଷ ବୟସରେ ପରଲୋକ ହୋଇଯାଇଛି। କିଛିଦିନ ଧରି ତାଙ୍କର ଦେହ ଅଧିକ ଖରାପ ଥିବା ବେଳେ ଗତକାଲି ରାତିରେ ତାଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ସୋର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଆଜି ସକାଳେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ତାଙ୍କ ଶବାଧାର ନିକଟରେ ସ୍ୱାମୀ ଦିବାକର ଦାସ ପୁଅ ଅଞ୍ଜନ କୁମାର ଦାସ, ପୁତ୍ରବଧୂ ମିନାରାଣୀ ଜେନା, ନାତୁଣି ଦିବ୍ୟାଂଶୀ ଦାସ,୩ ଝିଅ , ୩ ଜ୍ୱାଇଁ ଓ ନାତିନାତୁଣି ମାନେ ଉପସ୍ଥିତ ଥିଲେ। ତାଙ୍କ ଶବକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ସହିତ ବାଲଙ୍ଗ ପଞ୍ଚାୟତ ରେଓଦା ଗ୍ରାମରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏକମାତ୍ର ପୁଅ ସାମ୍ବାଦିକ ଅଞ୍ଜନ ଦାସ ମୁଖାଗ୍ନି ଦେଇଥିଲେ।

## ମିସାଇଲ ପରୀକ୍ଷଣ ପାଇଁ ୧୧ଟି ଗ୍ରାମର ୧୧,୪୪୨ ଲୋକ ସ୍ଥାନାନ୍ତର

ବାଲେଶ୍ୱର, ୧୦।୬ (ସମିସ) : ଚାନ୍ଦିପୁର ପ୍ରତିରକ୍ଷା ଘାଟିରେ ମିସାଇଲ ପରୀକ୍ଷଣ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ୧୧ ଟି ଗ୍ରାମର ୧୧ ହଜାର ୪୪୨ ଜଣ ସ୍ଥାନୀୟ ବାସିନ୍ଦାଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଛି। ଲଞ୍ଚ ପ୍ୟାଡ୍-୩ରୁ ୩. ୫ କିଲୋମିଟର ପରିଧି ମଧ୍ୟରେ ରହୁଥିବା ଲୋକ ଓ ଗୃହପାଳିତ ପଶୁମାନଙ୍କୁ ସୁରକ୍ଷା ଦୃଷ୍ଟିରୁ ଅସ୍ଥାୟୀ ଭାବେ ଅନ୍ୟତ୍ର ରଖାଯାଇଥିଲା। ଆଜି ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିରୁ ଅପରାହ୍ନ ୩ ଘଟିକା ୫୦ ରେ ଉତକ୍ଷେପଣ ହୋଇଥିଲା ମିଜାଇଲ। ତେବେ ଏଥିପାଇଁ ସ୍ଥାନାନ୍ତରିତ ଲୋକଙ୍କ ପାଇଁ ପ୍ରଶାସନ ୪ଟି ଅସ୍ଥାୟୀ ଶିବିର ଆୟୋଜନ କରିଥିଲା। ବର୍ଦ୍ଧନପୁର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ଓ ବର୍ଦ୍ଧନପୁର ହାଇସ୍କୁଲ, ଭୀମପୁର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ, ତୁଣ୍ଡରା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ଓ ନିଧିପଡ଼ା ସେବାଶ୍ରମରେ ଲୋକମାନଙ୍କୁ ରଖାଯାଇଥିଲା। ସମସ୍ତ ଶିବିରରେ ଖାଦ୍ୟପେୟ ସହ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ସ୍ୱାସ୍ଥ୍ୟକର୍ମୀ ନିୟୋଜିତ ହୋଇଥିଲେ। ଆଜି ଦୁଇ ରାଉଣ୍ଡ ମିସାଇଲ ପରୀକ୍ଷଣ କରାଯାଇଥିବା ବେଳେ ଆସନ୍ତା ୧୧ ତାରିଖରେ ମଧ୍ୟ ପରୀକ୍ଷଣ କରାଯିବାର ସୂଚନା ରହିଛି। ପରୀକ୍ଷଣ ଶେଷ ପର୍ଯ୍ୟନ୍ତ ଲୋକମାନେ ଆଶ୍ରୟସ୍ଥଳୀରେ ରହିଥିଲେ।

### ସହଯୋଗ ପରିବର୍ତ୍ତେ ଦୁର୍ଘଟଣାରେ ଗୁରୁତର ଆହତଙ୍କୁ ପୁଲିସର ଦୁର୍ବ୍ୟବହାର

# ଭଦ୍ରକ ଏସ୍‌ପିଙ୍କୁ ପୂର୍ବାଞ୍ଚଳ ଆଇଜିଙ୍କ ତଦନ୍ତ ନିର୍ଦ୍ଦେଶ

ବାଲେଶ୍ୱର, ୧୦।୬ (ସମିସ)

ସୀମା ଟପିଲା ପୁଲିସର ବର୍ବରତା, ଜାତୀୟ ରାଜପଥରେ କୁକୁଡ଼ା ବୋଝେଇ ଗାଡ଼ିରୁ ଚାନ୍ଦା ବଟି ନେବା ପାଇଁ ଅନ୍ୟ ଜଣେ କାର ଆରୋହୀ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଅଭିଯୋଗ ହୋଇଛି। ସେତିକିରେ ବାଦ ପଡ଼ିନି ପୁଲିସର ଅମାନବୀୟ କାର୍ଯ୍ୟ। ଦୁର୍ଘଟଣା ପରେ ଗୁରୁତର ଆହତ ଥିବା ଯୁବକ ଦୀର୍ଘ ସମୟ ରାସ୍ତାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିରହିଲେ। ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ପୁଲିସ ଗାଡ଼ିରେ ଗୁରୁତର ଯୁବକଙ୍କୁ ମେଡିକାଲରେ ରେ ପହଁଚାଇବା ପାଇଁ ଆକୁଳ ନିବେଦନ କରିଥିଲେ ଗୁରୁତର ଯୁବକଙ୍କ ସହଯୋଗୀ କାର ଡ୍ରାଇଭର। ହେଲେ ହାଇୱେ ପାଟ୍ରୋଲିଂ ପୋଲିସ ସହଯୋଗ ପରିବର୍ତ୍ତେ ଦୁର୍ବ୍ୟବହାର ସହ ମାଡ଼ ମାରିବାକୁ ପଛାଇ ନଥିଲା, ଏମିତି କି ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ସାହାଯ୍ୟ ମାଗୁଥିବା ବ୍ୟକ୍ତିଙ୍କ ପରିବାରକୁ ଆକ୍ଷେପକରି ଥାନା ଗାଡ଼ିରେ ବସାଇ ମାମଲାର ଧମକ ଦେଇଥିଲା ପୁଲିସ। ଏମିତି ଏକ ଘଟଣା ବାଲେଶ୍ୱର ଜିଲ୍ଲା ସୀମାନ୍ତ ଭଦ୍ରକ ଜିଲ୍ଲା ପ୍ରାରମ୍ଭ ୧୬ ନମ୍ବର ଜାତୀୟ ରାଜପଥର ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ମଇତାପୁର ନିକଟ ବ୍ରିଜ ଉପରେ ଦେଖିବାକୁ ମିଳିଛି।

ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ପଥରପେଣ୍ଠ ପଞ୍ଚାୟତ ବଡ଼ଗାଁ ଗ୍ରାମର ସନ୍ତୋଷ କୁମାର ମଳିକ ରାଜସ୍ଥାନ ରହି କାର୍ଯ୍ୟ କରନ୍ତି। ଗତ ଶନିବାର ଦିନ ତାଙ୍କ ମାଆଙ୍କର ଗାଁରେ ମୃତ୍ୟୁ ଘଟିଥିଲା। ସେ ମାଆଙ୍କ ଶେଷ ଦର୍ଶନ ସହ ଅନ୍ତିମ ସତ୍କାର ପାଇଁ ରାଜସ୍ଥାନରୁ ବିମାନ ଯୋଗେ ଭୁବନେଶ୍ୱରରେ ପହଁଚିଥିଲେ। ଘରେ ମାଆଙ୍କ ମୃତଦେହ ପଡିରହିଥିଲା। ସନ୍ତୋଷଙ୍କୁ ନେବାକୁ ଗାଁରୁ ତାଙ୍କ ସାଙ୍ଗ ସତ୍ୟବାନ ରଣା କାର ନେଇ ଭୁବନେଶ୍ୱରରୁ ଆଣିବାକୁ ଯାଇଥିଲା। କାର ଯୋଗେ ସନ୍ତୋଷଙ୍କୁ ନେଇ ଫେରିବା ସମୟରେ ୧୬ ନମ୍ବର ଜାତୀୟ ରାଜପଥରେ ଏକ କୁକୁଡ଼ା ବୋଝେଇ ଗାଡିକୁ ଭଦ୍ରକ ଜିଲ୍ଲାର ହାଇୱେ ପାଟ୍ରୋଲିଂ ପୋଲିସ ଗାଡ଼ି ପିଛା କରି ଗୋଡ଼ାଇଥିଲା। କୁକୁଡ଼ା ଗାଡ଼ିଟି ନ ଅଟକିବାରୁ କୁକୁଡ଼ା ବୋଝେଇ ଗାଡ଼ି ଆଗରେ ଆଡା ପକାଇ ତୁରନ୍ତ ଅଟକାଇଥିଲା ହାଇୱେ ପାଟ୍ରୋଲିଂ ପୁଲିସ। ଫଳରେ ପଛରେ ସନ୍ତୋଷଙ୍କୁ ନେଇ ଆସୁଥିବା କାରଟି ପୁଲିସ ଗାଡିକୁ ଧକ୍କା ଦେଇ ଜାତୀୟ ରାଜପଥର ବ୍ରିଜ ପାଶ୍ୱର୍ ୱାଲକୁ ଧକ୍କା ଦେଇଥିଲା। ଫଳରେ ଦୁର୍ଘଟଣାରେ କାରରେ ଥିବା ସନ୍ତୋଷ ଏବଂ ସତ୍ୟବାନ ଗାଡ଼ି ଭିତରେ ଚାପି ହୋଇ ରହିଥିଲେ। ଗାଡ଼ିରେ ଥିବା ସନ୍ତୋଷ ଗୁରୁତର ହୋଇଥିବା ବେଳେ ଡ୍ରାଇଭର ସତ୍ୟବାନ ସାମାନ୍ୟ ଆହତ ହୋଇଥିଲେ। ସତ୍ୟବାନ ସନ୍ତୋଷଙ୍କୁ ଗାଡ଼ିରୁ ବାହାର କରି ଗୁରୁତର ଅବସ୍ଥାରେ ଜାତୀୟ ରାଜପଥରେ ଗୁରୁତର ଅବସ୍ଥାରେ ଶୁଆଇ ଦେଇଥିଲେ। ହେଲେ, ହାଇୱେ ପାଟ୍ରୋଲିଂ ପୁଲିସ ସାହାଯ୍ୟ କରିବା ପରିବର୍ତ୍ତେ ଦେଖଣାହାରି ସାଜିଥିବାର ଅଭିଯୋଗ କରିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଆମ୍ବୁଲାନ୍ସ ପହଞ୍ଚି ନଥିବା ବେଳେ ଗୁରୁତର ହୋଇ ରକ୍ତାକ୍ତ ଅବସ୍ଥାରେ ସନ୍ତୋଷ ଜୀବନ ମରଣ ସହ ସଂଘର୍ଷ କରୁଥିଲେ। ଆମ୍ବୁଲାନ୍ସର ବିଳମ୍ବ ଯୋଗୁଁ ଦୁର୍ଘଟଣାଗ୍ରସ୍ତ କାରର ଡ୍ରାଇଭର ସତ୍ୟବାନ ହାଇୱେ ପାଟ୍ରୋଲିଂ ପୋଲିସ ଗାଡ଼ିରେ ତାଙ୍କ ସାଙ୍ଗ ସନ୍ତୋଷଙ୍କୁ ମେଡିକାଲ ନେବାକୁ ନେହୁରା ହୋଇଥିଲା। ହେଲେ ପୋଲିସ ସାହାଯ୍ୟ କରିବା ଦୂରେ ଥାଉ ଓଲଟି ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ସାହାଯ୍ୟ ମାଗୁଥିବା ବ୍ୟକ୍ତିଙ୍କ ପରିବାରକୁ ନେଇ ଆଶ୍ରବ୍ୟ ଇଙ୍ଗିତ କରି ଥାନା ଗାଡ଼ିରେ ବସାଇ ମାମଲାର ଧମକ ଦେଇଥିଲା ପୁଲିସ। ଯାହାର ଭିଡ଼ିଓ ସତ୍ୟବାନ କରିଥିବା ବେଳେ ତାହାକୁ ଜୋର ଜବରଦସ୍ତ ଡ଼ିଲିଟ କରି ଦେଇଥିଲା ପୁଲିସ। ଏମିତିକି ଦୁର୍ଘଟଣାଗ୍ରସ୍ତ ଗାଡ଼ିର କ୍ଷତି ପୂରଣ ମଧ୍ୟ ମାଗିଥିଲା ପୋଲିସ। ଯାହାର ଭିଡ଼ିଓର କିଛି ଅଂଶ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଥିଲା। ଏ ନେଇ ଭାଇରାଲ ଭିଡ଼ିଓ ସହ ଟୁଇଟର (ଏକ୍ସ) ଜରିଆରେ ଗୃହ ବିଭାଗ, ମୁଖ୍ୟମନ୍ତ୍ରୀ, ପୋଲିସ ବିଭାଗ ଏବଂ ପୂର୍ବାଞ୍ଚଳ ଆଇଜିଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହାକୁ ଗୁରୁତର ଭାବେ ନେଇଥିଲେ ପୂର୍ବାଞ୍ଚଳ ଆଇଜି ପିନାକ ମିଶ୍ର। ପରେ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୂର୍ବାଞ୍ଚଳ ଆଇଜି ଭଦ୍ରକ ଏସପି ମନୋଜ କୁମାର ରାଉତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଇଜିଙ୍କ ନିର୍ଦ୍ଦେଶ ପରେ ଆକ୍ସନ ମୋଡ୍‌କୁ ଆସିଥିଲା ଭଦ୍ରକ ପୁଲିସ। ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ ଥିବାରୁ ଭଦ୍ରକ ଏସପି ମନୋଜ ରାଉତ ଅତିରିକ୍ତ ଏସପି ଅରୂପ ଅଭଷେକ ବେହେରାଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ସେପଟେ ଗୁରୁତର ଥିବା ଯୁବକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭଦ୍ରକ ଓ ପରେ ଭୁବନେଶ୍ୱରରେ ଚିକିତ୍ସାଧୀନ ଥିବାବେଳେ ଦୁର୍ଘଟଣାରେ ଗୁରୁତର ଯୁବକଙ୍କ ଭାଇ ମନୋଜ ମଳିକ ଘଟଣାର ନିରପେକ୍ଷ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

## ବୃଦ୍ଧବୃଦ୍ଧାଙ୍କୁ ଭତ୍ତା ଯନ୍ତ୍ରଣାରୁ ମୁକ୍ତି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଲେ ଭୋଗରାଇ ବିଧାୟକ

ବାଲେଶ୍ୱର(ଉତ୍ତର), ୧୦।୬ (ସମିସ) : ସମଗ୍ର ରାଜ୍ୟରେ ୩ ମାସ ଧରି ରାଜ୍ୟର ୨୨ ଲକ୍ଷ ଅସହାୟ ବୃଦ୍ଧ ବୃଦ୍ଧା, ଭିନ୍ନକ୍ଷମ, ବିଧବା ଓ ସମାଜର ଅବହେଳିତ ବର୍ଗର ଲୋକେ ସାମାଜିକ ସୁରକ୍ଷା ଭତ୍ତା ପାଇନାହାନ୍ତି। ଫଳରେ ସେମାନେ ନାହିଁ ନଥିବା ଦୁର୍ଦ୍ଦଶା ଓ ଅକଥନୀୟ ଯନ୍ତ୍ରଣା ଭୋଗ କରୁଛନ୍ତି। ଓଡ଼ିଶା ଇତିହାସର ବିଗତ ଦୁଇ ଦଶନ୍ଧି ମଧ୍ୟରେ ଏଭଳି ବେଦନାଦାୟକ ପରିସ୍ଥିତି କେବେ ସୃଷ୍ଟି ହୋଇ ନ ଥିଲା। ଏହାକୁ କେବଳ ଏକ ବ୍ୟବସ୍ଥାଗତ ବା ଯାନ୍ତ୍ରିକ ତ୍ରୁଟି ଜନିତ ସମସ୍ୟା କହି ସରକାର ସଫେଇ ଦେଉଥିଲା ବେଳେ ଭତ୍ତା ଉପରେ ନିର୍ଭର କରୁଥିବା ବରିଷ୍ଠ ନାଗରିକ ମାନେ ଆଉ କେତେଦିନ ନିରବ ବସିବେ ? ଏହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ପରିପ୍ରେକ୍ଷୀରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଆଜି ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ପତ୍ର ଲେଖି ଇ-ମେଲ ଜରିଆରେ ପଠାଇଥିବା ଜଣା ପଡ଼ିଛି। ଶ୍ରୀ ଦାସ ନିଜର କ୍ଷୋଭ ପ୍ରକାଶ କରି ପଠାଇଥିବା ପତ୍ରରେ ଲେଖିଛନ୍ତି ଯେ ବିଗତ ତିନିମାସ ଧରି ପ୍ରଚଣ୍ଡ ଖରା ଓ ଗ୍ରୀଷ୍ମତାପରେ ବୃଦ୍ଧବୃଦ୍ଧାମାନେ ପ୍ରତିଦିନ ବ୍ୟାଙ୍କ, ପଞ୍ଚାୟତ କିମ୍ବା ବ୍ଲକ୍ କାର୍ଯ୍ୟାଳୟକୁ ଯାଇ ନିରାଶ ହୋଇ ଫେରୁଛନ୍ତି। ଜୀବନରକ୍ଷାକାରୀ ଔଷଧ କିଣିବା ପାଇଁ ମଧ୍ୟ ସେମାନଙ୍କ ପାଖରେ ଟଙ୍କା ନାହିଁ। ନିଜ ନିର୍ବାଚନ ମଣ୍ଡଳୀର ଅନେକ ବୁଢ଼ାବୁଢ଼ୀ ତାଙ୍କ ପାଖକୁ ଆସି କାନ୍ଦୁଛନ୍ତି। ସେମାନଙ୍କର ସେହି କ୍ରନ୍ଦନ ଯେ କୌଣସି ସମ୍ବେଦନଶୀଳ ବ୍ୟକ୍ତିର ହୃଦୟକୁ ଥରାଇ ଦେବ। ଜଣେ ବିଧାୟକ ଭାବେ ସେ ସେମାନଙ୍କୁ ଭତ୍ତା କେବେ ମିଳିବ ବୋଲି କୌଣସି ସନ୍ତୋଷଜନକ



ଉତ୍ତର ଦେଇପାରୁ ନାହାନ୍ତି। ଏହା ତାଙ୍କୁ ବ୍ୟଥିତ ଓ ବିଚଳିତ କରୁଛି। ଏହି ବୃଦ୍ଧବୃଦ୍ଧା ଓ ଭିନ୍ନକ୍ଷମମାନେ ତିନି ମାସ ହେଲା ଭତ୍ତା ଯନ୍ତ୍ରଣାରେ ଜର୍ଜରିତ ହେଉଥିବାବେଳେ ପ୍ରତିମାସ ବିଧାୟକ ଭତ୍ତା ନେବାକୁ ମୋର ବିବେକ ମୋତେ ବାଧା ଦେଉଛି। ସେମାନଙ୍କର ଏଭଳି ଦୁର୍ଦ୍ଦଶା ସମୟରେ ଏହା ଗ୍ରହଣ କରିବାର କୌଣସି ନୈତିକ ଅଧିକାର ମୋର ନାହିଁ ବୋଲି ମୁଁ ଅନୁଭବ କରୁଛି ଶ୍ରୀ ଦାସ ପତ୍ରରେ ଉଲ୍ଲେଖ କରିଛନ୍ତି। ତେଣୁ ଶ୍ରୀ ଦାସ ଅତ୍ୟନ୍ତ ବିନମ୍ରତାର ସହିତ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରି ଛନ୍ତି ଯେ, ଯେଉଁ ପର୍ଯ୍ୟନ୍ତ ରାଜ୍ୟର ଏହି ୨୨ ଲକ୍ଷ ଅସହାୟ ବୁଢ଼ାବୁଢ଼ୀ, ଭିନ୍ନକ୍ଷମ ଓ ଅନ୍ୟାନ୍ୟ ଅସହାୟମାନଙ୍କୁ ସେମାନଙ୍କ ବକେୟା ଭତ୍ତା ପ୍ରଦାନ କରାଯାଇ ନାହିଁ, ସେପର୍ଯ୍ୟନ୍ତ ତାଙ୍କୁ ମିଳୁଥିବା ବିଧାୟକ ଭତ୍ତା ତାଙ୍କ ଆକାଉଣ୍ଟକୁ ଦିଅନ୍ତୁ ନାହିଁ ବୋଲି କହିଛନ୍ତି। ତା ଛଡ଼ା ଏହା କୌଣସି ରାଜନୈତିକ ଉଦ୍ଦେଶ୍ୟ ନରଖି ଜଣେ ସମ୍ବେଦନଶୀଳ ଜନପ୍ରତିନିଧି ଭାବେ ସେ ସ୍ୱେଚ୍ଛାକୃତ ଭାବେ ଏଭଳି ନିଷ୍ପତ୍ତି ନେଉଥିବା ଜଣାଇଛନ୍ତି। ଏପରିକି ସରକାରଙ୍କ ସମ୍ବେଦନହୀନତା ଓ ଅପାରଗତା ବିରୋଧରେ ଏହାକୁ ତାଙ୍କର ଏକ ପ୍ରକାର ନମ୍ର ପ୍ରତିବାଦ ବୋଲି ଆପଣ ଭାବି ପାରନ୍ତି ବୋଲି କହିଛନ୍ତି। ଅପରପକ୍ଷରେ ସରକାରଙ୍କ ମୁଖ୍ୟ ଭାବେ ମୁଖ୍ୟମନ୍ତ୍ରୀ ହିସାବରେ ଏଥିପ୍ରତି ସଚେତନ ହେବେ ଏବଂ ଏହି ସମସ୍ୟାର ତୁରନ୍ତ ସମାଧାନ କରି ଲକ୍ଷଲକ୍ଷ ଅସହାୟ ବୁଢ଼ାବୁଢୀ, ବିଧବା ଓ ଭିନ୍ନକ୍ଷମଙ୍କ ଆଖିର ଲୁହ ପୋଛିବେ ଏବଂ ସେମାନଙ୍କ ମୁହଁରେ ହସ ଫୁଟାଇବେ ବୋଲି ସେ ଆଶା ରଖିଛନ୍ତି।

## ବ୍ଲକସ୍ତରୀୟ ଏଜେଣ୍ଟଙ୍କୁ ପ୍ରଶିକ୍ଷଣ ଦେଲେ ବିଜେଡି ଜିଲ୍ଲା ସଭାପତି

ଖଇରା,୧୦।୬ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ କୁପାରୀ ୩ନମ୍ବର ଜୋନର ବର୍ତ୍ତନାଠାରେ ୬ପଞ୍ଚାୟତରେ ବିଜେଡି ଦ୍ୱାରା ନିଯୁକ୍ତ ବିଏଲଏ ବା ବ୍ଲକ ସ୍ତରୀୟ ଏଜେଣ୍ଟମାନଙ୍କ ପାଇଁ ବୁଧବାର ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ବିଜେଡି ଜିଲା ସଭାପତି ତଥା ସିମୁଳିଆର ପ୍ରାକ୍ତନ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ପ୍ରାକ୍ତନ ବିଜୁ ଯୁବ ଜନତା ସଭାପତି ମୁକ୍ତିକାନ୍ତ ସ୍ୱାଇଁ,ନିର୍ମାଣ ଶ୍ରମିକ ନେତା ମାଧବାନନ୍ଦ ପଣ୍ଡା, ସଂଯୋଜକ ବିଜୟ କୁମାର ବାରିକ, ହରିପୁର ସରପଞ୍ଚ ପ୍ରଦୀପ ପର୍ଶୁରାମ ବେହେରା, ରଟିଣା ସରପଞ୍ଚ ପ୍ରତିନିଧି ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗ ଦେଇ ଯେଭଳି କୌଣସୀ ଯୋଗ୍ୟହିତାଧୀକାରୀ ଏହି ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମରୁ ବାଦ ନ ପଡ଼ନ୍ତି ସେଥିପାଇଁ ସାବଧାନତା ଅବଲମ୍ବନ କରିଥିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବର୍ତ୍ତନା ସମେତ ବଡନୁଆଗାଁ, ହରିପୁର, ରଟିଣା, ଗଡପୋଖରୀ, ବାଉଁଶଗଡିଆର ସମସ୍ତ ଏଜେଣ୍ଟଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଜଗବନ୍ଧୁ ରାଉତ, ସଦାଶିବ ବେହେରା, ଅଜୟ କୁମାର ବେହେରା, ସନାତନ ନନ୍ଦ, ରବିନ୍ଦ୍ର ଦାସ, ଧରଣୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହାଛଡା ଖଇରା ୪ନମ୍ବର ଓ ୬ନମ୍ବର ଜୋନର ବ୍ଲକ ସ୍ତରୀୟ ଏଜେଣ୍ଟମାନଙ୍କ ପାଇଁ ମଙ୍ଗଳବାର ଖଇରା ଠାରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



## ନୀଳଗିରିରେ କାଳବୈଶାଖୀ

ନୀଳଗିରି, ୧୦।୬ (ସମିସ) : ନୀଳଗିରି ଆଖ ପାଖ ଅଞ୍ଚଳରେ ବୁଧବାର ଦିନ କାଳ ବୈଶାଖୀର ତାଣ୍ଡବ ଲୀଳା ଦେଖିବାକୁ ମିଳିଛି। ପ୍ରବଳ ବର୍ଷା ହେବା ସହ ଘଡ଼ ଘଡ଼ିକୁ ପ୍ରବଳ ପବନ ବହିବା ଯୋଗୁଁ ଅନେକ ସ୍ଥାନରେ ବିଦ୍ୟୁତ ଖୁଣ୍ଟ ଭାଙ୍ଗିବା ସହ ଅନେକ ଘରର ଫ୍ୟାନ, ଇନ୍ ଭିଟର୍ ନଷ୍ଟ ହୋଇଯାଇଛି। ମିରିଗିଣି, କଦମ ସାହି, ଘାଟଘର ସାହି, ଧଡା ସାହି, କାନପୁର ଅଞ୍ଚଳରେ ଦେଖିବାକୁ ମିଳିଛି।

## ସିମୁଳିଆ ପଞ୍ଚାୟତ ସମିତିର ସାଧାରଣ ବୈଠକ

ସିମୁଳିଆ, ୧୦।୬ (ସମିସ): ସିମୁଳିଆ ପଞ୍ଚାୟତ ସମିତିର ନବମ ବୈଠକ ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକ ଅଧକ୍ଷ ବାବାଜୀ ଚରଣ ମଳିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବ୍ଲକର ନିର୍ବାଚିତ ପ୍ରତିନିଧି ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ ସମେତ ସ୍ଥାନୀୟ ବିଧାୟକ ପଦ୍ମଲୋଚନ ପଣ୍ଡା, ଉପାଧ୍ୟକ୍ଷା ହିମାଦ୍ରି ନନ୍ଦିନୀ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ରମେଶ ଚନ୍ଦ୍ର ସାହୁ, ବିଡ଼ିଓ ସୁନୀଲ କୁମାର ଟୁଡୁ, ତହସିଲଦାର ସୌମ୍ୟରଞ୍ଜନ ମହାପାତ୍ର, ଅତିରିକ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସରୋଜ କୁମାର ଟିଗା, ବିଦ୍ୟୁତ ବିଭାଗ ଅଧିକାରୀ ପ୍ରତାପ କୁମାର ବେହେରା, ଆରଡି ଏସ. ଡି. ଓ ସଞ୍ଜୟ କୁମାର ସାହୁ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ। ବ୍ଲକର ସ୍ୱାସ୍ଥ୍ୟ, ଶିକ୍ଷା, ଖାଦ୍ୟ ଯୋଗାଣ, ମତ୍ସ୍ୟ ଓ ପଶୁପାଳନ, ଶିଶୁ ବିକାଶ, କୃଷି, ଉଦ୍ୟାନ କୃଷି, ପାନୀୟ ଜଳ, ରାସ୍ତା ଗୃହ, ଆବାସ, ଉନ୍ନୟନ ମୂଳକ କାର୍ଯ୍ୟ ଓ ମିଶନ ଶକ୍ତି ଆଦି କାର୍ଯ୍ୟ ସମ୍ପର୍କରେ ସମୀକ୍ଷା ଓ ଆଲୋଚନା ହେବାକୁ ଥିବାବେଳେ ବିଧାୟକ ଶ୍ରୀ ପଣ୍ଡାଙ୍କ ଉପସ୍ଥିତିରେ ବିଧାୟକଙ୍କ ଦୁଇ ବର୍ଷର କାର୍ଯ୍ୟକାଳ ସମ୍ପର୍କରେ ଆଲୋଚନା କରିବା ପରେ କୌଣସି କାର୍ଯ୍ୟ ହେତୁ ବୈଠକ ଅଧାରୁ ଚାଲି ଯାଇ ଥିଲେ। ପରେ ଶିକ୍ଷା ବିଭାଗର ଆଲୋଚନାକୁ ନେଇ ହୋହଲ୍ଲା ହୋଇଥିଲେ। ଆଜିର ବୈଠକ ସେପରି ଆଖି ଦୃଶିଆ ହୋଇ ନ ପାରିବା ଯୋଗୁଁ ନିର୍ବାଚିତ ପ୍ରତିନିଧି ମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ସଭା ପ୍ରାରମ୍ଭରୁ ପଞ୍ଚାୟତ ସମିତି ପରିସରରେ ବିଧାୟକ ଶ୍ରୀ ପଣ୍ଡାଙ୍କ ଦ୍ୱାରା ୨୦ଲକ୍ଷ ଟଙ୍କାର ନିର୍ମିତ ନୂତନ ପଞ୍ଚାୟତ ସମିତି ଗୃହର ଶୁଭ ଉଦଘାଟନ ହୋଇଥିଲା।

## ଡାକ୍ତରଖାନା ନିକଟରୁ ମଦଦୋକାନ ବନ୍ଦ ଦାବି

ଜଳେଶ୍ୱର, ୧୦।୬ (ସମିସ) : ରାଜ୍ୟ ରାଜପଥ ୫୭ର ନୂଆବଜାର ଜିକେ ଭଟ୍ଟର ହସ୍‌ପିଟାଲ ନିକଟରେ ଥିବା ଏକ ମଦ ଦୋକାନକୁ ବନ୍ଦ କରିବା ଲାଗି ୧୨ନଂ ୱାର୍ଡର ସ୍ଥାୟୀ ବାସିନ୍ଦାମାନେ ଅବକାରୀ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଜିକେଭଟ୍ଟର ହସ୍‌ପିଟାଲଠାରୁ ମାତ୍ର ୧୦୦ ମିଟର ଦୂରରେ ଥିବା ଦାସ କଲୋନୀକୁ ଯାଇଥିବା ମୁଖ୍ୟ ରାସ୍ତା ସମ୍ମୁଖରେ ଓ ଜଳେଶ୍ୱର-ଚନ୍ଦନେଶ୍ୱର ରାଜ୍ୟ ରାଜପଥ ୫୭ ପାଶ୍ୱର୍ରେ ଏକ ଠିପି ବନ୍ଦ ମଦ କୋଦାନ ଚାଲୁ ରହିଛି। ଉକ୍ତ ମଦଦୋକାନଠାରୁ ମାତ୍ର ୨୦୦ ମିଟର ଦୂରରେ ଏକ ମହିଳା ମହାବିଦ୍ୟାଳୟ ଓ ହଷ୍ଟେଲ ରହିଥିଲେ ମଧ୍ୟ ବିଭିନ୍ନ ସମୟରେ ଯୁବକମାନେ ମଦ ପିଇ ଉନ୍ମକ୍ତ କାଣ୍ଡ ଭିଆଉଛନ୍ତି। ଏହି ରାସ୍ତାଦେଇ ଛୋଟ ପିଲା, ମହିଳା, ଯୁବତୀ ମାନେ ଗଲାବେଳେ ନିଶସକ୍ତମାନେ ଅଶ୍ଳିଳ ଇଙ୍ଗିତ ପ୍ରଦର୍ଶୀତ କରୁଛନ୍ତି। ଏହାକୁ ବିରୋଧ କରି ୱାର୍ଡବାସୀଙ୍କ ଅଭିଯୋଗ ମୂଳେ ପୌରପାଳିକାରେ ଆଲୋଚନା କରାଯାଇ ମଦକୋଦାନକୁ ବନ୍ଦ କରାଯିବାକୁ ଜିଲାପାଳଙ୍କୁ ପତ୍ର ପ୍ରଦାନ କରାଯାଇଥିଲା। ହେଲେ ନିକଟରେ ମଦକୋଦାନୀ ସପନ ପ୍ରଧାନ ପୁଣି ଲାଇସେନ୍ସ ପାଇ ଉକ୍ତ ମଦ ଦୋକାନ ଚଳାଉଥିବାରୁ ସ୍ଥାନୀୟ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଏପରିକି ନିଶାସେବନ କରି ଯୁବକମାନେ ସେଠାରେ ଗାଡି ଦୁର୍ଘଟଣା ମଧ୍ୟ ଘଟାଉଛନ୍ତି। ସ୍ଥାନୀୟ ଲୋକଙ୍କ ସୁରକ୍ଷାଙ୍କୁ ଦୃଷ୍ଟିରେ ରଖି ଉକ୍ତ ମଦଦୋକାନକୁ ବନ୍ଦ କରିବା ଲାଗି ସୁପ୍ରିୟା ଦତ୍ତ, ହରିଶ ଭୂୟାଁ, ଭରତ ଦତ୍ତ, ଦେବାଶିଷ ଭୂୟାଁ, ଏଲୋରା ଜେନା, କିରଣବାଳା ଜେନା, ଆଶୁତୋଷ ଦାସ, ବିଭୁରଂଜନ ଦ ଙ୍କ ସହିତ ଶତାଧିକ ୱାର୍ଡବାସୀ ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀ, ବିଧାୟକ ଅଶ୍ୱିନୀ ପାତ୍ର, ଜିଲାପାଳ, ଏସ୍‌ପି, ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସିଂ, ପୋରପାଳ ପ୍ରତୀପ ପ୍ରଧାନ ଓ ୧୨ନଂ କାଉନସିଲରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ଚିଙ୍ଗୁଡ଼ି ଚାଷୀଙ୍କୁ 'ମାଫିଆ' ଆଖ୍ୟା ଦେବାକୁ ନେଇ ଆପତ୍ତି ଉଠାଇଲା ସଂଘ

ଚନ୍ଦନେଶ୍ୱର, ୧୦।୬ (ସମିସ)



ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଆଜି ରାଜ୍ୟର ଏକ ପ୍ରମୁଖ ଚିଙ୍ଗୁଡ଼ି ଉତ୍ପାଦନ କେନ୍ଦ୍ର ଭାବେ ପରିଚିତ। ଏଠାରେ ହଜାର ହଜାର ଚାଷୀ, ମତ୍ସ୍ୟଜୀବୀ ଓ ଶ୍ରମିକ ଚିଙ୍ଗୁଡ଼ି ଚାଷ ସହ ଜଡ଼ିତ ରହି ନିଜ ଜୀବନ ଓ ଜୀବିକା ନିର୍ବାହ କରୁଛନ୍ତି। ଏହି କ୍ଷେତ୍ର କେବଳ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରୁନାହିଁ, ବରଂ ଦେଶର ବୈଦେଶିକ ମୁଦ୍ରା ଆୟରେ ମଧ୍ୟ ଉଲ୍ଲେଖନୀୟ ଅବଦାନ ରଖୁଛି। ତେଣୁ ଚିଙ୍ଗୁଡ଼ି ଚାଷୀଙ୍କୁ 'ମାଫିଆ' ବୋଲି ସମ୍ବୋଧନ କରାଯିବା ଅତ୍ୟନ୍ତ ଦୁଃଖଦ, ଅନୁଚିତ ଓ ନିନ୍ଦନୀୟ ବୋଲି ଭୋଗରାଇ ଚିଙ୍ଗୁଡ଼ି ଚାଷୀ ସଂଘ ପକ୍ଷରୁ କୁହାଯାଇଛି। ଚନ୍ଦନେଶ୍ୱରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସଂଘର ସଭାପତି ବାଦଲ ସେନାପତି, ସମ୍ପାଦକ ଉମାକାନ୍ତ ବେହେରାଙ୍କ ସହ ବିଜୟାନନ୍ଦ ଡଗରା, ଦୀପକ ମଣ୍ଡଳ, ପ୍ରଶାନ୍ତ ବେଜ, କରୁଣାକର ଘଡ଼ାଇ, ଭଗବାନ ସାହୁ, ସୁଶାନ୍ତ ସେନାପତି, ଗୌରଗୋପାଳ ଜେନା, ନରୋତ୍ତମ ପ୍ରଧାନ ଓ ଗଣପତି ସେନାପତି ପ୍ରମୁଖ ଉପସ୍ଥିତ ରହି ଚିଙ୍ଗୁଡ଼ି ଚାଷୀଙ୍କ ବିରୋଧରେ ହେଉଥିବା ଅପପ୍ରଚାରକୁ କଡ଼ା ଭାଷାରେ ନିନ୍ଦା କରିଥିଲେ। ବକ୍ତାମାନେ କହିଥିଲେ ଯେ, ଭାରତ ସରକାର ଓ ଓଡ଼ିଶା ସରକାର ମତ୍ସ୍ୟ ଓ ଚିଙ୍ଗୁଡ଼ି ଚାଷକୁ କୃଷିଭିତ୍ତିକ ଏକ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ଭାବେ ସ୍ୱୀକୃତି ଦେଇ ବିଭିନ୍ନ ପ୍ରୋତ୍ସାହନମୂଳକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହି କ୍ଷେତ୍ରର ବିକାଶ ଫଳରେ ପ୍ରତିବର୍ଷ ହଜାର ହଜାର କୋଟି ଟଙ୍କାର ବୈଦେଶିକ ମୁଦ୍ରା ଦେଶକୁ ଆସୁଥିବାବେଳେ ଭୋଗରାଇ ଅଞ୍ଚଳରେ ମାତ୍ର ୪ ହଜାର ଟନ୍‌ରୁ ଅଧିକ ଚିଙ୍ଗୁଡ଼ି ଉତ୍ପାଦନ ହେଉଛି। ଏହା ରାଜ୍ୟର ଅର୍ଥନୀତିକୁ ସଶକ୍ତ କରିବା ସହ ଗ୍ରାମୀଣ ଅଞ୍ଚଳରେ ଆର୍ଥିକ ସମୃଦ୍ଧିର ନୂଆ ଦିଗ ସୃଷ୍ଟି କରିଛି। ଖନ୍ତାପଡ଼ା, ବାଲେଶ୍ୱର, ବଳରାମଗଡ଼ି ଓ ଭୁବନେଶ୍ୱର ସମେତ ବିଭିନ୍ନ

### ଭୋଗରାଇ ଚିଙ୍ଗୁଡ଼ି ଚାଷୀ ସଂଘ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ସ୍ଥାନରେ ଚିଙ୍ଗୁଡ଼ି ପ୍ରକ୍ରିୟାକରଣ (ପ୍ରୋସେସିଂ) ୟୁନିଟ୍ ସ୍ଥାପିତ ହୋଇଥିବାରୁ ହଜାର ହଜାର ଯୁବକ-ଯୁବତୀ ଓ ଶ୍ରମିକ ନିଯୁକ୍ତି ପାଇଛନ୍ତି। ଏଠାରେ ଉତ୍ପାଦିତ ଉଚ୍ଚମାନର ଚିଙ୍ଗୁଡ଼ି ବିଦେଶକୁ ରପ୍ତାନି ହେଉଥିବାରୁ ଭୋଗରାଇ ଅଞ୍ଚଳର ନାମ ଆନ୍ତର୍ଜାତିକ ବଜାରରେ ମଧ୍ୟ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଏପରି ଏକ ଉତ୍ପାଦନଶୀଳ, ରୋଜଗାର ସୃଷ୍ଟିକାରୀ ଓ ରପ୍ତାନିମୁଖୀ କ୍ଷେତ୍ର ସହ ଜଡ଼ିତ ଚାଷୀମାନଙ୍କୁ କେତେକ ଗଣମାଧ୍ୟମରେ ଅପମାନଜନକ ଭାଷା ବ୍ୟବହାର କରି 'ମାଫିଆ' ବୋଲି ଅଭିହିତ କରାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏଭଳି ଶବ୍ଦ ପ୍ରୟୋଗ କେବଳ ଚାଷୀ ସମାଜର ସମ୍ମାନକୁ କ୍ଷୁଣ୍ଣ କରୁନାହିଁ, ବରଂ ସେମାନଙ୍କର ଦୀର୍ଘ ବର୍ଷର ପରିଶ୍ରମ, ତ୍ୟାଗ ଓ ଅବଦାନକୁ ମଧ୍ୟ ଅବମାନନା କରୁଛି। ସଂଘର କର୍ମକର୍ତ୍ତାମାନେ ସ୍ପଷ୍ଟ କରି କହିଥିଲେ ଯେ, କୌଣସି ବ୍ୟକ୍ତିବିଶେଷଙ୍କ ବିରୋଧରେ ଅଭିଯୋଗ ଥିଲେ ତାହାର ତଦନ୍ତ ଓ ଆଇନଗତ ପଦକ୍ଷେପ ନିଆଯାଇପାରେ। କିନ୍ତୁ ସମଗ୍ର ଚିଙ୍ଗୁଡ଼ି ଚାଷୀ ସମୁଦାୟକୁ ଏକାଠି 'ମାଫିଆ' ଆଖ୍ୟା ଦେବା କେବେହେଲେ ମଧ୍ୟ ନ୍ୟାୟସଙ୍ଗତ ନୁହେଁ। ଚିଙ୍ଗୁଡ଼ି ଚାଷ ଆଜି ହଜାର ହଜାର ପରିବାରର ଜୀବନ ସହ ଜଡ଼ିତ ଥିବାବେଳେ ଏହା ଅଞ୍ଚଳରେ ରୋଜଗାର, ବ୍ୟବସାୟ ଓ ଆର୍ଥିକ ଉନ୍ନତିର ମୂଳ ଭିତ୍ତି ପାଲଟିଛି।

## ନୀଳଗିରି ପଞ୍ଚାୟତ ସମିତିର ସାଧାରଣ ବୈଠକ

ନୀଳଗିରି, ୧୦।୬ (ସମିସ): ବୁଧବାର ସ୍ଥାନୀୟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ନୀଳଗିରି ପଞ୍ଚାୟତ ସମିତିର ଉନ୍ନୟନ ମୂଳକ କାର୍ଯ୍ୟର ସାଧାରଣ ସମୀକ୍ଷା ଓ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସମୀକ୍ଷା ଓ ଆଲୋଚନା ବୈଠକରେ ବିଧାୟକ ସନ୍ତୋଷ ଖଟୁଆଙ୍କ ଉପସ୍ଥିତ ଥିବା ବେଳେ ପଞ୍ଚାୟତ ସମିତିର ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ ପୌରୋହିତ୍ୟ କରିଥିଲେ। ଏଥିରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କେଶରୀ ପରିଡ଼ା ବୈଠକର ବିବରଣୀ ଅନୁସାରେ ଉପସ୍ଥିତ ତ୍ରିସ୍ତରୀୟ ପଞ୍ଚାୟତ ରାଜ ବିଭାଗୀୟ ନିର୍ବାଚିତ ଲୋକ ପ୍ରତିନିଧି ଓ ବିଭିନ୍ନ ବିଭାଗ ମାଧ୍ୟମରେ ହେଉଥିବା ଉନ୍ନୟନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା ଓ ଆଲୋଚନା ହୋଇଥିଲା। ଗତ ୨୦୨୪-୨୫ ମସିହା ୧୫ ତମ ଆର୍ଥିକ ବର୍ଷରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅନୁଦାନ ରାଶିରେ ଉନ୍ନୟନ ମୂଳକ କାର୍ଯ୍ୟରେ ନୀଳଗିରି ପଞ୍ଚାୟତ ସମିତି ଜିଲ୍ଲାରେ ପ୍ରଥମ ସ୍ଥାନରେ ଥିବାବେଳେ ଗ୍ରାମ ପଞ୍ଚାୟତ ସ୍ତରରେ ତୃତୀୟ ସ୍ଥାନରେ ରହିଛି ବୋଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ପରିଡ଼ା ପ୍ରକାଶ କରିଥିଲେ। ଏଥିରେ ନୀଳଗିରି ପଞ୍ଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତମାନଙ୍କରେ ବିଭିନ୍ନ ଯୋଜନାରେ ହେଉଥିବା ଉନ୍ନୟନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା ଓ ଆଲୋଚନା ହୋଇଥିଲା। ଏହି ୬ଷ୍ଠ ତମ ସାଧାରଣ ସମୀକ୍ଷା ଓ ଆଲୋଚନା ବୈଠକରେ ବିଧାୟକ ସନ୍ତୋଷ ଖଟୁଆ, ବାଲେଶ୍ୱର ସାଂସଦଙ୍କ ପ୍ରତିନିଧି କରୁଣାକର ପଣ୍ଡା, ପଞ୍ଚାୟତ ସମିତି ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ଉପାଧ୍ୟକ୍ଷ ଜ୍ୟୋତିର୍ମୟ ପୋଥାଳ, ଜିଲ୍ଲା ପରିଷଦ ସଦସ୍ୟ/ସଦସ୍ୟା ଗତିକୃଷ୍ଣ ନନ୍ଦ, ରଞ୍ଜିତା ସିଂହ, ସୁବର୍ଣ୍ଣ ମଞ୍ଜରୀ ସିଂ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କେଶରୀ ପରିଡ଼ା, ତ୍ରିସ୍ତରୀୟ ପଞ୍ଚାୟତ ରାଜ ବିଭାଗୀୟ ନିର୍ବାଚିତ ଲୋକ ପ୍ରତିନିଧି, ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ଗଣ ମାଧ୍ୟମର ପ୍ରତିନିଧିଗଣ ଯୋଗ ଦେଇଥିଲେ।

# ଚୋରି ଘଟଣାରେ ଦୁଇ ଯୁବକ ଗିରଫ

ବାଲିବନ୍ଧ,୧୦।୬(ସମିସ): ସେଣ୍ଟରିଙ୍ଗ ପ୍ଲେଟ ଚୋରି ଘଟଣାରେ ଦୁଇ ଜଣ ଯୁବକଙ୍କୁ ଗିରଫ କରି ବୁଧବାର ଝୁମ୍ପୁରା ପୁଲିସ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଝୁମ୍ପୁରା ଥାନା ଅଧିନ ଖୁଣ୍ଟାପଡା ପଞ୍ଚାୟତ ଅସୁରିଆ ଗ୍ରାମର ଦୀପକ ମହାରଣା (୩୦) ଏବଂ ରାମଚନ୍ଦ୍ର ବାରିକ (୩୨)। ଦୁର୍ଗାପୁର-ଭାଲୁକା ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ନିର୍ମାଣ ଚାଲିଥିବା ବେଳେ ବିଶୋଇବେଡା ନିକଟରେ ଏକ ପୋଲ ନିର୍ମାଣ ନିମନ୍ତେ ସେଣ୍ଟରିଙ୍ଗ କାର୍ଯ୍ୟ ଚାଲିଥିଲା। ଲୁହା ପ୍ଲେଟ ସାହାଯ୍ୟରେ ସେଣ୍ଟରିଙ୍ଗ କରାଯାଇଥିଲା। ୫ ତାରିଖ ରାତିରେ ୧୪ଟି ଛୋଟ ସାଇଜ ଏବଂ ୮ଟି ବଡ ସାଇଜର ସେଣ୍ଟରିଙ୍ଗ ପ୍ଲେଟ ସେହି ସ୍ଥାନରୁ ଚୋରି ହୋଇଥିଲା। ଏନେଇ ଠିକାଦାର ବହୁତ ଖୋଜାଖୋଜି କଲା ପରେ ମଧ୍ୟ ସନ୍ଧାନ ମିଳିନାହିଁ। ୮ ତାରିଖ ରାତିରେ ଅସୁରିଆ ଗ୍ରାମ ନିକଟ ଦେଇ ଯାଇଥିବା କାନପୁର କେନାଲ ପାଣି ଭିତରେ ଲୁଚାଇ ରଖିଥିବା ଚୋରି ସେଣ୍ଟରିଙ୍ଗ ପ୍ଲେଟଗୁଡ଼ିକୁ ବିକ୍ରି କରିବା ପାଇଁ କେନାଲ ହୁଡା ଉପରକୁ ଉଠାଉଥିବା ବେଳେ ସ୍ଥାନୀୟ ଲୋକେ ଶବ୍ଦ ଶୁଣି କଣ ହେଉଛି ବୋଲି ଦେଖିବାକୁ ଗଲାବେଳେ ଚୋରମାନେ ଏକ ମୋବାଇଲ ଏବଂ ଚପଲ ଛାଡି ଦୌଡ଼ି ପଳାଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଜବତ କରିଥିଲା ବେଳେ ଜଣେ ଫେରାର ହୋଇଯାଇଥିଲା। ଖବର ପାଇ ଠିକାଦାର ସଞ୍ଜୟ କୁମାର ସାହୁ ନିଜ ସେଣ୍ଟରିଙ୍ଗ ପ୍ଲେଟଗୁଡ଼ିକୁ ଚିହ୍ନଟ କରିବା ସହ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦୀପକ ଏବଂ ରାମଚନ୍ଦ୍ରଙ୍କୁ କୋର୍ଟ ଚାଲାଣ କରିଛି।

# ଚିତି ସାପ କାମୁଡ଼ାରେ ଯୁବକ ମୃତ



ବାଲିବନ୍ଧ, ୧୦।୬ (ସମିସ): ଝୁମ୍ପୁରା ଥାନାଞ୍ଚଳ ନହବେଡା ପଞ୍ଚାୟତ ନହବେଡା ଗ୍ରାମରେ ବୁଧବାର ଘଟିଛି ଏକ ଅଭାବନୀୟ ଘଟଣା। ବିଷଧର ଚିତି ସାପ କାମୁଡ଼ାରେ ୨୭ ବର୍ଷର ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଯୁବକ ହେଉଛନ୍ତି ସେହି ଗ୍ରାମର ଘନଶ୍ୟାମ ମହାନ୍ତଙ୍କ ପୁଅ ଅଭିଜିତ ମହାନ୍ତ ଓରଫ ଲିପୁନ। ମଙ୍ଗଳବାର ରାତି ଲିପୁନ ନିଜ ଜନସେବା କେନ୍ଦ୍ରରେ ଶୋଇଥିଲା ବେଳେ ସାପଟି କାମୁଡ଼ିଥିଲା। ଲିପୁନ ସଙ୍ଗେ ସଙ୍ଗେ ଘର ଲୋକଙ୍କୁ ଫୋନ ଦ୍ୱାରା ଜଣାଇଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ଝୁମ୍ପୁରା ମେଡିକାଲକୁ ନେଇଥିଲେ। ସେଠାରେ ଲିପୁନର ସ୍ୱାସ୍ଥ୍ୟାବସ୍ଥା ଅଧିକରୁ ଅଧିକ ଜଟିଳ ହେବାରୁ କେନ୍ଦୁଝରଗଡ଼ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଲିପୁନଙ୍କ ମୃତ୍ୟୁ ଘଟିଥିଲା। ପୁଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# କାଞ୍ଜିପାଣି ଘାଟିରେ ଓଲଟିଲା ଟ୍ରକ୍; ଯାତ୍ରୀ ସୁରକ୍ଷିତ



ତେଲକୋଇ, ୧୦।୬ (ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ କାଞ୍ଜିପାଣି ପୂର୍ବ ବିଭାଗ ରାସ୍ତାର କାଞ୍ଜିପାଣି କୁସୁମ ଘାଟିରେ ଏକ ୧୨ ଚକିଆ ଟ୍ରକ ୫୦ ଫୁଟ ତଳକୁ ଖସି ଓଲଟି ପଡ଼ିଛି। ଦୁର୍ଘଟଣା ଏତେ ଭୟଙ୍କର ହୋଇଥିଲେ ବି ଚାଳକ ଓ ସହଯୋଗୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। କାଞ୍ଜିପାଣି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଥିବା ଜଣାପଡ଼ିଛି। ଉକ୍ତ ଟ୍ରକରେ ସାର ଲୋଡ ହୋଇ ସିରିଗିଡ଼ା ସମବାୟ ସମିତିକୁ ଆସୁଥିବା ବେଳେ କାଞ୍ଜିପାଣି ଘାଟିରେ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଉକ୍ତ ରାସ୍ତାରେ ଭାରି ଯାନ ନିଷେଧ ଥିବା ବେଳେ କେଉଁ ଉଦ୍ଦେଶ୍ୟରେ ଲୋଡ ଗାଡ଼ି ଉକ୍ତ ରାସ୍ତାଦେଇ ଆସୁଥିଲା ତାହା ଏବେ ତଦନ୍ତ ପରେ ଜଣାପଡ଼ିବ। ଅନ୍ୟପଟେ କାଞ୍ଜିପାଣି ଥାନା ସମ୍ମୁଖ ଦେଇ ଉକ୍ତ ରାସ୍ତା ଯାଇଥିବା ବେଳେ କେମିତି ଏହି ଭାରି ଯାନ ଥାନା ସମ୍ମୁଖ ଦେଇ ଘାଟି ରାସ୍ତାରେ ଆସିଲା ଥାନା କର୍ମଚାରୀଙ୍କ ଦାୟିତ୍ୱହୀନତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଗାଁରେ ପହଞ୍ଚି ସେବା ଯୋଗାଇଲେ ଉପଜିଲ୍ଲାପାଳ



ଚମ୍ପୁଆ/ଝୁମ୍ପୁରା, ୧୦।୬(ସମିସ): ସରକାରଙ୍କ ପକ୍ଷରୁ ତୃଣମୂଳ ସ୍ତରରେ ଲୋକଙ୍କୁ ଦୁଆର ମୂହଁରେ ରାଜସ୍ୱ ସେବା ଯୋଗାଇ ଦେବା ଲକ୍ଷ୍ୟ ନେଇ ଆଜି ଝୁମ୍ପୁରା ତହସିଲ ଅଧୀନସ୍ଥ ଅର୍ଶଳା ପଞ୍ଚାୟତର ଅନ୍ଧାରୀ ଖମାଣ ଗ୍ରାମରେ ଆମ ତହସିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରକାରୀ ସେବାକୁ ଲୋକଙ୍କ ଦୁଆର ମୂହଁରେ ପହଞ୍ଚାଇବା ଲକ୍ଷ୍ୟରେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ତହସିଲଦାର ରୋହିତ କୁମାର ବାଗ, ରାଜସ୍ୱ ନିରୀକ୍ଷକ ସୁଶାନ୍ତ କୁମାର ଦିବେଦୀ, ସରକାରୀ ରାଜସ୍ୱ ନିରୀକ୍ଷକ ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କ ରାଜସ୍ୱ ବିଭାଗର କାର୍ଯ୍ୟ ଉପରେ ଆଲୋଚନା କରିଥିଲେ କରିବା ସହ ସମାଧାନ ପାଇଁ ପଦକ୍ଷେପ ନିଆଯାଇଥିଲା। ଏହା ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ, ଜନସାଧାରଣ ଘରେ ଜମିଜମା ସଂକ୍ରାନ୍ତ ସେବା ପାଇପାରିବେ ବୋଲି ଉପଜିଲ୍ଲାପାଳ ସୂଚନା ଦେଇଛନ୍ତି।

# ମୋବାଇଲ ଓ ଇଣ୍ଟରନେଟ ସେବା ଦାବିରେ ବ୍ଲକ୍ ଘେରିଲେ ଗୁରୁମୁ ଗ୍ରାମବାସୀ

ତେଲକୋଇ, ୧୦।୬(ସମିସ)



ତେଲକୋଇ ବ୍ଲକର ଉପାନ୍ତ ତାଳପଦା ପଞ୍ଚାୟତ ଗୁରୁମୁ ଗ୍ରାମବାସୀ ମୋବାଇଲ ଓ ଇଣ୍ଟରନେଟ ସେବାରୁ ବଞ୍ଚିତ ହେଉଥିବାରୁ ତିନି ଦଫା ଦାବିରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଛନ୍ତି। ସରକାର ଡିଜିଟାଲ ଇଣ୍ଡିଆକୁ ନେଇ ଡିଣ୍ଡିମ ପିଟୁଥିବା ବେଳେ ଅଦ୍ୟାବଧି ତାଳପଦା ପଞ୍ଚାୟତ ମୋବାଇଲ ଓ ଇଣ୍ଟରନେଟ ଭଳି ଡିଜିଟାଲ ସେବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ବିଏସଏନଏଲ୍ ଟାୱାର ନିର୍ମାଣ ହୋଇଥିଲେ ସୁଦ୍ଧା ସୁଚାରୁ ଭାବେ ସେବା ଯୋଗାଇବାରେ ଅକ୍ଷମ ହୋଇ ପଡ଼ିଛି। ଫଳରେ ଗ୍ରାମବାସୀ ଓ ଛାତ୍ରଛାତ୍ରୀ ବିଭିନ୍ନ ସରକାରୀ ସେବାରୁ ବଞ୍ଚିତ ହେଉଥିବା ସହିତ ସରକାରଙ୍କ ଡିଜିଟାଲ ସେବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଏପରିକି ଆଜିର ଏହି ଡିଜିଟାଲ ଦୁନିଆରେ ପୁଅ ଓ ଝିଅଙ୍କୁ ବିବାହରେ ମଧ୍ୟ ସମସ୍ୟା ସୃଷ୍ଟି ହେଉଥିବା ଲୋକେ ଅଭିଯୋଗ ଆଣିଛନ୍ତି। ଗ୍ରାମରେ ମୋବାଇଲ ସେବା ଅପହଞ୍ଚ ରହିଥିବାରୁ ଉକ୍ତ ଗ୍ରାମରେ ଲୋକେ ଝିଅ ବାହାଘର କରିବା କିମ୍ବା ଅନ୍ୟ ଗ୍ରାମର ଲୋକ ସେଠାରୁ ବୋହୂ ନେବାକୁ ଅମଙ୍ଗ ହେଉଥିବା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ସୁବିଧା ଅସୁବିଧା ପାଇଁ କୌଣସି ଖବର ତବର କିମ୍ବା ଜରୁରିକାଳୀନ ଯୋଗାଯୋଗ ପାଇଁ ବ୍ୟବସ୍ଥା ନଥିବାରୁ ଝିଅ ଓ ପୁଅ ବିବାହରେ ସମସ୍ୟା ସୃଷ୍ଟି ହେଉଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଆଗାମୀ ୪୮ ଘଣ୍ଟା ମଧ୍ୟରେ ମୋବାଇଲ ଓ ଇଣ୍ଟରନେଟ ସେବା ଯୋଗାଇ ନଦେଲେ ଜନ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ଚେତାବନୀ ଦିଆଯାଇଛି। ପୂର୍ବରୁ ଉକ୍ତ ସମସ୍ୟାକୁ ନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ବହୁବାର ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳି ପାରି ନାହିଁ। ତେଲକୋଇ ଥାନାଧିକାରୀ ଅଞ୍ଜନ କୁମାର ପାତ୍ର ଓ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱନାଥ ମଲ୍ଲିକ ଆନ୍ଦୋଳନକାରୀଙ୍କୁ ଯେତେ ବୁଝାସୁଝା କରିଥିଲେ ମଧ୍ୟ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଭାରତ ସଞ୍ଚାର ନିଗମ କେନ୍ଦୁଝର ଜିଲ୍ଲା ଅଧିକାରୀଙ୍କ ସହିତ ଆଲୋଚନା ଓ ୨୪ ଘଣ୍ଟା ମଧ୍ୟରେ ସମସ୍ୟା ସମାଧାନ ହେବାର ପ୍ରତିଶ୍ରୁତି ମିଳିବା ପରେ ଧାରଣା ହଟିଯାଇଛି।

# ପେଟ୍ରୋଲିୟମ ସାମଗ୍ରୀର ସୁବିଧାରେ ଯୋଗାଣ ପାଇଁ ନିର୍ଦ୍ଦେଶ

କେନ୍ଦୁଝର,୧୦।୬(ସମିସ): କେନ୍ଦୁଝର ଜିଲ୍ଲାରେ ପେଟ୍ରୋଲିୟମ ସାମଗ୍ରୀର ନିରବଚ୍ଛିନ୍ନ ଯୋଗାଣ, ବଣ୍ଟନ ଏବଂ କଳାବଜାରୀ ରୋକିବା ଲକ୍ଷ୍ୟରେ ଆଜି ଜିଲ୍ଲାପାଳ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ 'ଜିଲ୍ଲା ସଙ୍କଟ ପରିଚାଳନା ଗୋଷ୍ଠୀ'ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ପେଟ୍ରୋଲ, ଡିଜେଲ ଏବଂ ରନ୍ଧନ ଗ୍ୟାସ୍ ଭଳି ଜରୁରୀ ପେଟ୍ରୋଲିୟମ ସାମଗ୍ରୀର ସାମ୍ପ୍ରତିକ ସ୍ଥିତି ଓ ଉପଲବ୍ଧତା ସମ୍ପର୍କରେ ସବିଶେଷ ସମୀକ୍ଷା କରାଯାଇଥିଲା। ବଜାରରେ ଏହି ସବୁ ସାମଗ୍ରୀର ଯେପରି କୌଣସି କୃତ୍ରିମ ଅଭାବ ସୃଷ୍ଟି ନହୁଏ ଏବଂ ଗ୍ରାହକମାନେ ଯେପରି ସହଜରେ ପେଟ୍ରୋଲିୟମ ସାମଗ୍ରୀ ପାଇପାରିବେ, ସେଥିପାଇଁ ବିଭିନ୍ନ ତୈଳ କମ୍ପାନୀର ପ୍ରତିନିଧିମାନଙ୍କୁ ନିରବଚ୍ଛିନ୍ନ ଯୋଗାଣ ବଜାୟ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ପେଟ୍ରୋଲିୟମ ସାମଗ୍ରୀର ସଠିକ୍ ଉପଲବ୍ଧତା



ନିଶ୍ଚିତ କରିବା ଏବଂ କଳାବଜାରୀ କିମ୍ବା ବେଆଇନ ମହଜୁଦ ରୋକିବା ପାଇଁ ପ୍ରଶାସନ ସର୍ବଦା ସତର୍କ ରହିଛି। ଯଦି କୌଣସି ଅଞ୍ଚଳରେ ଏହି ସାମଗ୍ରୀର ଅଭାବ ଦେଖାଦିଏ କିମ୍ବା କଳାବଜାରୀ ହେଉଥିବାର ସୂଚନା ମିଳେ, ତେବେ ତୁରନ୍ତ ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନ କିମ୍ବା ମୁଖ୍ୟ ବେସାମରିକ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଅବଗତ କରାଇବା ପାଇଁ ନିବେଦନ କରାଯାଇଛି। ବିଶେଷ ଭାବେ ହରିଚନ୍ଦନପୁର, ବାଂଶପାଳ ଏବଂ ତେଲକୋଇ ବ୍ଲକରେ ପେଟ୍ରୋଲିୟମ ସାମଗ୍ରୀର ସୁବିଧାଜନକ ବଣ୍ଟନ ଉପରେ ଅଧିକ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ, ପୁଲିସ ବିଭାଗ, ସିଭିଲ୍ ସପ୍ଲାଇ ବିଭାଗ, ଜିଲ୍ଲା ସ୍ୱାସ୍ଥ୍ୟ ଓ ଶିକ୍ଷା ବିଭାଗର ପ୍ରତିନିଧି ଏବଂ ତେଲ କମ୍ପାନୀ (ଆଇଓସିଏଲ, ବିପିସିଏଲ, ଏଚପିସିଏଲ) ର ବରିଷ୍ଠ ଅଧିକାରୀ ଅଂଶଗ୍ରହଣ କରିଥିଲେ।

# ସତସଂଗ ବିହାରରେ ରକ୍ତଦାନ ଶିବିର
## ୪୪ ୟୁନିଟ୍ ସଂଗ୍ରହ



କେନ୍ଦୁଝର, ୧୦।୬(ସମିସ): ସତସଙ୍ଗର ପରମ ପୂଜ୍ୟପାଦ ଶ୍ରୀ ଆଚାର୍ଯ୍ୟଦେବଙ୍କ ଶୁଭ ୫୯ତମ ଜନ୍ମଦିନ ପାଳନ ଅବସରରେ ଓଡ଼ିଶା ରକ୍ତଦାତା ମହାସଂଘ ଓ ସତସଙ୍ଗ ଗ୍ରୁପର ମିଳିତ ଆନୁକୂଲ୍ୟରେ ସତସଂଗ ବିହାରଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଡଃ ବେଣୁଧର ମୁଦୁଲି, ଦେବାଶିଷ ମିଶ୍ର ଓ ଓଡ଼ିଶା ରକ୍ତଦାତା ମହାସଂଘର କେନ୍ଦୁଝର ଜିଲ୍ଲା ସଂଯୋଜକ ମୀନକେତନ ସାହୁ ଏହାକୁ ଉଦଘାଟନ କରିଥିଲେ। ଓଡ଼ିଶା ବ୍ଲଡ ସେଣ୍ଟର ଡିଏଚଏଚ୍ କେନ୍ଦୁଝରର ଅକ୍ଷୟ ସାହୁ ଓ ତାଙ୍କ ଟିମ୍ ସର୍ବମୋଟ ୪୪ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ଓଡ଼ିଶା ରକ୍ତଦାତା ମହାସଂଘର ଏମ୍‌କେ ସାହୁ, ସତସଂଗ ବିହାରର ଚକ୍ରଧର ମୁଦୁଲି, ସୌମେନ୍ଦ୍ର ମୁଦୁଲି, ଦିଲୀପ କୁମାର ସାମଲ, ଭବାନୀ ନାୟକ, ଅନାମ ସାମଲ ଓ କେନ୍ଦୁଝର ଜିଲ୍ଲା ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ପଦ୍ମିନୀ ରାଉତ, ପ୍ରଜ୍ଞା ହୋତା ପରିଚାଳନା କରିଥିଲେ। ଓଡ଼ଶା ରକ୍ତଦାତା ମହାସଂଘର କେନ୍ଦୁଝର ଜିଲ୍ଲା ସଭାପତି ହିମାଂଶୁ ମହନ୍ତ ଓ ସତସଂଗ ଗ୍ରୁପର ରାଜେଶ ପଣ୍ଡାଙ୍କ ପ୍ରେରଣା ଦ୍ୱାରା ପ୍ରଥମ ଥର ପାଇଁ ବହୁତ ସଂଖ୍ୟାରେ ମହିଳା ଭକ୍ତ ରକ୍ତଦାନ କରିଥିଲେ।

# ଶାଳବଣିରେ ଗ୍ରୀଷ୍ମକାଳୀନ ଶିକ୍ଷା ମେଳା



ଆନନ୍ଦପୁର, ୧୦।୬ (ସମିସ): ଆସ୍ୱାୟର ପକ୍ଷରୁ ଆନନ୍ଦପୁର ବ୍ଲକରେ ଶାଳବଣି କ୍ଲଷ୍ଟର୍ ଦ୍ୱାରା ବଡ଼ବେଡ଼ା ଗ୍ରାମରେ ଗ୍ରୀଷ୍ମକାଳୀନ ଶିକ୍ଷା ମେଳା ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟର ସଂଯୋଜକ ଜଗନ ଜେନା ଏବଂ କ୍ଲଷ୍ଟର ଶିକ୍ଷା ସାଯୋଜିକା ସୁଶ୍ରୀ ସର୍ମିଷ୍ଠା ସାମଲଙ୍କ ସଂଯୋଜନାରେ ୩୦ରୁ ଅଧିକ ଛାତ୍ରଛାତ୍ରୀ ନିଜର ପ୍ରୋଜେକ୍ଟ ସହ ଏହି ପାଠକ ମେଳାରେ ଉପସ୍ଥିତ ଥିଲେ। ଏହି ମେଳାରେ ପ୍ରୋଜେକ୍ଟ ମାଧ୍ୟମରେ ପିଲାମାନେ ନିଜର ଦୂର ଦୃଷ୍ଟି ଆକର୍ଷଣ କରିଥିଲେ। ଛାତ୍ରଛାତ୍ରୀମାନେ ବିଭିନ୍ନ ଡ୍ରଙ୍ଗ ସିଟ୍‌ରେ ନିଜର ପ୍ରକଳ୍ପକୁ ଲିଖିତ ଆକାରରେ ପ୍ରସ୍ତୁତ କରିବା ସହ ସେହି ଅଞ୍ଚଳର ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁଲତା ନାୟକ, କମୁନିଟି ସଦସ୍ୟ, ଏସଏମସି ସଦସ୍ୟ, ପିଆରଆଇ ସଦସ୍ୟ ଏବଂ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଅସ୍ୱାୟାର ଆନନ୍ଦପୁର ବ୍ଲକର ସଂଯୋଜକ ସମୀର ମହାକୁଡ, ଆନନ୍ଦପୁର କ୍ଲଷ୍ଟରର ସଂଯୋଜକ କୃଷ୍ଣଚନ୍ଦ୍ର ଜେନାଙ୍କ ସହ ନମିତାରାଣୀ ସାହୁ, ବିରଞ୍ଚି ଖଣ୍ଡା, ସାବିତ୍ରୀ ହୋ ଏବଂ ବୁଲୁ ପାତ୍ର, ପୁରୋଷତ୍ତମ ବାନସିଂ ପରିଚାଳନା କରିଥିଲେ।

# ଯୋଡ଼ା ପୌରାଞ୍ଚଳରେ ଏସ୍‌ଆଇଆର୍ ସଚେତନତା




ଯୋଡ଼ା, ୧୦।୬(ସମିସ): ପୌର କାର୍ଯ୍ୟନିର୍ବାହୀ ଅଧିକାରିଣୀ ଶ୍ୱେତପଦ୍ମା ଧଳଙ୍କ ତତ୍ତ୍ୱାବଧାନରେ ଯୋଡ଼ା ପୌରପାଳିକା ପକ୍ଷରୁ ସ୍ୱତନ୍ତ୍ର ସଂଘନ ସଂଶୋଧନ (ଏସଆଇଆର) ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଯୋଡ଼ା ବସଷ୍ଟାଣ୍ଡର ଗହଳିପୂର୍ଣ୍ଣ ଅଞ୍ଚଳରେ ଆୟୋଜିତ ହୋଇଛି। ଭୋଟର ତାଲିକାରେ ନାମ ସଂଯୋଜନ, ସଂଶୋଧନ, ବିଲୋପ ଏବଂ ସ୍ଥାନାନ୍ତରଣ ଭଳି ପ୍ରକ୍ରିୟା ସମ୍ପର୍କରେ ସାଧାରଣ ଜନତାଙ୍କୁ ଅବଗତ କରାଇବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମରେ ପୌରପାଳିକାର ବିଭିନ୍ନ ୱାର୍ଡର ଜନପ୍ରତିନିଧି, ପୌର କର୍ମଚାରୀ, ବୁଦ୍ଧିଜୀବୀ, ସାମ୍ବାଦିକ ଏବଂ ବୁଥସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ଅଧିକାରୀମାନେ କହିଥିଲେ ଯେ ଏକ ନିର୍ଭୁଲ ଓ ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତି ପାଇଁ ଜନସାଧାରଣଙ୍କ ସହଯୋଗ ଅତ୍ୟନ୍ତ ଜରୁରୀ। ପୌରପାଳିକା ପକ୍ଷରୁ ଆଗାମୀ ଦିନରେ ମଧ୍ୟ ବିଭିନ୍ନ ୱାର୍ଡରେ ସଚେତନତା କାର୍ଯ୍ୟକ୍ରମ ଓ ଘରକୁ ଘର ବୁଲି ପ୍ରଚାର କାର୍ଯ୍ୟ ଜାରି ରହିବ ବୋଲି ସୂଚନା ମିଳିଛି।

# 'ବିପୁଳାଚ ବିପିନ' ପୁସ୍ତକ ଉନ୍ମୋଚିତ

ଆନନ୍ଦପୁର, ୧୦।୬ (ସମିସ): ଘସିପୁରାରକ୍ରିଷ୍ଟା ପ୍ୟାଲେସ ସଭାଗୃହରେ ବରିଷ୍ଠ ବିଦ୍ୱାନ ବିପିନ ବିହାରୀ ଚକ୍ରଙ୍କ ସମ୍ମାନାର୍ଥେ ଅଭିନନ୍ଦନ ଗ୍ରନ୍ଥ ''ବିପୁଳାଚ ବିପିନ' ଲୋକାର୍ପିତ ହୋଇଯାଇଛି। ଆନନ୍ଦପୁରର



ପ୍ରତିଭା ପ୍ରଣାମ ମଞ୍ଚ ପକ୍ଷରୁ ଆୟୋଜିତ ଏକ ବର୍ଣ୍ଣାଢ୍ୟ ସମାବେଶରେ ସାହିତ୍ୟିକ ଡକ୍ଟର ରାମଚନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ ଅତିଥି ଭାବେ ବରିଷ୍ଠ ରାଜନେତା ପ୍ରଫୁଲ୍ଲଚନ୍ଦ୍ର ଘଡାଇ, ପ୍ରାକ୍ତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ସମାଜସେବୀ ଡକ୍ଟର ଶମ୍ଭୁନାଥ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଭା ପ୍ରଣାମ ମଞ୍ଚର ଆବାହକ ସାହିତ୍ୟିକ ରତ୍ନାକର ଦାସ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରାବନ୍ଧିକ ହଳଧର ପଣ୍ଡା ମଞ୍ଚର ଉଦ୍ଦେଶ୍ୟ ସଂପର୍କରେ ସୂଚନା ଦେଇଥିଲେ। ମଞ୍ଚର କର୍ମକର୍ତ୍ତା କୀର୍ତ୍ତନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପଣ୍ଡିତ ଗଣେଶ୍ୱର ସାହୁ ବେଦପାଠ ଓ କୁନି ନୃତ୍ୟଶିଳ୍ପୀ ଦିବ୍ୟାଂଶୀ ଚକ୍ର ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଅନ୍ୱେଷା ସାହିତ୍ୟ ସଂସଦ ସାଇଁକୁଳ, ମା' ମଙ୍ଗଳା ମହିଳା ଭାଗବତ ଟୁଙ୍ଗିର ସଭାପତି କବି ବିଦ୍ୟୁତ୍ ପ୍ରଭା ଦେଓ ତଥା ଅନେକ ବ୍ୟକ୍ତିବିଶେଷ ଶ୍ରୀ ଚକ୍ରଙ୍କୁ ଶ୍ରଦ୍ଧା ଉପହାର ଅର୍ପଣ କରିଥିଲେ। ଏ ଉତ୍ସବରେ ମଞ୍ଚର କର୍ମକର୍ତ୍ତା ବୈଲୋଚନ ସାହୁ, ଚତୁର୍ଭୁଜ ଜେନା, କୈଳାସଚନ୍ଦ୍ର ବେହେରା, ଗୋବର୍ଦ୍ଧନ ନାୟକ ତଥା ଆନନ୍ଦପୁର ଉପଖଣ୍ଡର ବହୁ କବି, ବିଦ୍ୱାନ, ବହୁ ସାହିତ୍ୟ ସଂସଦର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଶାଳପଡ଼ାରେ ଶିଶୁ ସାହିତ୍ୟ କର୍ମଶାଳା



ଆନନ୍ଦପୁର, ୧୦।୬ (ସମିସ): ଆନନ୍ଦପୁର ମ୍ୟୁନିସିପାଲିଟି ଅନ୍ତର୍ଗତ ଶାଳପଡାଠାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ଡ଼କ୍ଟର ରାମଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଏକ ଶିଶୁ ସାହିତ୍ୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। 'ପରିବାର' ଶୀର୍ଷକ କବିତା ପାଠରେ କବି ବୈଲୋଚନ ସାହୁ, ଗୋବର୍ଦ୍ଧନ ସାହୁ, ରତ୍ନାକର ଦାସ, କୀର୍ତ୍ତନ ସାହୁ, ହଳଧର ପଣ୍ଡା, ସରୋଜ କୁମାର ସାହୁ, ପୁଷ୍ପମଞ୍ଜରୀ କର, ପଙ୍କଜିନି ସାହୁ, ଶତ୍ରୁଘ୍ନ ଆଚାର୍ଯ୍ୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ କବିତାକୁ ସମୀକ୍ଷା କରାଯାଇଥିଲା। କବି କୀର୍ତ୍ତନ ସାହୁଙ୍କୁ ଜନ୍ମଦିନ ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।

# ସାର-ବିହନ ଅଭାବରେ ଚାଷୀ ହତାଶ; ବଢୁଛି ଅସନ୍ତୋଷ

ଚମ୍ପୁଆ, ୧୦।୬(ସମିସ)




ଚାଷ ସମୟ ଆରମ୍ଭ ହୋଇଥିବା ବେଳେ ଚମ୍ପୁଆ ଅଞ୍ଚଳର ହଜାର ହଜାର ଚାଷୀ ସାର ଓ ବିହନ ଅଭାବକୁ ନେଇ ଚରମ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ଚମ୍ପୁଆ ଲ୍ୟାମ୍ପସରେ ଏପର୍ଯ୍ୟନ୍ତ ସାର ଓ ଧାନ ବିହନ ପହଞ୍ଚି ନଥିବାରୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅକ୍ଷୟ ତୃତୀୟାରୁ ଅକ୍ଷି ମୁଠି ଅନୁକୂଳ କରି ଚାଷୀମାନେ ଜମି ପ୍ରସ୍ତୁତ କରିସାରିଥିବା ବେଳେ ଏବେ ବିହନ ବୁଣିବା ସମୟ ଆସିଯାଇଛି। ହେଲେ ଲ୍ୟାମ୍ପସରେ ସାର ଓ ବିହନର ଦେଖା ନଥିବାରୁ ଚାଷୀଙ୍କ ଚିନ୍ତା ବଢ଼ି ଚାଲିଛି। ପ୍ରତିଦିନ ଦୂରଦୂରାନ୍ତରୁ ଚାଷୀମାନେ ଲ୍ୟାମ୍ପସକୁ ଦୌଡୁଥିଲେ ମଧ୍ୟ ସଠିକ ଉତ୍ତର ପାଉ ନଥିବାରୁ ସେମାନଙ୍କ ମଧ୍ୟରେ କ୍ଷୋଭ ତୀବ୍ର ହୋଇଛି।

ସୂଚନା ଅନୁସାରେ ଚମ୍ପୁଆ, କରଞ୍ଜିଆ, ଜାମୁଦଳକ ଓ ରିମୁଳି ଲ୍ୟାମ୍ପସ ଅଧୀନରେ ୧୨ ହଜାରରୁ ଅଧିକ ଚାଷୀ ରହିଛନ୍ତି। ପ୍ରତିବର୍ଷ ଏହି ସମୟରେ ଚାଷୀଙ୍କୁ ଆବଶ୍ୟକ ସାର ଓ ବିହନ ଯୋଗାଇ ଦିଆଯାଉଥିବା ବେଳେ ଚଳିତ ବର୍ଷ ବିଭାଗୀୟ ଅବହେଳା ଏବଂ ସମନ୍ୱୟ ଅଭାବ ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଥିବା ଅଭିଯୋଗ ହେଉଛି।

ବିଶେଷ କରି ସହଭାଗୀ, ଏମଟିୟୁ-୧୧୫୬, ୭୦୨୯, କଳାଚମ୍ପା, ଲଲାଟ, ସିଆର-୩୦୭ ଓ ପ୍ରତୀକ୍ଷା ପ୍ରଜାତିର ଧାନ ବିହନ ସହ ୟୁରିଆ, ଡିଏପି ଓ ପଟାସ ସାର ଉପରେ ଚାଷୀମାନେ ନିର୍ଭର କରିଥାନ୍ତି। କିନ୍ତୁ ଏପର୍ଯ୍ୟନ୍ତ ଏସବୁ ସାମଗ୍ରୀ ନ ଆସିବାରୁ ଚାଷ କାର୍ଯ୍ୟ ବିଳମ୍ବିତ ହେବାର ଆଶଙ୍କା ଦେଖାଦେଇଛି।

ଚାଷୀମାନଙ୍କ କହିବା ଅନୁଯାୟୀ, ସରକାରୀ ସ୍ତରରେ ଚାଷୀଙ୍କ ସମସ୍ୟା ସମାଧାନର କଥା କୁହାଯାଉଥିଲେ ମଧ୍ୟ ତୃଣମୂଳ ସ୍ତରରେ ତାହାର ପ୍ରତିଫଳନ ଦେଖିବାକୁ ମିଳୁନାହିଁ। ସମୟରେ ସାର ଓ ବିହନ ନ ମିଳିଲେ ଚଳିତ ବର୍ଷ ଧାନ ଉତ୍ପାଦନ ଗୁରୁତର ଭାବେ ପ୍ରଭାବିତ ହେବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ଏନେଇ ଚମ୍ପୁଆ ଲ୍ୟାମ୍ପସର ଏମଡି ରଞ୍ଜନ ନାଏକଙ୍କୁ ପଚାରିବାରୁ ସେ ସାର ଓ ବିହନ ଯୋଗାଣରେ ବିଳମ୍ବ ହୋଇଥିବା ସ୍ୱୀକାର କରିଛନ୍ତି। ତେବେ ଆସନ୍ତା ୨ରୁ ୩ ଦିନ ମଧ୍ୟରେ ସାର-ବିହନ ପହଞ୍ଚିବ ଏବଂ ଚାଷୀଙ୍କ ସମସ୍ୟାର ସମାଧାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

# ଚମ୍ପୁଆ ଶ୍ରୀଜଗନ୍ନାଥ ମନ୍ଦିରରେ ଆରମ୍ଭ ହେବ 'ଅନ୍ନପ୍ରସାଦ ସେବା'

ଚମ୍ପୁଆ, ୧୦।୬(ସମିସ): ଶ୍ରୀଜଗନ୍ନାଥଙ୍କ ପବିତ୍ର ସଂସ୍କୃତି, ପରମ୍ପରା ଓ ଭକ୍ତିଭାବକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ଦେବୋତ୍ତର ବିଭାଗ ପକ୍ଷରୁ ଏକ ପ୍ରଶଂସନୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ଆସନ୍ତା ୧୨ ଜୁନ୍ ୨୦୨୬ଠାରୁ ଚମ୍ପୁଆସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ସର୍ବସାଧାରଣ ଭକ୍ତଙ୍କ ପାଇଁ 'ଅନ୍ନପ୍ରସାଦ ସେବା' ଆନୁଷ୍ଠାନିକ ଭାବେ ଆରମ୍ଭ ହେବ। ଅନ୍ନପ୍ରସାଦର ମୂଲ୍ୟ ମାତ୍ର ୭୦ ଟଙ୍କା ଧାର୍ଯ୍ୟ କରାଯାଇଛି। ପ୍ରସାଦ ମେନୁରେ ଖେଚୁଡ଼ି, ଡାଲମା, ଖଟା ଓ ପାୟସ ଭଳି ପାରମ୍ପରିକ ଓଡ଼ିଆ ବ୍ୟଞ୍ଜନ ସାମିଲ ରହିବ, ଯାହା ମହାପ୍ରଭୁଙ୍କ ପ୍ରସାଦ ଭାବେ ଭକ୍ତଙ୍କୁ ପରିବେଷଣ କରାଯିବ। ଦେବୋତ୍ତର ବିଭାଗ ଏବଂ ମନ୍ଦିର କମିଟି ପକ୍ଷରୁ ଭକ୍ତମାନଙ୍କୁ ଅନୁରୋଧ କରାଯାଇଛି ଯେ



ଯେଉଁମାନେ ଅନ୍ନପ୍ରସାଦ ଗ୍ରହଣ କରିବାକୁ ଇଚ୍ଛୁକ ସେମାନେ ପୂର୍ବରୁ ମନ୍ଦିର କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବେ। ଏହାଦ୍ୱାରା ପ୍ରସାଦ ପ୍ରସ୍ତୁତି, ପରିବେଷଣ ଓ ବଣ୍ଟନ କାର୍ଯ୍ୟ ସୁଚାରୁ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇପାରିବ। ମହାପ୍ରଭୁଙ୍କ କୃପା ଓ ଆଶୀର୍ବାଦ ଲାଭ ପାଇଁ ଭକ୍ତମାନେ ବହୁ ସଂଖ୍ୟାରେ ଏହି ଅନ୍ନପ୍ରସାଦ ସେବାରେ ସାମିଲ ହେବେ ବୋଲି ଦେବୋତ୍ତର ବିଭାଗ ଓ ମନ୍ଦିର କମିଟି ଆଶାବାଦୀ ରହିଛି।

ସକାଳ
THE SAKALA

# ସମ୍ପାଦକୀୟ



ଲୋକମାନେ ଯାହା ଶୁଣିବାକୁ ଚାହାନ୍ତି ନାହିଁ, ତାହା ସେମାନେ ପରିପ୍ରକାଶ କରିବାର ଅଧିକାର ହିଁ ସ୍ୱାଧୀନତା
-ଜର୍ଜ ଅରୱେଲ୍

## ନଦୀର ଅପମୃତ୍ୟୁ!

ନଦୀମାତୃକାର ଦେଶ ଭାବେ ପରିଗଣିତ ହେଉଥିବା ଭାରତରେ ନଦୀସମୂହଙ୍କ ସ୍ଥିତି ଅତି ଶୋଚନୀୟ। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି)ର ରିପୋର୍ଟ ଅନୁସାରେ ଦେଶର ୨୭୧ ନଦୀର ୨୯୬ ବିଭିନ୍ନ ଜଳଖଣ୍ଡ (ଷ୍ଟ୍ରେଚ୍)ରେ ପ୍ରଦୂଷିତ ଏବଂ ମଣିଷ ଓ ଜୀବଜନ୍ତୁଙ୍କ ବ୍ୟବହାର ପାଇଁ ଉପଯୁକ୍ତ ନୁହେଁ। ଓଡ଼ିଶା ଏହି ତାଲିକାରେ ଷଷ୍ଠରେ ରହିଛି। ରାଜ୍ୟର ପ୍ରମୁଖ ନଦୀ ଯଥା, ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ବୁଢ଼ାବଳଙ୍ଗ, ନାଗାବଳୀ ଓ ଋଷିକୂଲ୍ୟା ତଥା ଏହାର ଉପ ଏବଂ ଶାଖାନଦୀଗୁଡ଼ିକ ବିଭିନ୍ନ ସ୍ଥାନରେ ପ୍ରଦୂଷିତ। ଓଡ଼ିଶାର ୭ ଟି ନଦୀ ବିଭିନ୍ନ ଖଣ୍ଡରେ ଗୁରୁତର ପ୍ରଦୂଷିତ ହୋଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ସମଗ୍ର ଦେଶର ୩୧ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ନଦ-ନଦୀମାନ ବିଭିନ୍ନ ସ୍ଥାନରେ ପ୍ରଦୂଷିତ ହୋଇ ଦୀର୍ଘକାଳ ଧରି ବିଷାକ୍ତ ପାଲଟିଥିଲେ ମଧ୍ୟ ଭାରତ ସରକାର କେବଳ ଗଙ୍ଗା ସଫେଇ ଓ ପୁନରୁଦ୍ଧାର ଉପରେ ଦୀର୍ଘକାଳ ଧରି ଲାଗିଛନ୍ତି। ଗତବର୍ଷ କେନ୍ଦ୍ର ସରକାର ଦେଶର ଆଉ କେତେକ ପ୍ରମୁଖ ନଦୀରେ ସଫେଇ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଥିଲେ ମଧ୍ୟ ଓଡ଼ିଶାରୁ ଅତି ପ୍ରଦୂଷିତ ବ୍ରାହ୍ମଣୀ ଓ ମହାନଦୀ ସେଥିରେ ସ୍ଥାନ ନ ପାଇବା ଏକ ବିଡ଼ମ୍ବନା।

ଓଡ଼ିଶାର ନଦୀଗୁଡ଼ିକର ପ୍ରଦୂଷଣ ସ୍ଥିତିର ତଥ୍ୟ ଉପସ୍ଥାପନ ଅନାବଶ୍ୟକ। କାରଣ ଏହା ଜଳ ଜଳ ଦିଶୁଛି। କଟକଠାରୁ ତଳକୁ ମହାନଦୀର ଶାଖା କାଠଯୋଡ଼ି, କୁଆଖାଇ, ଦୟା, ଭାର୍ଗବୀ ଆଦି ବର୍ଷର ଅଧିକାଂଶ ସମୟ ଶୁଖିଲା ପଡୁଥିବାରୁ ସେସବୁ ସହରାଞ୍ଚଳର ବର୍ଜ୍ୟ ନିଷ୍କାସନ ସ୍ରୋତ ପାଲଟିଛି। ସେହିଭଳି ସହର ଓ ଶିଳ୍ପାଞ୍ଚଳର ବର୍ଜ୍ୟବସ୍ତୁ ଓ ପରିତ୍ୟକ୍ତ ଜଳଯୋଗୁଁ ବ୍ରାହ୍ମଣୀ, ମହାନଦୀ ଏବଂ ସେସବୁ ଉପ ଓ ଶାଖାନଦୀ ବିଶେଷ ପ୍ରଦୂଷିତ। ମହାନଦୀ ଏବଂ ବ୍ରାହ୍ମଣୀ ଉପତ୍ୟକାରେ ଅଧିକ ସହର ଓ ଶିଳ୍ପାଞ୍ଚଳ ଥିବାରୁ ଏହା ଜଳ ପ୍ରଦୂଷଣର ଉତ୍ସ ପାଲଟିଛି। ଜାତୀୟ ପରିବେଶ ଓ ସବୁଜ ଆଇ କହୁଛି ଯେ ନଦୀକୁ ଜୀବନ୍ତ ସତ୍ତାଭାବେ ପରିଗଣିତ କରି ଏହାକୁ ସୁରକ୍ଷିତ କରିବାକୁ ହେବ। ବାସ୍ତବତା କହୁଛି ଯେ ଡ୍ୟାମ ଓ ବ୍ୟାରେଜ୍ ଆଦି ଯୋଗୁଁ ନଦୀ ସବୁ ଶୁଷ୍କ ଏବଂ ସହର, ଶିଳ୍ପାଞ୍ଚଳ ଆବର୍ଜନା ଓ ବର୍ଜ୍ୟ ଜଳଯୋଗୁଁ ପ୍ରଦୂଷିତ। ଏ କ୍ଷେତ୍ରରେ ପରସ୍ପର ବିବଦମାନ ସ୍ୱାର୍ଥ ରହୁଛି ଏବଂ ମଣିଷ ନିଜ ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ନଦୀ ପ୍ରତି ଉଦାସୀନ ରହୁଛି। ଏହା ଏକ ଗୁରୁତର ଅପରାଧ।



ଏନ୍‌ଜିଟି ଓ ସରକାର ପ୍ରଦୂଷଣର କାରଣ ସଂପର୍କରେ ଯେ ଅଜ୍ଞ, ତାହା ନୁହେଁ। ବାସ୍ତବରେ ଏ କ୍ଷେତ୍ରରେ ଓଡ଼ିଶାରେ ପ୍ରତିକାର ବ୍ୟବସ୍ଥା ଉପଯୁକ୍ତ ଭାବେ କାର୍ଯ୍ୟକାରୀ ହେଉ ନଥିବା ଅନୁଭୂତ ହେଉଛି। ସହର ଓ ଶିଳ୍ପାଞ୍ଚଳର ବର୍ଜ୍ୟବସ୍ତୁ ଓ ଅପରିଷ୍କାର ପାଣି ସିଧାସଳଖ ନଦୀରେ ମିଶୁଛି। ଆବଶ୍ୟକ ବିଶୋଧନ ପ୍ଲାଣ୍ଟ ବସା ଯାଉନାହିଁ କିମ୍ବା ଏ କ୍ଷେତ୍ରରେ ବିଳମ୍ବ ପ୍ରଦର୍ଶନ କରାଯାଉଛି। ଖଡ଼ଗପୁର ଆଇଆଇଟି ଓଡ଼ିଶାର ନଦୀଜଳ ପ୍ରଦୂଷଣ ସଂପର୍କରେ ଏକ ଅନୁଧ୍ୟାନ ରିପୋର୍ଟ ଦେବା ପରେ ସରକାର କିଛି କାମ ଆରମ୍ଭ କରିଥିଲେ। ହେଲେ ତାହା କିଛିକାଳ ପରେ ଶିଥିଳ ହୋଇଯାଇଥିଲା। ସିଏଜି ମଧ୍ୟ ଏ ସଂପର୍କରେ ତାଙ୍କ ରିପୋର୍ଟରେ ଚିନ୍ତାପ୍ରକଟ କରି ସରକାରଙ୍କୁ ତାଗିଦ କରିଥିଲେ। ରାଜ୍ୟରେ ଥିବା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କାମ ହେଲା ସରକାରଙ୍କୁ ରିପୋର୍ଟ ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପ୍ରବର୍ତ୍ତାଇବା। ଏହାଛଡ଼ା ଏହି ବୋର୍ଡ ଅଧିକ କିଛି କରିବା ସ୍ଥିତିରେ ନାହିଁ। ପ୍ରଦୂଷଣ ନିୟନ୍ତ୍ରଣ ଆଇନ ଯେତେ କଠୋର ଏହାର କାର୍ଯ୍ୟକାରିତା ସେତେ ପ୍ରଭାବଶାଳୀ ନୁହେଁ। ଏହାର କାରଣଟି ହେଲା ପ୍ରତିକାର ବ୍ୟବସ୍ଥା ସରକାରଙ୍କ ଦାୟିତ୍ୱ। ସରକାରୀ ତଥ୍ୟ ଅନୁସାରେ ରାଜ୍ୟରେ ଦୈନିକ ପ୍ରାୟ ୩୦୦ ନିୟୁତ ଟନ୍ ବର୍ଜ୍ୟ ସାମଗ୍ରୀ ଓ ଆବର୍ଜନା ବିଭିନ୍ନ ନଦୀଜଳରେ ମିଶୁଥିବାରୁ ଛ'ଟି ପ୍ରମୁଖ ସହର ନିକଟରେ ନଦୀଜଳର ଜୈବ ଅମ୍ଳଜାନ ଅନୁପାତ ବିଗିଡ଼ି ଯାଉଛି ଓ ପାଣି ବିଷାକ୍ତ ପାଲଟୁଛି।

କଟକ, ଭୁବନେଶ୍ୱର, ସମ୍ବଲପୁର, ରାଉରକେଲା ଓ ବ୍ରହ୍ମପୁର ଭଳି ବଡ଼ ସହରର ବର୍ଜ୍ୟବସ୍ତୁକୁ ବିଶୋଧନ କରି ନଦୀକୁ ଛାଡ଼ିବାକୁ ପ୍ଲାଣ୍ଟ ନିର୍ମାଣ କରିବାକୁ ଅତୀତରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ଥିର ହୋଇଥିଲା। ନଗର ଉନ୍ନୟନ ବିଭାଗ ପକ୍ଷରୁ ମଧ୍ୟ ଅନ୍ୟାନ୍ୟ ସ୍ଥାନରେ ଛୋଟ-ବଡ଼ ଜଳ ବିଶୋଧନ ପ୍ଲାଣ୍ଟ ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ବିଭିନ୍ନ କାରଣରୁ ତାହା ହୋଇପାରିନାହିଁ। ଆଶା କରିବା ସରକାର ଓ ମୁଖ୍ୟ ଶାସନ ସଚିବ ଏ କ୍ଷେତ୍ରରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ କିଛି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ଏବଂ ନଦୀ ସମୂହଙ୍କୁ ଅପମୃତ୍ୟୁରୁ ବଞ୍ଚାଇବାର ଉଦ୍ୟମ କରିବେ। ପୂର୍ବତନ ରାଜ୍ୟ ସରକାର ମହାନଦୀ ମଧ୍ୟ-ଅବବାହିକାର ଦୁଇ କୂଳରେ ବନୀକରଣ କରି ଏହାର ଜଳଉତ୍ସ ଓ ଜୈବ ବିବିଧତାକୁ ବଢ଼ାଇବାକୁ ଉଦ୍ୟମ କରୁଥିଲେ। ନୂଆ ସରକାର ଆସିବା ପରେ ତାହା ଗତାନୁଗତିକ ରୀତିରେ ସ୍ଥାଣୁ ହୋଇଯାଇଛି। ତେଣୁ ଆଜିର ପ୍ରଥମ ଆବଶ୍ୟକତା ହେଲା ନଦୀଶଯ୍ୟା ଓ ଏହାର ଜଳ ଉତ୍ସକୁ ସୁରକ୍ଷିତ ରଖିବା। କ୍ରମବର୍ଦ୍ଧିଷ୍ଣୁ ଭୁବନେଶ୍ୱର ମହାନଗରୀର ଜଳ ଆବଶ୍ୟକତା ପୂରଣ ପାଇଁ ସାତକୋଶିଆର ବଡ଼ମୂଳରୁ ପାଇପ ଯୋଗେ ପାଣି ଆଣିବାର ଉଦ୍ୟମ ହେଉଛି। କୁଆଖାଇ, ଦୟା ଆଦି ଶୁଖିଯାଇ ଅଧାମଲାନଦୀ ପାଲଟିଥିବାରୁ ଏତେଦୂରରୁ ପାଣି ଆଣିବାର ଆବଶ୍ୟକତା ଦେଖାଦେଇଛି।

ନଦୀ ଓ ଏହାର ଜଳଉତ୍ସର ସୁରକ୍ଷାର ଗୁରୁତ୍ୱ ବୁଝାଇବା ଅନାବଶ୍ୟକ। ନଦୀ ମରିଗଲେ ବା ବିଷାକ୍ତ ପାଲଟିଲେ ସଭ୍ୟତା ମରିଯାଏ ଓ ପରିବେଶର ବିନାଶ ଘଟେ, ଏ କଥା ସମସ୍ତଙ୍କୁ ଜଣା। ଏକ ପ୍ରଗତିଶୀଳ ଓ ସମୃଦ୍ଧ ରାଜ୍ୟ ଗଠନରେ ନଦୀର ଭୂମିକାକୁ ଅଗ୍ରାଧିକାର ଦିଆଯିବା ଉଚିତ। ସଭ୍ୟତା ଓ ସଂସ୍କୃତିର ଜୀବନରେଖା ନଦୀକୁ ବଞ୍ଚାଇବାକୁ ପଡ଼ିବ। ●

## ଆଇସିୟୁରେ ପରୀକ୍ଷା ବ୍ୟବସ୍ଥା

**ଶ୍ରୀବତ୍ସ ନାୟକ**

ଭାରତରେ ଶିକ୍ଷା ଏବଂ ନିଯୁକ୍ତି ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ହେବା ଘଟଣା ଏକ ଦୀର୍ଘସ୍ଥାୟୀ ବ୍ୟାଧିରେ ପରିଣତ ହେଲାଣି। ପରୀକ୍ଷାକୁ ନେଇ ସରକାର ନୀତି ନିର୍ଦ୍ଧାରଣ କରୁଛନ୍ତି, ଏସ୍‌ଓପି ଜାରି କରୁଛନ୍ତି, ବଡ଼ବଡ଼ ସରକାରୀ ବାବୁମାନେ ଦାୟିତ୍ୱ ନେଉଛନ୍ତି। ଏ ସବୁ ସତ୍ତ୍ୱେ ଜାତୀୟସ୍ତରର ବଡ଼ବଡ଼ ପ୍ରତିଯୋଗିତାମୂଳକ ପରୀକ୍ଷାଠାରୁ ଆରମ୍ଭ କରି ରାଜ୍ୟସ୍ତରୀୟ ନିଯୁକ୍ତି ପରୀକ୍ଷା ପର୍ଯ୍ୟନ୍ତ ସବୁଠି ପ୍ରଶ୍ନପତ୍ର ପ୍ରଘଟ ଘଟଣାମାନ ଦେଖିବାକୁ ମିଳୁଛି। ବାରମ୍ବାର ଘଟୁଥିବା ଏହି ଦୁର୍ନୀତି ସ୍ପଷ୍ଟ କରୁଛି ଯେ ଆମର ସମଗ୍ର ପରୀକ୍ଷା ପରିଚାଳନା ବ୍ୟବସ୍ଥା ଏବେ ଅତି ସଂକଟଜନକ ସ୍ଥିତିରେ ବା 'ଆଇସିୟୁ' ଭିତରେ ଗତି କରୁଛି, ଯାହାକୁ ତୁରନ୍ତ ଜରୁରୀକାଳୀନ ଚିକିତ୍ସାର ଆବଶ୍ୟକତା ରହିଛି।

ଭାରତ ଭଳି ଏକ ବିଶାଳ ଗଣତାନ୍ତ୍ରିକ ଦେଶରେ ଶିକ୍ଷାକୁ ସଫଳତାର ସବୁଠାରୁ ବଡ଼ ମାଧ୍ୟମ ବୋଲି ବିଚାର କରାଯାଏ। ବିଶେଷକରି ମେଡିକାଲ୍ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ହେଉଥିବା 'ନିଟ୍' ପରୀକ୍ଷା କେବଳ ଏକ ପ୍ରତିଯୋଗିତା ନୁହେଁ, ବରଂ ଏହା ଦେଶର ଲକ୍ଷ ଲକ୍ଷ ଗରିବ, ମଧ୍ୟବିତ୍ତ ଓ ମେଧାବୀ ଛାତ୍ରଛାତ୍ରୀଙ୍କ ଡାକ୍ତର ହେବାର ସ୍ୱପ୍ନ ସହ ଜଡ଼ିତ। କିନ୍ତୁ ନିକଟ ଅତୀତରେ 'ନିଟ୍' ପରୀକ୍ଷାରେ ଘଟିଥିବା ବ୍ୟାପକ ପ୍ରଶ୍ନପତ୍ର ଲିକ୍, ଦୁର୍ନୀତି ଓ ଦ୍ୱାଦଶ ବାର୍ଷିକ ପରୀକ୍ଷା ମୂଲ୍ୟାୟନରେ ଅନିୟମିତତା ଜାତୀୟସ୍ତରରେ ଆମ ଶିକ୍ଷା ଓ ପରୀକ୍ଷା ପରିଚାଳନା ବ୍ୟବସ୍ଥାର ଅସଲ ଚେହେରାକୁ ପଦାରେ ପକାଇ ଦେଇଛି। ଏହି ଘଟଣା ସ୍ପଷ୍ଟ କରୁଛି ଯେ ଆମର ପରୀକ୍ଷା ପରିଚାଳନା କରୁଥିବା ଶୀର୍ଷ ସଂସ୍ଥା ଏବଂ ସମଗ୍ର ବ୍ୟବସ୍ଥା ଏବେ ଏକ ସାଂଘାତିକ ବିଫଳତା ଦେଇ ଗତି କରୁଛି।

ପ୍ରଶ୍ନପତ୍ର ପ୍ରଘଟ ହେବା ପଛରେ କେବଳ କିଛି ଅସାଧୁ ବ୍ୟକ୍ତି ନାହାନ୍ତି, ବରଂ ଏକ ସୁସଂଗଠିତ 'ଲିକ୍ ମାଫିଆ' ବା ସିଣ୍ଡିକେଟ୍ କାମ କରୁଛି। ପ୍ରଶ୍ନପତ୍ର ପ୍ରସ୍ତୁତିଠାରୁ ଆରମ୍ଭ କରି ପ୍ରିଣ୍ଟିଂ ପ୍ରେସ୍, ପରିବହନ ଓ ପରୀକ୍ଷା କେନ୍ଦ୍ର ପର୍ଯ୍ୟନ୍ତ ଏହି ଅଦୃଶ୍ୟ ଚେନ୍‌ର ଚେର ବହୁତ ଗଭୀରକୁ ଯାଇଛି। ଡିଜିଟାଲ୍ ଯୁଗରେ ଟେକ୍ନୋଲୋଜିର ବ୍ୟବହାର ସୁରକ୍ଷା ବଢ଼ାଇବା ପରିବର୍ତ୍ତେ ମାଫିଆମାନଙ୍କ ପାଇଁ କିଛି ମିନିଟ୍‌ର ପ୍ରଶ୍ନପତ୍ର ଭାଇରାଲ୍ କରିବାର ସହଜ ମାଧ୍ୟମ ସାଜିଛି। ସରକାରୀ ଅଧିକାରୀ ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପ୍ରୋତ୍ସାହନ ବିନା ଏହା ସମ୍ଭବ ନୁହେଁ। ଯେଉଁଠି ମେଧା ଓ ଯୋଗ୍ୟତା ଆଧାରରେ ଭବିଷ୍ୟତ ନିର୍ଦ୍ଧାରଣ ହେବା କଥା, ସେଠାରେ କୋଟି କୋଟି ଟଙ୍କାର ବିନିମୟରେ ପ୍ରଶ୍ନପତ୍ର ବିକ୍ରି ହେଉଛି। ଏହା ଶିକ୍ଷା ବ୍ୟବସ୍ଥାରେ ଏକ ପ୍ରକାର 'ମେଧାର ଗଣହତ୍ୟା' ସଦୃଶ।

ନିଟ୍, ୟୁଜିସି-ନେଟ୍ ଭଳି ସମ୍ବେଦନଶୀଳ ପରୀକ୍ଷା ପରିଚାଳନାର ଦାୟିତ୍ୱ ପାଇଥିବା 'ଜାତୀୟ ପରୀକ୍ଷା ସଂସ୍ଥା' ନିଜର ବିଶ୍ୱସନୀୟତା ସମ୍ପୂର୍ଣ୍ଣ ରୂପେ ହରାଇ ବସିଛି। ଏକ ଜାତୀୟ ସଂସ୍ଥାର ପରିଚାଳନା ଓ ପ୍ରସ୍ତୁତିରେ ଏତେ ବଡ଼ ଗଳାବାଟ କେମିତି ରହିଲା? ଯଦି ଏକ ସରକାରୀ ସଂସ୍ଥା ଦେଶର ସବୁଠାରୁ ବଡ଼ ମେଡିକାଲ ପରୀକ୍ଷାକୁ ସ୍ୱଚ୍ଛତାର ସହ ଶେଷ କରିପାରୁ ନାହିଁ, ତେବେ ତା'ର ସ୍ଥିତି ଓ ଆବଶ୍ୟକତା ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ପ୍ରଶ୍ନପତ୍ର ଲିକ୍ ହେବା କାରଣରୁ ପରୀକ୍ଷା ବାତିଲ ହେବା କିମ୍ବା ମାମଲା କୋର୍ଟକୁ ଯିବା ଦ୍ୱାରା ପ୍ରକ୍ରିୟା ବହୁ ବର୍ଷ ବିଳମ୍ବ ହୋଇଥାଏ। ଏହି ସମୟ ଶିକ୍ଷାର୍ଥୀଙ୍କ ପାଇଁ ଅତ୍ୟନ୍ତ ଯନ୍ତ୍ରଣାଦାୟକ। ସମ୍ପ୍ରତି ତଥ୍ୟ ଅନୁଯାୟୀ, ଭାରତରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ମାମଲା ବୃଦ୍ଧି ପାଉଛି। ବିଶେଷକରି ଉତ୍ତରପ୍ରଦେଶ, ରାଜସ୍ଥାନ (କୋଟା) ଭଳି ସ୍ଥାନରେ ପ୍ରତିଦିନ ପରୀକ୍ଷା ଜନିତ ଚାପ ଏବଂ ବ୍ୟବସ୍ଥାର ପ୍ରତାରଣା ସହି ନପାରି ଯୁବପିଢ଼ି ନିଜର ଜୀବନ ହାରୁଛନ୍ତି। ଯେତେବେଳେ ଜଣେ ମଧ୍ୟବିତ୍ତ କିମ୍ବା ଗରିବ ପରିବାରର ମେଧାବୀ ଛାତ୍ର ଦେଖେ ଯେ ତା'ର ବର୍ଷବର୍ଷର ପରିଶ୍ରମ ଅପେକ୍ଷା କାହାର ମୋଟା ଅଙ୍କର ଟଙ୍କା ପରୀକ୍ଷାରେ ଅଧିକ ଯୋଗ୍ୟତା ସାବ୍ୟସ୍ତ କରୁଛି, ସେତେବେଳେ ସେ ଗଭୀର ମାନସିକ ଅବସାଦ ଭିତରକୁ ଚାଲିଯାଏ। ବେକାରୀର ଭୟ ଏବଂ ପରିବାରର ଆଶା ପୂରଣ ନ କରିପାରିବାର ଗ୍ଲାନି ସେମାନଙ୍କୁ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେବାକୁ ବାଧ୍ୟ କରେ। ବାରମ୍ବାର ପ୍ରଶ୍ନପତ୍ର ପ୍ରଘଟ ଘଟଣା ଶିକ୍ଷା ବ୍ୟବସ୍ଥା ଉପରୁ ସମାଜର ଭରସା ସମ୍ପୂର୍ଣ୍ଣ ରୂପେ ତୁଟାଇ ଦେଇଛି। ଲୋକଙ୍କ ମନରେ ଏକ ଧାରଣା ସୃଷ୍ଟି ହେଲାଣି ଯେ, ଆମ ଦେଶରେ ଚାକିରି କିମ୍ବା ଉଚ୍ଚଶିକ୍ଷାରେ ସିଟ୍ କେବଳ ଯୋଗ୍ୟତା ଦ୍ୱାରା ନୁହେଁ, ବରଂ କଳାବଜାରୀ ଦ୍ୱାରା ମଧ୍ୟ କିଣାଯାଇପାରିବ। ଯଦି ଜଣେ ଅଯୋଗ୍ୟ ଛାତ୍ର ଟଙ୍କା ବଳରେ ପ୍ରଶ୍ନପତ୍ର କିଣି 'ନିଟ୍' ପାସ୍ କରେ ଏବଂ ଆଗାମୀ ଦିନରେ ଡାକ୍ତର ହୁଏ ତେବେ ସେ ଦେଶର ନାଗରିକଙ୍କୁ କିଭଳି ସ୍ୱାସ୍ଥ୍ୟସେବା ଯୋଗାଇବ? ଏହା ସୁଦୂରପ୍ରସାରୀ ଭାବେ ସମଗ୍ର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଧ୍ୱଂସ କରିଦେବ।

ଭାରତରେ ଯେକୌଣସି ପରୀକ୍ଷାରେ ଦୁର୍ନୀତିର ଏକପ୍ରକାର ନିର୍ଦ୍ଦିଷ୍ଟ ଚିତ୍ର ଦେଖିବାକୁ ମିଳେ। ପ୍ରଥମେ ପରୀକ୍ଷା ହୁଏ, ତା'ପରେ ଲିକ୍ ଖବର ଆସେ, ସରକାର ପ୍ରଥମେ ଏହାକୁ ଅସ୍ୱୀକାର କରନ୍ତି, ଛାତ୍ରମାନେ ଆନ୍ଦୋଳନ କରନ୍ତି, ମାମଲା କୋର୍ଟକୁ ଯାଏ, କୋର୍ଟ କମିଟି ଗଠନ କରନ୍ତି ଏବଂ ପୁଣି ଥରେ ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦିଅନ୍ତି। ଗୋଟିଏ ପରୀକ୍ଷା ପ୍ରକ୍ରିୟା ଶେଷ ହେବାକୁ ୩ ରୁ ୪ ବର୍ଷ ଲାଗିଯାଏ। ଏହି ସମୟ ମଧ୍ୟରେ ଶିକ୍ଷାର୍ଥୀର ବୟସ ଗଡ଼ିଚାଲେ, ପରିବାରର ଆର୍ଥିକ ସ୍ଥିତି ବିଗିଡ଼ିଯାଏ ଏବଂ ଶେଷରେ ସରକାର ଓ ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକ ନିଜର ମର୍ଯ୍ୟାଦା, ସ୍ୱଚ୍ଛତା ଓ ଗରିମା ହରାଇ ବସନ୍ତି।

କେବଳ ସାମାନ୍ୟ ଆଇନ ବଦଳାଇଲେ କିମ୍ବା ଉପରଠାଉରିଆ ତଦନ୍ତ କଲେ ଏହି ସମସ୍ୟାର ସମାଧାନ ହେବନାହିଁ। ଏଥିପାଇଁ ପରୀକ୍ଷା ପ୍ରଣାଳୀର ଆମୂଳଚୂଳ ସଂସ୍କାର ଜରୁରୀ। ପ୍ରଶ୍ନପତ୍ରର ସୁରକ୍ଷା ପାଇଁ 'ବ୍ଲକଚେନ୍ ଟେକ୍ନୋଲୋଜି' ଏବଂ ଉଚ୍ଚ ସ୍ତରୀୟ ଡିଜିଟାଲ୍ ଏନକ୍ରିପ୍ସନର ବ୍ୟବହାର କରାଯାଉ। ପରୀକ୍ଷା ଆରମ୍ଭ ହେବାର ମାତ୍ର କିଛିମିନିଟ୍ ପୂର୍ବରୁ କେନ୍ଦ୍ରଗୁଡ଼ିକରେ ପ୍ରଶ୍ନପତ୍ର ଡିଜିଟାଲ୍ ଲକ୍ ଜରିଆରେ ଖୋଲିବା ଉଚିତ୍, ଯାହାଦ୍ୱାରା ଶାରୀରିକ ପରିବହନ ସମୟରେ ପ୍ରଶ୍ନପତ୍ର ପ୍ରଘଟ ହେବାର ଆଶଙ୍କା ଶୂନ୍ୟ ହୋଇଯିବ। ପ୍ରଶ୍ନପତ୍ର ପ୍ରଘଟକୁ 'ରାଷ୍ଟ୍ରଦ୍ରୋହ' କିମ୍ବା 'ଜାତୀୟ ସୁରକ୍ଷା ବିପଦ' ଭଳି ଗମ୍ଭୀର ଅପରାଧ ଶ୍ରେଣୀଭୁକ୍ତ କରାଯାଉ। ଦୋଷୀଙ୍କ ପାଇଁ ଆଜୀବନ କାରାଦଣ୍ଡ ଏବଂ ସେମାନଙ୍କ ସମସ୍ତ ସମ୍ପତ୍ତି ବାଜ୍ୟାପ୍ତ କରିବାର ନିୟମ କରାଯାଉ। ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥାରେ ଶୀର୍ଷ ପଦବୀଗୁଡ଼ିକରେ କେବଳ ପ୍ରଶାସନିକ ଅଧିକାରୀଙ୍କୁ ନୁହେଁ, ବରଂ ଆଇଟି ବିଶେଷଜ୍ଞ, ଶିକ୍ଷାବିତ୍ ଓ ପ୍ରଯୁକ୍ତିବିଦ୍ୟା ସମ୍ପନ୍ନ ବ୍ୟକ୍ତିମାନଙ୍କୁ ସ୍ଥାନ ଦିଆଯାଉ।

ନିଟ୍ ପ୍ରଶ୍ନପତ୍ର ପ୍ରଘଟ ଘଟଣା କେବଳ ଏକ ବିଭାଗୀୟ ତ୍ରୁଟି ନୁହେଁ, ଏହା ଭାରତୀୟ ସମାଜର ନୈତିକ ପତନ ଏବଂ ପ୍ରଶାସନିକ ଅପାରଗତାର ଏକ ଜ୍ୱଳନ୍ତ ଉଦାହରଣ। ଯେଉଁ ଦେଶରେ ଯୁବପିଢ଼ିଙ୍କ ସ୍ୱପ୍ନ ଓ ମେଧାକୁ ବଜାରରେ ନିଲାମ କରାଯାଏ, ସେ ଦେଶ କେବେ ହେଲେ ବିଶ୍ୱଗୁରୁ କିମ୍ବା ବିକଶିତ ହୋଇପାରିବ ନାହିଁ। ●

(ଅଧ୍ୟାପକ, ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ)
କଟକ, ମୋ: ମୋ: ୯୪୩୮୦୭୦୮୪୯

## ମହୁମାଛି ଅଳିନ୍ଦ

**ଡ. ବିଜୟକେତନ ପଟ୍ଟନାୟକ**

ମହୁମାଛି ଅଳିନ୍ଦ(କରିଡର) ଏକପ୍ରକାରର ନୂତନ ଶବ୍ଦ ସଂଯୋଜନା। ଆମେ ପୂର୍ବରୁ ହାତୀ ଚଳାପଥ(କରିଡର) ଏବଂ ବନ୍ୟପ୍ରାଣୀ କରିଡର ବିଷୟରେ ଶୁଣିଥିଲୁ। ଏହା ଥିଲା ଦୁଇଟି ଜଙ୍ଗଲ ପରିସଂସ୍ଥାକୁ ସଂଯୋଗ କରୁଥିବା ସଂକୀର୍ଣ୍ଣ ଜଙ୍ଗଲିଆ ରାସ୍ତା। ଏବେ କୁହାଯାଉଛି ଜାତୀୟ ରାଜପଥ କଡ଼ରେ ଯେଉଁ ପଥପାର୍ଶ୍ୱ ବନୀକରଣ କରାଯିବ ସେଥିରେ ମହୁମାଛି ଅଳିନ୍ଦ(କରିଡର) ପାଇଁ ଧ୍ୟାନ ଦିଆଯିବ। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଢେଙ୍କାନାଳ, ଅନୁଗୋଳ ଓ ସମ୍ବଲପୁର ଜିଲ୍ଲାରେ ପଥପାର୍ଶ୍ୱ ବନୀକରଣ ମାଧ୍ୟମରେ ପ୍ରଥମ ଥର ନିମନ୍ତେ ମହୁମାଛି ଅଳିନ୍ଦ ପ୍ରତିଷ୍ଠା କରିବାକୁ ଘୋଷଣା କରିଛନ୍ତି। ଜାତୀୟ ରାଜପଥ ୧୬ ରେ ପୁଇଁତୋଳା ଠାରୁ ଇଚ୍ଛାପୁର, ରାଜପଥ ୫୩ରେ ତାଳଚେରରୁ କାମାକ୍ଷାନଗର ଏବଂ କାମାକ୍ଷାନଗରରୁ ଯାଜପୁରରୁ ଡୁବୁରି ଏବଂ ଜାତୀୟ ରାଜପଥ ୫୫ରେ ଅନୁଗୋଳଠାରୁ ସମ୍ବଲପୁର ସେକ୍ସନ ପର୍ଯ୍ୟନ୍ତ ଏହି ପ୍ରୟାସ ଚଳିତ ଜୁନ୍ ମାସରେ ବା ବର୍ଷା ଆରମ୍ଭ ହେଲା ପରେ ଆରମ୍ଭ କରାଯିବ।

ପୃଥିବୀ ତଥା ପୃଥିବୀ ବାସୀଙ୍କୁ ସୁସ୍ଥ ରଖିବା ସହିତ ପରାଗ ସଂଗମରେ ମହୁମାଛିମାନଙ୍କର ଅବଦାନ ଅତୁଳନୀୟ। ପ୍ରାୟ ୨୦, ୦୦୦ ପ୍ରଜାତିର ଏହି ମାଛି ଜାତୀୟ ପତଙ୍ଗ ମଧ୍ୟରୁ ମହୁମାଛି ପ୍ରଜାତି କିୟଦଂଶ ହୋଇଥିଲେ ମଧ୍ୟ ସେମାନେ ମନୁଷ୍ୟ ଜାତି ସହିତ ବେଶ୍ ପରିଚିତ। କାରଣ ସେମାନେ ବିଭିନ୍ନ ଜାତିର ଫୁଲରୁ ମହୁ ସଂଗ୍ରହ କରି ମହୁଫେଣାରେ ସାଇତି ରଖନ୍ତି। କୃଷି ଓ ଉଦ୍ୟାନ କୃଷିରେ ଉତ୍ପାଦନ ବୃଦ୍ଧି ନିମନ୍ତେ ଏମାନଙ୍କର ଯୋଗଦାନ ଯଥେଷ୍ଟ ଅଧିକ। ମହୁମାଛିଙ୍କର ଅନ୍ୟ ଏକ ବିଶେଷତ୍ୱ ହେଲା, ଏମାନେ ବଡ଼ ବଡ଼ ଗଛ ଡାଳରେ, କୋଠାଘର ଛାତରେ, ପରିତ୍ୟକ୍ତ ଘରର କଡ଼ି ଆଦିରେ ମହୁଫେଣା ତିଆରି କରନ୍ତି। ଯେଉଁଥିରେ ଛଅବାହୁ ବିଶିଷ୍ଟ ସ୍ତରସ୍ତର କରି ଅନେକ କୋଠରି ଥାଏ। ଏଗୁଡ଼ିକୁ ପୁରୁଷ ମହୁମାଛି କର୍ମୀମାନେ ବ୍ୟବହାର କରନ୍ତି। ବହୁତଳ ପ୍ରାସାଦ ନିର୍ମାଣ ସଂସ୍କୃତି ହୁଏତ ୫୦ ରୁ ୧୦୦ ବର୍ଷ ତଳୁ ଆରମ୍ଭ ହୋଇଥାଇପାରେ। କିନ୍ତୁ ମହୁଫେଣାକୁ ଦେଖିଲେ ଆଶ୍ଚର୍ଯ୍ୟ ଲଗେ କିପରି ଯୁଗ ଯୁଗରୁ ମହୁମାଛିମାନେ ବିଭିନ୍ନ ସ୍ତରରେ ବହୁତଳ କୋଠରି ନିର୍ମାଣ କରି ତାହା ଭିତରେ ବସତି ସ୍ଥାପନ କରି ରହୁଛନ୍ତି।

ମନୁଷ୍ୟ ଖାଉଥିବା ଖାଦ୍ୟଦ୍ରବ୍ୟର ପାଖାପାଖି ଏକ-ତୃତୀୟାଂଶ କୀଟପତଙ୍ଗଙ୍କ ଦ୍ୱାରା ଘଟିଥିବା ପରାଗସଂଗମ ଉପରେ ନିର୍ଭର କରେ। ତନ୍ମଧ୍ୟରୁ ପ୍ରମୁଖ ପରାଗସଂଗମକାରୀ ପତଙ୍ଗ ହେଉଛନ୍ତି ମହୁମାଛି। ସେମାନେ ୧୩୦ ପ୍ରକାରର ଫଳ, ମଞ୍ଜି ଓ ପନିପରିବା ଉତ୍ପାଦନ ନିମନ୍ତେ ଦାୟୀ। ସୂର୍ଯ୍ୟମୁଖୀ, ସୋରିଷ ଆଦି ତୈଳବୀଜ ଏବଂ ନଡ଼ିଆ, କମଳା ଲେମ୍ବୁ ଗଛର ଫଳର ଗୁଣବତ୍ତା ବୃଦ୍ଧି ନିମନ୍ତେ ସେମାନଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ। ଯୁକ୍ତରାଷ୍ଟ୍ର ଆମେରିକା କୃଷି ବିଭାଗ ଦ୍ୱାରା ପ୍ରସ୍ତୁତ ଏକ ରିପୋର୍ଟ ମୁତାବକ ପୃଥିବୀର ତିନି-ଚତୁର୍ଥାଂଶ ସପୁଷ୍ପକ ଉଦ୍ଭିଦ ଓ ୩୫ ପ୍ରତିଶତ ଶସ୍ୟଜାତୀୟ ଫସଲରେ ପରାଗସଂଗମ ପ୍ରାୟତଃ ମହୁମାଛିମାନଙ୍କ ଦ୍ୱାରା ସଂଘଟିତ ହୋଇଥାଏ। ଏହି ପ୍ରକ୍ରିୟା ବିଶ୍ୱର ଖାଦ୍ୟ ଉତ୍ପାଦନର ୯ ପ୍ରତିଶତ ବୃଦ୍ଧି ଘଟିଥାଏ।

ଖଦୀ ଓ ଗ୍ରାମୋଦ୍ୟୋଗ ବିଭାଗ ଦ୍ୱାରା ପ୍ରଥମେ ଆରମ୍ଭ କରାଯାଇଥିବା ମହୁ ଚାଷ ଏବେ ଅନେକ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଘରେ ଘରେ କରୁଛନ୍ତି। ଏହି କାମ ପାଇଁ ପଶ୍ଚିମା ମହୁମାଛି ଓ ଭାରତୀୟ ମହୁମାଛି ବେଶ୍ ଉପଯୋଗୀ। ଏମାନେ ଅଧିକ ମହୁ ସଂଗ୍ରହ କରିଥା'ନ୍ତି ଏବଂ ପରାଗସଂଗମରେ ମଧ୍ୟ ସହାୟକ ହୁଅନ୍ତି। କୃଷି ଉତ୍ପାଦନରେ ବୃଦ୍ଧି ଘଟାଇ ଗ୍ରାମୀଣ ଜୀବିକାର ସହାୟକ ହୁଅନ୍ତି। ଏମାନେ ସୋରିଷ, ସୂର୍ଯ୍ୟମୁଖୀ, ତୈଳଜୀବ ଓ ଅନ୍ୟାନ୍ୟ ଫସଲ ଉତ୍ପାଦନ ବୃଦ୍ଧିର କାରକ। ଅନ୍ୟ ପ୍ରଜାତିର ମହୁମାଛିଗୁଡ଼ିକ ହେଉଛନ୍ତି ବୃହତ୍ତ ମହୁମାଛି, ଲାଲ ବାମନ ମହୁମାଛି ଓ କ୍ଷୁଦ୍ରଭାରତୀୟ ବିଷାକ୍ତ କଣ୍ଟକହୀନ ମହୁମାଛି। ଏହି ପ୍ରଜାତିର ମହୁମାଛିଗୁଡ଼ିକ ଜଙ୍ଗଲ ପରିସଂସ୍ଥା ସଂରକ୍ଷଣ, ଜଙ୍ଗଲୀ ମହୁ ଉତ୍ପାଦନ ଓ ଜଙ୍ଗଲୀ ଫୁଲଗଛର ପୁନରୁଦ୍ଧାରରେ ସହାୟକ ହୋଇଥା'ନ୍ତି। କ୍ଷୁଦ୍ର ଭାରତୀୟ କଣ୍ଟକବିହୀନ ମହୁମାଛି ଆଦୌ ଆକ୍ରାମକ ନୁହନ୍ତି। କିନ୍ତୁ ପରାଗସଂଗମର ଦକ୍ଷତା ଏମାନଙ୍କର ଯଥେଷ୍ଟ ଅଧିକ। ଏମାନେ ବିଶେଷ ଭାବେ ଔଷଧୀୟ ବ୍ୟବହାର ପାଇଁ ଆବଶ୍ୟକ ହେଉଥିବା ମହୁ ସଂଗ୍ରହ କରିଥା'ନ୍ତି।

କୃଷି ଓ ଉଦ୍ୟାନ କୃଷିରେ ପ୍ରମୁଖ ସହାୟତା କରୁଥିବା ମହୁମାଛିଙ୍କର ସଂଖ୍ୟା ସାରା ବିଶ୍ୱରେ ଆମ ଭାରତରେ ବିଶେଷକରି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ହ୍ରାସ ପାଇବାରେ ଲାଗିଛି। ଏହାର କାରଣ ହେଲା କୃଷି କ୍ଷେତ୍ରରେ ରାସାୟନିକ ସାର ଓ ବିଷାକ୍ତ କୀଟନାଶକ ଔଷଧର ପ୍ରୟୋଗ, ଏକକ ଫସଲ ଚାଷ, ଜଳବାୟୁ ପରିବର୍ତ୍ତନ, ଜଙ୍ଗଲ ପରିସଂସ୍ଥାର ଅବକ୍ଷୟ, ଏକକ ବୃକ୍ଷରୋପଣ, ଜନସଂଖ୍ୟା ବୃଦ୍ଧି ହେତୁ ଜଙ୍ଗଲ ନଷ୍ଟ ଓ ପରିଶେଷରେ ବାୟୁ ପ୍ରଦୂଷଣ କାରଣରୁ ଫୁଲର ସୁଗନ୍ଧି ହ୍ରାସ ପାଉଛି ଏବଂ ମହୁମାଛିଙ୍କର ଘ୍ରାଣଶକ୍ତି ପ୍ରଭାବିତ ହେଉଛି। ସେମାନେ ଆକୃଷ୍ଟ ହୋଇ ଫୁଲ ନିକଟରେ ସହଜରେ ପହଞ୍ଚି ପାରୁନାହାନ୍ତି। ବିଭିନ୍ନ ସ୍ଥାନରେ ଠିଆ ହୋଇଥିବା ମୋବାଇଲ ଟାୱାରର ବିଦ୍ୟୁତ୍ ଚୁମ୍ବକୀୟ ବିକିରଣ ମଧ୍ୟ ସେମାନଙ୍କୁ ପଥଭ୍ରଷ୍ଟ କରୁଛି। ତେଣୁ ପରାଗ ସଂଗମରେ ସଫଳତା ପାଇଁ ମହୁମାଛିଙ୍କୁ ସୁହାଇଲା ଭଳି ପରିସଂସ୍ଥାର ପୁନରୁଦ୍ଧାର ଆବଶ୍ୟକତା ରହିଛି।

ଏହି କାରଣରୁ ଚଳିତ ବର୍ଷ ବର୍ଷାଦିନେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓଡ଼ିଶାର ତିନୋଟି ଜିଲ୍ଲାରେ ରାଜପଥ କଡ଼ରେ ଆରମ୍ଭ କରିବାକୁ ଯାଉଛନ୍ତି ମହୁମାଛି ଅଳିନ୍ଦ। ବର୍ଷର ଭିନ୍ନ ଭିନ୍ନ ସମୟରେ ଫୁଲ ଫୁଟୁଥିବା ଗଛକୁ ନେଇ ପଥପାର୍ଶ୍ୱ ବନୀକରଣ ବେଳେ କିଛି ସ୍ଥାନରେ ମହୁମାଛିଙ୍କୁ ସୁହାଉଥିବା ଗଛ ଯଥା ନିମ୍ବ, କରଞ୍ଜ, ଅର୍ଜୁନ, କଦମ୍ବ, ଜାମୁ, କୟଁ, କାଞ୍ଚନ, ଶିରୀଷ ଓ ପଳାଶ ଆଦି ପ୍ରାୟ ୨୦, ୦୦୦ ସପୁଷ୍ପକ ଉଦ୍ଭିଦ ଏ ବର୍ଷ ଲଗାଯିବ। ତା'ଛଡ଼ା ରାସ୍ତାର ମିଡିଆନ୍‌ରେ ବୁଦାଜାତୀୟ ଫୁଲଗଛ ଲଗାଯିବ। ମୋଟାମୋଟି ଭାବରେ ପଥପାର୍ଶ୍ୱ ବନୀକରଣ, କେବଳ ଆଳଙ୍କରିକ ବୃକ୍ଷରୋପଣରେ ସୀମିତ ନ ରହି ପାରିବେଶିକ ସୌନ୍ଦର୍ଯ୍ୟ ତଥା ଲ୍ୟାଣ୍ଡସ୍କେପ ଉପରେ ଅଧିକ ଧ୍ୟାନ ଦିଆଯିବ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଜୈବ ବିବିଧତାରେ ଉନ୍ନତି, ମହୁମାଛି ବଂଶ ସଂରକ୍ଷଣରେ ସହାୟତା, ରାଜପଥର ନାନ୍ଦନିକ ସୌନ୍ଦର୍ଯ୍ୟ ବୃଦ୍ଧି ସହ ରାସ୍ତାରେ ପରିବହନ ଜନିତ ପ୍ରଦୂଷଣ ହ୍ରାସ ଏବଂ ରାସ୍ତାକଡ଼ର ପରିବେଶ ସନ୍ତୁଳନ। ଆଶା କରିବା ଜାତୀୟ ରାଜପଥ ଉଭୟ ପାର୍ଶ୍ୱରେ ମହୁମାଛି ଅଳିନ୍ଦ ନିଶ୍ଚିତ ଭାବେ ପ୍ରକୃତିର ସୁରକ୍ଷାରେ ସହାୟକ ହୋଇପାରିବ। ●

(ଓଡ଼ିଶାର ପୂର୍ବତନ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ)
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

## ବୈଜ୍ଞାନିକ ସାହିତ୍ୟର ବିସ୍ମୟ: ଗୋକୁଳାନନ୍ଦ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

**ସାହିତ୍ୟ ସରିତ୍**

ଆଜି ଯିଏ ଓଡ଼ିଆ ବୈଜ୍ଞାନିକ ସାହିତ୍ୟର ଜନକ ଭାବରେ ଅସାମାନ୍ୟ ଲୋକାଦୃତି ଲାଭ କରିଛନ୍ତି ସେଇ ଲେଖକ ଗୋକୁଳାନନ୍ଦ ମହାପାତ୍ରଙ୍କ ରଚିତ ପୁସ୍ତକ ପ୍ରକାଶ କରିବାକୁ ପ୍ରଥମରୁ ସାହସ କରିପାରି ନ ଥିଲେ ବହୁ ପ୍ରକାଶକ। ରେଭେନ୍ସା କଲେଜରେ ଅଧ୍ୟାପକ ଭାବରେ ସେ ନିଯୁକ୍ତି ପାଇବା ପରେ ଜାଗ୍ରତ ସ୍ୱପ୍ନ ତାଙ୍କର ପରିଣତ ହୋଇଗଲା ନବାଲୋକ ବିକିରଣ-କ୍ଷମ ଏକ ପ୍ରଦୀପରେ। ୧୯୪୮ ମସିହାରେ ଆଠଟି ରଚନା ତାଙ୍କର ସଂକଳିତ ହୋଇ 'ବିଜ୍ଞାନ ବିସ୍ମୟ' ନାମରେ ଭାରତ ବିହାର ସଂସ୍ଥା ଦ୍ୱାରା ପ୍ରକାଶିତ ହୋଇଥିଲା। ତାହା ହିଁ ଲେଖକଙ୍କ ପ୍ରଥମ ପୁସ୍ତକ। ପୃଥିବୀରେ ବିଜ୍ଞାନର ଜୟଯାତ୍ରା ଯେପରି ତୀବ୍ରତର ହେଉଥିଲା, ଗୋକୁଳାନନ୍ଦଙ୍କ ବିଜ୍ଞାନ-କୈନ୍ଦ୍ରିକ ସାହିତ୍ୟର ସର୍ଜନା ତା'ଠାରୁ ଅଧିକ ବୈଚିତ୍ର୍ୟ-ବିମଣ୍ଡିତ ହୋଇ ଉଠୁଥିଲା କ୍ରମଶଃ। ଯାହା ବୈଜ୍ଞାନିକମାନେ କଳ୍ପନା କରିବା ମଧ୍ୟ ଥିଲା ଅସମ୍ଭବ ସେପରି ନୂତନ ପରିକଳ୍ପନାର ଜଗତରେ ନିମଜ୍ଜିତ ହୋଇ ରହୁଥିଲେ ଗୋକୁଳାନନ୍ଦ। ତାଙ୍କ ରଚିତ ପୁସ୍ତକ ତାଲିକାବଦ୍ଧ କଲେ ସୁଦୀର୍ଘ ଆକାର ଧାରଣ କରିବ। ତାଙ୍କ ଉପନ୍ୟାସ ତ ଏକ ଏକ ଯାଦୁ-ଜଗତ।

ପ୍ରଥମରୁ ସିନା ଏପରି ନବ-ସୃଜନର ପ୍ରକାଶନ ପାଇଁ ଅନିଚ୍ଛୁକ ଥିଲେ ପ୍ରକାଶକବୃନ୍ଦ, କିନ୍ତୁ ଗୋଟିକ ପରେ ଗୋଟିଏ ପୁସ୍ତକ ପ୍ରକାଶିତ ହୋଇ ପାଠକମାନଙ୍କ ଦ୍ୱାରା ଆଦୃତ ହେବା ପରେ ଆଶଙ୍କାର ଅଦିନିଆ ମେଘ ଅପସୃତ ହୋଇଯାଇ ନୀଳ ଚକ୍ରବାଳରୁ ବିଚ୍ଛୁରିତ ହୋଇ ଆସିଲା ଆଶା-ଉଷାର ଗୈରିକ ଆଭା। ବିଜ୍ଞାନର ଜଟିଳ ତତ୍ତ୍ୱକୁ ସରଳ ସରସ ଭାଷାରେ ଉପସ୍ଥାପନ କରି ବିଜ୍ଞାନ ତଥା ବୈଜ୍ଞାନିକ ସାହିତ୍ୟକୁ ଲୋକ-ମାନସର ନିକଟବର୍ତ୍ତୀ କରିବାରେ ଗୋକୁଳାନନ୍ଦ ଯେଉଁ ବିଶିଷ୍ଟ ଭୂମିକା ନେଲେ ତାହା ଓଡ଼ିଆ ସାହିତ୍ୟର ଇତିହାସରେ ଏକ ଅଭିନ୍ନ ଧାରାର ପ୍ରବର୍ତ୍ତନ। ମନକୁ ଏ ପ୍ରଶ୍ନ ଆନ୍ଦୋଳିତ କରିବା ସ୍ୱାଭାବିକ ଯେ, ଲେଖକ ତାଙ୍କର ଏହିସବୁ କାଳ୍ପନିକ ବୈଜ୍ଞାନିକ ତଥ୍ୟରାଜି ଉପସ୍ଥାପନ ମାଧ୍ୟମରେ ନବଯୁଗର ମଣିଷକୁ ବାସ୍ତବରେ କି ବାର୍ତ୍ତା ଦେବା ପାଇଁ ଚାହିଁଛନ୍ତି? ଯେ କୌଣସି ତଥ୍ୟ ବା ତତ୍ତ୍ୱ ଆଧାରରେ ପରିବେଷିତ ହେଉନା କାହିଁକି ସାହିତ୍ୟର ସର୍ବମୂଳ ଲକ୍ଷ୍ୟ ହେଲା, ମାନବତାର ବିକାଶ। ଏହି ମହତ ଉଦ୍ଦେଶ୍ୟକୁ ଲେଖକ ଗୋକୁଳାନନ୍ଦ ଆଦୌ ବିସ୍ମୃତ ହୋଇଯାଇ ନାହାନ୍ତି। ତତ୍ତ୍ୱକଥାର ସରଳ ବ୍ୟାଖ୍ୟା ବ୍ୟତୀତ ବୈଜ୍ଞାନିକ ସାହିତ୍ୟ କିପରି ଜୀବନ ଓ ଜଗତ ପ୍ରତି ପ୍ରେମାନୁରାଗ ସଂଚାର ସକାଶେ ଉଦ୍ଦିଷ୍ଟ ହେବା ବିହିତ - ସେଇ ବିଷୟରେ ଲେଖକଙ୍କ ଉପଲବ୍ଧି ଅତ୍ୟନ୍ତ ସୁସ୍ପଷ୍ଟ। ବୈଜ୍ଞାନିକ ଯୁଗରେ ଯନ୍ତ୍ର-ନିର୍ଭର-ମାନବ ଯନ୍ତ୍ର-ସର୍ବସ୍ୱ ହୋଇ ନ ଯାଉ, ବୁଦ୍ଧି ବୃତ୍ତିକୁ ତୀକ୍ଷଣ କରିଚାଲିଥିବା ମଣିଷର ହୃଦୟ-କକ୍ଷ ସଂକୁଚିତ ହୋଇ ନଯାଉ - ଏଥିପାଇଁ ଗୋକୁଳାନନ୍ଦ ପ୍ରଦାନ କରିଛନ୍ତି ଯୁଗୋପଯୋଗୀ ଚେତାବନୀ। ଓଡ଼ିଆ 'କଳ୍ପ-ବିଜ୍ଞାନ ସାହିତ୍ୟ'ର ଜନକ ଭାବରେ ତେଣୁ ସେ ସମ୍ମାନିତ ଆସନରେ ଅଧିଷ୍ଠିତ।

ମୌଳିକ କଥାବସ୍ତୁ ସୃଷ୍ଟିରେ ସେ ଥିଲେ କେତେ ସୁଦକ୍ଷ, ତାହା ପ୍ରମାଣିତ ହୋଇଯାଏ ତାଙ୍କ ଉପନ୍ୟାସ ରଚନାଦର୍ଶରୁ। ସମାଜରୁ ଅନ୍ଧବିଶ୍ୱାସ ଦୂର କରି ବୈଜ୍ଞାନିକ ଦୃଷ୍ଟିକୋଣର ନିର୍ମାଣ, ବିଜ୍ଞାନର ସଦୁପଯୋଗ, ପ୍ରକୃତି ଓ ପରିବେଶର ସୁରକ୍ଷା ପ୍ରତି ପାଠକଙ୍କ ଦୃଷ୍ଟି ଆକର୍ଷଣ ତାଙ୍କ ରଚନାର ବିଶେଷତ୍ୱ। ବିଜ୍ଞାନର ସମୃଦ୍ଧି ସହିତ ମାନବୀୟ ସ୍ନେହ, କରୁଣା, ସହାନୁଭୂତି ଓ ନୈତିକତାର ସମନ୍ୱୟ ସାଧନ ଥିଲା ତାଙ୍କର ତପସ୍ୟା। 'ପୃଥିବୀ ବାହାରେ' ମଣିଷ ଉପନ୍ୟାସରେ ଯେଉଁ ମଙ୍ଗଳ ଗ୍ରହର ଚିତ୍ରାଙ୍କନ କରିଛନ୍ତି ସେ, ତା'ର ଅନ୍ତରାଳରେ ଅଭିବ୍ୟଞ୍ଜିତ ହୋଇଉଠିଛି ପ୍ରିୟ ପୃଥିବୀକୁ ସେହିଭଳି ରୂପରେ ଦେଖିବାର ମହତ୍ତର ଅଭିଳାଷ। ନିଜର ବ୍ୟବସାୟିକ ଅଭିବୃଦ୍ଧି ପାଇଁ ଯେଉଁ ପୁଞ୍ଜିପତିମାନେ ବିଜ୍ଞାନାଗାରରେ ଭେଜାଲ ଦ୍ରବ୍ୟ ତିଆରି ସକାଶେ ବୈଜ୍ଞାନିକମାନଙ୍କୁ ଅସ୍ତ୍ର ଭାବରେ ନିୟୋଜିତ କରନ୍ତି ଆଉ ଯେଉଁ ବୈଜ୍ଞାନିକମାନେ ନିଜର ବ୍ୟକ୍ତିଗତ ଲାଭ ଓ ବିଳାସ ନିମିତ୍ତ ସେମାନଙ୍କ ଦ୍ୱାରା ବିନିଯୁକ୍ତ ହୁଅନ୍ତି, ଉଭୟ ଶ୍ରେଣୀର ଲୋକଙ୍କ ପ୍ରତି ଲେଖକ ପ୍ରକାରାନ୍ତରେ ତୀବ୍ର ଶର ନିକ୍ଷେପ କରିଛନ୍ତି 'ମଧ୍ୟାହ୍ନର ଅନ୍ଧକାର' ଉପନ୍ୟାସରେ। ବୃକ୍କ ଓ ହୃତପିଣ୍ଡ ପ୍ରତିରୋପଣ ପରି ଯଦି ମସ୍ତିଷ୍କ ପ୍ରତିରୋପିତ ହୁଏ କେଉଁ ବିପଜ୍ଜନକ ପରିସ୍ଥିତି ସୃଷ୍ଟି ହୋଇପାରେ ତା'ର ସଂକେତ ସଂରକ୍ଷିତ 'ନିଷ୍କଳ ପୃଥିବୀ' ଉପନ୍ୟାସରେ। ସେପରି ଲିଙ୍ଗ ପରିବର୍ତ୍ତନ ଦ୍ୱାରା ମାନବିକ ସମ୍ବେଗ କିପରି କ୍ଷତାକ୍ତ ତାହା ଦର୍ଶାଇ ଦେଇଛନ୍ତି 'ଏକ ମାତୃତ୍ୱର ମୃତ୍ୟୁ' ପ୍ରସଙ୍ଗରେ। ଶିଶୁମାନଙ୍କ ପାଇଁ ସୃଷ୍ଟି କରିଥିବା ବୈଜ୍ଞାନିକ ସାହିତ୍ୟ ମଧ୍ୟ କି ମାଧୁର୍ଯ୍ୟମୟ! 'ବୈଜ୍ଞାନିକ ଜ୍ଞାନ କୋଷ', ପ୍ରଣୟନ ତାଙ୍କର ଆଉ ଏକ ଅବିସ୍ମରଣୀୟ କୀର୍ତ୍ତି। ଅନ୍ତର୍ଜାତୀୟ ସୁଖ୍ୟାତି ଅର୍ଜନ କରିଥିବା ଏହି ସିଦ୍ଧ ସାଧକ ଉଭୟ ବିଜ୍ଞାନ ଓ ସାହିତ୍ୟ କ୍ଷେତ୍ରରେ ଚିରପୂଜ୍ୟ ପଥପ୍ରଦର୍ଶକ। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦୁଃସ୍ଥିତି ଆଣିବ...

ହେଉଥିବା ଡାଲି ଏବଂ ଶସ୍ୟ ଜାତୀୟ ଖାଦ୍ୟ ସାମଗ୍ରୀର ଦରଦାମ ହୁ ହୁ ହୋଇ ବଢ଼ିବ, ଯାହା ସାଧାରଣ ଜନତାଙ୍କ ବଜେଟ୍ ଉପରେ ଚାପ ପକାଇବ। ବର୍ଷା କମିବା ଦ୍ୱାରା କେବଳ ଚାଷ ନୁହେଁ, ବରଂ ସହରଗୁଡ଼ିକର ପାନୀୟ ଜଳ ବ୍ୟବସ୍ଥା ଏବଂ ନଦୀଭିତ୍ତିକ ଜଳବିଦ୍ୟୁତ ପ୍ରକଳ୍ପଗୁଡ଼ିକ ମଧ୍ୟ ପ୍ରଭାବିତ ହେବ। ଜଳଭଣ୍ଡାରଗୁଡ଼ିକରେ ଜଳସ୍ତର ହ୍ରାସ ପାଇବା ଯୋଗୁଁ ଜଳ ସଙ୍କଟ ଆହୁରି ଗମ୍ଭୀର ରୂପ ନେବ। ଅନ୍ୟପଟେ, ଅତ୍ୟଧିକ ଗରମ ଯୋଗୁଁ ଲୋକମାନେ ଫ୍ୟାନ୍, ଏୟାର କଣ୍ଡିସନର ଏବଂ ରେଫ୍ରିଜରେଟରର ବହୁଳ ବ୍ୟବହାର କରିବେ। ଏହାଦ୍ୱାରା ବିଦ୍ୟୁତ ଶକ୍ତିର ଚାହିଦା ବହୁ ପରିମାଣରେ ବୃଦ୍ଧି ପାଇବ। ଗତ ମେ ମାସରେ ଭାରତରେ ସର୍ବକାଳୀନ ସର୍ବାଧିକ ୨୬୫ ଗିଗାୱାଟ ବିଦ୍ୟୁତ ଚାହିଦା ରେକର୍ଡ କରାଯାଇଥିଲା। ଯଦି ଏହି ଗ୍ରୀଷ୍ମ ପ୍ରବାହ ଜାରି ରହେ, ତେବେ ବିଦ୍ୟୁତ ଗ୍ରୀଡ୍ ଏବଂ କୋଇଲା ସମେତ ଅନ୍ୟାନ୍ୟ ଜାଳେଣି ଯୋଗାଣ ଉପରେ ଅତ୍ୟଧିକ ଚାପ ପଡ଼ିବ। ଏଲ୍ ନିନୋର ପ୍ରଭାବ କେବଳ ସ୍ଥାନୀୟ ଅଞ୍ଚଳରେ ସୀମିତ ରହିବ ନାହିଁ। ପୂର୍ବରୁ ଏହାର ପ୍ରଭାବ ଯୋଗୁଁ ମଧ୍ୟ ଆମେରିକାର ପାନାମା କେନାଲ ଭଳି ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ବାଣିଜ୍ୟ ପଥରେ ଜଳସ୍ତର କମିଯିବା ସହ ଜାହାଜ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଏହାଦ୍ୱାରା ଆନ୍ତର୍ଜାତୀୟ ସ୍ତରରେ ସାମଗ୍ରୀ ଆଦାନପ୍ରଦାନ ମହଙ୍ଗା ଏବଂ ବିଳମ୍ବ ହେବ, ଯାହାର ପରୋକ୍ଷ ପ୍ରଭାବ ଭାରତୀୟ ବଜାର ଉପରେ ମଧ୍ୟ ପଡ଼ିବ। ତେଣୁ, ପ୍ରଶାନ୍ତ ମହାସାଗରର ଏହି ଉଷ୍ଣତା ଭାରତ ପାଇଁ କେବଳ ଏକ ପାଣିପାଗ ଖବର ନୁହେଁ, ବରଂ ଏହା ଆଗାମୀ ମାସଗୁଡ଼ିକରେ ଦେଶର ରୋଷେଇ ଘରଠାରୁ ଆରମ୍ଭ କରି ଶିଳ୍ପ ଜଗତ ପର୍ଯ୍ୟନ୍ତ ସବୁକିଛିକୁ ପ୍ରଭାବିତ କରିବାର ସାମର୍ଥ୍ୟ ରଖିଛି।

### କଂଗ୍ରେସରେ ମିଶିବ...

ପଶ୍ଚିମବଙ୍ଗରେ ଶାସନ କ୍ଷମତାରେ ରହିବା ପରେ ଗତ ବିଧାନସଭା ନିର୍ବାଚନରେ ଟିଏମସିର ଶୋଚନୀୟ ପରାଜୟ ଘଟିଲା। ଏହାପରେ ଦଳ ଭିତରେ ମମତାଙ୍କ ବିରୋଧରେ ବିଦ୍ରୋହ ଏମିତି ରୂପ ନେଲା ଯେ ୮୦ ବିଧାୟକଙ୍କ ମଧ୍ୟରୁ ୬୦ ଜଣ ତାଙ୍କ ହାତ ଛାଡ଼ି ସ୍ୱତନ୍ତ୍ର ଗୋଷ୍ଠୀ ଗଠନ କଲେ। କଥା କେବଳ ରାଜ୍ୟରେ ସୀମିତ ରହିଲା ନାହିଁ। ଦିଲ୍ଲୀରେ ମଧ୍ୟ ଟିଏମସି ସଂସଦୀୟ ଦଳ ଭାଗ ଭାଗ ହୋଇଗଲାଣି। ଲୋକସଭାରେ ତାଙ୍କର ୨୮ ଜଣ ସାଂସଦ ଥିବା ୨୦ ଜଣ ବିଜେପି ସହ ଯାଇ ଯୋଡ଼ି ହେଲେଣି। ରାଜ୍ୟସଭାରେ ମଧ୍ୟ ୧୧ ଜଣଙ୍କ ମଧ୍ୟରୁ ଦୁଇ ଜଣ ସାଂସଦ ଟିଏମସିରୁ ଇସ୍ତଫା ଦେଇ ବିଜେପି ଆଡ଼କୁ ମୁହାଁଇାଲେଣି। ଯେଉଁ ଦଳକୁ ସେ ଗଠନ କରିଥିଲେ, ଆଜି ସେହି ଦଳରେ ସେ ଏକଘରିକିଆ ହୋଇଗଲେଣି। ଏଥିରେ ନିରାଶ ହୋଇ ମମତା କଂଗ୍ରେସ ଆଡ଼କୁ ମୁହାଁଉଥିବାର ଆଭାସ ମିଳିଲାଣି।

ରାଜ୍ୟରେ ଟିଏମ୍‌ସିର ଏକ ହଜାରରୁ ଅଧିକ କାଉନସିଲର ଇସ୍ତଫା ଦେଇସାରିଲେଣି। ଦୁଇ ଜଣ ମେୟର ମଧ୍ୟ ପଦତ୍ୟାଗ କରିଛନ୍ତି। ରାଜ୍ୟରେ ଏମିତି ହଟଚମଟ ଚାଲିଥିବା ବେଳେ ମମତା ମାନାର୍ଜୀ ଏବଂ ତାଙ୍କର ପୁତୁରା ଅଭିଷେକ ବାନାର୍ଜୀ ଗତ ତିଦି ଦିନ ହେଲା ଦିଲ୍ଲୀରେ ରହିଛନ୍ତି। ଦୁଇ ଜଣ ଇଣ୍ଡିଆ ମେଣ୍ଟ ବୈଠକରେ ଯୋଗ ଦେବାକୁ ଦିଲ୍ଲୀ ଆସିଥିଲେ। କିନ୍ତୁ ଦଳରେ ଅଶାନ୍ତି ଲାଗି ରହିଥିବା ବେଳେ ସେମାନେ ଦିଲ୍ଲୀରେ ଡେରା ପକାଇଛନ୍ତି। କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କୁ ମମତା ଭେଟିବା ସହିତ ରାହୁଲ ଗାନ୍ଧୀଙ୍କ ସହିତ ଅଭିଷେକ ବାନାର୍ଜୀଙ୍କ ସାକ୍ଷାତ ଦଲ୍ଲୀ ରାଜନୀତିକୁ ସରଗରମ କରି ରଖିଛି। ଏଭଳି ସାକ୍ଷାତ ଆଲୋଚନା ଅନେକ କଳ୍ପନାଜଳ୍ପନାକୁ ଜନ୍ମ ାଦେଇଛି। ଏଭଳି ସାକ୍ଷାତ ଆଲୋଚନାକୁ ନେଇ ସମସ୍ତଙ୍କ ମୁହଁରେ ସେହି ଗୋଟିଏ ପ୍ରଶ୍ନ: କଂଗ୍ରେସରେ ମିଶିବ ଯିବ କି ଟିଏମସି? କିନ୍ତୁ ଏସଂପର୍କରେ ମମତା କିମ୍ବା କଂଗ୍ରେସ ନେତା ମୁହଁ ଖୋଲୁ ନାହାନ୍ତି। ଶୁଣାଯାଉଛି ଯେ ମମତା କଂଗ୍ରେସ ସହିତ ମିଶି ଜାତୀୟ ରାଜନୀତିରେ ସକ୍ରିୟ ରହିବାକୁ ଚାହୁଁଛନ୍ତି। କେବଳ ଏତିକି ନୁହେଁ, ନିଜ ପୁତୁରା ଅଭିଷେକଙ୍କୁ ମଧ୍ୟ ସମ୍ମାନ ସହ ଥଇଥାନ କରିବାକୁ ଚାହାନ୍ତି। ଏହାଛଡ଼ା ମମତାଙ୍କ ପାଖରେ ଆଉ କୌଣସି ବିକଳ୍ପ ନାହିଁ ବୋଲି କୁହାଯାଉଛି। କିନ୍ତୁ ଏବେଠାରୁ ଏମିତି ଅନୁମାନ ଲଗାଇବା ଠିକ୍ ନୁହେଁ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକ ସତର୍କ କରାଇଛନ୍ତି। ସେମାନଙ୍କ ମତରେ ମମତା ଜଣେ ଷ୍ଟ୍ରିଟ୍ ଫାଇଟର ରୂପେ ପରିଚିତ ଏବଂ ସେ ଏତେ ସହଜରେ ହାର ମାନିବା ଭଳି ବ୍ୟକ୍ତିତ୍ୱ ନୁହନ୍ତି।

### ଏସ୍‌ଆଇଆର୍ ସମୟରେ...

ଆହୁରି ଶୋଚନୀୟ ହୋଇ ପଡ଼ିଛି। ବିଜେଡି ସରକାର କ୍ଷମତାରୁ ଯିବା ସମୟରେ ୪୫ ହଜାର କୋଟି ଟଙ୍କାର ବଳକା ରାଜସ୍ୱ ଛାଡି ଯାଇଥିଲା ବେଳେ ଏବେ ରାଜ୍ୟର ଋଣ ଭାର ବଢ଼ି ଚାଲିଛି। ଦୁଃଖର କଥା ବୁଢାବୁଢୀ, ଭିନ୍ନକ୍ଷମ ମାନଙ୍କୁ ସାମାଜିକ ସୁରକ୍ଷା ପେନ୍‌ସନ୍ ମଧ୍ୟ ଏ ସରକାର ଅମଳରେ ମିଳୁନାହିଁ। ଓଡ଼ିଶା ଶାସନରେ ଏଭଳି ଅବ୍ୟବସ୍ଥା କୌଣସି ସରକାର ଅମଳରେ ଦେଖା ନ ଥିଲା ବୋଲି ନବୀନ କ୍ଷୋଭ ପ୍ରକାଶ କରିଛନ୍ତି। ଏହା ସହ ରାଜ୍ୟରେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ପୂର୍ଣ୍ଣ ଆତ୍ମବିଶ୍ୱାସ ସହ ପ୍ରସ୍ତୁତି ଆରମ୍ଭ ସହ ଏସ୍‌ଆଇଆର୍ ସମୟରେ ସତର୍କ ଓ ସଜାଗ ରହିବାକୁ ମଧ୍ୟ ନବୀନ ପରାମର୍ଶ ଦେଇଛନ୍ତି।

ନବୀନ କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟରେ ଚାଲିଥିବା ଏସଆଇଆର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ। ଅନ୍ୟ ରାଜ୍ୟରେ ଏସଆଇଆର ସମୟରେ ଘଟିଥିବା ଘଟଣାବଳୀକୁ ଦୃଷ୍ଟିରେ ରଖି ଆମକୁ ସତର୍କ ଓ ସଜାଗ ରହି କାମ କରିବାକୁ ପଡ଼ିବ। ସାମାନ୍ୟ ମୁଦ୍ରଣ ତ୍ରୁଟି ପାଇଁ ଯେପରି ଜଣେ ବି ଯୋଗ୍ୟ ଭୋଟରର ନାମ ବାଦ୍ ନ ଯିବ ସେଥିପ୍ରତି ଦୃଷ୍ଟି ଦେବାପାଇଁ ସେ ପରାମର୍ଶ ଦେଇଛନ୍ତି। ବିଜେଡିର ୨୪ ବର୍ଷ ଶାସନ ସମୟରେ ଓଡ଼ିଶା ବିଭିନ୍ନ କ୍ଷେତ୍ରରେ ଭଲ କାମ କରି ସାରା ଦେଶରେ ନିଜର ଏକ ଉଜ୍ୱଳ ପରିଚୟ ସୃଷ୍ଟି କରିଥିଲା। ବିପର୍ଯ୍ୟୟ ପ୍ରଶମନ ଓ ଖାଦ୍ୟ ସୁରକ୍ଷା ଠାରୁ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ, ଶିକ୍ଷା, କ୍ରୀଡ଼ା, ଜଳସେଚନ, ଭିତ୍ତିଭୂମି ଆଦିର ବିକାଶ, ଚାଷୀ, ମହିଳା ଓ ଗରୀବ ଲୋକଙ୍କ କଲ୍ୟାଣ ପାଇଁ ଅନେକ ଭଲ କାମ କରିଥିଲା। ସରକାରଙ୍କ ବିଫଳତା ବିଶେଷ କରି ମହିଳା ସଂରକ୍ଷଣ କ୍ଷେତ୍ରରେ ବିଜେପିର ଛଳନାପୂର୍ଣ୍ଣ ଆଚରଣର ବିରୋଧ କରି ବିଜୁ ଜନତା ଦଳ ପକ୍ଷରୁ ଚାଲିଥିବା ନାରୀ ଅଧିକାର ଅଭିଯାନର ବିପୁଳ ସଫଳତା ପରିବର୍ତ୍ତନର ସୂଚନା ଦେଉଛି। ଏଥିପାଇଁ ଦଳୀୟ କର୍ମକର୍ତ୍ତା ଓ ପ୍ରବଳ ଖରାରେ ଘରୁ ବାହାରି ନାରୀ ଅଧିକାର ଅଭିଯାନରେ ସାମିଲ ହୋଇଥିବା ସମସ୍ତ ମା’ ମାନଙ୍କୁ ଧନ୍ୟବାଦ ଜଣାଉଛି। ଏହି ଅଭିଯାନର ସଫଳତା ଏକ ପରିବର୍ତ୍ତନର ସୂଚନା ଦେଉଛି ବୋଲି ନବୀନ କହିଛନ୍ତି। ଦୀର୍ଘ ଦୁଇ ଘଣ୍ଟା ଧରି ଚାଲିଥିବା ଏହି ବୈଠକକୁ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ସଞ୍ଚାଳନ କରିଥିଲେ ଓ ବିଧାୟକ ପ୍ରାର୍ଥୀମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ସେମାନଙ୍କ ମତାମତ ଦେଇଥିଲେ। ଏହି ବୈଠକରେ ବିଜେଡିର ସାଙ୍ଗଠନିକ କାର୍ଯ୍ୟକ୍ରମ, ବିଜେଡି ସରକାର ସମୟର ସଫଳତା ଓ ଏସଆଇଆର ଉପରେ ଏକ ଉପସ୍ଥାପନା ମଧ୍ୟ କରାଯାଇଥିଲା।

### ସୋନ୍ ନଦୀରେ ବୁଡ଼ି...

ଶୋକାକୁଳ ପରିବେଶ ଦେଖାଦେଇଛି। ନୀଳଗିରି ପୁଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ କରାଯାଇଛି। ସୂଚନା ଥାଉକି ସୋନ ନଦୀର ଏକାଧିକ ଘାଟରେ କଛି ଦୁର୍ବୃତ୍ତ ବାଲି ଚୋରି କରିଆସୁଛନ୍ତି। ସୋନନଦୀରେ ଏହି ବାଲି ଚୋରି ଯୋଗୁଁ କୃତ୍ରିମ ଭାବେ ଗଭୀର ନଦୀଗଣ୍ଡ ହୋଇଛି। ଦୁଇ ନାବାଳକଙ୍କ ମୃତ୍ୟୁ ଚୋରା ବାଲିଖାଦାନ ପାଇଁ ହେଲା ବୋଲି ସାଧାରଣରେ ଆଲୋଚନା ହେଉଛି।

### ଇ-୮୫ ଫ୍ଲେକ୍ସ...

ବିଶେଷଜ୍ଞମାନଙ୍କ ମତରେ କେବଳ ଇ-୨୦ ପେଟ୍ରୋଲ୍ ପାଇଁ ଡିଜାଇନ୍ ହୋଇଥିବା କାରଗୁଡ଼ିକ ଇ-୮୫ କିମ୍ବା ଇ-୧୦୦ ଇନ୍ଧନରେ ସିଧାସଳଖ ଚାଲିପାରିବନାହିଁ। ଏଥିପାଇଁ ଇଞ୍ଜିନ୍ ଏବଂ ଉପାଦାନଗୁଡ଼ିକରେ ପ୍ରମୁଖ ପରିବର୍ତ୍ତନ ଆବଶ୍ୟକ। ଇଥାନଲ୍ ପେଟ୍ରୋଲ ଠାରୁ ଯଥେଷ୍ଟ ଭିନ୍ନ ହୋଇଥିବାରୁ ଗାଡ଼ି ଟେକ୍ନୋଲୋଜି ାରେ ପରିବର୍ତ୍ତନ ଆବଶ୍ୟକ। ଇଥାନଲ୍ ପେଟ୍ରୋଲ୍ ତୁଳନାରେ କମ୍ ଶକ୍ତି ଧାରଣ କରିଥାଏ, ତେଣୁ ସମାନ ପରିମାଣର ଶକ୍ତି ଉତ୍ପାଦନ କରିବା ପାଇଁ ଇଞ୍ଜିନ୍ ୩୦ ରୁ ୪୦ ପ୍ରତିଶତ ଅଧିକ ଇନ୍ଧନ ଆବଶ୍ୟକ କରେ। ଏଥିପାଇଁ ଗାଡ଼ିକୁ ଏକ ଉଚ୍ଚ-ପ୍ରବାହ ଇନ୍ଧନ ପମ୍ପ ଏବଂ ବଡ଼ ଇଞ୍ଜେକ୍ଟର ସହିତ ସଜ୍ଜିତ କରିବା ଆବଶ୍ୟକ।

ଇ-୮୫ର ଉଦ୍ଦେଶ୍ୟ ହେଉଛି ଅଶୋଧିତ ତୈଳ ଆମଦାନୀ ହ୍ରାସ କରିବା, ଘରୋଇ ଇଥାନଲ୍ ଉତ୍ପାଦନ ବୃଦ୍ଧି କରିବା ଏବଂ କାର୍ବନ ନିର୍ଗମନ ହ୍ରାସ କରିବା ପାଇଁ ସରକାରଙ୍କ ବ୍ୟାପକ ରଣନୀତିର ଏକ ଅଂଶ। ଇ-୮୫ ଇନ୍ଧନ ଦିଲ୍ଲୀରେ ପ୍ରତି ଲିଟର ୮୨.୧୨ ଟଙ୍କାରେ ମିଳୁଥିବା ବେଳେ ପେଟ୍ରୋଲ ଦାମ ୧୦୨.୧୨ ଟଙ୍କା ରହିଛି। ଇ-୮୫ ଇନ୍ଧନ କ୍ଷେତ୍ରରେ ବର୍ତ୍ତମାନ ସବୁଠାରୁ ବଡ଼ ପ୍ରତିବନ୍ଧକ ହେଉଛି ଇନ୍ଧନ ଉପଲବ୍ଧତା।। ଦିଲ୍ଲୀରେ, ବର୍ତ୍ତମାନ କେବଳ ଗୋଟିଏ ଆଉଟଲେଟ୍ ଖୋଲାଯାଇଛି। ଯଦି ଅଧିକ ସଂଖ୍ୟାରେ ଚାଳକ ଇ-୨୦ ଇନ୍ଧନରୁ ଇ-୮୫ ଫ୍ଲେକ୍ସ-ଫ୍ୟୁଏଲ ଟେକ୍ନୋଲୋଜିକୁ ସ୍ଥାନାନ୍ତରିତ ହୁଅନ୍ତି ତେବେ ସେମାନଙ୍କୁ ଇନ୍ଧନ ଯୋଗାଇବାକୁ ପର୍ଯ୍ୟାପ୍ତ ସଂଖ୍ୟାରେ ଆଉଟଲେଟ୍ ଖୋଲାଯିବା ଜରୁରୀ। ଏହାସହିତ ଫ୍ଲେକ୍ସ-ଫ୍ୟୁଏଲ ଯାନରେ ଅପଗ୍ରେଡ୍ କିମ୍ବା ଅପ୍ଟିମାଇଜ୍ କରାଯାଇଥିବା ପ୍ରାଥମିକ ଉପାଦାନଗୁଡ଼ିକ ମଧ୍ୟରେ ଇନ୍ଧନ ଲାଇନ୍, ଇନ୍ଧନ ପମ୍ପ, ଇନ୍ଧନ ଫିଲ୍ଟର ଏବଂ ଇଞ୍ଜିନ୍ ନିୟନ୍ତ୍ରଣ ୟୁନିଟ୍ (ଇସିୟୁ) ଅନ୍ତର୍ଭୁକ୍ତ। ଏଗୁଡ଼ିକ ମଧ୍ୟରେ, ଇସିୟୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। କାର୍ଡ଼ିର ମସ୍ତିଷ୍କ ଭାବରେ କାର୍ଯ୍ୟ କରି, ଏହା ବ୍ୟବହୃତ ଇନ୍ଧନକୁ ନିରନ୍ତର ନିରୀକ୍ଷଣ କରେ ଏବଂ ବିଭିନ୍ନ ଇଥାନଲ୍ ମିଶ୍ରଣରେ ସର୍ବୋତ୍ତମ କାର୍ଯ୍ୟଦକ୍ଷତା, ଦକ୍ଷତା ଏବଂ ନିର୍ଭରଯୋଗ୍ୟତା ସୁନିଶ୍ଚିତ କରିବା ପାଇଁ ପ୍ରମୁଖ ଇଞ୍ଜିନ୍ ପାରାମିଟରଗୁଡ଼ିକୁ ଆଡଜଷ୍ଟ କରେ। ଏକ ଫ୍ଲେକ୍ସ-ଇନ୍ଧନ ଯାନର ପ୍ରକୃତ ଶକ୍ତି ଏହାର ଇଞ୍ଜିନ ପରିଚାଳନା ପ୍ରଣାଳୀରେ ରହିଛି।

---

## ପୂର୍ବ ତଟ ରେଳପଥ

ଫାଇଲ ସଂ. SNTPBBSTELE-052026-STUDIO, ତା.05.06.2026ରିଖ

**କାର୍ଯ୍ୟର ନାମ :** ଭୁବନେଶ୍ୱରସ୍ଥିତ ଉନ୍ନତ ସେବା ଭବନ (Improved Service Building) ରେ ଅବସ୍ଥିତ କୋନାଲ ମୁଖ୍ୟ କାର୍ଯ୍ୟାଳୟ ପାଇଁ ମିଡିଆ ଆଡ୍ରେସିଂ ରୁମ୍/ଷ୍ଟୁଡିଓ ସ୍ଥାପନ କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹48,44,020.60, **EMD :** ₹₹ 96900/-

**ଶେଷ ହେବା ଅବଧି :** 4 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.29.06.2026 ରିଖ 1530 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକାକୋରିୟରାପିକ୍ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ଡିଏସଟିଇ/ଭଣ୍ଡାର/(ମୁଖ୍ୟ କାର୍ଯ୍ୟାଳୟ), ଭୁବନେଶ୍ୱର

PR-87/CJ/26-27

---

Office of the Secretary Governing Body

## BRUNDABATI MAHILA HIGHER SECONDARY SCHOOL, SARGIBAHAL

AT/PO-SARGIBAHAL, Dist- BARGARH (Odisha), Mob -9937021426,7067428312,9938201443

Email Id: brundabatimahilamahavidyalaya@gmail.com

### WALK-IN-INTERVIEW

A walk-in-interview for lecturers in the subject of Home sc, Odia, will be conducted on **21.06.2026.** Interested Candidates having 55% marks or above in the P.G. level can apply for the post of lecturer. They are to report in the college office with their original certificate/mark sheets along with a set of self-attested photocopy & resume at 9.00 A.M.(Only Female Candidates)

**Sd/-Secretary Governing Body**
**BMHS sargibahal**

---

## ମୂଳ ଲିଙ୍କ୍ ଦଲିଲ ହଜିଛି

ମୁଁ ଭଗବାନ ପ୍ରଧାନ, ବୟସ-୪୦ବର୍ଷ, ପିତା: ଭୋବନା ପ୍ରଧାନ, ସା: ହିରାଦେଇପୁର, ପୋ: ମାଳିସାହି, ଥାନା: ନୟାଗଡ଼, ଜିଲ୍ଲା: ନୟାଗଡ, ଓଡ଼ିଶା-୭୫୨୦୭୦, ମୋ: ୯୯୩୭୭୩୯୪୬୨୫, LIC HFL, Bhubaneswarଙ୍କ ଠାରୁ ଋଣ ପ୍ରାପ୍ତି ନିମନ୍ତେ ମୋର ସମ୍ପତ୍ତି ଯାହାର ଜିଲ୍ଲା-ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦନଗର, ଥାନା ନଂ.: ୭୯, ଜିଲ୍ଲା: ସବରେଜିଷ୍ଟ୍ରାର: ଭୁବନେଶ୍ୱର, ମୌଜା: କେଶୁରା, ଥାନା ନଂ.: ୫୧୪/୪୧୦୩, ପ୍ଲଟ ନଂ.: ୧୨୯/୨୭୪୧/୧୯୮୦/୪୨୬୪, କ୍ଷେତ୍ର ଏକର ୦.୦୧୪.୬ ଡିସିମିଲି, ସ୍ୱତ୍ୱ: ସ୍ଥିତିବାନ (ଫ୍ରି ହୋଲ୍ଡ) କିସମ: ଘରବାରୀ (ହୋମଷ୍ଟିଡ) ବନ୍ଧକ ରଖିବାକୁ ଚାହୁଅଛି। ଏହି ସମ୍ପତ୍ତିର ପୂର୍ବ ଲିଙ୍କ୍ ଦଲିଲ ଯଥା: ମୂଳ ପଞ୍ଜିକୃତ ବିକ୍ରୟ ଦଲିଲ ନଂ: ୧୧୦୮୧୩୧୦୯୬୫, ତା ୧୬.୦୭.୨୦୧୩, ଯାହାକି ଜ୍ଞାନରଞ୍ଜନ ଜେନା ଏବଂ ଶ୍ରୀ ଆଜୟ କୁମାର ସୁବୁଦ୍ଧିଙ୍କ ଦ୍ୱାରା ରଶ୍ମିକାନ୍ତ ସାମଲ, ପିତା: କଳ୍ପତରୁ ସାମଲଙ୍କ ସପକ୍ଷରେ ସମ୍ପାଦିତ କରାଯାଇଥିଲା ଯାହାକି ମୋ ସମ୍ପତ୍ତିର ଖାତା ନଂ.: ୫୧୪/୪୧୦୩ ସମ୍ବନ୍ଧୀୟ ଅଟେ, ତାହା ତା.୧୯.୦୫.୨୦୨୬ ରିଖରେ ଚିନ୍ତାମଣିଶ୍ୱର ରୋଡ ଅଞ୍ଚଳରେ କେଉଁଠାରେ ହଜିଯାଇଛି। ଏ ବିଷୟରେ ସହୀଦ ନଗର ଥାନା, ଭୁବନେଶ୍ୱର କ୍ରନଂ: ୧୯, ତା. ୦୫.୦୬.୨୦୨୬ରେ ରିପୋଟ କରାଯାଇଥିଲା। ଯଦି କେହି ଉପରୋକ୍ତ ବିକ୍ରୟ ଦଲିଲ ଏବଂ ପଟା ପାଇଁଥାନ୍ତି ତେବେ ୧୫ ଦିନ ମଧ୍ୟରେ LIC HFL, IPICOL, House, BBSRଙ୍କୁ ଜଣାନ୍ତୁ। ଏହି ଦଲିଲ ଆମ୍ଭ ଗ୍ରାହକଙ୍କ ଗୁରୁତ୍ୱପୂର୍ଣ୍ଣ ଋଣ କାଗଜପତ୍ର ଅଟେ। ଯଦି କେହି କଥିତ କାଗଜାତ୍‌କୁ ଦାବୀ କରନ୍ତି, ତେବେ LIC HFL ଦାୟୀ ରହିବେ ନାହିଁ। ଯୋଗାଯୋଗ: **LIC HFL, IPICOL, House, Bhubaneswar**

ମାନସ କୁମାର ନାୟକ, ଆଡଭୋକେଟ, ମୋ-୮୯୦୮୨୫୭୧୧୩

---

25001/366/2627

## Government of Odisha " e " Procurement Notice

**Bid Identification No. : Online-AGL-06 of 2026-2027**

1. Name of the Work : Road Works
2. Estimated Cost. : Rs. 60.00 to 99.85 Lakhs
3. Period of Completion : 4(Four) Calendar Months
4. Date & time of availability of : From 16.06.2026. to 25.06.2026 upto 5.00 P.M
5. Last Date/time for receipt of bids In the portal : 25.06.2026 upto 05.00 P.M.
6. Name & Address of the OIT : Executive Engineer, Rural Works Division, Angul

Further details can be seen from the Govt. website **www.tendersorissa.gov.in**

Executive Engineer
R.W. Division, Angul.

OIPR-25001/25096/1/26-27/0003

---

## OFFICE OF THE MUNICIPAL COUNCIL, TALCHER

DIST :- ANGUL 13001/847/2627

Phone No.-(06760) 240259 E-Mail ID : e.o.talcher@gmail.com

No. 2109 Date 10.06.2026

### QUOTATION CALL NOTICE

The Executive Officer, Talcher Municipality on behalf of Talcher, Dist- Angul invites sealed Quotations from the intending registered firms/ authorized dealers/ distributors/ suppliers and manufacturers of **"Repairing & Maintenance of all urinals , public & community toilets under the Talcher Municipality"**. The prescribed Quotation schedule can be obtained from the Cashier section of Talcher Municipality on payment of Rs. 2500 /- (Rupees two thousand five Hundred) only including GST@18% (non-refundable) in shape of cash / bank draft / banker's cheque drawn in favour of the Executive Officer, Talcher Municipality payable at Talcher from any nationalized bank from Dt.11.06.2026 to Dt.20.06.2026 up to 1.00 PM. during office hour except holidays.

The Quotation paper along with all documents should reach the undersigned by Regd. Post /Speed Post/Courier Service or by person on or before Dt.20.06.2026 up to 1.30 PM. And this office will in no way, be responsible for any delay in receipt of the Quotation documents. The Quotation will be opened on the same date at 3.00 PM in presence of the Quotationer or their authorized representative if any. The Quotation received beyond the schedule date and time will not be considered at all.

All terms and conditions may be seen in the Quotation proforma. The undersigned has rights to accept, cancel or reject any or all the Quotations without assigning any reason thereof.

**Executive Officer**
**Talcher Municipality**

OIPR-13001/13077/1/26-27/0014

---

32001/372/2627

## OFFICE OF THE DEPUTY DIRECTOR, GEOLOGY GROUND WATER DEVELOPMENT DIVISION, CUTTACK

1ST FLOOR OF SURVEY AND MAP PUBLICATION OFFICE, BADA JOBRA, COLLEGE SQUARE, CUTTACK-753003

email-srgeologistcuttack@gmail.com, **Phone No-06712954096**

### INVITATION FOR BIDS (IFB)

**e- Procurement Notice : 498** **Date: 06.06.2026**

The Deputy Director Geology, Ground Water Development Division, Cuttack on behalf of the Governor of Odisha invites on-line **item rate** bids from eligible **'D' & 'C'** Class contractors (or equivalent) for the construction of the following civil works under CHHATA and ARUA scheme during FY 2026-27.

| Sl. No | Name of the work | Est. cost (in Lakh) (Excl. GST) | EMD/ Bid security (in Rs.) (Online) | Bid Identification No. |
|---|---|---|---|---|
| 1 | 06 nos RRHS in Naugaon Block of Jagatsinghpur Dist. | 15.56 | 15600 | 01/GWDCTC/CHHATA/26-27 |
| 2 | 07 nos RRHS in Kujanga Block of Jagatsinghpur Dist. | 18.2 | 18300 | 02/GWDCTC/CHHATA/26-27 |
| 3 | 06 nos RRHS in Jagatsinghpur Block of Jagatsinghpur Dist. | 15.6 | 15600 | 03/GWDCTC/CHHATA/26-27 |
| 4 | 05 Nos. Of Recharge Shaft in Kujanga Block of Jagatsinghpur Dist. | 8.77 | 8800 | 01/GWDCTC/ARUA/26-27 |
| 5 | 6 Nos. Of Recharge Shaft in Dasarathpur Block of Jajpur Dist. | 10.95 | 11000 | 02/GWDCTC/ARUA/26-27 |
| 6 | 6 Nos. Of Recharge Shaft in Dasarathpur Block of Jajpur Dist. | 10.45 | 10500 | 03/GWDCTC/ARUA/26-27 |
| 7 | 06 Nos. Of Recharge Shaft in Pattamundai Block of Kendrapada Dist. | 10.76 | 10800 | 04/GWDCTC/ARUA/26-27 |
| 8 | 06 Nos. Of Recharge Shaft in Pattamundai Block of Kendrapada Dist. | 10.26 | 10300 | 05/GWDCTC/ARUA/26-27 |

Period of Completion: **60 Days for all works.**
Cost of Tender Document: **Rs. 6,000/- (Online) for all works.**
Start Date of availability of bid document online: **09.06.2026** from **11.00 AM**
Last Date of availability of bid document online: **22.06.2026** up to **05.00 PM**
Last date and time for receipt of bid document: **22.06.2026** up to **05.00 PM**
Date and Time of opening of bid document: **23.06.2026** from **11.00 AM**
Further details and other necessary documents can be seen and downloaded from the e-procurement portal: www.tendersodisha.gov.in.

Sd/- Deputy Director, Geology,
G.W.D. Division, Cuttack

OIPR-32001/32464/1/26-27/0001

---

GOVERNMENT OF ODISHA 32001/377/2627

## DEPARTMENT OF WATER RESOURCES OFFICE OF THE SUPERINTENDING ENGINEER MINOR IRRIGATION DIVISION, NAYAGARH

e-Procurement Notice

**BID IDENTIFICATION NO-SEMIDN-3/2026-27**

Letter No.- 1952, Date- 09/06/2026

| | |
|---|---|
| **Name of work** | Improvement to Check Dams under Imp. to Check Dam grant & Renovation of projects under ERM grant during the year 2026-27. |
| **No. Works** | 24 (Twenty four) |
| **Estimated Cost** | Varies from Rs. 6.90 lakh to Rs. 12.51 lakh Approximately. |
| **Class of Contractor** | Class "D" & "C" |
| **Tender paper cost** | Rs 4000.00 & 6000.00 (Non-refundable). |
| **Period of completion** | 02 (Two) Calendar months. |
| **Availability of Bid documents** | From 10.00 AM of **13.06.2026** to 17.00 hrs of **19.06.2026** in website (www.tendersodisha.gov.in) |
| **Time of receipt of bid through online** | From 10.00 AM of **13.06.2026** to 17.00 hrs of **19.06.2026** through online. |
| **Date of opening of bid documents** | At 11.00 hrs of **20.06.2026** in the O/O S.E., M.I. Division, Nayagarh. |
| **Digital signature certificate** | The bidder must possess compatible digital signature certificate (DSC) of class II or class-III. |

The detail tender call notice can also be seen in the DOWR website http://dowrorissa.gov.in.

**Name and address of the OIT:** Office of Superintending Engineer, M.I. Division, Nayagarh, Tel No. (06753)291009, e-mail- emidivisionnayagarh@gmail.com

Further details can be seen from the e-procurement market place, http://www.tendersodisha.gov.in

**Superintending Engineer**
**M.I. Division, Nayagarh**

OIPR-32001/32260/1/26-27/0003

---

## AFFIDAVIT

By virtue of an Affidavit resident before Notary Public, Malkangiri, I Krutibash Katali, aged about 36 Years, S/o.: Basu Katali, of village: Ganjeibahal, PO.: Biralaxmanpur, P.S./Dist.: Malkangiri, Odisha declare by this Affidavit No.: 752/2026, Dated: 02/05/2026, That I have changed my name from **Krutibas Kadhali to Krutibash Katali.** Henceforth I shall be known as **Krutibash Katali** for all future purposes

## DOCUMENT LOST

**Corrigendum to the Publication dated- 07/05/2026**

ମୁଁ, କୃଷ୍ଣ ପ୍ରସାଦ ମଣ୍ଡଳ, ପିତା- ସ୍ୱର୍ଗତ ଅଚ୍ୟୁତାନନ୍ଦ ମଣ୍ଡଳ, ଠିକଣା- ୱାର୍ଡ ନଂ-୨୬, ପି.ଓ/ପି.ଏସ୍- ଭଞ୍ଜପୁର, ବାରିପଦା, ଜିଲ୍ଲା- ମୟୂରଭଞ୍ଜ, ଓଡ଼ିଶା, ଏଠାରେ ଘୋଷଣା କରୁଛି ଯେ, ସବ-ରେଜିଷ୍ଟ୍ରାର, ବାରିପଦାଙ୍କ ସମ୍ମୁଖରେ ମୌଜା ଯମୁନାଦେଇପୁର, ଖାତା ନଂ. ୭୯, ପ୍ଲଟ ନଂ. ୭୮୯, ବିକ୍ରୟ ଦଲିଲ ନଂ. ୧୫, ଖଣ୍ଡ-୧ ପୃଷ୍ଠା ୧୫୯ ରୁ ୧୭୨ ତାରିଖ- ୦୩.୦୧.୧୯୯୨ରେ ପଞ୍ଜିକୃତ ବିକ୍ରୟ ଦଲିଲ, ମୋ ଭଞ୍ଜପୁର ବାସଭବନ ୱାର୍ଡ ନଂ- ୨୬ ରେ ୨୫/୦୪/୨୦୨୬ ରେ ହଜିଯାଇଛି। ଯଦି କେହି ଏହାକୁ ପାଆନ୍ତି, ଦୟାକରି ଭଞ୍ଜପୁର ପୋଲିସ ଷ୍ଟେସନ, ବାରିପଦାକୁ ହସ୍ତାନ୍ତର କରନ୍ତୁ। ଯଦି କେହି ଏହାର ଅପବ୍ୟବହାର କରନ୍ତି ତେବେ ଆମେ ଦାୟୀ ରହିବୁ ନାହିଁ।

## AFFIDAVIT

I, Sekh Mahammad Quamiruddin, S/o- Sekh Mahammad Basiruddin, resident of At: Kanipadasabalanga, Po- Sabalangakanipada, Dist- Kendrapara, Pin-754208, Odisha declare by this affidavit No-19033, date- 09/06/2026 that now onwards I shall be known as **SEKH MAHAMMAD KAMIRUDDIN** for all future purposes.

---

## ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଗ୍ରାମ୍ୟ ନିର୍ମାଣ ବିଭାଜନ, ପୁରୀ

25001/363/2627

### ବିଜ୍ଞାପନ

ପତ୍ର ସଂଖ୍ୟା - ୬୪୦୭ ତାରିଖ: ୦୩.୦୬.୨୦୨୬

ଗ୍ରାମ୍ୟ ଉନ୍ନୟନ ବିଭାଗ, ଓଡିଶା ସରକାର ତଥା ଗ୍ରାମ୍ୟ ନିର୍ମାଣ ବିଭାଜନ,ପୁରୀ ଙ୍କ ଅଧୀନରେ କଣାସ ତହସିଲ ଅନ୍ତର୍ଗତ ଗଡସାନପୁଟ ମୌଜାର ୨୪ ଗୋଟି ପ୍ଲଟର ରାଜୁଆ ନଦୀ ଉପରେ ଗଡସାନପୁଟ-ତାହାନିଗଡିଆ ରୋଡ ନିକଟସ୍ଥ ବ୍ରିଜ୍ ଏବଂ ରାସ୍ତାର ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ସିଧାସଳଖ କ୍ରୟ ଓ ବିକ୍ରୟ ମାଧ୍ୟମରେ କରାଯିବ, ଏହି ଜମିର ମାଲିକମାନଙ୍କ ନାମ ନିମ୍ନରେ ପ୍ରଦତ୍ତ କରାଯାଇଛି। ଏହି ଜମି ମାଲିକମାନଙ୍କର ତାଲିକା ରେ ଯଦି କାହାର କିଛି ଅଭିଯୋଗ ଥାଏ ତେବେ ତାହା ନିମ୍ନ ସାକ୍ଷରକାରୀଙ୍କ କାର୍ଯ୍ୟାଳୟ ରେ ତା-୨୨.୦୬.୨୦୨୬ ରିଖ କିମ୍ବା ପୂର୍ବରୁ ଲିଖିତ ଆକାର ରେ ଦର୍ଶାଇଲେ ତାହା ବିଚାର ଯୋଗ୍ୟ ହେବ। ନଚେତ ନିମ୍ନ ଜମି ମାଲିକମାନଙ୍କୁ ସତ୍ତ୍ୱାଧିକାରୀ ଭାବେ ବିବେଚନା କରାଯାଇ ପ୍ରାପ୍ୟ ପ୍ରଦାନ କରାଯିବ। ନିର୍ଦ୍ଧାରିତ ତାରିଖ ପରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ।

ଏଥି ସହିତ ଜମି ମାଲିକମାନଙ୍କୁ ଅନୁରୋଧ କରାଯାଉଅଛି କି ସେମାନଙ୍କର ଜମିର ବିକ୍ରି କବଲା କରିବା ନିମ୍ନ ପ୍ରଦତ୍ତ ଉପ-ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ନିର୍ମାଣ,ଉପ ବିଭାଗ କଣାସ ଙ୍କ କାର୍ଯ୍ୟାଳୟରେ ତା-୨୨.୦୬.୨୦୨୬ ସୁଧା ଦାଖଲ କରନ୍ତୁ।

୧) ଜମିର ପଟା ଏବଂ ହାଲ ପାଉତିର କପି ।
୨) ତା-୨୨.୦୬.୨୦୨୬ ସୁଧା ଜମି ମାଲିକାନା ସତ୍ତ୍ୱ ୧୩ ବର୍ଷ ଅବଧିର ପ୍ରମାଣପତ୍ର (E.C)।
୩) ଜମି ମାଲିକଙ୍କ ଫଟୋ ପରିଚୟ ପତ୍ର କିମ୍ବା ଆଧାରକାର୍ଡ ।
୪) ୨ଟି ରଙ୍ଗିନ ପାସ ପୋର୍ଟ ସାଇଜ ଫଟୋ ।

ଅଧୀକ୍ଷଣ ଯନ୍ତ୍ରୀ
ଗ୍ରାମ୍ୟ ନିର୍ମାଣ ବିଭାଜନ, ପୁରୀ

### ଜମିର ବିବରଣୀ

| କ୍ରମ. ନଂ | ଖାତା ନଂ | ପ୍ଲଟ ନଂ | ଅଧିଗ୍ରହଣ ରକବା | କିସମ | ଭୂମି ମାଲିକଙ୍କ ନାମ ଓ ଧାମ: ନାମ | ଭୂମି ମାଲିକଙ୍କ ନାମ ଓ ଧାମ: ପିତା/ସ୍ୱାମୀଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୧୪୪୮ | ୮୫୦୯ | ୦.୪୦ | ଶାରଦ ଦୋଫସଲି ଦୁଇ | ଫକିର ଛୁଆଳସିଂହ,<br>ଚକ୍ରଧର ଛୁଆଳସିଂହ | ପି- ଅକ୍ରୁର ଛୁଆଳସିଂହ | |
| ୨ | ୯୧୮ | ୮୫୨୧ | ୦.୦୪ | ଶାରଦ ଦୋଫସଲି ଦୁଇ | ତାରେଶ୍ୱର ସୁନ୍ଦରା,<br>ଚକ୍ରଧର ସୁନ୍ଦରା,<br>ଖାତୁ ସୁନ୍ଦରା,<br>ହୃଷି ସୁନ୍ଦରା, ରଙ୍ଗନାଥ ସୁନ୍ଦରା,<br>ଗୋକୁଳ ସୁନ୍ଦରା,ନକୁଳ ସୁନ୍ଦରା,<br>ଧୋବି ସୁନ୍ଦରା,<br>ତମା ସୁନ୍ଦରା, ଅଇଁଠା ସୁନ୍ଦରା | ପି- ନାଦ ସୁନ୍ଦରା,<br>ପି-ଅକ୍ରୁର ସୁନ୍ଦରା,<br>ପି-ଉଦ୍ୟନାଥ ସୁନ୍ଦରା,<br>ପି-ଲୋକନାଥ ସୁନ୍ଦରା,<br>ପି-ଜଗନ୍ନାଥ ସୁନ୍ଦରା,<br>ସା-ସନାତନ ସୁନ୍ଦରା,<br>ପି-ଭ୍ରମର ସୁନ୍ଦରା | |
| ୩ | ୯୧୮ | ୮୫୨୦ | ୦.୦୨ | ଶାରଦ ଦୋଫସଲି ଦୁଇ | ତାରେଶ୍ୱର ସୁନ୍ଦରା,<br>ଚକ୍ରଧର ସୁନ୍ଦରା,<br>ଖାତୁ ସୁନ୍ଦରା,<br>ହୃଷି ସୁନ୍ଦରା, ରଙ୍ଗନାଥ ସୁନ୍ଦରା,<br>ଗୋକୁଳ ସୁନ୍ଦରା,ନକୁଳ ସୁନ୍ଦରା,<br>ଧୋବି ସୁନ୍ଦରା,<br>ତମା ସୁନ୍ଦରା, ଅଇଁଠା ସୁନ୍ଦରା | ପି- ନାଦ ସୁନ୍ଦରା,<br>ପି-ଅକ୍ରୁର ସୁନ୍ଦରା,<br>ପି-ଉଦ୍ୟନାଥ ସୁନ୍ଦରା,<br>ପି-ଲୋକନାଥ ସୁନ୍ଦରା,<br>ପି-ଜଗନ୍ନାଥ ସୁନ୍ଦରା,<br>ସା-ସନାତନ ସୁନ୍ଦରା,<br>ପି-ଭ୍ରମର ସୁନ୍ଦରା | |
| ୪ | ୨୭୩୨ | ୮୫୧୦ | ୦.୧୦ | ଶାରଦ ଦୋଫସଲି ଦୁଇ | ହୃଷିକେଶ ହରିଚନ୍ଦନ | ପି-ଲିଙ୍ଗରାଜ ହରିଚନ୍ଦନ | |
| ୫ | ୨୭୩୩/୧୪୮୯ | ୮୫୧୧ | ୦.୨୭ | ଶାରଦ ଦୋଫସଲି ଦୁଇ | ଭାଗୀରଥୀ ନରେନ୍ଦ୍ର | ପି-ସତ୍ୟବାଦୀ ନରେନ୍ଦ୍ର | |
| ୬ | ୨୭୩୩/୧୪୮୯ | ୮୫୧୩ | ୦.୦୮ | ଶାରଦ ଦୋଫସଲି ଦୁଇ | ଭାଗୀରଥୀ ନରେନ୍ଦ୍ର | ପି-ସତ୍ୟବାଦୀ ନରେନ୍ଦ୍ର | |
| ୭ | ୮୪୫ | ୮୫୧୮ | ୦.୦୧ | ଶାରଦ ଦୋଫସଲି ଦୁଇ | କାଗେଶ୍ୱର ଛୁଆଳସିଂହ,<br>ରମେଶ ଛୁଆଳସିଂହ,<br>କମିନା ଛୁଆଳସିଂହ,<br>ପ୍ରଭାସିନୀ ଛୁଆଳସିଂହ,<br>ଉମା ଛୁଆଳସିଂହ,<br>ବିକ୍ରମ ଛୁଆଳସିଂହ,<br>ବାବୁଲି ଛୁଆଳସିଂହ,<br>ଶୈଳବାଳା ଛୁଆଳସିଂହ,<br>ଶାନ୍ତିଲତା ଛୁଆଳସିଂହ,<br>କାନ୍ତିଲତା ଛୁଆଳସିଂହ,<br>ସତ୍ୟଭାମା ଛୁଆଳସିଂହ,<br>ଲଳିତା ଛୁଆଳସିଂହ,<br>ସିପୁ ଛୁଆଳସିଂହ,<br>ନେପାଳୀ ଛୁଆଳସିଂହ,<br>ଲିପି ଛୁଆଳସିଂହ,<br>ତିଲୋତମା ଛୁଆଳସିଂହ,<br>କୁମା ଛୁଆଳସିଂହ,<br>ନୀଳକଣ୍ଠ ଛୁଆଳସିଂହ,<br>ଶ୍ୟାମାସୁନ୍ଦର ଛୁଆଳସିଂହ,<br>ସୋର୍ଣଲତା ଛୁଆଳସିଂହ,<br>ରିନା ଛୁଆଳସିଂହ,<br>ମନୋରମା ଛୁଆଳସିଂହ | ପି-କୁବେର ଛୁଆଳସିଂହ,<br>ପି-ସୁଦାମ ଛୁଆଳସିଂହ,<br>ପି-ଇଶ୍ୱର ଛୁଆଳସିଂହ,<br>ପି-ବାଘ ଛୁଆଳସିଂହ,<br>ସା-ପିତବାସ ଛୁଆଳସିଂହ,<br>ପି-ପିତବାସ ଛୁଆଳସିଂହ,<br>ପି-ବାଘ ଛୁଆଳସିଂହ,<br>ସା-ଜଗନ୍ନାଥ ଛୁଆଳସିଂହ,<br>ପି- ଜଗନ୍ନାଥ ଛୁଆଳସିଂହ | |
| ୮ | ୧୨୭୦ | ୮୫୧୪ | ୦.୧୦ | ଶାରଦ ଦୋଫସଲି ଦୁଇ | ପଦ୍ମ ଚରଣ ପଟନାୟକ | ପି-ନଟବର ପଟନାୟକ | |
| ୯ | ୮୨୨ | ୮୫୧୬ | ୦.୦୨ | ଶାରଦ ଦୋଫସଲି ଦୁଇ | ଯଧିଷ୍ଠିର ହରିଚନ୍ଦନ,<br>ଲକ୍ଷ୍ମୀଧର ପାଲଟାସିଂ,<br>ବେଚୁ ପାଲଟାସିଂହ,<br>ଦୁଃଖୋ ଜେନା,<br>ନିଶା ଜେନା, | ପି-ବଂଶୀଧର ହରିଚନ୍ଦନ,<br>ପି-ହିନ ପାଲଟାସିଂହ,<br>ପି-ମାର୍କଣ୍ଡ ପାଲଟାସିଂହ,<br>ପି-ଯୋଗି ଜେନା,<br>ପି-ନବୀନ ଜେନା | |
| ୧୦ | ୮୨୨ | ୮୫୧୬ | ୦.୦୫ | ଶାରଦ ଦୋଫସଲି ଦୁଇ | ଯଧିଷ୍ଠିର ହରିଚନ୍ଦନ,<br>ଲକ୍ଷ୍ମୀଧର ପାଲଟାସିଂହ,<br>ବେଚୁ ପାଲଟାସିଂହ,<br>ଦୁଃଖୋ ଜେନା,<br>ନିଶା ଜେନା, | ପି-ବଂଶୀଧର ହରିଚନ୍ଦନ,<br>ପି-ହିନ ପାଲଟାସିଂହ,<br>ପି-ମାର୍କଣ୍ଡ ପାଲଟାସିଂହ,<br>ପି-ଯୋଗି ଜେନା,<br>ପି-ନବୀନ ଜେନା | |
| ୧୧ | ୧୮୮୫ | ୮୫୧୫ | ୦.୧୫ | ଶାରଦ ଦୋଫସଲି ଦୁଇ | ବେଚୁ ପାଲଟାସିଂହ, | ପି-ମାର୍କଣ୍ଡ ପାଲଟାସିଂହ | |
| ୧୨ | ୧୪୫୮ | ୮୨୧୦ | ୦.୦୭ | ଶାରଦ ଦୋଫସଲି ଦୁଇ | ହରେକୃଷ୍ଣ ରାଉତରାୟ,<br>ସୁକାନ୍ତି ରାଉତରାୟ,<br>ବାସନ୍ତୀ ରାଉତରାୟ | ପି-ଫକିର ରାଉତରାୟ | |
| ୧୩ | ୩୧୦ | ୮୨୧୨ | ୦.୨୨ | ଶାରଦ ଦୋଫସଲି ଦୁଇ | ଏକାଦଶି ପଟ୍ଟଆରସିଂହ,<br>ଦିବ୍ୟସିଂହ ପଟ୍ଟଆରସିଂହ | ପି- ପଦନ ପଟ୍ଟଆରସିଂହ | |
| ୧୪ | ୮୨୨ | ୮୨୧୩ | ୦.୧୦ | ଶାରଦ ଦୋଫସଲି ଦୁଇ | ଯୁଧିଷ୍ଠିର ହରିଚନ୍ଦନ,<br>ଲକ୍ଷ୍ମୀଧର ପାଲଟାସିଂହ,<br>ବେଚୁ ପାଲଟାସିଂହ,<br>ଦୁଃଖୋ ଜେନା,<br>ନିଶା ଜେନା, | ପି-ବଂଶୀଧର ହରିଚନ୍ଦନ,<br>ପି-ହିନ ପାଲଟାସିଂହ,<br>ପି-ମାର୍କଣ୍ଡ ପାଲଟାସିଂହ,<br>ପି-ଯୋଗି ଜେନା,<br>ପି-ନବୀନ ଜେନା | |
| ୧୫ | ୨୭୩୩/୯୭୩ | ୮୩୦୪ | ୦.୨୨ | ଶାରଦ ଦୋଫସଲି ଦୁଇ | ସରୋଜ କୁମାର ପରିଡା,<br>ମନୋଜ କୁମାର ପରିଡା,<br>ଫିରୋଜ କୁମାର ପରିଡା | ପି-ବୃନ୍ଦାବନ ପରିଡା | |
| ୧୬ | ୧୮୩ | ୮୩୦୨ | ୦.୧୧ | ଶାରଦ ଦୋଫସଲି ଦୁଇ | ଅପ୍ରତି ପରିଡା | ପି-ଗାଡି ପରିଡା | |
| ୧୭ | ୨୭୩୩/୨୨୪ | ୮୩୧୨ | ୦.୦୭ | ଶାରଦ ଦୋଫସଲି ଦୁଇ | ସସ୍ମିତା ମାନସିଂହ | ସା- ଚିତ୍ରସେନ ସାମନ୍ତରାୟ | |
| ୧୮ | ୨୪୩୩ | ୮୩୧୩ | ୦.୦୩ | ଶାରଦ ଦୋଫସଲି ଦୁଇ | କୈଳାଶ ଚନ୍ଦ୍ର ଚମ୍ପତି,<br>ଗୋଲେଖ ବିହାରୀ ଚମ୍ପତି,<br>ନୀଳମଣି ଚମ୍ପତ,<br>ତ୍ରୀଲୋଚନ ଚମ୍ପତି,<br>ସତକା ଚମ୍ପତିରାୟ,<br>କ୍ଷେତ୍ରବାସୀ ମଙ୍ଗରାଜ | ପି- ସାଧୁ ମଙ୍ଗରାଜ,<br>ପି- ମଙ୍ଗରାଜ | |
| ୧୯ | ୨୪୩୩ | ୮୩୧୪ | ୦.୦୩ | ଶାରଦ ଦୋଫସଲି ଦୁଇ | କୈଳାଶ ଚନ୍ଦ୍ର ଚମ୍ପତି,<br>ଗୋଲେଖ ବିହାରୀ ଚମ୍ପତି,<br>ନୀଳମଣି ଚମ୍ପତ,<br>ତ୍ରୀଲୋଚନ ଚମ୍ପତି,<br>ସତକା ଚମ୍ପତିରାୟ,<br>କ୍ଷେତ୍ରବାସୀ ମଙ୍ଗରାଜ | ପି- ସାଧୁ ମଙ୍ଗରାଜ,<br>ପି- ମଙ୍ଗରାଜ | |
| ୨୦ | ୧୫୩୧ | ୭୨୨୨ | ୦.୧୦ | ଶାରଦ ଦୋଫସଲି ଦୁଇ | ବଂଶୀଧର ବୈରିଗଞ୍ଜନ,<br>ଆଦିକନ୍ଦ ବୈରିଗଞ୍ଜନ,<br>ନିଶା ବୈରିଗଞ୍ଜନ,<br>ଯୁଧିଷ୍ଠିର ବୈରିଗଞ୍ଜନ,<br>ସୁବଳ ବୈରିଗଞ୍ଜନ,<br>ଧ୍ରୁବା ବୈରିଗଞ୍ଜନ,<br>କାର୍ତ୍ତିକ ବୈରିଗଞ୍ଜନ | ପି- ସହଦେବ ବୈରିଗଞ୍ଜନ,<br>ପି-ବାସୁଦେବ ବୈରିଗଞ୍ଜନ | |
| ୨୧ | ୧୮୮୭ | ୮୪୪୯ | ୦.୨୩ | ବାଜେଫସଲ ଦୁଇ | ବେଚୁ ପାଟସାଣୀ,<br>କେଳି ଦେଈ | ପି-ମୀନ ପାଟସାଣୀ,<br>ସା-ବେଣୁଧର ପାଟସାଣୀ | |
| ୨୨ | ୧୩୩୪ | ୮୪୪୮ | ୦.୦୩ | ଶାରଦ ଦୋଫସଲି ଦୁଇ | ବୈରାଗି ଗଜେନ୍ଦ୍ର | ପି-ଅପର୍ତ୍ତି ଗଜେନ୍ଦ୍ର | |
| ୨୩ | ୫୦୯ | ୮୫୫୨ | ୦.୦୧ | ଶାରଦ ଦୋଫସଲି ଦୁଇ | ଖଗେଶ୍ୱର ମଙ୍ଗରାଜ | ପି-ମର୍ଦ୍ଦରାଜ ମଙ୍ଗରାଜ | |
| ୨୪ | ୫୦୯ | ୮୫୫୫ | ୦.୧୧ | ଶାରଦ ଦୋଫସଲି ଦୁଇ | ଖଗେଶ୍ୱର ମଙ୍ଗରାଜ | ପି-ମର୍ଦ୍ଦରାଜ ମଙ୍ଗରାଜ | |

ଅଧୀକ୍ଷଣ ଯନ୍ତ୍ରୀ
ଗ୍ରାମ୍ୟ ନିର୍ମାଣ ବିଭାଜନ, ପୁରୀ

OIPR-25001/25065/3/26-27/0002

# ଡିଜିପି ସମୀକ୍ଷା ରାଷ୍ଟ୍ରପତିଙ୍କ ମୟୂରଭଞ୍ଜ ଗସ୍ତ ପାଇଁ ନାକାବନ୍ଦୀ ଓ ପାଟ୍ରୋଲିଂ କଡ଼ାକଡ଼ି

ବାରିପଦା/କଟକ,୧୦।୬(ସମିସ): ଚଳିତ ମାସ ୧୯ ଓ ୨୦ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ମୟୂରଭଞ୍ଜ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ଆଜି କଟକସ୍ଥିତ ରାଜ୍ୟ ପୁଲିସ ମୁଖ୍ୟାଳୟରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ପାଇଁ ସୁରକ୍ଷା ବ୍ୟବସ୍ଥାରେ ଯେପରି କୌଣସି ପ୍ରକାର ତ୍ରୁଟି କିମ୍ବା ବ୍ୟତିକ୍ରମ ନ ଘଟିବ ସେଥିପାଇଁ ପ୍ରତ୍ୟେକ ବ୍ୟବସ୍ଥାର ନିୟମିତ ସମୀକ୍ଷା ଓ ତଦାରଖ କରିବା ଉପରେ ଡିଜିପି ଶ୍ରୀ ଖୁରାନିଆ ଗୁରୁତ୍ୱାରୋପ କରିଥିଲେ। ହେଲିପ୍ୟାଡ୍, ସଭାସ୍ଥଳ ଏବଂ ଭିଭିଆଇପିଙ୍କ ଯାତାୟାତ ମାର୍ଗରେ ବହୁସ୍ତରୀୟ ସୁରକ୍ଷା ବଳୟ ପ୍ରସ୍ତୁତ କରାଯିବା ସହ ବୈଷୟିକ ଯାଞ୍ଚ ଓ ଆଣ୍ଟି-ସାବୋଟାଜ୍ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ କ୍ରିୟାଶୀଳ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସାଧାରଣ ଜନତାଙ୍କ ଯାତାୟାତରେ ଯେପରି ସର୍ବନିମ୍ନ ବାଧା ସୃଷ୍ଟି ହୁଏ, ସେଥିପାଇଁ ମୟୂରଭଞ୍ଜର ପ୍ରମୁଖ ସଡ଼କଗୁଡ଼ିକରେ ଆବଶ୍ୟକ ଟ୍ରାଫିକ ଡାଇଭର୍ସନ ବ୍ୟବସ୍ଥା କରାଯିବ ଏବଂ କାର୍ଯ୍ୟକ୍ରମ




ସ୍ଥଳ ନିକଟରେ ଅତିରିକ୍ତ ପାର୍କିଂସ୍ଥଳୀ ଚିହ୍ନଟ କରାଯାଉଛି। ଭିଡ଼ ନିୟନ୍ତ୍ରଣ ଏବଂ ଜରୁରିକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଏସଓଜି, ଷ୍ଟ୍ରାଇକିଂ ଫୋର୍ସ ଓ କେ-୯ ସ୍ପେସାଲ ସ୍କ୍ୱାଡ୍ ନିୟୋଜିତ କରାଯିବ। ସମଗ୍ର ଅଞ୍ଚଳର ନିରୀକ୍ଷଣ ପାଇଁ ଅତିରିକ୍ତ ସିସିଟିଭି କ୍ୟାମେରା ଏବଂ ଡ୍ରୋନ୍ ସର୍ଭେ?ଲାନ୍ସର ବ୍ୟବସ୍ଥା କରାଯିବ। ମୟୂରଭଞ୍ଜ ଏକ ସୀମାନ୍ତ ଜିଲ୍ଲା ହୋଇଥିବାରୁ ପଡ଼ୋଶୀ ରାଜ୍ୟ ସୀମାନ୍ତରେ ନାକାବନ୍ଦୀ ଓ ପାଟ୍ରୋଲିଂକୁ ଅଧିକ କଡ଼ାକଡ଼ି କରାଯିବ। ଏଥିସହ ସ୍ଥାନୀୟ ହୋଟେଲ, ଲଜ୍ ଓ ଅନ୍ୟାନ୍ୟ ଆବାସିକ ସ୍ଥାନଗୁଡ଼ିକରେ ନିୟମିତ ଯାଞ୍ଚ ଓ ତଦାରଖ ଜାରି ରଖିବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ।

ଏହି ବୈଠକରେ କ୍ରାଇମ ବ୍ରାଞ୍ଚ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର, ଗୁଇନ୍ଦା ନିର୍ଦ୍ଦେଶକ ଆର. ପି. କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ଅରୁଣ ବୋଥ୍ରା, ସଞ୍ଜୟ କୁମାର, ପରିବହନ କମିଶନର ଅମିତାଭ ଠାକୁର, ପଲିସ କମିସନର ଡଃ ଦେବଦତ୍ତ ସିଂହ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ରାଜେଶ କୁମାର ଓ ଅନ୍ୟାନ୍ୟ ବରିଷ୍ଠ ପଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହାସହ ଆଭାସୀ ମାଧ୍ୟମରେ ଡିଆଇଜି (ପୂର୍ବାଞ୍ଚଳ) ପିନାକ ମିଶ୍ର ଓ ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲି ପ୍ରମୁଖ ଯୋଗଦେଇଥିଲେ।

## ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ମୟୂରଭଞ୍ଜ ଗସ୍ତ — ସମସ୍ତ କାର୍ଯ୍ୟକ୍ରମ ସ୍ଥଳକୁ 'ନୋ ଡ୍ରୋନ୍ ଜୋନ୍' ଘୋଷଣା

ମୟୂରଭଞ୍ଜ,୧୦।୬(ସମିସ): ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ଆସନ୍ତା ୧୯ ଓ ୨୦ତାରିଖରେ ରାଇରଙ୍ଗପୁର ଗସ୍ତ କାର୍ଯ୍ୟକ୍ରମ ଥିବାରୁ ସୁରକ୍ଷା ଦୃଷ୍ଟିରୁ ସମସ୍ତ କାର୍ଯ୍ୟକ୍ରମ ଓ ଗସ୍ତ ସ୍ଥଳକୁ ନୋ ଡ୍ରୋନ୍ ଜୋନ୍/ ନୋ ଫ୍ଲାଇଙ୍ଗ୍ ଜୋନ୍' ଘୋଷଣା କରାଯାଇଛି। ଏନେଇ ଜିଲ୍ଲାପାଳ ହେମକାନ୍ତ ସୟଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ଜରିଆରେ ଘୋଷଣା କରାଯାଇଛି। ଗସ୍ତ ସମୟରେ କୌଣସି ମିଡ଼ିଆ କର୍ମୀ, ଇଭେଣ୍ଟ ମ୍ୟାନେଜମେଣ୍ଟ ଟିମ୍ କିମ୍ବା ଅନ୍ୟ କୌଣସି ବ୍ୟକ୍ତି ଡ୍ରୋନ୍ କ୍ୟାମେରା ବ୍ୟବହାର କରିବା ଉପରେ ସମ୍ପୂର୍ଣ୍ଣ ନିଷେଧ ଜାରି ରହିବ। ମୁଖ୍ୟ ନିର୍ଦ୍ଦେଶନାମା ମଧ୍ୟରେ ସମସ୍ତ କାର୍ଯ୍ୟକ୍ରମ ସ୍ଥଳରେ ଉପଯୁକ୍ତ ଡିସପ୍ଲେ ଓ ସାଇନବୋର୍ଡ ଲଗାଇ ସ୍ପଷ୍ଟ ଭାବେ ନୋ ଡ୍ରୋନ୍ ଜୋନ୍ ଜଣାଇ ଦିଆଯିବ।ଏହି ନିର୍ଦ୍ଦେଶ ଉଲ୍ଲଙ୍ଘନ କଲେ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଓଡ଼ିଶା ଇଣ୍ଟେଲିଜେନ୍ସ ନିର୍ଦ୍ଦେଶକଙ୍କ ପତ୍ର ଅନୁଯାୟୀ ଏହି ସୂଚନା ସମସ୍ତ ଇଲେକ୍ଟ୍ରୋନିକ୍ ମିଡ଼ିଆ କର୍ମୀଙ୍କ ମଧ୍ୟରେ ପ୍ରଚାର କରାଯିବାକୁ କୁହାଯାଇଛି। ଏହାକୁ ଭିଭିଆଇପି ଅର୍ଡେର୍ଣ୍ଣ' ବୋଲି ବିବେଚନା କରାଯାଇଛି। ରାଇରଙ୍ଗପୁର ସମେତ ପାହାଡପୁର ଓ ଉପରବେଡା ଆଦି ସ୍ଥାନର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ସୁରକ୍ଷା ଦୃଷ୍ଟିରୁ ଏହି ପଦକ୍ଷେପ ନିଆଯାଇଥିବାରୁ ସ୍ଥାନୀୟ ପ୍ରଶାସନ ଓ ପୁଲିସ୍ ବିଭାଗ ଉଚ୍ଚ ସତର୍କତା ଅବଲମ୍ବନ କରୁଛନ୍ତି। ଅବମାନନା କରିଲେ କୋଠର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି।

## ବ୍ରହ୍ମପୁର କରଞ୍ଜିଆରେ କ୍ଷିତିଜ୍ୟୋତି ଆଶ୍ରମର ଯଜ୍ଞ ଓ ସତସଙ୍ଗ



ଚମ୍ପୁଆ, ୧୦।୬(ସମିସ): ଚମ୍ପୁଆ ବ୍ଲକ କରଞ୍ଜିଆ ପଞ୍ଚାୟତ ଅନ୍ତର୍ଗତ କରଞ୍ଜିଆ ଗ୍ରାମ ଦୁର୍ଗା ପଡିଆ ପରିସରରେ କ୍ଷିତିଜ୍ୟୋତି ଆଶ୍ରମର ବ୍ରହ୍ମପୁର କରଞ୍ଜିଆ ଶାଖାର ଶ୍ରୀ ଶ୍ରୀ ଠାକୁର କେଶବଚନ୍ଦ୍ରଙ୍କ ଆଶୀର୍ବାଦ ଓ ଅପାର କରୁଣାରୁ ବ୍ରହ୍ମପୁର କରଞ୍ଜିଆ ଶାଖାର ଗୃହ ପ୍ରତିଷ୍ଠା, ପ୍ରତିମୂର୍ତ୍ତି ସ୍ଥାପନ, ଶ୍ରୀ ପାଦୁକା ସ୍ଥାପନ, ଯଜ୍ଞ ଓ ସତସଙ୍ଗ ଉପଲକ୍ଷେ ଗତ ରବିବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ମୟୂରଭଞ୍ଜ ଯଶିପୁରର ବିଶିଷ୍ଟ ସମାଜସେବୀ ମେଜର ଦେବେନ୍ଦ୍ର ଦାସ ଓ ସମାଜସେବୀ କନକଲତା ଦାସ ଯୋଗ ଦେଇଥିଲେ। ଅପରାହ୍ନରେ ଦୁର୍ଗା ପଡିଆଠାରୁ ସହସ୍ରାଧିକ ମହିଳା, ଭକ୍ତ ଶ୍ରଦ୍ଧାଳୁ ସଂକୀର୍ତନ ଶୋଭାଯାତ୍ରା ଓ ପାରମ୍ପରିକ ବାଦ୍ୟରେ କାଞ୍ଜିଆଶୁଲା ଗ୍ରାମ ରଜାବନ୍ଧରୁ କଳସ ଶୋଭାଯାତ୍ରା କରିଥିଲେ। ୧୦ ତାରିଖ ବୁଧବାର ପାଦୁକା ସ୍ଥାପନ, ଯଜ୍ଞ ଓ ପ୍ରବଚକ ଭକ୍ତି ବିନୋଦ ବିପିନ ବିହାରୀ ପ୍ରବଚନ ପ୍ରଦାନ କରିଥିଲା ବେଳେ ୧୧ ତାରିଖ ଗୁରୁବାର ପୂର୍ଣ୍ଣାହୁତି, ଅପରାହ୍ନ ୫ ଘଟିକାରେ ପୁନଃଶ୍ଚ ପ୍ରବଚକ ଭକ୍ତି ବିନୋଦ ବିପିନ ବିହାରୀ ପ୍ରଦାନ କରିବେ। ପ୍ରତ୍ୟେକ ଦିନ ଦିବାରାତ୍ର ପରିଚାଳନା କମିଟି ତରଫରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଶାଖାର ସଦସ୍ୟ ଚିତ୍ରସେନ ବେହେରା, ଯଦୁମଣି ଦାସ (ପୂଜକ), ସୁମିତା ପୃଷ୍ଟି, ନିରାଶ ପାତ୍ର, ପ୍ରତିଭା ପ୍ରଧାନ, ତ୍ରିଲୋଚନ ପୃଷ୍ଟି, ଭାସ୍କର ପ୍ରଧାନ, ପ୍ରଶାନ୍ତ ସାହୁ (ଭୁବନେଶ୍ୱର), ମନୋଜ ଚୌଧୁରୀ, ହରିହର ଚୌଧୁରୀ, ପ୍ରସନ୍ନ କୁମାର ପୃଷ୍ଟି, ନବୀନଚନ୍ଦ୍ର ମହାନ୍ତ, ପୁରନ୍ଦର ପାତ୍ର, ଗଣେଶ୍ୱର ପାତ୍ର ସହଯୋଗ କରୁଛନ୍ତି।

## ମାଟିରେ ମିଶିଲା ୧୧ ପକ୍କାଘର



ବାରିପଦା,୧୦।୬(ସମିସ): ସ୍ଥାନୀୟ କରତବସା ଅଞ୍ଚଳରେ ବୁଧବାର ଉଚ୍ଛେଦ ଅଭିଯାନ ସରଳ ଓ ଶାନ୍ତିପୂର୍ଣ୍ଣ ଭାବେ ସମାପ୍ତ ହୋଇଛି। ତହସିଲଦାର, ଅତିରିକ୍ତ ତହସିଲଦାର, ଓ ବାରିପଦା ଟାଉନ ଆଇଆଇସିଙ୍କ ଉପସ୍ଥିତିରେ ଏହି ଉଚ୍ଛେଦ କାର୍ଯ୍ୟ ପରିଚାଳିତ ହୋଇଥିଲା। ମୋଟ ୧୫ଟି ପାକା ଘର ଥିବା ମଧ୍ୟରୁ ୧୧ଟି ଘର ଉଚ୍ଛେଦ କରାଯାଇଛି। ବାକି ଥିବା ୪ଟି ଘରର ଉଚ୍ଛେଦ କାର୍ଯ୍ୟ ସମ୍ଭବ ହୋଇ ନାହିଁ। ଉଚ୍ଚ ନ୍ୟାୟାଳୟଙ୍କ ଅସ୍ଥାୟୀ ସ୍ଥଗିତାଦେଶ ଯୋଗୁଁ ଏହି ଘରଗୁଡ଼ିକ ଉଚ୍ଛେଦ କରାଯାଇ ପାରି ନାହିଁ। ପ୍ରଶାସନିକ ଅଧିକାରୀମାନେ ସମସ୍ତ ପ୍ରକ୍ରିୟା ଆଇନ ଅନୁଯାୟୀ ଏବଂ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ କରିଥିବାର ଜଣାପଡ଼ିଛି। ଉଚ୍ଛେଦ ପରେ ସ୍ଥାନୀୟ ପରିସ୍ଥିତି ସ୍ୱାଭାବିକ ରହିଛି।

## ଗଳିତ ମୃତଦେହ ଉଦ୍ଧାର: ପୁରୀରୁ ନିଖୋଜ, କେନ୍ଦୁଝରରୁ ଉଦ୍ଧାର

ତେଲକୋଇ, ୧୦।୬(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ସିରିଆ ବାହାଲସ୍ଥିତ ୪୯ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ବିଛାଖଣି ଜଙ୍ଗଲରୁ ଜଣେ ଯୁବକଙ୍କ ଗଳିତ ମୃତ ଦେହ ସନ୍ଦେହଜନକ ଅବସ୍ଥାରେ ତେଲକୋଇ ପୁଲିସ ଜବତ କରିଛି। ମୃତ ଯୁବକ ପୁରୀ ଜିଲ୍ଲା ପିପିଲି ଥାନା ମଙ୍ଗଳପୁର ଗ୍ରାମର ରାକେଶ କୁମାର ପାତ୍ର। ଜବତ ହୋଇଥିବା ଡ୍ରାଇଭିଂ ଲାଇସେନ୍ସ ପ୍ରମାଣପତ୍ରରୁ ଯୁବକଙ୍କ ପରିଚୟ ଜଣାପଡ଼ିଛି। ପୁଲିସ ପକ୍ଷରୁ ମୃତ ଯୁବକଙ୍କ ପରିବାରକୁ ଖବର ଦିଆଯାଇଛି। ଗଳିତ ମୃତ ଦହ ସପ୍ତାହେ ପୂର୍ବର ହୋଇଥିବା ଅନୁମାନ କରାଯାଉଛି। ପାଖାପାଖି ୧୦ ଦିନ ହେବ ଯୁବକ ଜଣଙ୍କ ଘରୁ ନିଖୋଜ ଥିବା ପରିବାର ପକ୍ଷରୁ କୁହାଯାଇଛି। ଯୁବକଙ୍କୁ କେହି ହତ୍ୟା କରି ଏଠାରେ ଫିଙ୍ଗି ଦେଇ ପାରି ଥାଏ ବୋଲି ଅଭିଯୋଗ ଉଠିଛି। ୪୯ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରୁ ମାତ୍ର କିଛି ମିଟର ଦୂରରେ ଏକ ବୁଦା ମୂଳେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ପୁଲିସକୁ ଖବର ଦେଇଥିଲେ। ମୃତ ଯୁବକଙ୍କ ଅଣ୍ଟାରୁ ଜିନ୍ସ ପ୍ୟାଣ୍ଟ୍ ଥିବା ବେଳେ ଦେହରେ ସାର୍ଟ ନଥିବା ଦେଖା ଯାଇଛି। ପିନ୍ଧିଥିବା ପ୍ୟାଣ୍ଟର ପଛ ପାର୍ଶ୍ୱ ପକେଟରେ ଏକ ପର୍ସ ଥିବା ଦେଖିବାକୁ ମିଳିଛି।

■ ପ୍ରସ୍ତାବିତ ମେଗା ଷ୍ଟିଲପ୍ଲାଣ୍ଟ ପାଇଁ କୋଡ଼ଖମଣ ଗ୍ରାମରେ ୯ମ ଗ୍ରାମସଭା

## ଏକର ପ୍ରତି ୨୫ କୋଟି ଟଙ୍କା ଦାବି

ତୁରୁମୁଙ୍ଗା, ୧୦।୬(ସମିସ): କେନ୍ଦୁଝର ଜିଲ୍ଲାରେ ପ୍ରସ୍ତାବିତ ମେଗାଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ବୁଧବାର ସକାଳ ୮.୩୦ ମିନିଟରେ ଯମୁନାପଶି ଗ୍ରାମପଞ୍ଚାୟତ କୋଡ଼ଖମଣଗ୍ରାମର ଛକ ପଡ଼ିଆରେ ଏକର ଘୋରଇ ଜମି ଅଧିଗ୍ରହଣ ପ୍ରସ୍ତାବ ଉପରେ ଆୟୋଜିତ ଗ୍ରାମସଭାରେ ଜନସାଧାରଣଙ୍କଠାରୁ ମତାମତ ଗ୍ରହଣ କରାଯାଇଥିଲା। ଗ୍ରାମବାସୀଙ୍କ ପକ୍ଷରୁ ୮ ଜଣ ୩୮ ସର୍ତ୍ତ ସମ୍ବଳିତ ଦାବିପତ୍ର



ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ୍ୟରେ ୯ମ ଗ୍ରାମସଭା ଶେଷ ହୋଇଛି। ଗ୍ରାମସଭା ପୂର୍ବରୁ ଲୋକଙ୍କ ମନରଞ୍ଜନ ପାଇଁ ଏକ ମେଲୋଡି ଗ୍ରୁପ ପକ୍ଷରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯିବା ସହ ନାଚଗୀତରେ ସଭାସ୍ଥଳ ପ୍ରକମ୍ପିତ ହୋଇଥିଲା। ପ୍ରସ୍ତାବିତ ମେଗା ଷ୍ଟିଲ୍ ପ୍ଲାଣ୍ଟ ପାଇଁ ଗାଁର ୧୫୦.୫୦ ପ୍ରଶାସନ ନିକଟରେ ଉପସ୍ଥାପନ କରିବା ସହ କ୍ଷତିପୂରଣ ବାବଦରେ ଏକର ପ୍ରତି ୨୫ କୋଟି ଟଙ୍କା ଦାବି କାରାଯାଇଥିଲା। ଶିଳ୍ପ ପ୍ରକଳ୍ପ ପ୍ରତିଷ୍ଠା ପାଇଁ କୋଡ଼ଖମଣ ଗ୍ରାମର ୧୫୦.୫୦ ଏକର ଘୋରଇ ଜମି ଅଧିଗ୍ରହଣ ହେବାର ଯୋଜନା ରହିଛି। ଯମୁନାପଶି ସରପଞ୍ଚ ଶଶିଭୂଷଣ ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଗ୍ରାମସଭାରେ ଅତିରିକ୍ତ ଜିଲ୍ଲାପାଳ ତଥା ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ, ପାଟଣା ବିଡ଼ିଓ ମାନସ କୁମାର ଦଣ୍ଡପାଟ, ତହସିଲଦାର ଅଶ୍ୱିନୀ କୁମାର ନାଏକ, ଇଡ଼କୋ ଜମି ଅଧିଗ୍ରହଣ ଅଧିକାରୀ ଜୟକୃଷ୍ଣ ପାତ୍ର, ୱାର୍ଡସଭ୍ୟ ସାଉଁରୀ ପାତ୍ର ପ୍ରମୁଖ ଲୋକଙ୍କଠାରୁ ମତାମତ ଗ୍ରହଣ କରିଥିଲେ। ଶାନ୍ତିଶୃଙ୍ଖଳା ପାଇଁ ଅତିରିକ୍ତ ଏସ୍‌ପି ସ୍ନେହାଶିଷ ସାହୁ, ପ୍ରଭା ଧାନ, ଚମ୍ପୁଆ ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁ, ସଦର ଏସଡିପିଓ ସୁଦର୍ଶନ ଗାଙ୍ଗଇ, ପ୍ରଶାନ୍ତ କୁମାର ବେହେରା, ବିଜୟ କୁମାର ବିହାରୀ, ଜୟଦୀପ ମହାନ୍ତି, ତୁରୁମୁଙ୍ଗା ଥାନାଧିକାରୀ ଦୀପ୍ତିରଞ୍ଜନ ସାହୁ, ବଡ଼ବିଲ ଥାନାଧିକାରୀ ଅଶୋକ ନାଏକ, ଟାଉନ ଥାନାଧିକାରୀ ଶ୍ରୀକାନ୍ତ ସାହୁ, ବାମେବାରୀ ଥାନାଧିକାରୀ ଯଶକେତନ ଭୋଇ, ଘଟଗାଁ ଥାନାଧିକାରୀ ଶୁଭ୍ରାନ୍ତ ଜେନା, ନନ୍ଦିପଦା ଥାନାଧିକାରୀ ଧର୍ମେନ୍ଦ୍ର ଶାନ୍ତି ଘଷିପୁରା ଥାନା ଅଧିକାରୀ କିଶୋର ପ୍ରଧାନଙ୍କ ସମେତ ବ୍ୟାପକ ପୁଲିସ ଫୋର୍ସ ମୁତୟନ ହୋଇଥିଲେ। ବ୍ଲକସ୍ତରୀୟ ସମସ୍ତ ଅଧିକାରୀ ସହଯୋଗ କରିଥିଲେ।

## ବାଘ ଆକ୍ରମଣରେ ମୃତ ସାଧୁଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଘୋଷଣା




କରଞ୍ଜିଆ/ଯଶିପୁର,୧୦।୬(ସମିସ): ଶିମିଳିପାଳରେ କଲରା ପତରିଆ ବାଘ ଆକ୍ରମଣରେ ପ୍ରାଣ ହରାଇଥିବା ସାଧୁ ନାଏକଙ୍କ ପରିବାରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ଜଙ୍ଗଲ ଓ ପରିବେଶ ସୁରକ୍ଷା ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଘୋଷଣା କରିଛନ୍ତି। ଏହି ଘୋଷଣା ପରେ ମୃତକଙ୍କ ପରିବାର ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ କିଛିଟା ଆଶ୍ୱସ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ, ଗତ ଜୁନ ୧ ତାରିଖରେ ସାଧୁ ନାଏକଙ୍କ ମୃତ୍ୟୁ ଘଟିଥିଲା। ପ୍ରଥମେ ମୃତ୍ୟୁର କାରଣ ନେଇ ବିଭିନ୍ନ ଆଲୋଚନା ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ବନବିଭାଗର ତଦନ୍ତରୁ ସ୍ପଷ୍ଟ ହୋଇଥିଲା ଯେ, ତାଙ୍କର ମୃତ୍ୟୁ ବାଘ ଆକ୍ରମଣ ଯୋଗୁଁ ହୋଇଛି। ତେବେ ଲ୍ୟାବ ରିପୋର୍ଟ ଆସିବା ପରେ ବନବିଭାଗ ପକ୍ଷରୁ ଏହି ସତ୍ୟତା ପ୍ରକାଶ ହେତୁ କ୍ଷତିପୂରଣ ଦାବି ଜୋର ଧରିଥିଲା। ଗତ ସୋମବାର ଅଞ୍ଚଳବାସୀ ଏବଂ ବିଭିନ୍ନ ସାମାଜିକ ସଂଗଠନର ସଦସ୍ୟମାନେ ବନବିଭାଗର ଦୁଧିଆଣି ରେଞ୍ଜ କାର୍ଯ୍ୟାଳୟ ଘେରାଉ କରି ମୃତକଙ୍କ ପରିବାରକୁ ତୁରନ୍ତ କ୍ଷତିପୂରଣ ପ୍ରଦାନ ସହ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଦାବି କରିଥିଲେ। ଲୋକଙ୍କ ଦାବି ଏବଂ ପରିସ୍ଥିତିର ଗୁରୁତ୍ୱକୁ ବିଚାରକୁ ନେଇ ରାଜ୍ୟ ସରକାର ଏହି କ୍ଷତିପୂରଣ ଘୋଷଣା କରିଛନ୍ତି। ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଛନ୍ତି ଯେ, ମୃତକଙ୍କ ପରିବାରକୁ ନିୟମ ଅନୁଯାୟୀ ସମୁଦାୟ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବ। ସେଥିମଧ୍ୟରୁ ତୁରନ୍ତ ସହାୟତା ସ୍ୱରୂପ ୧ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ବାରିପଦା ଆଞ୍ଚଳିକ ମୁଖ୍ୟ ବନ୍ୟ ସଂରକ୍ଷକ (ଆରସିସିଏଫ)ଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯିବ। ଅବଶିଷ୍ଟ ଅର୍ଥ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସାରେ ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।ଅନ୍ୟପକ୍ଷରେ, ଏହି ଘଟଣା ପରେ ଜଙ୍ଗଲ ସଂଲଗ୍ନ ଅଞ୍ଚଳର ଲୋକମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବନ୍ୟଜନ୍ତୁଙ୍କ ଚଳପ୍ରଚଳ ବୃଦ୍ଧି ପାଉଥିବାରୁ ଗ୍ରାମବାସୀମାନେ ସୁରକ୍ଷା ନେଇ ଚିନ୍ତା ପ୍ରକାଶ କରିଛନ୍ତି। ବନ୍ୟଜନ୍ତୁ ଆକ୍ରମଣ ରୋକିବା, ପାଟ୍ରୋଲିଂ ବୃଦ୍ଧି କରିବା, ସଚେତନତା କାର୍ଯ୍ୟକ୍ରମ ଆୟୋଜନ ଏବଂ ସଂବେଦନଶୀଳ ଅଞ୍ଚଳରେ ନିରନ୍ତର ନଜରଦାରୀ ବ୍ୟବସ୍ଥା କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।ଏହି ଘଟଣା ପୁଣିଥରେ ମଣିଷ ଓ ବନ୍ୟଜନ୍ତୁ ମଧ୍ୟରେ ବଢୁଥିବା ସଂଘର୍ଷ ପ୍ରସଙ୍ଗକୁ ସାମ୍ନାକୁ ଆଣିଛି। ବନବିଭାଗ ପକ୍ଷରୁ ମଧ୍ୟ ଭବିଷ୍ୟତରେ ଏଭଳି ଘଟଣା ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି।

## ଏନ୍‌ସିସି ତାଲିମ୍ ଶିବିର ଉଦ୍‌ଯାପିତ




କେନ୍ଦୁଝର, ୧୦।୬(ସମିସ): ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ୧୪ ଓଡ଼ିଶା ବାଟାଲିୟନ ପକ୍ଷରୁ ଆୟୋଜିତ ଦ୍ୱିତୀୟ ପର୍ଯ୍ୟାୟ ୧୦ ଦିନିଆ ଏନ୍.ସି.ସି. ପ୍ରଶିକ୍ଷଣ ଶିବିର ବୁଧବାର ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ କମାଣ୍ଡିଂ ଅଫିସର କର୍ଣ୍ଣଲ ଜୟନ୍ତ ମୋହନ ଯୋଶୀ, ପ୍ରଶାସନିକ ଅଧିକାରୀ ଲେଫ୍ଟନାଣ୍ଟ କର୍ଣ୍ଣଲ ମୟୂର ଘାର୍ଗେ ଯୋଗ ଦେଇଥିଲେ। ଜୁନ୍ ୧ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରଶିକ୍ଷଣ ଶିବିରରେ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ୬୦୦ କ୍ୟାଡେଟ ଯୋଗ ଦେଇଥିଲେ। ୮ ଜଣ ଏଏନ୍‌ଓ, ୧୮ ଜଣ ପି.ଆଇ ଷ୍ଟାଫ୍ କ୍ୟାଡେଟଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉଦଯାପନୀ ଉତ୍ସବରେ କ୍ୟାଡେଟଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଲେଫ୍ଟନାଣ୍ଟ ଦୀପକ ଗିରି, ଉମାକାନ୍ତ ବେହେରା, ନିହାର ରଞ୍ଜନ ମହାନ୍ତ, ଦିଗାମ୍ବର ରାଉତ, ଅରୁଣ ଜେନା, ଚିଫ୍ ଅଫିସର ମାନସ ରଞ୍ଜନ ପ୍ରଧାନ, ଫାର୍ଷ୍ଟ ଅଫିସର ପୂର୍ଣ୍ଣଚନ୍ଦ୍ର ପାତ୍ର, ସେକେଣ୍ଡ ଅଫିସର ବିଜୟ ବେହେରାଙ୍କୁ କ୍ୟାମ୍ପ କମାଣ୍ଡାଣ୍ଟ କର୍ଣ୍ଣଲ ଜୟନ୍ତ ମୋହନ ଯୋଶୀ, ଡେପୁଟି କ୍ୟାମ୍ପ କମାଣ୍ଡାଣ୍ଟ ଲେଫ୍ଟନାଣ୍ଟ କର୍ଣ୍ଣଲ ମୟୂର ଘାଡଗେ, ସୁବେଦାର ମେଜର ମହମ୍ମଦ ଶାହିଦ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରିଥିଲେ।

## କଂଗ୍ରେସର କର୍ମକର୍ତ୍ତା ସମ୍ବର୍ଦ୍ଧନା ସମାରୋହ



ଆନନ୍ଦପୁର,୧୦।୬(ସମିସ): ଆନନ୍ଦପୁର ନିର୍ବାଚନମଣ୍ଡଳୀର ବିଭିନ୍ନ ବ୍ଲକ ପଞ୍ଚାୟତ ଓ ବୁଥ୍ ଲେବୁଲ କର୍ମକର୍ତ୍ତାଙ୍କୁ ଆଜି ସମ୍ବର୍ଦ୍ଧନା ଦିଆଯାଇଛି। ବିଶ୍ୱରଞ୍ଜନ ପାଣିଗ୍ରାହୀଙ୍କ ସଂଯୋଜନାରେ ଜିଲ୍ଲା ସଭାପତି ଇଂ ମନୋଜ କୁମାର ଜେନା ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠନେତା ହାଡ଼ିବନ୍ଧୁ ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା କଂଗ୍ରେସ ହିଁ ସ୍ଥିର ସରକାର ଦେଇପାରିବ ବୋଲି ମତ ବ୍ୟକ୍ତ କରିଥିଲେ। ଶ୍ରୀଧର ଦଳେଇ, ଅକ୍ଷୟ କୁମାର ମହାନ୍ତି, ନିରଞ୍ଜନ ମିଶ୍ର, ନିତ୍ୟାନନ୍ଦ ସାମଲ, ରମେଶ ବାରିକ, ସୁରେଶ ସାହୁ, ସନ୍ତୋଷ ସାମଲ ଚିତ୍ତରଞ୍ଜନ ପାତ୍ର ଅକ୍ଷୟ ମହାନ୍ତି, ବିକାଶ ବଳ, ଲୀଳାବତୀ ନାଇକ, ମୁରଲୀ ବେହେରା, ମନ୍ମଥ ଜେନା ବିଭୁତି ଘଡେଇ, ମଧୁସୂଦନ ମହାନ୍ତ, ଆଲୋକ ଜେନା, ସେକ ଜାକିର ଦଳୀୟ କର୍ମୀଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ଦୁର୍ଦ୍ଦିନରେ ବିଧବା ଭତ୍ତାରୁ ବଞ୍ଚିତ ହିତାଧିକାରୀ



ରାଇରଙ୍ଗପୁର ,୧୦।୬(ସମିସ): ବିଧବା ମହିଳା ମାନେ ଭତ୍ତା ଟିକକ ପାଇଁ ଦହଗଞ୍ଜ ହେଉଛନ୍ତି। ବିଧବା ଭତ୍ତା ନେଇ ଆବେଦନ କରିବା ସତ୍ତ୍ୱେ ମିଳୁନି ଭତ୍ତା। ଗୁଜୁରାଣ ମେଣ୍ଟାଇବା ପାଇଁ ବାଧ ହୋଇ ଅନ୍ୟ କାମ କରୁଛନ୍ତି। ଭତ୍ତା ଟଙ୍କା ପାଇଁ ବାରମ୍ବାର ଅଫିସକୁ ଦୌଡି ଦୌଡ଼ି ନୟାନ୍ତ ହୋଇ ଅଭିଯୋଗ କରିଛନ୍ତି। ବିଜେପି ସରକାର ଅବହେଳା ଯୋଗୁଁ ଗରିବ ଓ ଅସହାୟ ଲୋକଙ୍କ କଲ୍ୟାଣ ପାଇଁ ଭତ୍ତା ମିଳିପାରୁନାହିଁ। ଏନେଇ କୁସୁମୀ ବ୍ଲକ ଅନ୍ତର୍ଗତ ତଳକପୋଖରୀ ପଞ୍ଚାୟତର କଣ୍ଟାସୋଲା ଗ୍ରାମର ୩ ଜଣ ବିଧବା ମହିଳା ବାମନଘାଟି ଉପଖଣ୍ଡସ୍ତରୀୟ ଜନଶୁଣାଣୀରେ ଭତ୍ତା ନେଇ ଆବେଦନ କରିଛନ୍ତି। ପାର୍ବତୀ ସୋରେନ, ସୀମା ହାଁସଦା ଓ ଜବା ମୁର୍ମୁ ମହିଳା ମାନେ ବିଧବା ଭତ୍ତା ପାଇଁ ଯୋଗ୍ୟ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ବିଧବା ଭତ୍ତା ସୁବିଧା ପାଇନାହାନ୍ତି। ବାରମ୍ବାର ଆବେଦନ କରିବା ସତ୍ତ୍ୱେ ମିଳୁନାହିଁ। ସାମାଜିକ ସୁରକ୍ଷା ଯୋଜନାର ଲାଭ ଯଥାଶୀଘ୍ର ଯୋଗ୍ୟ ହିତାଧିକାରୀଙ୍କ ପାଖରେ ପହଞ୍ଚିବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ ନେଇ ଦାବି ହୋଇଛି।

## ତାଞ୍ଜାନିଆରେ ଓଡ଼ିଆ ଯୁବକ ନିର୍ଯାତିତ — ପାସପୋର୍ଟ ଦେଉନି କମ୍ପାନୀ

ଆନନ୍ଦପୁର, ୧୦।୬(ସମିସ): ତାଞ୍ଜାନିଆରେ ଫଶିରହିଛନ୍ତି ଓଡ଼ିଆ ଯୁବକ। କେନ୍ଦୁଝର ଜିଲ୍ଲା ଶୈଳଙ୍ଗ ନିବାସୀ ଗୋପବନ୍ଧୁ ସାହୁଙ୍କ ପୁତ୍ର ସତ୍ୟଦୀପ ସାହୁ ୫ ଦିନ ହେବ ସେଠାରେ ନିର୍ଯାତିତ ହେବା ସହ ଫଶି ରହିଛନ୍ତି। ଆପିଲ ପେଟ୍ରୋଲିୟମ୍, କୋମୋଆରେ ସତ୍ୟଦୀପ ବରିଷ୍ଠ ଆକାଉଣ୍ଟାଣ୍ଟ ଭାବେ ଦେଢ଼ ମାସ ତଳେ ଯୋଗ ଦେଇଥିଲେ। ତେବେ ହଠାତ୍ କୌଣସି କାରଣ ନଥାଇ ତାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା। କମ୍ପାନୀ କର୍ତ୍ତୃପକ୍ଷ ସତ୍ୟଦୀପଙ୍କ ପାସପୋର୍ଟ ଫେରାଉ ନ ଥିବାରୁ ସେ ଆଉ ସ୍ୱଦେଶ ଫେରି ପାରି ନାହାନ୍ତି। ଘଟଣା ସମ୍ପର୍କରେ ପରିବାର ଲୋକେ ଯୁବ ବିଜେପି ନେତା ଯଜ୍ଞପ୍ରସାଦ ସାହୁଙ୍କୁ ଅବଗତ କରାଇଥିଲେ। ଶ୍ରୀ ସାହୁ ତୁରନ୍ତ ଘଟଣା ସମ୍ପର୍କରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ

**ପୁଅକୁ ଫେରାଇ ଆଣିବା ପାଇଁ ମା'ର ନିବେଦନ**



କରିଥିଲେ। ପରେ ଉଭୟ ନେତାଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରଶାସନ ସହ ଯୋଗାଯୋଗ କରାଯାଇଛି। ସେହିପରି ଶ୍ରୀ ସାହୁଙ୍କଠାରୁ ସୂଚନା ପାଇ ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ସାଂସଦ ଅନନ୍ତ ନାୟକ ଓ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଘଟଣା ସମ୍ପର୍କରେ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରିଥିବା ଜଣାପଡ଼ିଛି। ଆଜି ସତ୍ୟଦୀପଙ୍କ ବଡ ଭଉଣୀ ଶୁଭଶ୍ରୀଙ୍କୁ ଜିଲ୍ଲା ଶ୍ରମ ଅଧିକାରୀ ନିଜ କାର୍ଯ୍ୟାଳୟକୁ ଡକାଇ ଘଟଣା ସମ୍ପର୍କରେ ପଚାରି ବୁଝିବା ସହ ତୁରନ୍ତ ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ। ଅପରପକ୍ଷରେ ଆଜି ସନ୍ଧ୍ୟାରେ ସତ୍ୟଦୀପଙ୍କୁ ଉକ୍ତ ସଂସ୍ଥା ଡକାଇ ଆଲୋଚନା କରିଥିବା ଜଣାପଡ଼ିଛି। ନିଜ ପୁଅକୁ ସୁରକ୍ଷିତ ଭାବେ ଫେରାଇ ଆଣିବାକୁ ସତ୍ୟଦୀପଙ୍କ ମା' ଆକୁଳ ନିବେଦନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କାର୍ଯ୍ୟାଳୟ ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ସହ ଘଟଣା ସମ୍ପର୍କରେ ଯୋଗାଯୋଗରେ ଥିବା ଯଜ୍ଞପ୍ରସାଦ ସାହୁ କହିଛନ୍ତି।

## ଭତ୍ତା ଆବେଦନର ଦୁଇ ବର୍ଷ ପରେ ବି ଭିନ୍ନକ୍ଷମ ନିରାଶ

ଆନନ୍ଦପୁର, ୧୦।୬(ସମିସ):

ଭିନ୍ନକ୍ଷମ ଆଦିବାସୀ ନାବାଳକଙ୍କୁ ମିଳୁନାହିଁ ଭତ୍ତା। ଆବେଦନ କରିବାର ଦୁଇ ବର୍ଷ ବିତିଯାଇଥିଲେ ମଧ୍ୟ ସରକାରୀ ସହାୟତା ପାଇବାରୁ ବଞ୍ଚିତ ହୋଇଛନ୍ତି ୧୭ ବର୍ଷୀୟ ସୁଜିତ ନାଏକ। ପୁଅର ଭିନ୍ନକ୍ଷମ ଭତ୍ତା ପାଇଁ ବାପା ରମେଶ ନାଏକ ବ୍ଲକ୍‌ଠାରୁ ଜିଲ୍ଲା କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅନେକ ଥର ଦୌଡ଼ି ନୟାନ୍ତ ହୋଇଥିଲେ ମଧ୍ୟ ସହାୟତା ମିଳିନାହିଁ। ଶେଷରେ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବା ପରେ ଚଳିତ ମାସ ମଧ୍ୟରେ ଭତ୍ତା ମଞ୍ଜୁର କରାଯିବ ବୋଲି ପ୍ରତିଶ୍ରୁତି ମିଳିଛି। ସୂଚନା ଅନୁଯାୟୀ, କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ୍ କୋଳିମାଟି ପଞ୍ଚାୟତ କାଦବାହାଲି ଗାଁର ରମେଶ ନାଏକଙ୍କ ପୁଅ ସୁଜିତ ନାଏକ ଜନ୍ମରୁ ଭିନ୍ନକ୍ଷମ। ୨୦୨୪ରେ ସରକାରଙ୍କ ପକ୍ଷରୁ ତାଙ୍କୁ ୭୫ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ମିଳିଥିଲା। ଏହାପରେ ସୁଜିତଙ୍କ ଭିନ୍ନକ୍ଷମ ଭତ୍ତା ପାଇଁ ପରିବାର ପକ୍ଷରୁ ଆବେଦନ କରାଯାଇଥିଲା। କିନ୍ତୁ ଦୁଇ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାଙ୍କ ନାମରେ ଭତ୍ତା ମଞ୍ଜୁର ହୋଇନାହିଁ।



ପୁଅର ଭତ୍ତା ପାଇଁ ବାପା ରମେଶ ନାଏକ ଅନେକ ଥର ଆନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟ ଓ କେନ୍ଦୁଝର ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ତେବେ ପ୍ରତିଥର ବିଭିନ୍ନ କାରଣ ଦର୍ଶାଇ ତାଙ୍କୁ ଫେରାଇ ଦିଆଯାଇଥିବା ଅଭିଯୋଗ ହୋଇଛି। ଭିନ୍ନକ୍ଷମ ଓ ଅସହାୟ ବ୍ୟକ୍ତିଙ୍କ ପାଇଁ ସରକାର ବିଭିନ୍ନ ଯୋଜନା କରୁଥିବା ବେଳେ, ଯୋଗ୍ୟ ହିତାଧିକାରୀମାନେ ଯଦି ବର୍ଷ ବର୍ଷ ଧରି ସହାୟତା ପାଇଁ ଡ଼େିବାକୁ ବାଧ ହୁଅନ୍ତି, ତେବେ ଯୋଜନାର ସଫଳତା ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ।

## ପୁଣି ବାଲି ବୋଝେଇ ଟ୍ରାକ୍ଟର ଜବତ

ବନ୍ତ/ଆଗରପଡ଼ା,୧୦।୬(ସମିସ): ସାଳନ୍ଦୀ ନଦୀରୁ ଚୋରା ବାଲି ଚାଲାଣ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ପୁଲିସ ଓ ଖଣି ବିଭାଗ ପକ୍ଷରୁ ବାରମ୍ବାର ପରିବହନ କରୁଥିବା ଯାନବାହନଗୁଡ଼ିକୁ ଜବତ୍ କରି ଜରିମାନା କରୁଥିଲେ ମଧ୍ୟ ବାଲି ମାଫିଆମାନେ ଏହି କାର୍ଯ୍ୟ ବନ୍ଦ କରୁନାହାନ୍ତି। ପୁଣି ବୁଧବାର ଅଣିଜୋଷ୍ଟିତ ସାଳନ୍ଦୀ ନଦୀରୁ ଏକ ଟ୍ରାକ୍ଟର ବାଲି ପରିବହନ କରୁଥିବାର କୌଣସି ସୂତ୍ରରୁ ପୁଲିସକୁ ଖବର ମିଳିଥିଲା। ଥାନାଧିକାରୀ ରାଜେଶ ସେଠୀ ତତ୍‌କ୍ଷଣାତ୍ ଘଟଣାସ୍ଥଳରେ ପହଞ୍ଚି କାଗଜପତ୍ର ଯାଞ୍ଚ କରିଥିଲେ, ମାତ୍ର ଡ୍ରାଇଭର ଆବଶ୍ୟକୀୟ କାଗଜପତ୍ର ଦେଖାଇପାରି ନ ଥିଲେ। ଏ ସମ୍ପର୍କରେ ଥାନା କେସ୍ ନଂ ୧୩୫/୨୬ରେ ଏକ ମାମଲା ରୁଜୁ କରି ପୁଲିସ ସମ୍ପୃକ୍ତ ଟ୍ରାକ୍ଟରକୁ ଜବତ କରିଥିବାର ଜଣାଯାଇଛି।

## କଂଗ୍ରେସର ସାଂଗଠନିକ ବୈଠକ

ବନ୍ତ/ଆଗରପଡ଼ା,୧୦।୬(ସମିସ): ବନ୍ତ ବ୍ଲକ୍ ଛୟାଳସିଂହ ପଞ୍ଚାୟତରେ କଂଗ୍ରେସର ସାଂଗଠନିକ ବୈଠକ ସହିତ କମିଟି ଗଠନ କରାଯାଇଛି। ଆଗାମୀ ପଞ୍ଚାୟତ ନିର୍ବାଚନର ରଣନୀତିକୁ ଲକ୍ଷ୍ୟ କରି ପ୍ରାକ୍ତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ବ୍ଲକ୍ ସଭାପତି ପ୍ରାକ୍ତନ ବିଧାୟକ ପଞ୍ଚାନନ ମଣ୍ଡଳଙ୍କ ସଭାପତିତ୍ୱରେ ପଞ୍ଚାୟତ ସଭାପତି ପ୍ରଫୁଲ୍ଲ ରାଉତ ଓ ଯୁବନେତା ଜ୍ୟୋତିରଞ୍ଜନ ନାୟକଙ୍କ ଉପସ୍ଥିତିରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା।



ଆଗାମୀ ପଞ୍ଚାୟତ ନିର୍ବାଚନରେ କିପରି ପଞ୍ଚାୟତ ଦଖଲ କରାଯିବ ଏ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ପୁନର୍ବାର ପଞ୍ଚାୟତ ସଭାପତି ପ୍ରଫୁଲ୍ଲ ରାଉତ, ଉପସଭାପତି ବିଷ୍ଣୁମୋହନ ଘଡ଼ାଇ, ସାଧାରଣ ସମ୍ପାଦକ ଖଗେଶ୍ୱର ପାତ୍ର, ସମ୍ପାଦକ ସୌରଭ ଜେନାଙ୍କ ସମେତ ଗୋଲକ ଘଡ଼ାଇ, ଲମ୍ବୋଦର ରାଉତ, ବିଶ୍ୱନାଥ ଓଝା, ରବୀନ୍ଦ୍ର ଜେନା, କାଶୀନାଥ ନାୟକ, ଜୟ ପ୍ରକାଶ ରାଉତ, ବିଜୟ ତ୍ରିପାଠୀ, କାର୍ତ୍ତିକ ଜେନା, ଶିବ ଜେନା, ଜଗନ୍ନାଥ ପରିଡ଼ା, ଶ୍ରୀକାନ୍ତ ଜେନା ପ୍ରମୁଖ ୧୧ ଜଣିଆ କମିଟିରେ ସ୍ଥାନ ପାଇଥିବାବେଳେ ବିଭିନ୍ନ ୱାର୍ଡରୁ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ମଦ ଦୋକାନ ସ୍ଥାନାନ୍ତର ନେଇ ବଢୁଛି ଅସନ୍ତୋଷ

ଦୋଳସାହି,୧୦।୬(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଦୋଳସାହି ପଞ୍ଚାୟତରେ ଅବସ୍ଥିତ ସରକାରୀ ବିଦେଶୀ ମଦ ଦୋକାନ ସ୍ଥାନାନ୍ତର ପାଇଁ ବେଳକୁ ବେଳ ଅସନ୍ତୋଷ ତୀବ୍ର ହେଉଥିବା ଦେଖିବାକୁ ମିଳୁଛି। ସୂଚନାଯୋଗ୍ୟ, ଦୋଳସାହି-ଗୁଆମାଳ ରାସ୍ତାକଡ଼ରେ ସରକାରୀ ବିଦେଶୀ ମଦ ଦୋକାନ ବିଭିନ୍ନ ଦୁର୍ଘଟଣାର କାରଣ ସାଜିଛି। ୫୦୦ ମିଟର ଦୂରରେ ଅବସ୍ଥିତ ହାଇସ୍କୁଲ ଓ ୮/୯ଶହ ମିଟର ଦୂରରେ ଗୁଆମାଳ ହାଇସ୍କୁଲ, ଗୁଆମାଳ ସଂସ୍କୃତ ଟୋଲ୍, ସଂସ୍କୃତ ମହାବିଦ୍ୟାଳୟ ଓ ଗଣେଶ ସଂଗୀତ ମହାବିଦ୍ୟାଳୟ ଅବସ୍ଥିତ। ଏହି ରାସ୍ତା ଦେଇ ହଜାର ହଜାର ଛାତ୍ରଛାତ୍ରୀ ଓ ଜନସାଧାରଣ ଗମନାଗମନ କରିଥାନ୍ତି। ଦୁଃଖ ଓ ପରିତାପର ବିଷୟ ମଦ୍ୟପମାନଙ୍କର ଶିକାର ହେଉଥିବା ଜଣାଯାଇଛି। ଲୋକାରଣ୍ୟରେ ରାସ୍ତାଟି ଦୁର୍ଘଟଣାର କାରଣ ସାଜିଛି। ନିରୀହ ସରଳ ଜନସାଧାରଣ ଓ ଛାତ୍ରଛାତ୍ରୀ ଏହି ପରିବେଶକୁ ନେଇ ଭୟଭୀତ ହେବାର ପରିଲକ୍ଷିତ ହେଉଛି। ଏହି ମଦ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତରିତ ପାଇଁ ଜନଅସନ୍ତୋଷ ଆଗକୁ ତୀବ୍ର ରୂପ ନେବ ଏଥିରେ ସନ୍ଦେହର ଅବକାଶ ନାହିଁ। ଜନମତ, ଜନ ଆନ୍ଦୋଳନକୁ ସମ୍ମାନ ଜଣାଇ ରାସ୍ତାକଡ଼ରୁ ମଦ ଦୋକାନ ହଟାଇବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଥିବା ଜଣାଯାଇଛି।




## ଆଦର୍ଶ ଶିକ୍ଷକଙ୍କ ପରଲୋକ

ବାସୁଦେବପୁର,୧୦।୬(ସମିସ): ବାସୁଦେବପୁର ବ୍ଲକ୍ ବରଣ୍ଡୁଆ ପଞ୍ଚାୟତ ମଧୁସୂଦନପୁର ଗ୍ରାମର ଆଦର୍ଶ ଶିକ୍ଷକ ମହେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୨ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘ ଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରସ୍ଥ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ସେ ଜଣେ ସରଳ, ଧର୍ମପରାୟଣ ବ୍ୟକ୍ତି ଓ ପରୋପକାରୀ ଥିଲେ। ବେତଡ଼ା ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଦୀର୍ଘ ବର୍ଷ ଧରି ଶିକ୍ଷକ ଥିଲେ। ସେ ବେତଡ଼ାର ବିଭିନ୍ନ ସାମାଜିକ ଓ ଧାର୍ମିକ ଅନୁଷ୍ଠାନ ସହିତ ଜଡ଼ିତ। ସର୍ବପୁରାତନ ଲକ୍ଷ୍ମୀ କମିଟିର ସମ୍ପାଦକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଶିକ୍ଷା ଆଲୋକ ପ୍ରଜ୍ୱଳିତ କରିବା ପାଇଁ ବେତଡ଼ାଠାରେ ଗୋପବନ୍ଧୁ ସଂସ୍କୃତ କଲେଜ ସ୍ଥାପନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବରଣ୍ଡୁଆ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ତାଙ୍କର ମରଶରୀରକୁ ଏକ ଶୋଭାଯାତ୍ରାର ଆଣି ଗୋପବନ୍ଧୁ ସଂସ୍କୃତ କଲେଜ, ଲକ୍ଷ୍ମୀ ମଣ୍ଡପ ଆଦି ବିଭିନ୍ନ ଅନୁଷ୍ଠାନ ପରିସରକୁ ନିଆଯାଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଖବର ପାଇ ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ ଓ ପୁରାତନ ଛାତ୍ର ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ସମୟରେ ପୁତ୍ର, ବୋହୂ, ଝିଅ, ନାତି, ନାତୁଣୀ ଉପସ୍ଥିତ ଥିଲେ। ମଧୁସୂଦନପୁର ବାସଭବନ ନିକଟରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।



### ଅବହେଳିତ ଆଗରପଡ଼ା

# ମଞ୍ଜୁରୀକୁ ୬ ମାସ ପୂରିବ; କାର୍ଯ୍ୟକ୍ଷମ ହୋଇପାରୁନି ଗ୍ରାମ୍ୟ ନ୍ୟାୟାଳୟ

ବନ୍ତ/ଆଗରପଡ଼ା,୧୦।୬(ସମିସ)

ରାଜ୍ୟ ସରକାରଙ୍କ ଆଇନ ବିଭାଗ ମଞ୍ଜୁରୀକୁ ୬ ମାସ ପୂରିବାକୁ ବସିଥିବାବେଳେ (ଦେୱାନୀ ଓ ଫୌଜଦାରୀ) ଗ୍ରାମ୍ୟ ନ୍ୟାୟାଳୟ କାର୍ଯ୍ୟକ୍ଷମ ନ ହେବା ଏକ ଦୁଃଖ ଓ ବିଡ଼ମ୍ବନାର ବିଷୟ। ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ଆଗରପଡ଼ାଠାରେ। ଆଗରପଡ଼ାରେ ଏକ ନ୍ୟାୟାଳୟ ପ୍ରତିଷ୍ଠା ପାଇଁ ୪ ବର୍ଷ ପୂର୍ବେ ଆଗରପଡ଼ା ଅଞ୍ଚଳର ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇ ଆସୁଥିଲା। ପରେ ଦାବିକୁ ହୃଦୟଙ୍ଗମ କରି ରାଜ୍ୟ ସରକାରଙ୍କ ଆଇନ ବିଭାଗ ବିଜ୍ଞପ୍ତି ୧୫.୧.୨୦୨୬ ନଂ.ଆଇଜେ-୦୧/୨୬.୧୨୪୧ ପତ୍ର ଅନୁସାରେ କାର୍ଯ୍ୟ କରିବା କ୍ଷମତାକୁ ପ୍ରୟୋଗ କରିବା ପାଇଁ ଉପଧାରା(୦୧), ଉପଧାରା(୦୨)ର ଧାରା ୩ ସହ ଧାରା ୪ର ଗ୍ରାମ୍ୟ ନ୍ୟାୟାଳୟ ଅଧିନିୟମ ୨୦୦୮(୪ର ୨୦୦୯) ରାଜ୍ୟ ସରକାର ଉଚ୍ଚ ନ୍ୟାୟାଳୟଙ୍କ ପରାମର୍ଶ କ୍ରମେ ଭଦ୍ରକ ଜିଲ୍ଲାର ଆଗରପଡ଼ାଠାରେ ନ୍ୟାୟାଳୟ ସ୍ଥାପନ ହେବା ପାଇଁ ନିର୍ଦ୍ଦେଶ ଥିବା ସତ୍ତ୍ୱେ ଏହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଯଦି ଏହା କାର୍ଯ୍ୟକ୍ଷମ ହୋଇପାରନ୍ତା, ତେବେ ଆଗରପଡ଼ା ଥାନା ଅଧୀନସ୍ଥ ୧୩ଟି ଗ୍ରାମ ପଞ୍ଚାୟତର ସମସ୍ତ ରାଜସ୍ୱ ଗ୍ରାମ(୭୦ରୁ ଉର୍ଦ୍ଧ୍ୱ)ର ଅଧିବାସୀ ନ୍ୟାୟ ପାଇବା ପାଇଁ ଜିଲ୍ଲା ଅଦାଲତକୁ ଯାତାୟାତ ଖର୍ଚ୍ଚ ଏବଂ ସମୟ ନଷ୍ଟରୁ ବଞ୍ଚିତ ହୁଅନ୍ତେ।

ଭୌଗୋଳିକ ସ୍ଥିତି ଦୃଷ୍ଟିରୁ ଆଗରପଡ଼ା ଅଞ୍ଚଳଟି ଭଦ୍ରକ, କେନ୍ଦୁଝର ଏବଂ ବାଲେଶ୍ୱର ଜିଲ୍ଲାର ସୀମାନ୍ତ ଅଞ୍ଚଳ ହୋଇଥିବାରୁ ଏକ ବ୍ୟସ୍ତବହୁଳ ବ୍ୟାବସାୟିକ କେନ୍ଦ୍ର ଭାବେ ମଧ୍ୟ ପରିଚିତ। ତେଣୁ ଓଡ଼ିଶା ହାଇକୋର୍ଟଙ୍କ ସୁପାରିସ୍ ଏବଂ ତତ୍କାଳୀନ ସରକାରଙ୍କ ଆଇନ ବିଭାଗର ମଞ୍ଜୁରୀ ଓ ବର୍ତ୍ତମାନର ସରକାରଙ୍କ ଆଇନ ବିଭାଗର ସ୍ୱୀକୃତି ଲାଭ କରିବା ପରେ ମଧ୍ୟ କେଉଁ କାରଣରୁ ଏହା କାର୍ଯ୍ୟକ୍ଷମ ହୋଇପାରୁନି ତାକୁ ନେଇ ଅଞ୍ଚଳବାସୀ ସନ୍ଦିହାନ ହୋଇପଡ଼ିଛନ୍ତି। ନ୍ୟାୟାଳୟ ସ୍ଥାପନରେ ବିଳମ୍ବ ଓ ତା'ର କାର୍ଯ୍ୟକାରିତା ଉପରେ ପୂର୍ବତନ ବିଧାୟକ ପ୍ରଫୁଲ୍ଲ ସାମଲ ଓ ବର୍ତ୍ତମାନର ବିଧାୟକ ସଞ୍ଜୀବ ମଲ୍ଲିକ ବିଧାନସଭାରେ ପ୍ରଶ୍ନ ମଧ୍ୟ ଉତ୍‌ଥାପନ କରିଛନ୍ତି।



ସରକାରଙ୍କ ଆଇନ ବିଭାଗ ଆଗରପଡ଼ାରେ ତୁରନ୍ତ ନ୍ୟାୟାଳୟ ସ୍ଥାପନ ସହ କାର୍ଯ୍ୟକ୍ଷମ କରିବାକୁ ମେମୋ ନଂ ୧୨୪୨ରେ ଡେପୁଟି ଡାଇରେକ୍ଟର, ସେକ୍ରେଟାରିଏଟ୍‌ଙ୍କୁ ବିଜ୍ଞପ୍ତି ଜନିତ ଇସ୍ତାହାର ପତ୍ରିକା ଉଲ୍ଲେଖଯୋଗ୍ୟ ପ୍ରେରଣ ପତ୍ର (୫କିତା ବିଶିଷ୍ଟ) ଓଡ଼ିଶା ହାଇକୋର୍ଟ ଏବଂ ଜିଲ୍ଲା ଦୌରାଜଜ୍, ଭଦ୍ରକଙ୍କ ଗୋଚରାର୍ଥେ ପ୍ରେରଣ କରିଥିବା ଜଣାପଡ଼ିଛି। ତତ୍‌ସହିତ ମେମୋ ନଂ ୧୨୪୩ରେ ଉକ୍ତ ନଥିପତ୍ର ବିଶେଷ ଅଧିକାରୀ (ପ୍ରଶାସନ ବିଭାଗ) ଓଡ଼ିଶା ହାଇକୋର୍ଟ, ମେମୋ ନଂ ୧୨୪୪ରେ ପ୍ରାରମ୍ଭିକ ହିସାବ ରକ୍ଷକ(ଏଏଣ୍ଡଇ) ସରକାରୀସ୍ତରୀୟ ହିସାବ ସମୀକ୍ଷା ବିଭାଗ, ଓଡ଼ିଶା, ଭୁବନେଶ୍ୱର, ମେମୋ ନଂ ୧୨୪୫ ଜିଲ୍ଲା ଦୌରାଜଜ୍ ଓ ଟ୍ରେଜେରୀ(ଧନାଗାର) ଅଫିସର, ଭଦ୍ରକ। ମେମୋ ନଂ ୧୨୪୬ ବଜେଟ୍ ଶାଖା ଏବଂ ମେମୋ ନଂ ୧୨୪୭ ପ୍ରାଇଭେଟ୍ ସେକ୍ରେଟାରୀ ଆଇନ ବିଭାଗକୁ ପ୍ରେରଣ କରିବା ସହ ବିଧିବଦ୍ଧ ଭାବେ ତୁରନ୍ତ ଗ୍ରାମ୍ୟ ନ୍ୟାୟାଳୟ ସ୍ଥାପନ ଓ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି।

ପ୍ରକାଶ ଥାଉକି, ଗତ ୩ ବର୍ଷ ମଧ୍ୟରେ ଭଦ୍ରକ ଜିଲ୍ଲା ଦୌରାଜଜ୍ ଆଗରପଡ଼ାରେ ଗ୍ରାମ୍ୟ ନ୍ୟାୟାଳୟ ସ୍ଥାପନ ନେଇ ଦୁଇ ଦୁଇ ଥର ସରକାରୀ ଗୃହ ତନଖି କରିବାକୁ ଆସି ପୁରୁଷଣ୍ଡ ପଞ୍ଚାୟତସ୍ଥିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରକୁ ଚିହ୍ନଟ କରାଇ ସ୍ୱୀକୃତି ପ୍ରଦାନ କରାଇଥିଲେ ଏବଂ ଖୁବ୍‌ଶୀଘ୍ର ଅସ୍ଥାୟୀ ଭାବେ ଉକ୍ତ ପ୍ରଶସ୍ତ ଗୃହରେ କୋର୍ଟ ଚାଲିପାରିବ ବୋଲି ନିଷ୍ପତ୍ତି ମଧ୍ୟ କରିଥିଲେ। ଉକ୍ତ ଘୋଷଣା ପରେ ରାଜ୍ୟ ସରକାରଙ୍କ ଗୃହ ବିଭାଗ ତରଫରୁ ଅଡିଟ୍ ବିଭାଗକୁ ଏଠାରେ ନୂତନ ଗ୍ରାମ୍ୟ ନ୍ୟାୟାଳୟ ପ୍ରତିଷ୍ଠା ପାଇଁ ୧୦ଟି ବିଭିନ୍ନ ପଦ ଯଥା- ଅଫିସର ପାହ୍ୟାର ସରକାରୀ କର୍ମଚାରୀ ଏବଂ ଅଣ ରାଜପତ୍ରିତ ପଦ ପାଇଁ ଇସ୍ତାହାର ଜାରି କରାଯାଇଥିଲା। ଇସ୍ତାହାର ଅନୁସାରେ ଇତି ମଧ୍ୟରେ ବିଭିନ୍ନ ପଦପଦବୀ ନିମନ୍ତେ ନିଯୁକ୍ତି ପ୍ରଦାନ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇ ଆନୁସଙ୍ଗିକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ଜଣାପଡ଼ିଛି। ଏତେସବୁ କାର୍ଯ୍ୟର ପରିସମାପ୍ତି ପରେ ମଧ୍ୟ ଗ୍ରାମ୍ୟ ନ୍ୟାୟାଳୟ ସ୍ଥାପନ ଏବଂ କାର୍ଯ୍ୟକାରିତାରେ ବିଳମ୍ବକୁ ନେଇ ୧୩ଟି ଗ୍ରାମ ପଞ୍ଚାୟତର ୭୦ରୁ ଉର୍ଦ୍ଧ୍ୱ ରାଜସ୍ୱ ଗ୍ରାମର ବାସିନ୍ଦା ଦୁଃଖ ପ୍ରକାଶ କରିବା ସହ ତୁରନ୍ତ ସରକାରୀ ତଥା ଆଇନଗତସ୍ତରରେ ନ୍ୟାୟାଳୟ ସ୍ଥାପନ କରାଇ ଅଞ୍ଚଳରେ ଘଟୁଥିବା ଅପରାଧ ଓ ଅପରାଧ ଜନିତ ଅନ୍ୟାନ୍ୟ ଘଟଣାର ତ୍ୱରିତ ସମାଧାନ କରାଇବାରେ ଚେଷ୍ଟିତ ହେବାକୁ ଦାବି କରିଛନ୍ତି।

### ସେମାନଙ୍କ ମତରେ...



ବିଧାୟକ ହେବା ପରଠାରୁ ଆଗରପଡ଼ା ଅଞ୍ଚଳର ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ସର୍ବଦା ଚେଷ୍ଟା ଚଳାଇ ଆସୁଛି। ନ୍ୟାୟାଳୟ ପ୍ରତିଷ୍ଠାର ସମସ୍ତ ଆନୁସଙ୍ଗିକ କାର୍ଯ୍ୟ ଶେଷ ହୋଇଥିବାରୁ ଏହା ଯଥାଶୀଘ୍ର କିପରି କାର୍ଯ୍ୟକ୍ଷମ ହୋଇପାରିବ ସେ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବି।

ସଞ୍ଜୀବ ମଲ୍ଲିକ, ବିଧାୟକ, ଭଣ୍ଡାରିପୋଖରୀ



ଆଗରପଡ଼ାର ସୁନାଗରିକ ଭାବେ ଦୀର୍ଘ ୩ ବର୍ଷରୁ ଉର୍ଦ୍ଧ୍ୱ ଗ୍ରାମ୍ୟ ନ୍ୟାୟାଳୟ ଖୋଲିବା ନେଇ ସମସ୍ତ କାର୍ଯ୍ୟକୁ ଅଞ୍ଚଳବାସୀଙ୍କ ତରଫରୁ ତଥା ପୁରୁଷଣ୍ଡ ପଞ୍ଚାୟତର ସରକାରୀ ଗୃହ ରାଜୀବ ସେବା କେନ୍ଦ୍ରକୁ ଯୋଗାଇ ଦେଇଥିଲେ ମଧ୍ୟ ପଦ୍ମ ଘୁଞ୍ଚିଘୁଞ୍ଚି ଯାଉଛି ନୀତି ଆମ୍ଭମାନଙ୍କୁ ଆଶ୍ଚର୍ଯ୍ୟ ଚକିତ କରୁଛି। ଏଣୁ ସରକାରଙ୍କ ଆଇନ ବିଭାଗ ଓ ହାଇକୋର୍ଟଙ୍କ ମିଳିତ ଉଦ୍ୟମରେ ତୁରନ୍ତ ନ୍ୟାୟାଳୟ ପ୍ରତିଷ୍ଠା ଏବଂ କାର୍ଯ୍ୟକାରିତା କରାଇଲେ ଅଞ୍ଚଳର ସମସ୍ତ ବାସିନ୍ଦା ଉପକୃତ ତଥା ଲାଭବାନ ହୁଅନ୍ତେ।

ପ୍ରଶାନ୍ତ ଦାଶ, ଜିଲ୍ଲା ବିଜେଡି ଉପସଭାପତି, ଭଦ୍ରକ



ଆଗରପଡ଼ା ଅଞ୍ଚଳରେ ଦିନକୁ ଦିନ ଛୋଟବଡ଼ ଅପରାଧ ସଂଖ୍ୟା ବଢ଼ି ଚାଲିଛି। ତେଣୁ ନ୍ୟାୟାଳୟ କାର୍ଯ୍ୟକ୍ଷମ ହୋଇପାରିଲେ ଅପରାଧରେ ଅଙ୍କୁଶ ଲଗାଯାଇପାରନ୍ତା।

ବିନୋଦ କୁମାର ଧଳସାମନ୍ତ, ନିର୍ଦ୍ଦେଶକ, କଳିଙ୍ଗ କମ୍ପ୍ୟୁଟର୍ସ, ଆଗରପଡ଼ା

## ଧାମନଗର ଏସ୍‌ଡିପିଓ ସାଇବର ଠକେଇର ଶିକାର

ଧାମନଗର,୧୦।୬(ସମିସ): ସାଧାରଣ ଜନତା ସାଇବର ଠକେଇର ଶିକାର ହେଉଥିଲେ। ଆଶ୍ଚର୍ଯ୍ୟର ବିଷୟ ଏବେ ପୁଲିସ ସାଇବର ଠକେଇର ଶିକାର ହେଲେଣି। ଧାମନଗର ଏସ୍‌ଡିପିଓ ଅନିରୁଦ୍ଧ ମୁଦୁଲିଙ୍କ ବ୍ୟାଙ୍କ ଏକାଉଣ୍ଟରୁ ଜାଲିଆତି କରି ୯୮ ହଜାର ୯୨୮ ଟଙ୍କା ଲୁଟ୍ ହୋଇଥିବା ନେଇ ଗତ ୬ ତାରିଖରେ ଧାମନଗର ଥାନାରେ ଏସ୍‌ଡିପିଓ ଶ୍ରୀ ମୁଦୁଲି ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୁଲିସ କେସ୍ ନଂ ୨୪୯/୨୬ ଏବଂ ୩୦୩(୨) ବିଏନ୍‌ଏସ୍‌ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି।

ସୂଚନା ଅନୁଯାୟୀ, ଶ୍ରୀ ମୁଦୁଲିଙ୍କର ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ଏକ ଜମା ଖାତା ରହିଛି। ଗତ ୩ ତାରିଖ ସନ୍ଧ୍ୟା ପ୍ରାୟ ୫ଟା ୩୧ ମିନିଟ୍ ସମୟରେ ମୋବାଇଲ୍ ନଂ ୭୬୮୨୮୭୮୫୮୬ରେ ସଂଯୋଗ ଥିବା ବ୍ୟାଙ୍କ ଆକାଉଣ୍ଟରୁ ୯୮ ହଜାର ୫୦୦ ଟଙ୍କା ୟୁପିଆଇ ମାଧ୍ୟମରେ ଶୁଭଜିତ୍ କ୍ଷେତ୍ରୀ ନାମକ ଜଣେ ବ୍ୟକ୍ତିଙ୍କ ଖାତାକୁ ସ୍ଥାନାନ୍ତର ହୋଇଥିବା ଉଲ୍ଲେଖ ଥିଲା। ତାଙ୍କ ଅଗୋଚରରେ ଏହି ବଡ଼ ଅଙ୍କର କାରବାର ହୋଇଥିବା ଦେଖି ସେ ସନ୍ଦେହ ପ୍ରକାଶ କରିଥିଲେ। ଏହାପରେ ସେ ତୁରନ୍ତ ବ୍ୟାଙ୍କ ଶାଖାକୁ ଯାଇ ନିଜ ଆକାଉଣ୍ଟର ଟ୍ରାଞ୍ଜାକ୍ସନ୍ ଡିଟେଲ୍ସ (ବିବରଣୀ) ଯାଞ୍ଚ କରିଥିଲେ। ଏହି ଘଟଣାରେ ନିଜେ ଥାନା ଅଧିକାରୀ ସୁଭ୍ରଜିତ ଦାଶ ଏହି ସାଇବର ଲୁଟ୍ ମାମଲାର ତଦନ୍ତ ଜାରି ରଖିଥିବା ସୂଚନା ଦିଆଯାଇଛି।


## ଓ ି ଶା କ୍ଷେତ ଓ ଗ୍ରାମୀଣ ମଜଦୁର ୟୁନିୟନ ପକ୍ଷରୁ ଜନସ ।

ଭଦ୍ରକ,୧୦।୬(ସମିସ): ଯୁକ୍ତରାଷ୍ଟ୍ର ଆମେରିକା ସାମ୍ରାଜ୍ୟବାଦ, ପେଟ୍ରୋ ଡଲାର ଅର୍ଥନୀତି, କ୍ଷେତ ଓ ଗ୍ରାମୀଣ ମଜଦୁରମାନଙ୍କ ଦୁର୍ଦ୍ଦଶା, ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍), ଭାରତୀୟମାନଙ୍କ ଭୋଟ୍ ଦେବାର ଅଧିକାର ସମ୍ପର୍କରେ ଓଡ଼ିଶା କ୍ଷେତ ଓ ଗ୍ରାମୀଣ ମଜଦୁର ୟୁନିୟନ ଭଦ୍ରକ ବ୍ଲକ୍ କମିଟି ପକ୍ଷରୁ ଭଦ୍ରକ ବ୍ଲକ୍ ଗେଲଟୁଆ ପଞ୍ଚାୟତ ଅନ୍ତର୍ଗତ ଜଳଙ୍ଗା ବଜାରରେ ସଂଗଠନର ଭଦ୍ରକ ବ୍ଲକ୍ ସଭାପତି ସୁରେନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଏକ ଜନସଭା ଅନୁଷ୍ଠିତ ହୋଇଯାଇଛି। ପେଟ୍ରୋ ଡଲାର ଅର୍ଥନୀତି ମାଧ୍ୟମରେ ଯୁକ୍ତରାଷ୍ଟ୍ର ଆମେରିକା ଭାରତର ଶାସନ କଳ, ପ୍ରାକୃତିକ ସମ୍ପଦ ଓ ବଜାରକୁ ଦଖଲ କରିବା ଓ ବିଶ୍ୱ ପୁଞ୍ଜିବାଦୀ ପେଟ୍ରୋ ଅର୍ଥନୀତିକୁ କେନ୍ଦ୍ରୀୟ ଭାବେ ନିୟନ୍ତ୍ରିତ କରିବା ପାଇଁ କରିଥିବା ଷଡ଼ଯନ୍ତ୍ରରେ ମୋଦି ସରକାର ଫସିଯାଇ ଆମ ଦେଶର ସାର୍ବଭୌମତ୍ୱକୁ ଯୁକ୍ତରାଷ୍ଟ୍ର ଆମେରିକା ପାଖରେ ସମର୍ପି ଦେଇଛନ୍ତି। ରୁଷ୍ ଓ ଇରାନ ଭାରତକୁ ତୈଳ ଦେବା ପାଇଁ ରାଜି ଥିବାବେଳେ ଯୁକ୍ତରାଷ୍ଟ୍ର ଆମେରିକା କଥାରେ ପରିଚାଳିତ ହୋଇ ଭାରତ ସରକାର ପେଟ୍ରୋଲିୟମ୍‌ଜାତ ସାମଗ୍ରୀ ନ କିଣି ଆମ ଦେଶରେ ତୈଳ ସଂକଟ ସୃଷ୍ଟି କରି ପେଟ୍ରୋଲ, ଡିଜେଲ, ସିଏନ୍‌ଜି ଓ ଜାଳେଣି ଗ୍ୟାସ ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି କରିଛନ୍ତି। ପ୍ରଥମେ ଉଜ୍ଜ୍ୱଳା ଗ୍ୟାସ୍ ଯୋଜନାରେ ବର୍ଷକୁ ୧୨ଟି ସିଲିଣ୍ଡର, ତା'ପରେ ଏହା ହ୍ରାସ କରାଯାଇ ବର୍ଷକୁ ୯ଟି ସିଲିଣ୍ଡର ମିଳୁଥିଲା। ବର୍ତ୍ତମାନ ବର୍ଷକୁ ୧୨ଟି ଗ୍ୟାସ୍ ସିଲିଣ୍ଡର ବଦଳରେ ୮ଟି ସିଲିଣ୍ଡର କାଟିଦେଇ ଉଜ୍ଜ୍ୱଳାରେ ଅନ୍ତର୍ଭୁକ୍ତ ପରିବାରଗୁଡ଼ିକୁ ବର୍ଷକୁ ମାତ୍ର ୪ଟି ସିଲିଣ୍ଡର ମିଳିବାର ଘୋଷଣା କରି ସାଧାରଣ ଲୋକଙ୍କ ହାଣ୍ଡିଶାଳକୁ ମୋଦି ସରକାର ଅଚଳ କରିଛନ୍ତି ବୋଲି ନେତୃବୃନ୍ଦ ଅଭିଯୋଗ କରିଥିଲେ। ମନରେଗା ଯୋଜନାକୁ ପୂର୍ବପରି ଚାଲୁ ରଖିବା, ଖାଦ୍ୟ ନିରାପତ୍ତାର ଗ୍ୟାରେଣ୍ଟି, ସମସ୍ତ ବୃଦ୍ଧ କ୍ଷେତ ମଜଦୁରମାନଙ୍କୁ ମାସିକ ୫୦୦୦ ଟଙ୍କା ପେନ୍‌ସନ୍, ସମସ୍ତ ଗରିବ ଲୋକଙ୍କୁ ନିର୍ବାଚନ ପ୍ରତିଶ୍ରୁତି ମୁତାବକ ୩୦୦ ୟୁନିଟ୍ ବିଜୁଳି ମାଗଣାରେ ଯୋଗାଇଦେବା, ଗତ ୩ ମାସ ଧରି ଭତ୍ତା ପାଇ ନ ଥିବା ଓଡ଼ିଶାର ଲକ୍ଷ ଲକ୍ଷ ବୃଦ୍ଧବୃଦ୍ଧା, ବିଧବା, ଭିନ୍ନକ୍ଷମମାନଙ୍କୁ ତୁରନ୍ତ ଭତ୍ତା ଦେବା, ଅତ୍ୟାବଶ୍ୟକ ସାମଗ୍ରୀର ଦର ନିୟନ୍ତ୍ରଣ କରିବା ଓ ଓଡ଼ିଶାର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣିବାକୁ କ୍ଷେତ ଓ ଗ୍ରାମୀଣ ମଜଦୁର ସଂଗଠନ ଏହି ସଭା ମାଧ୍ୟମରେ ଦାବି କରିଥିଲା। ଏହି ଜନସଭାରେ ଓଡ଼ିଶା କ୍ଷେତ ଓ ଗ୍ରାମୀଣ ମଜଦୁର ୟୁନିୟନ ଭଦ୍ରକ ଜିଲ୍ଲା ସମ୍ପାଦକ ଗିରିଧାରୀ ନାଥ, ସିଆଇଟିୟୁ ଭଦ୍ରକ ଜିଲ୍ଲା ସଭାପତି ଦିବ୍ୟସିଂହ ନାୟକ ଓ ଯୁବନେତା ବିକାଶ ନାଥ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।




## 'ଲେ ହ ମାନବୀ ର୍ଣ୍ଣେଭଜନ ମୁ ମ ୀଣ୍ଣୀ ଦେବୀ'

ଭଦ୍ରକ,୧୦।୬(ସମିସ): ବହୁ ପ୍ରତିଭାର ଅଧିକାରୀ ଥିଲେ ଲୌହ ମାନବୀ ତଥା ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ। ଜମିଜମା କ୍ଷେତ୍ରରେ ଭୂସଂସ୍କାର ଆଇନ ପ୍ରଣୟନଠାରୁ ଆରମ୍ଭ କରି ଓଡ଼ିଶାର ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ନେଇଥିଲେ ବୋଲି ତାଙ୍କ ଜୟନ୍ତୀ ଅବସରରେ ବକ୍ତାମାନେ ପ୍ରକାଶ କରିଥିଲେ। ତ୍ୟାଗଭୂମି ସଭାପତି ଅଜୟ ନାୟକଙ୍କ ସଭାପତିତ୍ୱରେ ଭଦ୍ରକ ମହତାବ ନଗରସ୍ଥିତ ମଙ୍ଗଳା ମନ୍ଦିରରେ ଆୟୋଜିତ ଜୟନ୍ତୀ ଉତ୍ସବରେ କଥାକାର ପବିତ୍ର ପାଣିଗ୍ରାହୀ, ବରିଷ୍ଠ ନାଗରିକ ସଂଘ ସଭାପତି ଲଲାଟେନ୍ଦୁ ମହାନ୍ତି, ଅବସରପ୍ରାପ୍ତ ପ୍ରଫେସର କମଳାକାନ୍ତ ସ୍ୱାଇଁ, ସ୍ତମ୍ଭକାର ପ୍ରଫୁଲ୍ଲ ସାହୁ, ବରିଷ୍ଠ ଆଇନଜୀବୀ ଗଦାଧର ବଳ, ଅମର ପାଣିଗ୍ରାହୀ, ଗୌରାଙ୍ଗ ବାରିକ, ରୂପକ ବିହାରୀ ରାୟ, ନାରାୟଣ ପାଢ଼ୀ ପ୍ରମୁଖ ନନ୍ଦିନୀ ଦେବୀଙ୍କ ବହୁମୁଖୀ ପ୍ରତିଭା ବିଷୟରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନ୍ଦରଧର ଦୀକ୍ଷିତ, ଦେବସ୍ମିତା ସାହୁ, ଅନୁସୟା ସ୍ୱାଇଁ, ଅନିତା ବାରିକ, ସୁର ମାଧବ ପାଣିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ସାମ୍ବାଦିକ ସନାତନ ରାଉତ ସ୍ୱାଗତ ଭାଷଣ ଦେଇଥିବାବେଳେ କାଳୀପଦ ରାୟ ଧନ୍ୟବାଦ ଦେଇଥିଲେ।




### କୁମ୍ଭାରିଆବାସୀଙ୍କୁ ବିପଦ

# ପଥର ସ୍ପର୍ ନିକଟରୁ ଲୁଟ୍ ହେଉଛି ଟ୍ରିପ୍ ଟ୍ରିପ୍ ବାଲି

ବାରିକପୁର,୧୦।୬(ସମିସ)

ଭଣ୍ଡାରିପୋଖରୀ ବ୍ଲକ୍ ଦେଇ ଯାଇଥିବା ବୈତରଣୀ ନଦୀରୁ ଦୈନିକ ବେଆଇନ ବାଲି ଉତ୍ତୋଳନ ଓ ପରିବହନ ଘଟଣା ନିତିଦିନିଆ ହୋଇଛି। କେତେବେଳେ ବଳିପୁର ତ ପୁଣି କେତେବେଳେ ବନ୍ଧାଳମଡ଼ିଆଳୀ ଓ ଝୁଟଣା, ବନସ୍ତା, ଜଗନ୍ନାଥ ପ୍ରସାଦ ନିକଟରୁ ବାଲି ଚୋରା ଚାଲାଣ ହେଉଛି। ଏଭଳି ବେଆଇନ ଚାଲାଣ ବର୍ଷ ବର୍ଷ ଧରି ଲାଗି ରହିଛି। ପ୍ରଶାସନିକ ତନାଘନା ପରେ ଯଦିଓ ଏସବୁ ସ୍ଥାନରୁ ବାଲି ପରିବହନ ଚଳିତ ବର୍ଷ ହ୍ରାସ ପାଇଛି କିନ୍ତୁ ଅନ୍ୟ କିଛି ଜାଗାରେ ଜୋର୍‌ଦାର୍ ଚୋରା ଚାଲାଣ ଆରମ୍ଭ ହୋଇଛି। ରାତି କଥା ଛାଡ଼ ଦିବାଲୋକରେ ବି ମାଫିଆମାନେ ବାଲି ଉତ୍ତୋଳନ କରି ଚାଲାଣ କରୁଛନ୍ତି। ନିକଟସ୍ଥ ଗାଁ ଓ ନଦୀବନ୍ଧ ସୁରକ୍ଷା ପ୍ରତି ମଧ୍ୟ ଧ୍ୟାନ ଦେଉନାହାନ୍ତି। ମିଳିଥିବା ସୂଚନା ମୁତାବକ, ବାଲିପୋଖରୀ ପଞ୍ଚାୟତ କୁମ୍ଭାରିଆ ଗାଁ ନିକଟସ୍ଥ ନଦୀ ଗଡ଼ାଠାରୁ ଦୈନିକ ବାଲି ଖୋଳାଯାଉଛି। ସ୍ଥାନୀୟ ଟ୍ରାକ୍ଟର ମାଲିକ ଓ କିଛି ଅସାଧୁ ବ୍ୟକ୍ତି ସଲାସୁତରା ହୋଇ ଏଭଳି ବେଆଇନ କାର୍ଯ୍ୟ କରୁଥିବା ଗ୍ରାମର ବୁଦ୍ଧିଜୀବୀମାନେ ଜଣାଇଛନ୍ତି। ନଦୀ ତଟ ସୁରକ୍ଷା ପାଇଁ ନିର୍ମିତ ହୋଇଥିବା ପଥର ସ୍ପର୍ ଓ ପ୍ୟାକିଙ୍ଗ୍ ନିକଟରୁ ଅତି ବେପରୁଆ ଭାବେ ବାଲି ଖୋଳାଯାଉଛି। ନଦୀରେ ପାଣି ଆସିଲେ ପଥର ବନ୍ଧ ଭାସିଯିବ ଏଥିରେ ସନ୍ଦେହ ନାହିଁ। ଦିବାଲୋକରେ ଟ୍ରାକ୍ଟର ଯୋଗେ ବାଲି ଚାଲାଣ ହେଉଥିଲେ ମଧ୍ୟ କେହି ଏହାକୁ ରୋକୁନାହାନ୍ତି। କିଛି ସଚେତନ ନାଗରିକ ପ୍ରତିବାଦ ସ୍ୱରୂପ ତହସିଲ୍‌ଦାରଙ୍କୁ ଜଣାଇଥିଲେ ମଧ୍ୟ ଚୋରା ଚାଲାଣ ରୋକିବା ତହସିଲ୍‌ର କାମ ନୁହେଁ ବୋଲି ଅଧିକାରୀମାନେ କହୁଛନ୍ତି। ଏପଟେ ନଦୀବନ୍ଧ ତଥା ନଦୀ ଗଡ଼ା କ୍ଷତିଗ୍ରସ୍ତ ହେଉଥିବା ବେଳେ ଦ୍ରୁତ ଗତିରେ ବାଲି ଗାଡ଼ି ଚଳାଚଳ କରୁଥିବା କାରଣରୁ କେତେବେଳେ ଯେ ଦୁର୍ଘଟଣା ଘଟିବ କହିହେଉ ନାହିଁ। ବାଲି ଚୋରା ଚାଲାଣ ଘଟଣାକୁ ନେଇ ଗାଁରେ ଏକପ୍ରକାର ଚାପା ଉତ୍ତେଜନା ମଧ୍ୟ ସୃଷ୍ଟି ହୋଇଛି। କେତେବେଳେ ଯେ ଗ୍ରାମରେ ଅଶାନ୍ତ ବାତାବରଣ ଆରମ୍ଭ ହୋଇ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେବ କହିହେଉ ନାହିଁ। ତେଣୁ ଏହା ଉପରେ ସ୍ଥାନୀୟ ଥାନା, ଖଣି ନିଗମ ଅଧିକାରୀ ଓ ସର୍ବୋପରି ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି।



### ● ଶିକ୍ଷାବିତ୍‌ଙ୍କ ଶ୍ରଦ୍ଧାଞ୍ଜଳି ସଭା

## 'ସମାଜ ପାଇଁ ଶିକ୍ଷକଙ୍କ ଅବଦାନ ଅତୁଳନୀୟ'

ବାରିକପୁର,୧୦।୬(ସମିସ): ସମାଜ ପାଇଁ ଜଣେ ଶିକ୍ଷକଙ୍କ ଅବଦାନ ଅତୁଳନୀୟ ବୋଲି ଭଣ୍ଡାରିପୋଖରୀ ବ୍ଲକ୍ ରହଣିଆ ପଞ୍ଚାୟତ ବେଲଗଡ଼ିଆଠାରେ ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ଶିବ ପ୍ରସାଦ ସ୍ୱାଇଁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିବୃନ୍ଦ ମତବ୍ୟକ୍ତ କରିଛନ୍ତି। ସ୍ତମ୍ଭକାର ତଥା ସାହିତ୍ୟିକ କାର୍ତ୍ତିକ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିସଭାରେ ମୁଖ୍ୟ ଅତିଥି ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗଦେଇ ସ୍ୱର୍ଗତ ଶିକ୍ଷକ ଶିବ ପ୍ରସାଦ ସ୍ୱାଇଁଙ୍କ କର୍ମମୟ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ୱର୍ଗତ ସ୍ୱାଇଁ ଏକାଧାରରେ ଜଣେ ଶିକ୍ଷକ ଓ ସମାଜସେବୀ ଭାବେ ବେଶ୍ ପରିଚିତ ଥିଲେ ବୋଲି ବିଧାୟକ କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ଉତ୍କଳ କେଶରୀ ମହାନ୍ତି, ପୂର୍ବତନ ସରପଞ୍ଚ ବିରେନ୍ଦ୍ର ନାୟକ, ଆଇନଜୀବୀ ରବୀନ୍ଦ୍ର କୁମାର ରାୟ, ଶିକ୍ଷାବିତ୍ ନୀଳମଣି ନାୟକ, ସତ ସାମଲ, ରାମଚନ୍ଦ୍ର ମହାନ୍ତି, ବିଶ୍ୱମ୍ଭର ନାଥ, ରମାକାନ୍ତ ବେହେରା, ଜଗନ୍ନାଥ ସାମଲ, ମୁରଲୀଧର ଦାସ, ମୁକୁନ୍ଦ ରାଉତ, ନରେନ୍ଦ୍ର ରାଉତ, ଅର୍ଜୁନ ବେହେରା, ନରେନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସ୍ୱାଇଁ ଜଣେ ଉଚ୍ଚକୋଟିର ଶିକ୍ଷକ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆନନ୍ଦ ରାଉତ, ନିର୍ମଳ ଧଳ, ଜଗନ୍ନାଥ ମହାନ୍ତି, ନିହାର ରଞ୍ଜନ ସ୍ୱାଇଁ, ସୁକୁମାର ମହାନ୍ତି, ହୃଷୀକେଶ ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ପ୍ରତିମୂର୍ତ୍ତି ଓ ଆଞ୍ଜୁଳାଏ ସ୍ମୃତି ପୁସ୍ତକ ଉନ୍ମୋଚିତ ହୋଇଥିଲା। ହିମାଂଶୁ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅମିତାଭ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜିତ ସ୍ମୃତିସଭାରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।



## ସରକାରଙ୍କ ପ୍ରତିଶ୍ରୁତି ପାଣିର ଗାର

# କ୍ୱିଣ୍ଟାଲ ପିଛା କଟାଯାଉଛି ୧୦ କେଜି ଧାନ

ଜଳେଶ୍ୱର ବ୍ଲକ, ୧୦।୬ (ସମିସ)

ସରକାରୀ ମଣ୍ଡିରେ ଧାନ କିଣାରେ କଟନି ଛଟନି ହେବନି ଓ ସବୁ ଚାଷୀଙ୍କ ସବୁ ଧାନ କିଣାଯିବ ବୋଲି ସରକାର ଡିଣ୍ଡିମ ପିଟୁଥିବାବେଳେ ବାସ୍ତବ ଚିତ୍ର ଭିନ୍ନ। ଗତ ଖରିଫ ଋତୁରେ କ୍ୱିଣ୍ଟାଲ ପିଛା ୧୨/୧୩ କିଗ୍ରା ଧାନ କଟାଯାଇଥିବାରୁ ଚାଷୀ କ୍ଷତିଗ୍ରସ୍ତ ହୋଇଥିଲେ। ବହୁ ଚାଷୀ ଧାନ ବିକି ନ ପାରିବାରୁ ସବୁଠି ଉତ୍ତେଜନା ଦେଖାଦେଇଥିଲା। ଚଳିତ ରବି ଋତୁରେ ମଧ୍ୟ ୧ କ୍ୱିଣ୍ଟାଲ ଧାନରୁ ୧୦ କିଗ୍ରା କଟନି ଛଟନି ହେଉଥିବାରୁ ଚାଷୀଙ୍କ ଅସନ୍ତୋଷ ବଢୁଛି। ସେହିପରି ବହୁ ଚାଷୀ ନାମ ପଞ୍ଜୀକରଣରୁ ବଞ୍ଚିତ ହୋଇଥିବାବେଳେ ଗତ ୨୫ ଦିନ ମଧ୍ୟରେ ଜଳେଶ୍ୱର, ଭୋଗରାଇ, ବାଲିଆପାଳ ବ୍ଲକରେ ଜଳେଶ୍ୱର ଆରଏମସି ପକ୍ଷରୁ ଖୋଲାଯାଇଥିବା ୫୭ଟି ପ୍ୟାକ୍ସରେ ୭୨୦୫ ଚାଷୀ ଅଦ୍ୟାବଧି ୨ ଲକ୍ଷ ୩୫ ହଜାର ୭୭୭ କ୍ୱିଣ୍ଟାଲ ଧାନ ବିକିଛନ୍ତି। ସମବାୟ ସେବା ସମିତିର ପରିଚାଳନା କମିଟି, ମିଲର ଓ ସରକାରୀ ଆଇନ ଫାଙ୍କରେ ସମବାୟ ସଂସ୍ଥାର କର୍ମଚାରୀମାନଙ୍କର ସଲାସୁତୁରା ଯୋଗୁ ଧାନ କ୍ରୟ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ଚଳିତ ବର୍ଷ ଭୋଗରାଇ ବ୍ଲକ-୧୦୫୦୦ ହେକ୍ଟର, ଜଳେଶ୍ୱର- ୮ ହଜାର ହେକ୍ଟର, ବାଲିଆପାଳ-୬ ହଜାର ହେକ୍ଟର ଜମିରେ ରବି ଧାନ ଚାଷ ହୋଇଥିବାର କୃଷି ବିଭାଗର ତଥ୍ୟରୁ ପ୍ରକାଶ।

ସରକାରଙ୍କ ତରବରିଆ ନାମ ପଞ୍ଜୀକରଣ ଯୋଗୁ ଭୋଗରାଇ-୧୧ ହଜାର ୨୭୦, ଜଳେଶ୍ୱର-୮୨୧୬, ବାଲିଆପାଳ-୫୯୩୪, ଏହିପରି ମୋଟ ୨୫୪୨୦ ଚାଷୀ ନାମ ପଞ୍ଜିକରଣ କରିଥିବାବେଳେ ସ୍ୱଳ୍ପ ସମୟ ଯୋଗୁଁ ବହୁ ଚାଷୀ ବାଦ ପଡିଥିଲେ। ସେହିପରି ସରକାରୀ ମଣ୍ଡିରେ ଗତ ମେ ୧୫ ତାରିଖରୁ ଧାନ କିଣା ଆରମ୍ଭ ହୋଇଥିଲା। ଅଦ୍ୟାବଧି ଭୋଗରାଇ-୩୫୭୦ ଚାଷୀ ୯୫ ହଜାର ୮୯୬ କ୍ୱିଣ୍ଟାଲ ଧାନ ବିକ୍ରି କରିଛନ୍ତି। ଜଳେଶ୍ୱର ବ୍ଲକରେ ୩୦୪୬ ଜଣ ଚାଷୀ ୧୦୩୨୭୧ କ୍ୱିଣ୍ଟାଲ ଧାନ ବିକ୍ରି କରିପାରିଛନ୍ତି। ସେହିପରି ବାଲିଆପାଳ ବ୍ଲକର ବୋଲଂ ସମବାୟ ସମିତି ବନ୍ଦ ଥିବାବେଳେ ଅନ୍ୟ ୧୬ଟି ଧାନ ବିକ୍ରୟ କେନ୍ଦ୍ରରେ ୧୨୮୯ ଚାଷୀ ୩୬ ହଜାର ୬୧୦ କ୍ୱିଣ୍ଟାଲ ଧାନ ବିକ୍ରି କରିଥିବା ଆରଏମସି ସୂତ୍ରରୁ ପ୍ରକାଶ। ଟୋକନ ଆସିବା, ଧାନ କ୍ରୟ ଲାଗି ଜିଲା ସମବାୟ ଓ ଯୋଗାଣ ବିଭାଗ କର୍ମକର୍ତ୍ତା ସ୍ଥିର କରୁଥିବାରୁ ସବୁ ଚାଷୀଙ୍କ ଠାରୁ ସବୁ ଧାନ କିଣିବାର ବ୍ୟବସ୍ଥା ନାହିଁ। ବଢୁଛି ଚାଷୀଙ୍କ ଅସନ୍ତୋଷ, ପଞ୍ଜିକୃତ ଚାଷୀ ୨୫ ହଜାରଧାନ ବିକିଛନ୍ତି ୭୯୦୦ ଜଣ ଧାନ କ୍ରୟ ହେଉଥିବା ସମବାୟ ସମିତିରେ ପରିଚାଳନା କମିଟି ଆଇନର ଫାଙ୍କରେ ମିଲର ଓ ସେବା ସମବାୟ ସମିତି କର୍ମଚାରୀ, ଯୋଗାଣ ବିଭାଗ କର୍ମଚାରୀଙ୍କ ଇଂଗିତରେ ଧାନ କ୍ରୟ ଚାଲିଛି। ଚଳିତ ବର୍ଷ ରବି ଋତୁରେ ଜଳେଶ୍ୱର କୃଷି ଜିଲାର ୩ଟି ବ୍ଲକରେ ୨୪୫୦୦ ହେକ୍ଟର ଜମିରେ ଧାନ ଚାଷ ହୋଇ ୭ ଲକ୍ଷ ୩୫ ହଜାର କ୍ୱିଣ୍ଟାଲ ଧାନ ଉତ୍ପାଦନ ହେବାର ଆକଳନ କୃଷି ବିଭାଗ କରିଛି। ଏଥିରୁ ୧୭୫୧୫ ଜଣ ପଞ୍ଜିକୃତ ଚାଷୀ ଅଦ୍ୟାବଧି ଧାନ ବିକ୍ରି କରିପାରି ନାହାନ୍ତି। ଅଦ୍ୟାବଧି ୫ ଲକ୍ଷ କ୍ୱିଣ୍ଟାଲ ଧାନ ଚାଷୀ ଓ ସମବାୟ ସମିତିରେ ପଡି ରହିଥିବାରୁ ଅଭାବୀ ବିକ୍ରି ନେଇ ସୂଚନା ମିଳୁଛି। ସରକାର ରବି ଧାନ ସମସ୍ୟାର ସମାଧାନ କରିବାକୁ ଦାବି ହେଉଛି।

## ଆନ୍ଧ୍ରକୁ ଚାଲାଣ ବେଳେ ୩୦୦ କ୍ୱିଣ୍ଟାଲ ଧାନ ସହ ଟ୍ରକ୍ ଜବତ

ଜଳେଶ୍ୱର ବ୍ଲକ, ୧୦।୬ (ସମିସ): ରାଜ୍ୟ ବାହାରକୁ ଧାନ ଚୋରା ଚାଲାଣର ଏକ ବଡ଼ ଉଦ୍ୟମ ପଣ୍ଡ ହୋଇଛି। ଜଳେଶ୍ୱର ଯୋଗାଣ ବିଭାଗର ଏନଫର୍ସମେଣ୍ଟ ଟିମ୍ ଏବଂ ସ୍ଥାନୀୟ ପୁଲିସର ମିଳିତ ସହଯୋଗରେ ଓଡ଼ିଶା-ବଙ୍ଗ ସୀମାନ୍ତରୁ ଏକ ୧୪ ଚକିଆ ଧାନ ବୋଝେଇ ଟ୍ରକ୍ ଜବତ କରାଯାଇଛି। ଜବତ ହୋଇଥିବା ଗାଡ଼ିରୁ ପ୍ରାୟ ୩୦୦ କ୍ୱିଣ୍ଟାଲ ଚୋରା ଧାନ ମିଳିଥିବା ସୂଚନା ମିଳିଛି। ଜଳେଶ୍ୱର ଯୋଗାଣ ବିଭାଗର ଏନଫୋର୍ସମେଣ୍ଟ ଟିମ୍ ପକ୍ଷରୁ ସୀମାନ୍ତ ଅଞ୍ଚଳରେ ପାଟ୍ରୋଲିଂ କରାଯାଉଥିଲା। ଏହି ସମୟରେ ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନମ୍ବର ରାଜ୍ୟ ରାଜପଥ ଏନ୍ ଏଚ ୬୦ ଆମ୍ବଲିଅଠା ବାଇପାସ୍ ନିକଟରେ ଏକ ୧୪ ଚକିଆ ଟ୍ରକ ସନ୍ଦେହ ଜନକ ଭାବେ ଗତି କରୁଥିବା ଦେଖିବାକୁ ମିଳିଥିଲା। ଜାତୀୟ ରାଜପଥର ଆମ୍ବଲିଅଠା ପୋଲ ନିକଟରେ ଏନଫୋର୍ସମେଣ୍ଟ ଟିମର ସୁବ୍ରତ ଚାନ୍ଦ, ସନ୍ତୋଷ ପଣ୍ଡା ଓ ପ୍ରମୋଦ ଭଞ୍ଜ ଗାଡ଼ିଟିକୁ ଅଟକାଇବାକୁ ଚେଷ୍ଟା କରିଥିଲେ। ଟ୍ରକ୍ ଚାଳକ ସେଠାରୁ ଧାନ ଟ୍ରକ ଟିକୁ ଖସି ପଳାଇବାକୁ ଉଦ୍ୟମ କରିଥିଲେ ମଧ ଏନଫୋର୍ସମେଣ୍ଟ ଟିମ୍ ତୁରନ୍ତ ଏ ସମ୍ପର୍କରେ ଜଳେଶ୍ୱର ପୁଲିସକୁ ସୂଚନା ଦେଇଥିଲେ। ଜଳେଶ୍ୱର ପୁଲିସ ସଙ୍ଗେ ସଙ୍ଗେ ଘଟଣା ସ୍ଥଳରେ ପହଞ୍ଚି ଗାଡ଼ିଟିକୁ କାବୁ କରିବା ସହ ଥାନାକୁ ଆଣିଥିଲା। ଘଟଣାର ସଠିକ୍ ଯାଞ୍ଚ ପାଇଁ ଜିଲ୍ଲାର ଏକ ୫ ଜଣିଆ ଉଚ୍ଚସ୍ତରୀୟ ଟିମ୍ ଜଳେଶ୍ୱର ଥାନାରେ ପହଞ୍ଚିଥିଲେ। ଏହି ଟିମ୍‌ରେ ଜିଲ୍ଲା ଯୋଗାଣ ଅଧିକାରୀ ନୃସିଂହ ପଣ୍ଡା, ସଦର ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ଯଶୋଦା ସିଂ, ଜଳେଶ୍ୱର ଏମ.ଆଇ ଅବନ୍ତିକା ସାହୁ, ସଦର ଏମ.ଆଇ ସୁଶାନ୍ତ ସାହୁ, ବସ୍ତା ଏମ.ଆଇ. ପ୍ରିୟବ୍ରତ ସାମନ୍ତରାୟ ଏହି ଅଧିକାରୀମାନେ ସାମିଲ ହୋଇ ଟ୍ରକ୍ ଏବଂ ଏହାର ସମସ୍ତ କାଗଜପତ୍ରର ତନ୍ନ ତନ୍ନ କରି ଯାଞ୍ଚ କରିଥିଲେ। ତଦନ୍ତରୁ ସ୍ପଷ୍ଟ ଜଣାପଡ଼ିଛି ଯେ, ଏହି ୩୦୦ କ୍ୱିଣ୍ଟାଲ ଧାନ ଯାହାର ସରକାରୀ ମୂଲ୍ୟ ୬ଲକ୍ଷ ୪୫ ହଜାର ଟଙ୍କା ଓଡ଼ିଶା ସୀମା ପାର କରାଇ ଆନ୍ଧ୍ରପ୍ରଦେଶକୁ ଚୋରା ଚାଲାଣ କରାଯାଉଥିଲା। ବର୍ତ୍ତମାନ ଧାନ ବୋଝେଇ ଟ୍ରକଟି ଜଳେଶ୍ୱର ପୁଲିସ ହେପାଜତରେ ରହିଛି। ଜବତ ହୋଇଥିବା ସମସ୍ତ ଚୋରା ଧାନକୁ ସରକାରୀ ନିୟମ ଅନୁଯାୟୀ ଏକ ରାଇସ୍ ମିଲ୍‌କୁ ପଠାଇ ଦିଆଯିବ।

## ପାଉଁଶକୁଲିରେ ପୁରାତନ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ




ରାଜଘାଟ, ୧୦।୬ (ସମିସ): ବସ୍ତା ବ୍ଲକ ପାଉଁଶକୁଲି ଉଚ୍ଚ ମାଧମିକ ବିଦ୍ୟାଳୟର ୧୯୮୨ ମାଟ୍ରିକ ବ୍ୟାଚର ପୁରାତନ ଛାତ୍ରଛାତ୍ରୀ ନିଜ ସ୍କୁଲକୁ ଆସି ଅବସରପ୍ରାପ୍ତ ଓ ବର୍ତ୍ତମାନ ଶିକ୍ଷକଙ୍କୁ ପୂଜାର୍ଚ୍ଚନା କରି ନିଆରା ଢଙ୍ଗରେ ଗୁରୁପୂଜନ ଉତ୍ସବ ପାଳନ କରିଥିଲେ। ବାଲେଶ୍ୱର, ଭୁବନେଶ୍ୱର, କୋଲକାତା, ବାଙ୍ଗାଲୋର ଏପରିକି ଦେଶର ବିଭିନ୍ନ ସ୍ଥାନରୁ ଆସି ୩୦ ଜଣ ପୁରାତନ ଛାତ୍ରଛାତ୍ରୀ ସ୍କୁଲରେ ପହଞ୍ଚିଥିଲେ। ୧୯୮୨ରେ ପଢାଇଥିବା ଜୀବିତ ୪ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଘରୁ ସସମ୍ମାନେ ସ୍କୁଲକୁ ଆଣିଥିଲେ। ୪ଜଣ ଗୁରୁଙ୍କ ପାଦ ଧୋଇ ଛାତ୍ରମାନେ ପୁଷ୍ପ, ଉତ୍ତରୀୟ, ନଡିଆ ଓ ଦକ୍ଷିଣା ଦେଇ ପ୍ରଣାମ କରିଥିଲେ। ଏହି ଅବସରରେ ପ୍ରାକ୍ତନ ଛାତ୍ର ଡା. ରଞ୍ଜନ କୁମାର ଦାସଙ୍କ ପୌରୋହିତ୍ୟରେ ଏକ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା ମୁଖ୍ୟଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଗୌର ଗୋପାଳ ସାହୁ, ସମ୍ମାନିତ ଅତିଥି ଦଶରଥ ରାଉତ, ଅନ୍ୟତମ ଅତିଥି ବିଜୟ କୁମାର ନନ୍ଦ, ମୁଖ୍ୟ ବକ୍ତା ଭାବେ ଶିକ୍ଷକ ଶିବ ପ୍ରସାଦ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହି ସ୍ମୃତିକୁ ମନେ ରଖିବା ପାଇଁ "ସ୍ମୃତିରେ ବାତାୟନେ ୧୯୮୨' ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ସଭା କାର୍ଯ୍ୟକୁ ଶୁଭ୍ରାଂଶୁ ଶେଖର ଦାସ ଓ ପରମାନନ୍ଦ ଭଦ୍ର ପରିଚାଳନା କରୁଥିବା ବେଳେ ଭବେନ୍ଦ୍ର ସାହୁ, ବିଶ୍ୱମ୍ବର ପଢିଆରୀ, ବଂଶୀଧର ରାଉତ, ରିତାରାଣୀ ଦାସ, ଦୁଲାଲ କୁମାର ଦାସ, ହରପ୍ରସାଦ ମହାନ୍ତି, ବିଜୟ ଷଣ୍ଢ, ଅଭିରାମ କାମିଲା, ଦେବାଶିଷ ମହାନ୍ତି ଓ ଅନ୍ୟମାନେ ସହଯୋଗ କରିଥିଲେ। ପରେଶ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଜଳେଶ୍ୱର ମଡେଲ ହାଟ ପାଇଁ ଜବରଦଖଲ ଉଚ୍ଛେଦ

ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୧୦।୬ (ସମିସ) : ଆରଏମ୍‌ସି ଅଧିନରେ ଥିବା ଜଳେଶ୍ୱର ହାଟକୁ ମଡେଲ ହାଟରେ ପରିଣତ କରିବା ଲାଗି ବୁଧବାର ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଛି। ଉତ୍ତର ବାଲେଶ୍ୱର ଅଞ୍ଚଳର ସର୍ବବୃହତ ସାପ୍ତାହିକ ହାଟ ଭାବେ ଜଳେଶ୍ୱର ହାଟ ଗୁରୁତ୍ୱ ବହନ କରିଥାଏ। ଜଳେଶ୍ୱର, ଭୋଗରାଇ, ବସ୍ତା, ବାଲିଆପାଳ, ରାସ ଥାପାଳ, ରାସଗୋବିନ୍ଦପୁର ବ୍ଲକ ସହିତ ପଶ୍ଚିମବଂଗର ଦାନ୍ତୁନ, ମେଦିନପୁର, ଖଡଗପୁର, ବେଲଦା, ମୋହନପୁର, ଖଡିକା ଇତ୍ୟାଦି ଅଞ୍ଚଳରୁ ହଜାର ହଜାର ଲୋକମାନେ କିଣାବିକା ପାଇଁ ଆସିଥାନ୍ତି। ସେହି ସ୍ଥାନରେ ଦୈନିକ ପରିବା ବଜାର ମଧ ବସିଥାଏ। ହେଲେ ହାଟ ସପରି ସୁବିଧା ନ ଥିବା ଯୋଗୁଁ ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ୧.୬୪ ଏକର ସ୍ଥାନ ମଧ୍ୟରୁ ୩୪ ଡିସିମିଲ ସ୍ଥାନ ଜବର ଦଖଲରେ ରହିଥିବା ଯୋଗୁଁ ହାଟଟି ସଂକୁଚିତ ହୋଇ ଯାଇଥିଲା। ଏବେ ଆରଏମ୍‌ସି ପକ୍ଷରୁ ୩କୋଟି ବ୍ୟୟରେ ଏକ ମଡେଲ ହାଟ ନିର୍ମାଣର ଡିପିଆର ପ୍ରସ୍ତୁତ କରାଯାଇଛି। ଏଥିରେ ୨୪୦ଟି କୋଦାନ ଗୃହ କରାଯିବା ସହିତ ଦୋକାନଗୃହ ନିର୍ମାଣ କରାଯିବାର ସିଦ୍ଧାନ୍ତ ହୋଇଛି। ଆଧୁନିକ ଡିଜାଇନରେ ଏହି ମଡେଲ ହାଟ ନିର୍ମାଣ ହେବାକୁ ଥିବାରୁ ଆଜି ଜଳେଶ୍?ର ତହସିଲଦାର ସତ୍ୟଜିତ ମହାନ୍ତି ଙ୍କ ନେତୃତ୍ୱରେ ୫ଟି ବେଆଇନ୍ ଘରକୁ ମେସିନ୍ ଦ୍ୱାରା ଭାଂଗିବା ସହ ଅନ୍ୟ ଦିନରେ ଜବର ଦଖଲ ଭଙ୍ଗାଯିବ ବୋଲି ସୂଚନା ରହିଛି। ସେଥିମଧ୍ୟରୁ ଅଜିତ ଖାନଙ୍କ ଘର ରେ ଥିବା ୩୪ ଡିସିମିଲ ଜାଗାକୁ ଉଚ୍ଛେଦ କରାଯିବ ବୋଲି ଆରଏମସି ପକ୍ଷରୁ କୁହାଯାଇଛି। ଅତିରିକ୍ତ ତହସିଲଦାର ଚକ୍ରଧର ମଲ୍ଲିକ, ଆଇଆଇସି ଅଶୋକ ବାରିକ, ଏସ୍‌ଡିପିଓ ସୁରେଶ ତ୍ରିପାଠୀ ଓ ପୁଲିସ ବାହୀନି, ଆରଏମ୍‌ସି ସମ୍ପାଦକ ସୁକାନ୍ତ ପାତ୍ର ଓ କର୍ମଚାରୀ, ରାଜସ୍ୱ ସୁପର ଭାଇଜର ଶରତ ବେହେରା, ଆରଆଇ ଜଗନ୍ନାଥ ପାତ୍ର, ସରୋଜ ଭଞ୍ଜ, ପ୍ରମୁଖ ଉଚ୍ଛେଦ ପ୍ରକ୍ରିୟାରେ ସାମିଲ୍ ଥିଲେ। ଅନ୍ୟ ୩ଟି ସ୍ଥାନରେ ମାମଲା ବିଚାରାଧୀନ ରହିଥିବା ବେଳେ ଖୁବଶୀଘ୍ର ଜବରଦଖଲ ଉଚ୍ଛେଦ ହେବ ବୋଲି କୁହାଯାଇଛି।



## ୬ଟି ବାଲି ବୋଝେଇ ହାଇୱା ଜବତ, ୬ ଅଟକ

ଜଳେଶ୍ୱର ବ୍ଲକ, ୧୦।୬ (ସମିସ): ଜଳେଶ୍ୱର ଅଞ୍ଚଳରେ ଚୋରା ବାଲି ଓ ମାଟି ମାଫିଆଙ୍କ ବିରୋଧରେ ପୁଲିସ ଏବେ ପୂରା ଆକ୍ସନ ମୋଡ୍‌ରେ। ଜଳେଶ୍ୱରର ନୂତନ ଏସଡିପିଓ ସୁରେଶ କୁମାର ତ୍ରିପାଠୀ ଦାୟିତ୍ୱ ଗ୍ରହଣ କରିବା ପରେ ଅଞ୍ଚଳରେ ଚାଲିଥିବା ବେଆଇନ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ରାଇବାଣିଆ ଥାନା ଅନ୍ତର୍ଗତ ଓଲମରା କଲେଜ ଛକ ନିକଟରେ ଏସଡିପିଓ ଶ୍ରୀ ତ୍ରିପାଠୀଙ୍କ ନେତୃତ୍ୱରେ ଟିମ୍ ଚଢ଼ଉ କରିଥିଲା। ଏହି ସମୟରେ ସେଠାରେ ଯାଉଥିବା ୬ଟି ବାଲି ବୋଝେଇ ହାଇୱା ଗାଡ଼ିକୁ ଅଟକାଇ କାଗଜପତ୍ର ଯାଞ୍ଚ କରାଯାଇଥିଲା। ମାତ୍ର ଗାଡ଼ିର ଚାଳକମାନେ ବାଲି ପରିବହନ ସମ୍ପର୍କିତ କୌଣସି ବୈଧ କାଗଜପତ୍ର କିମ୍ବା ରୟାଲଟି ରସିଦ ଦେଖାଇପାରି ନଥିଲେ। ଫଳରେ ପୁଲିସ ସେହି ସମସ୍ତ ୬ଟି ବାଲି ବୋଝେଇ ହାଇୱା ଗାଡ଼ିକୁ ଜବତ କରିବା ସହ ୬ ଜଣ ଗାଡ଼ି ଚାଳକଙ୍କୁ ଅଟକ ରଖିଛି।

## ଉଦୟପୁରରେ ବିଶ୍ୱ ମହାସାଗର ଦିବସ



ଚନ୍ଦନେଶ୍ୱର, ୧୦।୬ (ସମିସ): ଭୋଗରାଇ ବ୍ଲକର ଉଦୟପୁରଠାରେ ବିଶ୍ୱ ମହାସାଗର ଦିବସ ପାଳିତ ହୋଇଛି। ବାଲେଶ୍ୱର ବନ୍ୟଜୀବ ବନଖଣ୍ଡ ଅଧିକାରୀ ତଥା ଭାରତୀୟ ବନସେବା ଅଧିକାରୀ ଇନ୍ଦଲ କର ପ୍ରତୀକ ପ୍ରକାଶଙ୍କ ନିର୍ଦ୍ଦେଶକ୍ରମେ ଉଦୟପୁରସ୍ଥିତ ବନ ବିଭାଗ କାର୍ଯ୍ୟାଳୟ ପରିସରରେ ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜଳେଶ୍ୱର ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ସଞ୍ଜୟ କୁମାର ମହାନ୍ତି ସଭାରେ ପୌରୋହିତ୍ୟ କରି ପ୍ରାକୃତିକ ସମ୍ପଦର ସୁରକ୍ଷା ପ୍ରତି ସମସ୍ତଙ୍କ ସକ୍ରିୟ ସହଭାଗିତାର ଆହ୍ୱାନ ଜଣାଇଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ ଇକ୍ରିକ୍ ପ୍ରକଳ୍ପର ଜିଲ୍ଲା ମୁଖ୍ୟ ହରିପ୍ରିୟା ଚାନ୍ଦ କହିଥିଲେ ଯେ, ସମୁଦ୍ରରେ ବାସ କରୁଥିବା ଡଲଫିନ, ଓଲିଭ୍ ରିଡଲେ କଇଁଛ, ବିଭିନ୍ନ ପ୍ରଜାତିର ମାଛ ସମେତ ଅନେକ ସାମୁଦ୍ରିକ ଜୀବ ଆଜି ଅସ୍ତିତ୍ୱ ସଙ୍କଟର ସମ୍ମୁଖୀନ। ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ଏବଂ କାରଖାନାରୁ ନିର୍ଗତ ଦୂଷିତ ପଦାର୍ଥ ସାଗରୀୟ ପରିବେଶକୁ କ୍ରମଶଃ ନଷ୍ଟ କରୁଥିବାରୁ ଜୀବବୈଚିତ୍ର୍ୟ ଉପରେ ଏହାର ଗଭୀର ପ୍ରଭାବ ପଡୁଛି। ସେ ଏହି ବିପଦକୁ ରୋକିବା ପାଇଁ ସମାଜର ପ୍ରତ୍ୟେକ ସ୍ତରରେ ସଚେତନତା ବୃଦ୍ଧି ଓ ପ୍ଲାଷ୍ଟିକ ବ୍ୟବହାର ହ୍ରାସ ଉପରେ ଗୁରୁତ୍ୱ ଦେଇଥିଲେ। ସାହାବାଜିପୁର ସରପଞ୍ଚ ଅରୁଣ କୁମାର ଗିରି କହିଥିଲେ ଯେ, ପରିବେଶ ପ୍ରତି ଆମର ଅବହେଳା ଆମକୁ ନିଜେ ବିପଦ ଆଡ଼କୁ ଠେଲି ଦେଉଛି। ପ୍ରକୃତିର ସନ୍ତୁଳନ ରକ୍ଷା କରିବା ଏବଂ ସାମୁଦ୍ରିକ ସମ୍ପଦକୁ ସୁରକ୍ଷିତ ରଖିବା ଦିଗରେ ମଣିଷଙ୍କ ସକାରାତ୍ମକ ଭୂମିକା ହିଁ ଏହାର ଏକମାତ୍ର ପ୍ରତିକାର ବୋଲି ସେ ମତ ପ୍ରକାଶ କରିଥିଲେ। ଏହି ସଚେତନତା ସଭାରେ ସମିତି ସଦସ୍ୟ ତରଣୀକାନ୍ତ ସେନାପତି, ବାଲେଶ୍ୱର ସାମାଜିକ ସେବା ସଂଘର ଟିମ୍ ଲିଡର ଚନ୍ଦ୍ରଶେଖର ପଣ୍ଡା, ଉଦୟପୁର ବନ ସୁରକ୍ଷା କମିଟିର ସଭାପତି କାହ୍ନୁଚରଣ ବେହେରା ଏବଂ ବିଚିତ୍ରପୁର ପ୍ରକୃତି ନିବାସର ସଭାପତି ବଳରାମ ପାତ୍ର ପ୍ରମୁଖ ଯୋଗଦେଇ ସାମୁଦ୍ରିକ ପରିବେଶ ସୁରକ୍ଷାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଉଦୟପୁର ବେଳାଭୂମିରେ ଏକ ସଚେତନତା ରାଲି ଆୟୋଜିତ ହୋଇଥିଲା। ଫରେଷ୍ଟ ଗାର୍ଡ ନିରାକାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଫୁଲମଣୀ ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଖଣି ବିଭାଗର ଚଢ଼ଉ, ୯ ଡମ୍ପର ଜବତ

ଜଳେଶ୍ୱର, ୧୦।୬ (ସମିସ) : ସୁବର୍ଣ୍ଣରେଖା ନଦୀରୁ ବେଆଇନ୍ ବାଲି ଉତ୍ତୋଳନ ଓ ପରିବହନ ହୋଇ ଆସୁଛି। ଖଣିବିଭାଗ, ରାଜସ୍ୱ, ପୁଲିସ୍ ପକ୍ଷରୁ ଯେତେ ଚଢାଉ କରାଯାଉଥିଲେ ମଧ ଏହାକୁ ରୋକାଯାଇପାରୁ ନାହିଁ। ଆଜି ଖଣିବିଭାଗ ପକ୍ଷରୁ ଚଢାଉ ବେଳେ ୯ଟି ବେଆଇନ୍ ବାଲି ପରିବହନ କରୁଥିବା ଡମ୍ପରକୁ ଜବତ୍ କରାଯାଇ ପୁଲିସ୍ ବିଭାଗର ଡମ୍ପିଂୟାର୍ଡରେ ରଖାଯାଇଛି। ଡମ୍ପର ଗୁଡିକ ସୁବର୍ଣ୍ଣରେଖା ନଦୀରୁ ବେଆଇନ୍ ବାଲି ଉତ୍ତୋଳନ କରି ଜାତୀୟ ରାଜପଥ ୧୬ର ଜଳେଶ୍ୱର ନିକଟ ଗାୟତ୍ରୀ ପେଟୋଲ ପମ୍ପ ଭିତରେ ଲୁଚି ରହିଥିଲେ। ଖଣି ବିଭାଗ କନିଷ୍ଠ ଅଧିକାରୀ ତାପସ ବେହେରା ଖବର ପାଇ ଚଢାଉ କରିଥିଲେ। ଘଟଣାସ୍ଥଳରେ ଜିଲା ଖଣି ଅଧିକାରୀ ଜଗନ୍ ବେହେରା ଓ ବସ୍ତା କନିଷ୍ଠ ଖଣି ଅଧିକାରୀ ସତ୍ୟ ଚିନ୍ମୟ ଜେନା ପହଂଚି ଗାଡି ଗୁଡିକ ସେ ଗୁଡିକର କାଗଜପତ୍ର ଯାଂଚ କରିବାଲାଗି ଡମ୍ପିଂୟାଡକୁ ନେଇଥିବା ଜଣାଯାଇଛି। ବାଲି ବୋଝେଇ ଡମ୍ପର ଗୁଡିକ ରାତିସାରା ବେଆଇନ୍ ବାଲି ପଶ୍ଚିମବଂଗକୁ ପରିବହନ କରୁଥିବା ବେଳେ ସକାଳ ହେଲେ ସେଗୁଡିକ ଜାତୀୟ ରାଜପଥ ୧୬ ଓ ରାଜ୍ୟ ରାଜପଥ ୫୭ର ବିଭିନ୍ନ ପେଟ୍ରୋଲ ଟାଙ୍କିରେ ଲୁଚି ରହିବା ବେଳେ ସମୟଦେଖି ପଶ୍ଚିମବଂଗକୁ ପରିବହନ କରାଯାଉଛି।



## ଜୋନ୍‌ସ୍ତରୀୟ ବିଶାଳ ରକ୍ତଦାନ ଶିବିର



କାଳିପଦା, ୧୦।୬ (ସମିସ): ପ୍ରବଳ ଗରମ ପାଇଁ ରକ୍ତ ଭଣ୍ଡାରରେ ଦେଖା ଦେଇଥିବା ରକ୍ତର ଅଭାବକୁ ଆଖି ଆଗରେ ରଖି ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କ ଆହ୍ୱାନ କ୍ରମେ ଜୋନ ସ୍ତରୀୟ ବିଶାଳ ରକ୍ତ ଦାନ ଶିବିର ଚାଲୁ ରହିଛି। ଏହି ପରିପ୍ରେକ୍ଷୀରେ ୨୧ ନମ୍ବର ଜୋନ୍ ସ୍ତରୀୟ ବିଶାଳ ରକ୍ତଦାନ ଶିବିର ଶ୍ରୀରାମପୁର ଗ୍ରାମର ଶଙ୍କରନାଥ ସରକାରୀ ଉ. ପ୍ରା. ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟିକା ସୁବାସିନୀ ଜେନା ଯୋଗ ଦେଇଥିଲେ। ସମାଜସେବୀ ସୌମ୍ୟଦୀପ ଚକ୍ରବର୍ତ୍ତୀ, ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁଲତା ମହାପାତ୍ର, ଶ୍ରୀରାମପୁର ପଞ୍ଚାୟତର ସରପଞ୍ଚ ଦେବ କୁମାର ଦେ, ପୂର୍ବତନ ସରପଞ୍ଚ ବିଜୟ କୃଷ୍ଣ ବେହେରା, ସମିତି ସଦସ୍ୟ ପ୍ରତିନିଧି ଭଜନ ବେହେରା, ସମାଜସେବୀ ଗୋବିନ୍ଦ ଚନ୍ଦ୍ର ଦାସ, ଜିଲ୍ଲା ପରିଷଦ ସଦସ୍ୟ ବେଣୁଧର ଜେନା, ନିଶାକର ସେଠୀ, ସୀମନ ଦାସ ମହାପାତ୍ର, ନିଖିରା ପଞ୍ଚାୟତର ପୂର୍ବତନ ସରପଞ୍ଚ ସପନ ଦାସ, ନିଖିରା ପଞ୍ଚାୟତ ସମିତି ସଦସ୍ୟା ଗାୟତ୍ରୀ ମାଣିକ, ପୂର୍ବତନ ସମିତି ସଦସ୍ୟ ମନ୍ମଥ ବାରିକ, ପ୍ରଭାକର ଜେନା, ଝାଡ଼େଶ୍ୱର ବେହେରା, ଯୁଗଳ କିଶୋର ପାତ୍ର, ପରିଚାଳନା କମିଟି ସଭାପତି ସୁଜିତ ସାହୁ, ପୂର୍ବତନ ସଭାପତି ଜୟନାରାୟଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରୁ ମୋଟ ୭୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

## ସୀତା ସୁରେନ୍ଦ୍ର ଓ ସମର୍ପଣ ପାଠାଗାରକୁ ପୁସ୍ତକ ଦାନ

ବାଲେଶ୍ୱର,୧୦।୬ (ସମିସ): ବାଲିଆସ୍ଥିତ ବିଶିଷ୍ଟ କବି, ଔପନ୍ୟାସିକ, ଗାଳ୍ପିକ ତଥା ଭ୍ରମଣ କାହାଣୀ ଲେଖକ ପଣ୍ଡିତ ସୁରେନ୍ଦ୍ର ନାଥ କରଙ୍କ ଦେହାନ୍ତ ପରେ ତାଙ୍କ ପାଠାଗାରରେ ଗଚ୍ଛିତ ପୁସ୍ତକ ଗୁଡ଼ିକ ଆଲମିରାରେ ସ୍ଥାଣୁ ହୋଇରହିଥିଲା। ସ୍ୱର୍ଗତ କରଙ୍କ ଧର୍ମପତ୍ନୀ ହରିପ୍ରିୟା କର ଏସବୁ ପୁସ୍ତକର ଉପଯୁକ୍ତ ବ୍ୟବହାର ପାଇଁ ସାହିତ୍ୟିକ ଡଃ. ଭାଗବତ ପ୍ରସାଦ ଦାସଙ୍କ୍ ରେମୁଣାର ସୀତା ସୁରେନ୍ଦ୍ର ପାଠାଗାରକୁ ପାଞ୍ଚ ଶହରୁ ଅଧିକ ପୁସ୍ତକ ଏବଂ ବାଲିଆ ସ୍ଥିତ ସମର୍ପଣ ବୃଦ୍ଧାଶ୍ରମ ପାଠାଗାରକୁ ଦୁଇ ଶହରୁ ଅଧିକ ପୁସ୍ତକ ଦାନ କରିଛନ୍ତି। ଏଥିସହ ପ୍ରତ୍ୟେକ ଅନୁଷ୍ଠାନକୁ ପୁସ୍ତକ ରଖିବା ପାଇଁ ଗୋଟିଏ ଗୋଟିଏ କାଠ ଆଲମିରା ଦାନ କରିଛନ୍ତି। ଏଥିପାଇଁ ଡଃ. ଦାସ ତଥା ସମର୍ପଣର ପ୍ରତିଷ୍ଠାତା ବିବର୍ତ୍ତନ ନାୟକ ଓ ସତ୍ୟଭାମା ମୁଦୁଲି ହରିପ୍ରିୟା କରଙ୍କୁ କୃତଜ୍ଞତା ଜଣାଇବା ସହ ପୁସ୍ତକ ଗୁଡ଼ିକର ରକ୍ଷଣାବେକ୍ଷଣ ଓ ତାହା ପାଠକମାନଙ୍କର ଗବେଷଣା ଓ ଅଧ୍ୟୟନରେ ବ୍ୟବହାର ପାଇଁ ଅଧିକ ଯତ୍ନବାନ ହେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



## ବାର୍ଦ୍ଧକ୍ୟଠୁ ଦୂରରେ ନବ କୁମାର ପାତ୍ର



ଜଳେଶ୍ୱର,୧୦।୬ (ସମିସ) : ଚାକିରିରୁ ଅବସର ପରେ ସରି ଯାଏ ନାହିଁ ବୟସ। ଚାକିରି ଜୀବନରେ ମିଳିଥିବା ଅନୁଭୂତି ଅନ୍ୟଙ୍କ ପାଇଁ ପାଲଟିଛି ପ୍ରେରଣା। ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ରାଇବାଣିଆ ଅଞ୍ଚଳର କାଳିକ ଗ୍ରାମ ପଞ୍ଚାୟତ ହାତିଗଡ଼ ଗହୀରାବନ୍ଧ ଗ୍ରାମର ନବ କୁମାର ପାତ୍ର ୭୪ ବର୍ଷର ହେଲେ ମଧ ନିଜକୁ ବାର୍ଦ୍ଧକ୍ୟ ଠାରୁ ଦୂରେଇ ରଖିଛନ୍ତି ନିଜକୁ। ଯେଉଁଠାରେ ନବ କୁମାର ବାର୍ଦ୍ଧକ୍ୟ ଅବସ୍ଥାରେ ମଧ ନିଜର ଦୃଢ଼ ଇଚ୍ଛାଶକ୍ତି ଏବଂ ସମାଜସେବା ବଳରେ ନୂଆ ଇତିହାସ ସୃଷ୍ଟି କରିଛନ୍ତି। ବାର୍ଦ୍ଧକ୍ୟରେ ସାହସ ଓ ପ୍ରେରଣା ଯୋଗାଉଥିବା କିଛି ଉଲ୍ଲେଖନୀୟ ଉଦାହରଣ ଏହି ୭୪ ବୟସ୍କ ବ୍ୟକ୍ତି ପ୍ରମାଣ କରିଛନ୍ତି ଯେ ଇଚ୍ଛାଶକ୍ତି ଓ ପରିଶ୍ରମ ଆଗରେ ବୟସ କେବେବି ହାର ମାନେ ନାହିଁ। ସୈନିକ ଚାକିରୀରୁ ଅବସର ପରେ ନିଜ ଗାଁ ଭୂଇଁ ଉପରେ ବିଭିନ୍ନ ପ୍ରକାର ଫଳ, ପନିପରିବା ପ୍ରଭୃତି ଜୈବିକ ଉପାୟରେ ଚାଷ କରି ଅନ୍ୟ ପାଇଁ ଉଦାହରଣ ସୃଷ୍ଟି କରୁଛନ୍ତି। ଆମ୍ବ, ଲିଚୁ, ସପୁରି, କଦଳୀ, ଅମୃତ ଭଣ୍ଡା, ପିଜୁଳି, ସପେଟା ଭଳି ବିଭିନ୍ନ ପ୍ରଜାତିର ଫଳ ଚାଷ ସାଙ୍ଗକୁ ଗାଈ ଗୋରୁ, ଛେଳି, କୁକୁଡ଼ା ପାଳନ କରିଛନ୍ତି। ଏକାକୀ ଜୀବନ ଜୀବିକା ନିର୍ବାହ କରି ଜୀବିକାର ଏକ ପ୍ରମୁଖ ମାଧ୍ୟମ ପାଲଟିଛି। ନିଜେ ଜୈବିକ ଖତ ପ୍ରସ୍ତୁତ କରି ଫସଲରେ ବ୍ୟବହାର କରୁଛନ୍ତି। ସେଥିପାଇଁ ଫାର୍ମରୁ ଉତ୍ପାଦିତ ହେଉଥିବା ଫଳଗୁଡ଼ିକର ଚାହିଦା ଅଧିକା ରହିଛି। ନବ କୁମାର ପ୍ରମାଣିତ କରିଛନ୍ତି ପ୍ରତିବନ୍ଧକ ଏକ ବାହନା ବ୍ୟତୀତ ଆଉ କିଛି ନୁହେଁ।

## ପାଉଁଶକୁଲି ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ

ରାଜଘାଟ, ୧୦।୬ (ସମିସ)



କେନ୍ଦ୍ର ଓ ରାଜ୍ୟରେ କ୍ଷମତାସୀନ ବିଜେପି ସରକାରଙ୍କ ବିଫଳତା ସମ୍ପର୍କରେ ବିଷୋଦଗାର କରି ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅଧିନ ପାଉଁଶକୁଲି ପଞ୍ଚାୟତରେ କର୍ମୀ ସମ୍ମିଳନୀରେ ଗୁରୁମନ୍ତ୍ର ଦେଲେ ବିଜେଡି ର ବରିଷ୍ଠ ନେତୃବୃନ୍ଦ। ବୁଧବାର ବସ୍ତା ବ୍ଲକ ପାଉଁଶକୁଲି ପଞ୍ଚାୟତ ଅନ୍ତର୍ଗତ ବେଗୁନିଆ ଠାରେ ଆୟୋଜିତ ବିଜୁ ଜନତା ଦଳର କର୍ମୀ ସମ୍ମିଳନୀରେ ପଞ୍ଚାୟତ ସଭାପତି ଧିରେନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ତୃଣମୂଳ ସ୍ତରରେ ଦଳକୁ ଅଧିକ ମଜବୁତ କରିବା ପାଇଁ କର୍ମକର୍ତ୍ତା ମାନେ ଗୁରୁମନ୍ତ୍ର ଦେଇଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ମୁଖ୍ୟ ବକ୍ତା ସାଂସଦ ପ୍ରାର୍ଥୀନୀ ଡଃ ଲେଖାଶ୍ରୀ ସାମନ୍ତ ସିଂହାର, ସମ୍ମାନିତ ଅତିଥି ପ୍ରାକ୍ତନ ମନ୍ତ୍ରୀ ରଘୁନାଥ ମହାନ୍ତି, ଅନ୍ୟତମ ଅତିଥି ବସ୍ତା ବ୍ଲକ ବିଜେଡି ସଭାପତି ମହାଦେବ ଦାସ, ବସ୍ତା ବ୍ଲକ ଉପାଧକ୍ଷ ଦିଲ୍ଲୀପ କୁମାର ଦାସ ମହାପାତ୍ର, ୧୪ ନଂ ଜିଲ୍ଲା ପରିଷଦ ବିଷ୍ଣୁପ୍ରିୟା ବୁଗୁଡ଼ି ପ୍ରମୁଖ ମଞ୍ଚାସିନ ହୋଇ ବିଜେପି ସରକାର ବିକାଶ ବଦଳରେ ବିନାଶ କରୁଥିବା କହିଥିଲେ। ମଣ୍ଡିରେ ଧାନ ସଂଗ୍ରହରେ କଟନି ଛଟନୀ, ସାର, ଇନ୍ଧନ ର ଅହେତୁକ ଦରବୃଦ୍ଧି, ମନରେଗା କାମରେ ଅନିୟମିତତା, ବେକାରୀ ସମସ୍ୟା, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ହତ୍ୟା, ଧର୍ଷଣ, ଲୁଣ୍ଠନ, ମହିଳା ସଂରକ୍ଷଣ, ଖଣିଜ ସମ୍ପଦ ଲୁଟ୍, ବର୍ଦ୍ଧିତ ଭତ୍ତା ପ୍ରଦାନରେ ବିଫଳତା, ୩ ମାସ ଧରି ହିତାଧିକାରୀ ଭତ୍ତାରୁ ବଞ୍ଚିତ, ସବସିଡ ଗ୍ୟାସ୍ ସିଲିଣ୍ଡର୍ ପ୍ରଦାନ ହ୍ରାସ, ୩ଶହ ୟୁନିଟ୍ ବିଜୁଳି ଛାଡ ପ୍ରତିଶ୍ରୁତି, ନିଟ ପ୍ରଶ୍ନ ପତ୍ର ପ୍ରଘଟ ପ୍ରସଙ୍ଗ, ନିଶାକୁ ପ୍ରୋତ୍ସାହନ ପ୍ରସଙ୍ଗ ରେ ଶାସକ ଦଳକୁ ତୀବ୍ର ସମାଲୋଚନା କରାଯାଇଥିଲା। ନବୀନ ସରକାର ସମୟରେ ହୋଇଥିବା ବିକାଶ କାର୍ଯ୍ୟ ବନ୍ଦ ହୋଇଥିବା ସମ୍ପର୍କରେ ସବୁ ବର୍ଗର ଲୋକେ ଅସନ୍ତୁଷ୍ଟ ବୋଲି ପ୍ରକାଶ କରିଥିଲେ। ଡବଲ ଇଞ୍ଜିନ ବିକାଶ ବଦଳରେ ଅହେତୁକ ଦରଦାମ ବୃଦ୍ଧି ଫଳରେ ଜନସାଧାରଣ ବିନାଶର ରୂପ ଦେଖୁଛନ୍ତି ବୋଲି ବକ୍ତବ୍ୟ ରଖିଥିଲେ। ବିଜେପିକୁ ରଙ୍ଗମରା ଅପାରଗ ସରକାରର ଆଖ୍ୟା ଦେଇ ଓଡ଼ିଶା ର ଅସ୍ମିତାକୁ ବିଶ୍ୱ ଦରବାରରେ କ୍ଷୁର୍ଣ୍ଣ କରୁଥିବା କହିଥିଲେ। ଉକ୍ତ ପଞ୍ଚାୟତର ଥିବା ୧୧ଟି ୱାର୍ଡରେ ବୁଥ କମିଟି ଘୋଷଣା ସହିତ ବୁଥରେ ମାସକୁ ଗୋଟିଏ ବୈଠକ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସଭା ସ୍ଥଳରେ ଶହଶହ ମହିଳା ଓ ସାଧାରଣ ଲୋକେ ଉପସ୍ଥିତ ହୋଇ ବିଭିନ୍ନ ସମସ୍ୟା ସମ୍ପର୍କରେ ନେତୃବୃନ୍ଦଙ୍କୁ ଅବଗତ କରାଇଥିଲେ। ବସ୍ତା ବିଜେଡି ଉପ ସଭାପତି ଅନାଦି ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ବିଜେଡି ଛାତ୍ର ସଭାପତି ହରେକୃଷ୍ଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜିର ରାଶିଫଳ

**ମେଷ:** ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ। ଶୁଭ ଖବର ମିଳିପାରେ। ମନ ଖୁସି ରହିବ। ଅଫିସ୍‌ରେ ସହକର୍ମୀଙ୍କୁ ସାହାଯ୍ୟ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି। କର୍ମ ଚଞ୍ଚଳ ରହିବେ। ବ୍ୟବସାୟକୁ ନେଇ ଚିନ୍ତାରେ ରହିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ।

**ମିଥୁନ:** ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି। ନୂତନ ବ୍ୟବସାୟ ଆରମ୍ଭ କରିବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ। ଖର୍ଚ୍ଚ ଅଧିକ ହେବ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ। ବ୍ୟବସାୟରୁ କ୍ଷତି ସହିପାରନ୍ତି। ଅନ୍ୟମାନଙ୍କ କଥା ଉପରେ ଧ୍ୟାନ ଦିଅନ୍ତୁ ନାହିଁ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ସିଂହ:** କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଯୋଜନା ମୁତାବକ କାମ କରିବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଖୁସି ଖବର ମିଳିପାରେ।

**କନ୍ୟା:** ବ୍ୟବସାୟରେ ଲାଭ ହେବ। ଖର୍ଚ୍ଚ ବଢ଼ିପାରେ। ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ। କଣ୍ଠଶିଳ୍ପୀଙ୍କ ପାଇଁ ଦିନଟି ଭଲ। ପେଟଜନିତ ସମସ୍ୟା ହୋଇପାରେ।

**ତୁଳା:** ଅଚାନକ ଖୁସି ଖବର ମିଳିପାରେ। ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ। ପାରିବାରିକ ସମସ୍ୟାର ସମାଧାନ ହେବ। ଦାନ ଧର୍ମ କରିବେ। ଅତିଥି ସତ୍କାର କରିପାରନ୍ତି।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବେ। ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ। ଆଇନଜୀବୀଙ୍କୁ ସଫଳତା ମିଳିବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ। ସନ୍ତାନ ସୁଖ ପ୍ରାପ୍ତ ହେବ। ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ। ଦିନଟି ବ୍ୟସ୍ତ ଭିତରେ କଟିବ। ରାଜନେତାଙ୍କ ପାଇଁ ଦିନଟି ଭଲ। ଜୀବନସାଥୀଙ୍କୁ ମନ କଥା କହିବେ। ସାମାଜିକ କାର୍ଯ୍ୟରେ ସାମିଲ ରହିପାରନ୍ତି।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। କଳା କ୍ଷେତ୍ରରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇପାରେ। ସତ୍‌କାର୍ଯ୍ୟରେ ଦାନ କରିପାରନ୍ତି।

## ଆଜିର ଇତିହାସ


- ୧୮୬୬- ଆହ୍ଲାବାଦ୍ ଉଚ୍ଚ ନ୍ୟାୟାଳୟର ସ୍ଥାପନା।
- ୧୯୨୧- ବ୍ରାଜିଲ୍‌ରେ ମହିଳାଙ୍କୁ ମତଦାନ ଅଧିକାର ମିଳିଲା।
- ୧୯୪୦- ଇଟାଲୀ ମିତ୍ରରାଷ୍ଟ୍ରଙ୍କ ବିପକ୍ଷରେ ଯୁଦ୍ଧ ଘୋଷଣା କଲା।
- ୧୯୮୭- ମାର୍ଗାରେଟ ଥାଚର ତୃତୀୟ ଥର ପାଇଁ ବ୍ରିଟିଶ ପ୍ରଧାନମନ୍ତ୍ରୀ ହେଲେ।
- ୧୯୮୭-ଆଫଗାନିସ୍ତାନରେ ଭୂସ୍ଖଳନ ଯୋଗୁ ୮୦ ମୃତ।

## ଆଜି ବାହୁଡ଼ି ଥିଲେ

### ମହାନ ଜ୍ୟୋତିର୍ବିଜ୍ଞାନୀ

# ପଠାଣି ସାମନ୍ତ


ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର ଓଡ଼ିଶାର ଜଣେ ଅସାଧାରଣ ଜ୍ୟୋତିର୍ବିଜ୍ଞାନୀ, ଗଣିତଜ୍ଞ ଏବଂ ବିଦ୍ୱାନ ଥିଲେ। ସେ କୌଣସି ଆଧୁନିକ ଯନ୍ତ୍ରପାତି ବିନା କେବଳ ଖାଲି ଆଖିରେ ଏବଂ ନିଜ ପ୍ରସ୍ତୁତ ବାଉଁଶ ନଳୀ ତଥା କାଠି ସାହାଯ୍ୟରେ ଆକାଶର ଗ୍ରହ, ନକ୍ଷତ୍ର ଓ ସୂର୍ଯ୍ୟ-ଚନ୍ଦ୍ରଙ୍କର ସଠିକ୍ ଗତିବିଧି ଗଣନା କରି ସମଗ୍ର ବିଶ୍ୱକୁ ଚକିତ କରିଦେଇଥିଲେ। ପଠାଣି ସାମନ୍ତ ଓଡ଼ିଶାର ନୟାଗଡ଼ ଜିଲ୍ଲାର ଖଣ୍ଡପଡ଼ାରେ ୧୩ ଡିସେମ୍ବର, ୧୮୩୫ରେ ଜନ୍ମଗ୍ରହଣ କରିଥିଲେ। ଖଣ୍ଡପଡ଼ା ନିକଟସ୍ଥ ଖୁଣ୍ଟୁପଡ଼ା ଗ୍ରାମସ୍ଥିତ ମହାଦେବ ଶ୍ରୀଶ୍ରୀ ଚନ୍ଦ୍ରଶେଖରଙ୍କ ପ୍ରସାଦରୁ ସେ ଜନ୍ମଗ୍ରହଣ କରିଥିବାର ବିଶ୍ୱାସ କରି, ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ। ବାଲ୍ୟକାଳରୁ ସାମନ୍ତ ଚନ୍ଦ୍ରଶେଖର ଅତ୍ୟନ୍ତ ଜିଜ୍ଞାସୁ ଥିଲେ। ରାତ୍ରି ଆକାଶରେ ଗ୍ରହ, ନକ୍ଷତ୍ରଙ୍କ ଗତିକୁ ସେ ଛୋଟ ବେଳୁ ଲକ୍ଷ୍ୟ କରୁଥିଲେ। ଚାଟଶାଳୀରେ ଓଡ଼ିଆ ଶିକ୍ଷା ସାରିବା



ପରେ ସଂସ୍କୃତ କାବ୍ୟ, ନାଟକ, ପୁରାଣ, ବେଦ ଆଦି ପୋଥି ପଢ଼ି ଜ୍ଞାନ ଆହରଣ କରିଥିଲେ। ୧୫ ବର୍ଷ ବୟସ ବେଳକୁ ସେ ଜ୍ୟୋତିଷ ବିଦ୍ୟାରେ ପାରଙ୍ଗମ ହୋଇସାରିଥିଲେ। ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ। ଦୁଇଗୋଟି ବାଉଁଶନଳୀ ସାହାଯ୍ୟରେ ଦୂରଦୂରାନ୍ତର ଗ୍ରହ ମଣ୍ଡଳର ନକ୍ଷତ୍ରମାନଙ୍କର ଗତିବିଧି ଉପରେ ନଜର ରଖି ସେ ପାଣିପାଗ, ସୂର୍ଯ୍ୟପରାଗ, ଚନ୍ଦ୍ରଗ୍ରହଣ ଆଦି ବିଷୟରେ ନିର୍ଭୁଲ ତଥ୍ୟ ଦେଇପାରୁଥିଲେ। ଗୋଲଯନ୍ତ୍ର, ସୂର୍ଯ୍ୟଘଡ଼ି, ଶଙ୍କୁଦଣ୍ଡ, ଉଲମ୍ବୀ ଚକ୍ର, ମାନଯନ୍ତ୍ର, ଖଗୋଳଯନ୍ତ୍ର ପ୍ରଭୃତି ସ୍ୱନିର୍ମିତ ଯନ୍ତ୍ର ସାହାଯ୍ୟରେ ସେ ଗ୍ରହ ନକ୍ଷତ୍ରମାନଙ୍କ ଉପରେ ଗବେଷଣା କରୁଥିଲେ। ଜ୍ୟୋତିଷଶାସ୍ତ୍ରର ନିର୍ଭୁଲ ଗଣନା ପାଇଁ ତାଙ୍କୁ ୧୮୯୩ ମସିହାରେ ମହାମହୋପାଧ୍ୟାୟ ଉପାଧିରେ ଭୂଷିତ କରାଯାଇଥିଲା। ତାଙ୍କ ରଚିତ 'ସିଦ୍ଧାନ୍ତ ଦର୍ପଣ' ସମଗ୍ର ବିଶ୍ୱ ପାଇଁ ଏକ ଅମୂଲ୍ୟ ଗ୍ରନ୍ଥ। ପ୍ରାୟ ୨୦ ବର୍ଷର କଠିନ ପରିଶ୍ରମ ପରେ ସେ 'ସିଦ୍ଧାନ୍ତ ଦର୍ପଣ' ପ୍ରସ୍ତୁତ କରିଥିଲେ। ଏଥିରେ ଗ୍ରହମାନଙ୍କର ସଠିକ୍ ଅବସ୍ଥିତି, କକ୍ଷପଥ ଏବଂ ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣର ଅଦ୍ଭୁତ ନିର୍ଭୁଲ ଗଣନା ରହିଛି। ୧୯୦୪ ମସିହା ଆଜିର ଦିନରେ ଏହି ମହାମନିଷୀଙ୍କର ଦେହାନ୍ତ ହୋଇଥିଲା।



# 'କ୍ରିଶ୍ ୪' ବଜେଟ୍‌କୁ ନେଇ ମୁହଁ ଖୋଲିଲେ ରାକେଶ



ବଲିଉଡ୍ ଅଭିନେତା ହ୍ରିତିକ୍ ରୋଶନଙ୍କ ବହୁ ପ୍ରତୀକ୍ଷିତ ସୁପରହିରୋ ଫିଲ୍ମ 'କ୍ରିଶ୍ ୪'କୁ ନେଇ ଦୀର୍ଘଦିନରୁ ଚର୍ଚ୍ଚା ହେଉଛି। ଫିଲ୍ମର ବଜେଟ୍‌କୁ ନେଇ ହ୍ରିତିକ୍ ରୋଶନ ଏବଂ ଆଦିତ୍ୟ ଚୋପ୍ରାଙ୍କ ମଧ୍ୟରେ ସହମତି ହୋଇ ନ ପାରିବାରୁ ଏହି ଫିଲ୍ମର ସୁଟିଂ ଅଟକି ରହିଥିବା ନିକଟରେ କିଛି ରିପୋର୍ଟରେ ପ୍ରକାଶ ପାଇଥିଲା। ଏବେ ଏହାକୁ ହ୍ରିତିକ୍‌ଙ୍କ ପିତା ରାକେଶ ରୋଶନ ଖଣ୍ଡନ କରିଛନ୍ତି। ଏନେଇ ପ୍ରକାଶ ପାଇଥିବା କିଛି ରିପୋର୍ଟ ଅନୁସାରେ, " 'କ୍ରିଶ୍ ୪' ର କାମ ୨୦୨୬ ମସିହାରେ ଆରମ୍ଭ ହେବାର ଥିଲା। ଏହି ଫିଲ୍ମକୁ 'କ୍ରିଶ୍' ସିରିଜ୍‌ର ଅଲଗା ଫିଲ୍ମଗୁଡ଼ିକ ଠାରୁ ଆହୁରି ଉନ୍ନତ କରିବା ପାଇଁ ହ୍ରିତିକ୍, ଆଦିତ୍ୟ ଚୋପ୍ରାଙ୍କ ନିକଟରେ ୫୦୦ କୋଟି ଟଙ୍କାର ବଜେଟ୍ ଦାବି କରିବାରୁ ଉଭୟଙ୍କ ମଧ୍ୟରେ ଏହାକୁ ନେଇ ବିବାଦ ଦେଖାଯାଇଛି। ଏଥିପାଇଁ ଫିଲ୍ମର ସୁଟିଂ ଆରମ୍ଭ ହୋଇପାରୁ ନାହିଁ।" ଏବେ ରାକେଶ ଏହି ସବୁ ରିପୋର୍ଟକୁ ଭୁଲ୍ ବୋଲି କହିବା ସହ ଫିଲ୍ମର ସୁଟିଂ ଚଳିତ ବର୍ଷରୁ ହିଁ ଆରମ୍ଭ ହେବ ବୋଲି କହିଛନ୍ତି। ରାକେଶ ଏନେଇ କହିଛନ୍ତି, 'ହ୍ରିତିକ୍ ନିଜ ନିର୍ଦ୍ଦେଶନାରେ ପ୍ରସ୍ତୁତ ହେଉଥିବା ପ୍ରଥମ ଫିଲ୍ମ ପାଇଁ ଉଚ୍ଚସ୍ତରର ଭିଏଫ୍‌ଏକ୍ସ ଏବଂ ୱାର୍ଲ୍ଡ-କ୍ଲାସ୍ ଆକ୍ସନ୍ ପାଇଁ ପ୍ରଯୋଜକଙ୍କ ନିକଟରେ ୫୦୦ କୋଟିର ବଜେଟ୍ ରଖିଛନ୍ତି, ହେଲେ ଯଶରାଜ ବ୍ୟାନର୍ ଏହି ଖର୍ଚ୍ଚକୁ ୩୫୦ କୋଟି ଟଙ୍କା ମଧ୍ୟରେ ସୀମିତ ରଖିବାକୁ ଚାହିଁବା କଥା ସମ୍ପୂର୍ଣ୍ଣ ଭାବେ ମିଛ। ଭଲ ଫିଲ୍ମ ତିଆରି କରିବାକୁ ସମୟ ଲାଗିଥାଏ। ମୁଁ ମଧ୍ୟ ମୋର 'କ୍ରିଶ୍' ସିରିଜ୍‌ର ପ୍ରତ୍ୟେକ ଫିଲ୍ମ ପାଇଁ ସମୟ ନେଇଛି।" 'କ୍ରିଶ୍ ୪' ର ସୁଟିଂ ଆରମ୍ଭ ହେବାରେ ବିଳମ୍ବ ହେବାର କାରଣ ଜଣାଇ ରାକେଶ କହିଛନ୍ତି, "ହ୍ରିତିକ୍ ଏବେ ସେହି ପ୍ରଡକ୍ସନ ହାଉସ୍ କାମରେ ବ୍ୟସ୍ତ ଅଛନ୍ତି ଯାହାକୁ ସେ ଚଳିତ ବର୍ଷ ଆରମ୍ଭ କରିଛନ୍ତି। 'କ୍ରିଶ୍ ୪' ପାଇଁ କୌଣସି ଅସୁବିଧା ନାହିଁ, ସବୁ କିଛି ଠିକ୍ ଚାଲିଛି। ଏହା ଆଦିତ୍ୟ ଚୋପ୍ରା, ହ୍ରିତିକ୍ ଏବଂ ମୋ ମଧ୍ୟରେ ଏକ ଟିମ୍ ୱାର୍କ।" ଏହି ଫିଲ୍ମରେ ହ୍ରିତିକ୍‌ଙ୍କୁ ଗୋଟିଏ କିମ୍ବା ଦୁଇଟି ଚରିତ୍ରରେ ନୁହେଁ ବରଂ ଚାରୋଟି ଭିନ୍ନ ଚରିତ୍ରରେ ଦେଖିବାକୁ ମିଳିବ ବୋଲି ଜଣାପଡ଼ିଛି। ହ୍ରିତିକ୍‌ଙ୍କ ବ୍ୟତୀତ ଏଥିରେ ପ୍ରିୟଙ୍କା ଚୋପ୍ରା ଏବଂ ପ୍ରୀତି ଜିଣ୍ଟା ମଧ୍ୟ ନଜର ଆସିବେ।

# ମଳ ମାସରେ କାଉ ଅନ୍ତର୍ଦ୍ଧାନ

ଭାରତର ଅନେକ ମନ୍ଦିର, ତୀର୍ଥସ୍ଥଳ, ସହରକୁ ନେଇ ଏମିତି ସବୁ ରହସ୍ୟ ଅଛି, ଯାହା ଉପରୁ ଆଜିଯାଏଁ ପରଦା ହଟିପାରି ନାହିଁ। ଏହି କ୍ରମରେ ବିହାରର ରାଜଗୀର ସହରରେ ପ୍ରତି ମଳ ମାସରେ କାଉ ଅନ୍ତର୍ଦ୍ଧାନ ହୋଇଯିବା କଥା ଆଜିବି ରହସ୍ୟ ଘେରରେ ରହିଛି। ପୌରାଣିକ ବିଶ୍ୱାସ ଅନୁଯାୟୀ, ମଳମାସ ଚାଲିଥିବା ପୂରା ଏକ ମାସ ପର୍ଯ୍ୟନ୍ତ ରାଜଗୀର ଆକାଶରେ ଗୋଟିଏ ବି କାଉ ଦେଖିବାକୁ ମିଳନ୍ତି ନାହିଁ। ସ୍ଥାନୀୟ ଅଞ୍ଚଳରେ ପ୍ରଚଳିତ ଲୋକକଥା ଅନୁସାରେ, ଏକଦା ଏହି ସ୍ଥାନ ଉପରେ କାଉ କ୍ରୋଧିତ ହୋଇ ଯାଇଥିଲେ। ତେଣୁ ଏଠାରେ ମଳମାସରେ କାଉ ଦେଖାଯାନ୍ତି ନାହିଁ। ତେବେ ଏହି ଘଟଣାଟି ସତ୍ୟଯୁଗର ବୋଲି କୁହାଯାଏ। ଭଗବାନ ବ୍ରହ୍ମାଙ୍କ ମାନସପୁତ୍ର ରାଜା ବସୁ ରାଜଗୀର ବ୍ରହ୍ମକୁଣ୍ଡ ପରିସରରେ ଏକ ବିଶାଳ ଯଜ୍ଞର ଆୟୋଜନ କରିଥିଲେ। ଏହି ଯଜ୍ଞକୁ ୩୩ କୋଟି ଦେବୀଦେବତାଙ୍କୁ ନିମନ୍ତ୍ରଣ କରାଯାଇଥିଲା। ହେଲେ ଭୁଲରେ କାଉଙ୍କୁ ଆମନ୍ତ୍ରଣ କରାଯାଇ ନ ଥିଲା। ଏହି କଥାରେ କ୍ରୋଧ ପ୍ରକଟ କରି କାଉମାନେ ରାଜଗୀର ଛାଡ଼ି ଚାଲି ଗଲେ। ସେବେଠୁ ଏହି ମାନ୍ୟତା ଚାଲି ଆସୁଛି ଯେ, ମଳ ମାସ ଆସିଲା ମାତ୍ରକେ କାଉ ରାଜଗୀରଠାରୁ ଦୂରକୁ ଚାଲି ଯାନ୍ତି। ତେଣୁ ଏଠାରେ ଘରର ଛାତ ଉପରେ, ଗଛରେ ଏବଂ ଆକାଶରେ ପ୍ରତିଦିନ ଦେଖାଯାଉଥିବା କାଉମାନେ ମଳମାସ ସମୟରେ ହଠାତ୍ ଅଦୃଶ୍ୟ ହୋଇଯାଆନ୍ତି। ରାଜଗୀରରେ ପ୍ରତ୍ୟେକ ମଳ ମାସରେ ଏକ ବଡ଼ ମେଳା ଆୟୋଜିତ ହୋଇଥାଏ। ଏଠାରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗ ଦେଇଥାନ୍ତି। ଏହି ସମୟରେ ଏଠାରେ ଥିବା କୁଣ୍ଡଗୁଡ଼ିକରେ ସ୍ନାନ କରିବା ଦ୍ୱାରା ସବୁ ପାପରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି।



# ରଜପର୍ବରେ ଆଧୁନିକତାର ଛାପ





ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ, ଆସିଛି ରଜ ଲୋ ଘେନି ନୂଆ ସଜବାଜ। 'ରଜ ଦୋଳି କଟମଟ, ମୋ ଭାଇ ମୁଣ୍ଡରେ ସୁନା ମୁକୁଟ ଲୋ ଦିଶୁଥାଇ ଝଟଝଟ' ଆଦି ଗୀତ ଶୁଣିଲେ ମନରେ ଆନନ୍ଦ ଲହରୀ ଖେଳିଯାଏ। ଗୀତର ତାଳେ ତାଳେ ମିଠାପାନ, ଏବଂ ପିଠା ଖାଇ ସଭିଏଁ ପାଳନ୍ତି ରଜ ପର୍ବ। ପାଦରେ ଅଳତା, ଗଭାରେ ଗଜରା ଲଗାଇ ଖେଳନ୍ତି ଦୋଳି। ହେଲେ ସମୟାନୁସାରେ ଏହି ପାରମ୍ପରିକ ପର୍ବରେ ଏବେ ଆଧୁନିକତାର ଛାପ ପରିଲକ୍ଷିତ ହୋଇଛି। ରଜସଜ, ଖାଦ୍ୟପେୟ ଏବଂ ପ୍ରସ୍ତୁତିରେ ଦେଖାଯାଉଥିବା ଭିନ୍ନତାକୁ ନେଇ ଏହି ଉପସ୍ଥାପନା।

### ଡିଜିଟାଲ୍ ସେଲିବ୍ରେସନ୍

ଗାଁ ଗହଳିରେ ଝିଅମାନେ ରଜରେ ସଜ ହୋଇ ସାଙ୍ଗସାଥୀଙ୍କ ସହ ପଡ଼ୋଶୀ ଏବଂ ବନ୍ଧୁବାନ୍ଧବଙ୍କ ଘରକୁ ବୁଲିବାକୁ ଯାଆନ୍ତି। ଭଳିକି ଭଳି ପିଠା, ମିଠା ଏବଂ ପାନ ଖାଇ ରଜ ଦୋଳି ଏବଂ ପୁଚି ଖେଳର ମଜା ନିଅନ୍ତି। ହେଲେ ଏବେ ଏହାର ସ୍ଥାନ ନେଇଛି ସୋସିଆଲ ମିଡିଆ। ଝିଅମାନେ ଦୋଳିଖେଳି, ରଜରେ ସଜ ହୋଇ ରିଲ୍ସ ଭିଡିଓ କରୁଛନ୍ତି। ଏହି ଉତ୍ସବ ଏବେ ଫେସବୁକ୍, ଇନ୍‌ଷ୍ଟାଗ୍ରାମ୍ ଓ ୟୁଟ୍ୟୁବ୍‌ରେ ରିଲ୍ସ ଏବଂ ଫଟୋ ଅପଲୋଡ୍ କରିବାର ଏକ ମାଧ୍ୟମ ପାଲଟିଛି।

### ସାଜସଜ୍ଜା ଏବଂ ମେକ୍‌ଅପ୍

ରଜର ଦିନକ ପୂର୍ବରୁ ସଜବାଜ ପ୍ରସ୍ତୁତି ଆରମ୍ଭ ହୁଏ। ଯୁବତୀମାନେ ଦିନକ ଆଗରୁ କେଶ ସଫା କରି ହଳଦୀ ବାଟି ରଖନ୍ତି। ହାତରେ ମେହେନ୍ଦୀ ଏବଂ ମୁଣ୍ଡରେ ବାସନାତେଲ ଲଗାଇ କେଶ ବିନ୍ୟାସ କରନ୍ତି। ହେଲେ ଏସବୁର ସ୍ଥାନ ଏବେ ନେଇଛି ପାର୍ଲର। ଏଥିପାଇଁ ଆଗୁଆ ପାର୍ଲରରେ ମହିଳାଙ୍କର ଭିଡ଼ ଜମୁଛି। ମେକ୍-ଅପ୍, ନେଲ୍ ଆର୍ଟ ଏବଂ ହେୟାର୍ କଲର୍ ଆଦି ସାଜସଜ୍ଜାର ମୁଖ୍ୟ ଆକର୍ଷଣ ପାଲଟିଛି। ସେହିପରି ପାରମ୍ପରିକ ପାଟ ଏବଂ ସୂତା ଶାଢ଼ି ସହ ଏବେ ସମ୍ବଲପୁରୀ, ଲେହେଙ୍ଗା ସମେତ ଆଧୁନିକ ପରିଧାନ ସ୍ଥାନ ନେଇଛି।

### ଖାଦ୍ୟପେୟ

ରଜ ଆସିଲେ ପ୍ରତ୍ୟେକ ଓଡ଼ିଆଣୀଙ୍କ ହାଣ୍ଡିଶାଳ ପିଠାପଣାରେ ମହକୁଥାଏ। ଏହି ପର୍ବରେ ପୋଡ଼ପିଠାର ବିଶେଷ ମହତ୍ତ୍ୱ ଥିଲେ ହେଁ, କାକରା, ଚକୁଳି, ଇଡ଼ଲି ଆଦି ପିଠାମାନ ପ୍ରସ୍ତୁତ କରାଯାଏ। ଏଥିପାଇଁ ଦିନକ ପୂର୍ବରୁ ଆବଶ୍ୟକ ସରଞ୍ଜାମ ଯଥା- ବିରି, ଚାଉଳ ବାଟି ରଖାଯାଏ। ହେଲେ ପାରମ୍ପରିକ ପିଠା ସମେତ ଏବେ କେକ୍, ମିଠା ଏବଂ ପାନୀୟ ଆଦି ରଜ ମେନ୍ୟୁରେ ସାମିଲ ହୋଇଛି।



"ସମୟାନୁସାରେ ଲୋକେ ଏବେ ଆଧୁନିକ ଶୈଳୀରେ ରଜପର୍ବ ପାଳନ କରୁଛନ୍ତି। ପରିବାର ସହ ମଲ୍, ହୋଟେଲ୍ ଏବଂ ବିଭିନ୍ନ ସ୍ଥାନରେ ଆୟୋଜିତ ରଜ ମହୋତ୍ସବ ବୁଲି ଏହାର ମଜା ନେଉଛନ୍ତି। ସ୍ୱାଦିଷ୍ଟ ଖାଦ୍ୟ, ଦୋଳି, ପାନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖି ଫଟୋ ଉଠାଇ ମନୋରଞ୍ଜନ କରୁଛନ୍ତି। ଏଥିପାଇଁ ଆଗୁଆ ଯୋଜନା ମଧ୍ୟ କରୁଛନ୍ତି। ଅବଶ୍ୟ ଆମ ସମୟରେ ଯେମିତି ରଜ ପାଳନ ହେଉଥିଲା ଏବେ ସେସବୁ ଆଉ ନାହିଁ। ଏଥିରେ ଅନେକ ପରିବର୍ତ୍ତନ ଆସିଛି।

- ଗୀତାଞ୍ଜଳୀ ସ୍ୱାଇଁ
ବରମୁଣ୍ଡା, ଭୁବନେଶ୍ୱର




ଏବେ ଆଉ ଆଗ ପରି ରଜପର୍ବର ଖୁସି ଜଣା ପଡୁନାହିଁ। ଗାଁ ଆମ୍ବତୋଟା ବାଉଁଶ ଦୋଳି, ପୁଚି ଖେଳ ଆଉ ନାହିଁ। ସବୁଠି ଆଧୁନିକ ଶୈଳୀରେ ରଜ ମହୋତ୍ସବ ଅନୁଷ୍ଠିତ ହେଲାଣି। ଏପରିକି ପିଠାପଣା ମଧ୍ୟ ଲୋକେ ଏତେ ଖାଇବାକୁ ପସନ୍ଦ କରୁନାହାନ୍ତି। ଖାଲି ବିଧିକୁ ଯାହା କରିବା କଥା।

-ପ୍ରତିମା ପାଇକରାୟ
ଶଗଡ଼ଭଙ୍ଗା, ଖୋର୍ଦ୍ଧା"

## ସୁଶ୍ରୀ

# ଆଇବ୍ରୋ ଲାମିନେସନ୍ କରୁଥିଲେ...

**ସାମାଜିକ ଗଣମାଧ୍ୟମରେ ମେକ୍‌ଅପ୍‌କୁ ନେଇ ଅନେକ ଟ୍ରେଣ୍ଡ ଦେଖିବାକୁ ମିଳିଥାଏ। ଏହି କ୍ରମରେ ଏବେ ଆଇବ୍ରୋ ଲାମିନେସନ୍ ଚର୍ଚ୍ଚାରେ ରହିଛି। ଫିଲ୍ମ ତାରକାଠୁ ନେଇ ଇନ୍‌ଫ୍ଲୁଏନ୍ସର୍‌ମାନେ ଏହା ଅନୁକରଣ କରୁଛନ୍ତି। ତେବେ ଏହା ତ୍ୱଚା ଏବଂ କେଶ ପାଇଁ କେତେ ସୁରକ୍ଷିତ ଜାଣିବା ସେ ବିଷୟରେ।**



### କ'ଣ ଆଇବ୍ରୋ ଲାମିନେସନ୍

ଏହା ଏକ ପ୍ରକାର ବିୟୁଟି ଟ୍ରିଟ୍‌ମେଣ୍ଟ। ଏଥିରେ ଭୃଲତାକୁ ଏକ ସ୍ୱତନ୍ତ୍ର କେମିକାଲ୍ ସାହାଯ୍ୟରେ ସେଟ୍ କରାଯାଏ। ଏହାଦ୍ୱାରା ଦୀର୍ଘ ସମୟ ଧରି ଭୃଲତା ଉପରକୁ ଟେକି ହୋଇ ରହିଥାଏ। ଏହା ଭୃଲତାକୁ ଘନ, ମୋଟା ଏବଂ ସୁନ୍ଦର କରିଥାଏ। ଫଳରେ ଦୈନିକ ଭୃଲତାକୁ ସେପ୍ ଦେବାକୁ ପଡ଼େନି। ଏହି ପ୍ରଭାବ ଚାରିରୁ ପାଞ୍ଚ ସପ୍ତାହ ରହିଥାଏ।

### ସୁରକ୍ଷିତ କି ନାହିଁ

ତାଲିମପ୍ରାପ୍ତ ହାଇଜେନିକ୍ ସେଲୁନ୍‌ରେ କରିବା ଦ୍ୱାରା ଏହାକୁ ସୁରକ୍ଷିତ ମଣାଯାଏ। ହେଲେ ଇଣ୍ଟରନେଟ୍ ଭିଡିଓ ଦେଖି ଏହାକୁ କରିବା ଖୁବ୍ ବିପଜ୍ଜନକ ହୋଇଥାଏ। ସେହିପରି କିଛି ମହିଳା ସାମାଜିକ ଗଣମାଧ୍ୟମରେ ପୋଷ୍ଟ ଦେଖି ଏହା କରନ୍ତି। ଏହାଦ୍ୱାରା ପରବର୍ତ୍ତୀ ସମୟରେ ତ୍ୱଚାଜନିତ ସମସ୍ୟାର ସାମ୍ନା କରିବାକୁ ପଡ଼ିଥାଏ।

### ଧ୍ୟାନ ରଖିବେ

ସମ୍ବେଦନଶୀଳ ତ୍ୱଚା ଥିଲେ ଏହା ନ କରିବା ଭଲ। ସେହିପରି ଏକ୍‌ଜିମା, ଆଲର୍ଜି ଏବଂ ତ୍ୱଚା ସଂକ୍ରମଣ ସମସ୍ୟା ଥିଲେ, ଏହାଠୁ ଯଥା ସମ୍ଭବ ଦୂରେଇ ରହିବା ଭଲ। ଏଥିସହ ଭୃଲତା ପତଳା ଥିଲେ ନ କରିବା ଉଚିତ୍। ବାରମ୍ବାର ଆଇବ୍ରୋ ଲାମିଲେସନ୍ କଲେ ଏହା ଭୃଲତାକୁ ଖରାପ କରିଥାଏ।

# ପୁରୁଣା ଜିନ୍ସରୁ ସାଜୋପକରଣ

ଜିନ୍ସ ପ୍ୟାଣ୍ଟ ଢିଲା ହୋଇଗଲେ ଅନେକ ଏହାକୁ ଫୋପାଡ଼ି ଦିଅନ୍ତି ନଚେତ୍ ଘରପୋଛା କରନ୍ତି। ହେଲେ ଏହାକୁ ନ ଫୋପାଡ଼ି ପକେଟ୍‌କୁ ଉପଯୋଗ କରି ଘରପୋକରଣ ସାମଗ୍ରୀ ପ୍ରସ୍ତୁତ କରି ଚାବି, ରିମୋଟ୍ ଆଦି ଜିନିଷ ରଖିପାରିବେ।

- ପ୍ରଥମେ ଜିନ୍ସରୁ ପକେଟ୍‌କୁ କାଟି ବାହାର କରନ୍ତୁ। ଏହାକୁ ଏକ ମୋଟା ଡେନିମ୍ କପଡ଼ା କିମ୍ବା ଏକ କାର୍ଡବୋର୍ଡ଼ରେ ଅଠା ଦେଇ ପେଷ୍ଟ କରନ୍ତୁ।
- ଏହାପରେ ଏଥିରେ ଏମ୍ବ୍ରୋଡୋରୀ କିମ୍ବା ମୋତି ମାଳି ଲଗାଇ ଡିଜାଇନ୍ କରନ୍ତୁ।
- ଏହାକୁ ବିଭିନ୍ନ ଡିଜାଇନ୍ ଯଥା - ମିକି ମାଉସ, ର୍ୟାବିଟ୍ ଆଦି ଆକାର ଦେଇପାରିବେ। ଏହାକୁ କାନ୍ଥରେ ଝୁଲାଇଲେ ଏଥିରୁ ଘରକୁ ଏକ ସୁନ୍ଦର୍ ଲୁକ୍ ମିଳିଥାଏ।
- ଅଧିକ ସୁନ୍ଦର ଏବଂ ଆକର୍ଷଣୀୟ କରିବାକୁ ଚାହୁଁଥିଲେ ଏଥିରେ ଷ୍ଟିକର୍ ଏବଂ ଗ୍ଲିଟର୍ ମଧ୍ୟ ଲଗାଇପାରିବେ।



## ହଜିଯାଉଥିବା ସ୍ୱାଦ

# ଆମ୍ବ ପୋଡ଼ପିଠା

ଆମ୍ବରସ – ଦୁଇକପ୍, ଚାଉଳଗୁଣ୍ଡ - ୧ କପ୍, କ୍ଷୀର – ଆବଶ୍ୟକତା ଅନୁସାରେ, ଚିନି – ଏକ କପ୍, ଲୁଣ - ଏକ ଚିମୁଟିଏ, ଅଳେଇଚ ଗୁଣ୍ଡ - ଅଧା ଚାମଚ, ଘିଅ କିମ୍ବା ତେଲ - ୨ ଚାମଚ, କାଜୁ – ଛଅ ସାତୋଟି, କିସ୍‌ମିସ୍ – ଚାରିପାଞ୍ଚୋଟି ଏବଂ ନଡ଼ିଆ କୋରା – ଅଳ୍ପ।

### ପ୍ରସ୍ତୁତି ପ୍ରଣାଳୀ



ପ୍ରଥମେ ଗୋଟିଏ ପାତ୍ର ନେଇ ସେଥିରେ ଚାଉଳଗୁଣ୍ଡ, ଚିନି, ଲୁଣ ଏବଂ ଆମ୍ବରସକୁ ପକାଇ ଭଲ ଭାବେ ଘାଣ୍ଟନ୍ତୁ। ଏହାପରେ ଏଥିରେ ଆବଶ୍ୟକତା ଅନୁସାରେ କ୍ଷୀର ଦେଇ ବହଳିଆ ଘୋଳ ପ୍ରସ୍ତୁତ କରନ୍ତୁ। ଏଥିରେ ନଡ଼ିଆ କୋରା ଏବଂ ଅଳେଇଚ ଗୁଣ୍ଡ ପକାଇ ୧୫–୨୦ ମିନିଟ୍ ଘୋଡ଼ାଇ ରଖନ୍ତୁ। ଏହାପରେ ଗୋଟିଏ କଡ଼େଇ କିମ୍ବା ହାଣ୍ଡି ନେଇ ସେଥିରେ ତେଲ ନଚେତ୍ ଘିଅ ଲଗାନ୍ତୁ। ଏହାପରେ ଆମ୍ବ ମିଶ୍ରଣକୁ ସେଥିରେ ଦେଇ ଦିଅନ୍ତୁ। ଉପରେ ଡ୍ରାଏଫ୍ରୁଟ୍ସ ପକାଇ ସଜାନ୍ତୁ। ଏହାପରେ ଢାଙ୍କୁଣି ଘୋଡ଼ାଇ ପିଠାକୁ ୩୦ ରୁ ୪୦ ମିନିଟ୍ ପୋଡ଼ିବା ପାଇଁ ଛାଡ଼ି ଦିଅନ୍ତୁ। ପିଠାଟି ସିଝିଗଲେ ଏହାକୁ ଥଣ୍ଡା କରି ଖଣ୍ଡରେ କାଟି ପରଷନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ଆମ୍ବ ପୋଡ଼ପିଠା'।

ଫିଫା ବିଶ୍ୱକପ୍ | ୨୬ କ୍ରୀଡ଼ା | ମହିଳା ଟି-୨୦ ବିଶ୍ୱକପ୍
ସକାଳ
www.sakalaepaper.com






# ଆଜିଠାରୁ ଫୁଟ୍‌ବଲ୍ ମହାକୁମ୍ଭ

## ଲିଗ୍ ପର୍ଯ୍ୟାୟ ମ୍ୟାଚ୍‌ର ଖେଳସୂଚୀ
### ଜୁନ୍ ୧୧ରୁ ୨୦ ତାରିଖ ପର୍ଯ୍ୟନ୍ତ

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ଭାରତୀୟ ସମୟ |
|---|---|---|---|
| ଜୁନ୍ ୧୧ | ମେକ୍ସିକୋ-ଦ.ଆଫ୍ରିକା | ମେକ୍ସିକୋ ସିଟି | ରାତି ୧୨.୩୦ |
| ଜୁନ୍ ୧୨ | ଚେକିଆ-ଦ.କୋରିଆ | ଜାପୋପାନ | ସକାଳ ୭.୩୦ |
| ଜୁନ୍ ୧୨ | କାନାଡା - ବୋସ୍‌ନିଆ | ଟରଣ୍ଟୋ | ରାତି ୧୨.୩୦ |
| ଜୁନ୍ ୧୩ | ପାରାଗୁଏ-ଆମେରିକା | ଲସ୍‌ଏଞ୍ଜେଲ୍‌ସ | ସକାଳ ୬.୩୦ |
| ଜୁନ୍ ୧୩ | କତାର-ସୁଇଜରଲାଣ୍ଡ | ସାଣ୍ଟା କ୍ଲାରା | ରାତି ୧୨.୩୦ |
| ଜୁନ୍ ୧୩ | ବ୍ରାଜିଲ-ମରୋକ୍କୋ | ନ୍ୟୁ ଜର୍ସି | ରାତି ୩.୩୦ |
| ଜୁନ୍ ୧୪ | ସ୍କଟ୍‌ଲାଣ୍ଡ-ହାଇତି | ଫକ୍ସବର୍ଗ | ସକାଳ ୬.୩୦ |
| ଜୁନ୍ ୧୪ | ଅଷ୍ଟ୍ରେଲିଆ-ତୁର୍କୀ | ଭାଙ୍କୋଭର | ସକାଳ ୯.୩୦ |
| ଜୁନ୍ ୧୪ | ଜର୍ମାନୀ-କ୍ୟୁରାସାଓ | ହଷ୍ଟନ | ରାତି ୧୦.୩୦ |
| ଜୁନ ୧୪ | ନେଦରଲାଣ୍ଡସ-ଜାପାନ | ଆଲଲିଙ୍ଗଟନ | ରାତି ୧.୩୦ |
| ଜୁନ୍ ୧୪ | ଆଇଭରି କୋଷ୍ଟ-ଇକ୍ୱେଡର | ଫିଲାଡେଫିଆ | ୪.୩୦ (୧୫ ଭୋର) |
| ଜୁନ୍ ୧୫ | ସ୍ୱିଡେନ-ଟ୍ୟୁନିସିଆ | ଗୌଦାଲାଜରା | ସକାଳ ୭.୩୦ |
| ଜୁନ୍ ୧୫ | ସ୍ପେନ୍-କେପ୍ ଭର୍ଡ | ଆଟ୍‌ଲାଣ୍ଟା | ରାତି ୯.୩୦ |
| ଜୁନ୍ ୧୫ | ବେଲଜିୟମ-ଇଜିପ୍ଟ | ସିଆଟଲ | ରାତି ୧୨.୩୦ |
| ଜୁନ୍ ୧୫ | ଉରୁଗୁଏ-ସାଉଦି ଆରବ | ମିଆମି | ରାତି ୩.୩୦ |
| ଜୁନ୍ ୧୬ | ଇରାନ-ନ୍ୟୁଜିଲାଣ୍ଡ | ଲସ୍ ଏଞ୍ଜେଲସ୍ | ସକାଳ ୬.୩୦ |
| ଜୁନ୍ ୧୬ | ଫ୍ରାନ୍ସ-ସେନେଗାଲ | ନ୍ୟୁ ଜର୍ସି | ରାତି ୧୨.୩୦ |
| ଜୁନ୍ ୧୬ | ଇରାକ୍-ନରୱେ | ଫକ୍ସବର୍ଗ | ରାତି ୩.୩୦ |
| ଜୁନ୍ ୧୭ | ଆର୍ଜେଣ୍ଟିନା-ଆଲଜେରିଆ | କାନସାସ ସିଟି | ସକାଳ ୬.୩୦ |
| ଜୁନ୍ ୧୭ | ଅଷ୍ଟ୍ରିଆ-ଜୋର୍ଡାନ | ସାଣ୍ଟା କ୍ଲାରା | ସକାଳ ୯.୩୦ |
| ଜୁନ୍ ୧୭ | ପର୍ତ୍ତୁଗାଲ-କଙ୍ଗୋ | ହଷ୍ଟନ | ରାତି ୧୦.୩୦ |
| ଜୁନ୍ ୧୭ | ଇଂଲଣ୍ଡ-କ୍ରୋଏସିଆ | ଆରଲିଙ୍ଗଟନ | ରାତି ୧.୩୦ |
| ଜୁନ୍ ୧୭ | ଘାନା-ପାନାମା | ଟରଣ୍ଟୋ | ୪.୩୦ (୧୮ ଭୋର) |
| ଜୁନ୍ ୧୮ | କଲମ୍ବିଆ-ଉଜ୍‌ବେକିସ୍ତାନ | ମେକ୍ସିକୋ ସିଟି | ସକାଳ ୭.୩୦ |
| ଜୁନ୍ ୧୮ | ଚେକିଆ-ଦ.ଆଫ୍ରିକା | ଆଟଲାଣ୍ଟା | ରାତି ୯.୩୦ |
| ଜୁନ୍ ୧୮ | ସ୍ୱିଜରଲାଣ୍ଡ-ବୋସନିଆ | ଲସ୍ ଏଞ୍ଜେଲ୍ସ | ରାତି ୧୨.୩୦ |
| ଜୁନ୍ ୧୮ | କାନାଡା-କତାର | ଭାଙ୍କୋଭର | ରାତି ୩.୩୦ |
| ଜୁନ୍ ୧୯ | ମେକ୍ସିକୋ-ଦ.କୋରିଆ | ଜାପୋପାନ୍ | ସକାଳ ୬.୩୦ |
| ଜୁନ୍ ୧୯ | ଆମେରିକା-ଅଷ୍ଟ୍ରେଲିଆ | ସିଆଟଲ | ରାତି ୧୨.୩୦ |
| ଜୁନ୍ ୧୯ | ସ୍କଟଲାଣ୍ଡ-ମରୋକ୍କୋ | ଫକ୍ସବର୍ଗ | ରାତି ୩.୩୦ |

ମେକ୍ସିକୋ ସିଟି,୧୦।୬ (ସମିସ)



ବିଶ୍ୱର ସବୁଠାରୁ ଲୋକପ୍ରିୟ ଖେଳ ଫୁଟବଲ ପ୍ରତିଯୋଗିତାର ବରିଷ୍ଠ ବିଭାଗ ପୁରୁଷ ବିଶ୍ୱକପ୍ ପ୍ରତିଯୋଗିତା ଆସନ୍ତାକାଲିଠାରୁ ଆରମ୍ଭ ହେବ । ଫୁଟବଲ ଖେଳର ସର୍ବୋଚ୍ଚ ସଂସ୍ଥା ଦ୍ୱାରା ଏହା ଆୟୋଜିତ ହେଉଥିବାରୁ ଫିଫା ବିଶ୍ୱକପ୍ ନାମରେ ପରିଚିତ ଏହି ମେଗା ଇଭେଣ୍ଟ ଜୁନ୍ ୧୧ରୁ ଆରମ୍ଭ ହୋଇ ଜୁଲାଇ ୧୯ରେ ଶେଷ ହେବ । ପ୍ରଥମଥର ୩ଟି ଦେଶ ଯଥା ଆମେରିକା, ମେକ୍ସିକୋ ଓ କାନାଡ଼ା ଏହି ବିଶ୍ୱକପ୍ ଆୟୋଜନ କରୁଥିବାରୁ ୩ଟି ଟାଇମିଂ ଜୋନ୍‌ରେ ଖେଳ ଦେଖିବା ଦର୍ଶକଙ୍କ ଲାଗି କଷ୍ଟକର ହେଉଛି । ତଥାପି ଅଂଶଗ୍ରହଣକାରୀ ଦେଶର ସମୟ ଅନୁଯାୟୀ ଏହି ମ୍ୟାଚ୍‌ର କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ଏଥର ୩ଟି ଦେଶର ମୋଟ ୧୬ଟି ଭେନ୍ୟୁରେ ମ୍ୟାଚ୍ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି । ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଏହି ବିଶ୍ୱକପ୍ର ଉଦଘାଟନୀ ଉତ୍ସବ ଏକ ସଙ୍ଗେ ୩ଟି ଦେଶରେ ଆୟୋଜିତ ହେବ । ଆମେରିକାରରେ ସର୍ବାଧିକ ୧୧ଟି ଷ୍ଟାଡିୟମ୍‌ରେ ସର୍ବାଧିକ ୭୮ଟି ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି ।

## ଉଦ୍‌ଘାଟନୀ ଉତ୍ସବର ଆକର୍ଷଣ ସାକିରା




ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଗାୟିକା ସାକିରା ଫିଫା ବିଶ୍ୱକପ୍ ପୂର୍ବର ଉଦ୍‌ଘାଟନୀ ସମାରୋହରେ ସଙ୍ଗୀତ ପରିବେଷଣ କରିବେ। ଫିଫା ଦ୍ୱାରା ପ୍ରସ୍ତୁତ କରାଯାଇଥିବା ସଙ୍ଗୀତ ଦାଏ ଦାଏ'କୁ ଗାଇବେ ସାକିରା । ତାଙ୍କ ସହ ନରୱେର ବୁର୍ଣ୍ଣା ବୟ ମଧ୍ୟ ଫିଫା ସଙ୍ଗୀତ ପରିବେଷଣ କରିବେ। ଅନ୍ୟ ତାରକାମାନଙ୍କ ମଧ୍ୟରେ ଆଲେଜାଣ୍ଡ୍ରୋ ଫର୍ଣ୍ଣାଣ୍ଡିଜ୍, ବେଲିଣ୍ଡା, ଡାନ୍ନି ଓସେନ୍, ଜେ. ବାଲଭିନ୍, ଲିଳା ଡାଉନ୍ସ, ଲସ୍‌ଆଞ୍ଜିଲ୍ସ ଆଜୁଲେସ୍, ମାନା ଓ ଟିଲା ମଧ୍ୟ ଅଫିସିଆଲ ଫିଫା ସଙ୍ଗୀତ ପରିବେଷଣରେ ସହଯୋଗ କରିବେ । ଉଦ୍‌ଘାଟନୀ ଉତ୍ସବ ମେକ୍ସିକୋ ସିଟିରେ ଆୟୋଜିତ ହେବାକୁ ଥିଲାବେଳେ କାନାଡା ଓ ଆମେରିକାରେ ମଧ୍ୟ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ । ପ୍ରତ୍ୟେକ ଦେଶରେ ଖେଳାଯିବାକୁ ଥିବା ଉଦ୍‌ଘାଟନୀ ମୁକାବିଲା ପୂର୍ବରୁ ଉଦ୍‌ଘାଟନୀ ଉତ୍ସବ ଆୟୋଜିତ ହେବ। କାନାଡାରେ ଟରଣ୍ଟୋ ଓ ଆମେରିକାରେ ଲସ୍‌ଏଞ୍ଜେଲ୍ସରେ ଏହି ଉତ୍ସବ ଓ ପରେ ମ୍ୟାଚ୍ ଖେଳାଯିବ । ଟରଣ୍ଟୋରେ ଗାୟକ ଓ ଲେଖକ ମାଇକେଲ ବବଲ ଓ ଆଲାନିସ୍ ମୋରିଷ୍ଟେ, ଆମେରିକାର ସୋଫି ଷ୍ଟାଡିୟମ୍‌ରେ ପପ୍ ଷ୍ଟାର କାଟି ପେର, ରାପର ଫ୍ୟୁଚର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପରିବେଷଣ କରିବେ । କାନାଡା ଜନ୍ମିତ ବଲିଉଡ୍ ଷ୍ଟାର ନୋରା ଫତେହୀ ଟରଣ୍ଟୋ କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ କରିବେ ।

## ମେକ୍ସିକୋରେ ଉଦ୍‌ଘାଟନୀ, ନ୍ୟୁ ଜର୍ସୀରେ ଫାଇନାଲ




ବିଶ୍ୱକପ୍‌ରେ ଏଥର ସର୍ବାଧିକ ୪୮ଟି ଦେଶ ଭାଗନେଉଥିବାରୁ ସ୍ୱାଭାବିକ ଭାବେ ସର୍ବାଧିକ ୧୦୪ଟି ମ୍ୟାଚ୍ ଖେଳାଯିବ। ଏହା ମଧ୍ୟରୁ ଆମେରିକାରେ ୭୮ଟି ଓ ଅନ୍ୟ ଦୁଇ ସହଯୋଗୀ ଦେଶରେ ୧୩ଟି ଲେଖାଏଁ ମ୍ୟାଚ୍ ଆୟୋଜିତ ହେବ। ରାଉଣ୍ଡ ଅଫ୍ ୩୨ ଓ ରାଉଣ୍ଡ ଅଫ୍ ୧୬ରେ ୩ଟି ନକ୍‌ଆଉଟ ମ୍ୟାଚ୍ ଆମେରିକା ବାହାରେ ଓ ଅନ୍ୟ ସମସ୍ତ ନକ୍‌ଆଉଟ ମୁକାବିଲା ଆମେରିକାରେ ଅନୁଷ୍ଠିତ ହେବ । ରେକର୍ଡ ତୃତୀୟଥର ଉଦ୍‌ଘାଟନୀ ଉତ୍ସବ ସହ ଉଦ୍‌ଘାଟନୀ ମୁକାବିଲା କରିବାକୁ ଯାଉଥିବା ମେକ୍ସିକୋ ସିଟିର ଆଜ୍‌ଟେକା ଷ୍ଟାଡିୟମ୍‌ରେ ଆୟୋଜକ ମେକ୍ସିକୋ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଭାରତୀୟ ସମୟ ରାତି ୧୨ଟା ୩୦ ମିନିଟ୍‌ରେ ଖେଳାଯିବ । ସେହିପରି ପ୍ରତିଯୋଗିତା ଶେଷରେ ଦୁଇ ଶ୍ରେଷ୍ଠ ଦଳ ମଧ୍ୟରେ ଆମେରିକାର ନ୍ୟୁ ଜର୍ସୀରେ ଥିବା ମେଟ୍‌ଲାଇଫ୍ ଷ୍ଟାଡିୟମ୍‌ରେ ଫାଇନାଲ ମୁକାବିଲା ଜୁଲାଇ ୧୯ ତାରିଖ ରାତି ୧୨ଟା ୩୦ ମିନିଟ୍‌ରେ ଖେଳାଯିବ ।

## ସିଧା ପ୍ରସାରଣ ଦେଖିପାରିବେ ଭାରତୀୟ ଦର୍ଶକ

ବିଶ୍ୱର ଲୋକପ୍ରିୟ ଟୁର୍ଣ୍ଣାମେଣ୍ଟ ଫିଫା ବିଶ୍ୱକପ୍‌ର ୨୩ତମ ସଂସ୍କରଣର ସିଧାପ୍ରସାରଣ ଅଧିକାର ଭାରତରେ ଜି' ଟିଭି ହାସଲ କରିଛି। ଜି ଟିଭି' ନେଟ୍‌ୱର୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ୪ଟି ୟୁନାଇଟ୍-୮ ସ୍ପୋର୍ଟ୍ସ ଚ୍ୟାନେଲ (unite 8 ) ରେ ବିଶ୍ୱକପ୍‌ର ସମସ୍ତ ୧୦୪ଟି ଯାକ ମ୍ୟାଚ୍ ହିନ୍ଦି ଓ ଇଂରାଜୀ ଭାଷାରେ ସିଧାପ୍ରସାରଣ ହେବ। ଚାରୋଟି ଚ୍ୟାନେଲ ୟୁନାଇଟ୍ ସ୍ପୋର୍ଟ୍ସ-୧, ୟୁନାଇଟ୍ ସ୍ପୋର୍ଟ୍ସ-୧ ଏଚ୍‌ଡି, ୟୁନାଇଟ୍ ସ୍ପୋର୍ଟ୍ସ-୨ ଓ ୟୁନାଇଟ୍ ସ୍ପୋର୍ଟ୍ସ-୨ ଏଚ୍‌ଡି ଚ୍ୟାନେଲରେ ଭାରତୀୟ ଦର୍ଶକ ମ୍ୟାଚ୍ ଦେଖିପାରିବେ । ସେହିଭଳି ଅନ୍‌ଲାଇନରେ ଜି୫(ZEE 5) ଆପ୍ ଓ ୱେବସାଇଟ୍‌ରେ ସମସ୍ତ ମ୍ୟାଚର ସିଧାପ୍ରସାରଣ ମଧ୍ୟ ହେବ ।

## ଭାରତରେ କେତେବେଳେ ଦେଖିବେ ଖେଳ

ବିଶ୍ୱକପ୍ ଏଥର ୩ଟି ଦେଶରେ ଆୟୋଜିତ ହେଉଥିବାରୁ ୩ଟ ଟାଇମିଂ ଜୋନ୍‌ରେ ମ୍ୟାଚ୍ ଖେଳାଯିବ । ଏଣୁ ଭାରତୀୟ ସମୟରେ ୧୨ ଘଣ୍ଟା ମଧ୍ୟରେ ଖେଳ ହେବ ଓ ଜଣେ ଦର୍ଶକ ରାତି ୯ଟା ୩୦ରୁ ତା'ପରଦିନ ସକାଳ ୯ଟା ୩୦ ଯାଏ ଖେଳ ଦେଖିପାରିବେ । ରାତି ୯ଟା ୩୦, ରାତି ୧୦ଟା ୩୦, ରାତି ୧୨.୩୦, ରାତି ୧.୩୦, ରାତି ୩.୩୦, ଭୋର ୪.୩୦, ପରଦିନ ସକାଳ ୬.୩୦, ୮.୩୦ ଓ ୯.୩୦ରୁ ଆରମ୍ଭ ହୋଇ ୨ଘଣ୍ଟା ଯାଏ ଖେଳାଯିବ । ଏଣୁ ଜଣେ ଦର୍ଶକ ରାତିରୁ ପରଦିନ ପୂର୍ବାହ୍ଣ ୧୧ଟା ୩୦ ମିନିଟ୍ ଯାଏ ଖେଳ ଦେଖିପାରିବେ ।

## ଚାରିଥରର ଚାମ୍ପିଅନ ଇଟାଲୀର ଅଲୋଡ଼ା ହ୍ୟାଟ୍ରିକ

ଏଥର ଫିଫା ବିଶ୍ୱକପ୍ ଆରମ୍ଭ ହେବା ପୂର୍ବରୁ ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଥିଲା । ଚାରିଥରର ପୂର୍ବ ବିଜେତା ଇଟାଲୀ ଏଥର ଫିଫା ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଛି। ଏହାକୁ ମିଶାଇ ଇଟାଲୀ କ୍ରମାଗତ ୩ୟ ସଂସ୍କରଣ ଲାଗି ଫିଫା ବିଶ୍ୱକପ୍‌କୁ ଯୋଗ୍ୟତା ହାସଲ କରିପାରିନାହିଁ । ଏଥିପୂର୍ବରୁ ୨୦୧୮ ଓ ୨୦୨୨ ବିଶ୍ୱକପ ମଧ୍ୟ ଇଟାଲୀ ଖେଳିପାରି ନ ଥିଲା । ବିଶ୍ୱ ମାନ୍ୟତାର ୧୨ତମ ସ୍ଥାନରେ ଥିବା ଏହି ୟୁରୋପୀୟ ଦଳ ଲାଗି ଏହା ଶକ୍ତ ଝଟକା ସଦୃଶ ହୋଇଛି। ସେହିଭଳି ଚଳିତ ବିଶ୍ୱକପ୍‌କୁ ଯୋଗ୍ୟତା ହାସଲ କରିପାରି ନ ଥିବା ଅନ୍ୟ କିଛି ପ୍ରମୁଖ ଦେଶ ହେଲେ ଡେନମାର୍କ, ନାଇଜେରିଆ, ୟୁକ୍ରେନ ଓ ପୋଲାଣ୍ଡ। ୨୦୨୨ ବିଶ୍ୱକପ୍‌ରେ ଡାର୍କହର୍ସ ଥିବା ଡେନମାର୍କ ବର୍ତ୍ତମାନ ଫିଫା ର୍‌ୟାଙ୍କିଂ‌ରେ ୨୦ତମ ସ୍ଥାନରେ ରହିଛି। କିନ୍ତୁ ଯୋଗ୍ୟତା ପର୍ଯ୍ୟାୟରେ ଚେକ୍ ରିପବ୍ଲିକ ନିକଟରୁ ସୁଟ୍ ଆଉଟ୍‌ରେ ହାରିବା ପରେ ଡେନମାର୍କର ବିଶ୍ୱକପ୍ ଖେଳିବା ଆଶା ଧୂଳିସାତ୍ ହୋଇଯାଇଥିଲା । ଆଫ୍ରିକ ମହାଦେଶର ଅନ୍ୟତମ ଶକ୍ତିଶାଳୀ ଦଳ ନାଇଜେରିଆ ବର୍ତ୍ତମାନ ଫିଫା ର୍‌ୟାଙ୍କିଂ‌ରେ ୨୬ତମ ସ୍ଥାନରେ ରହିଛି । କିନ୍ତୁ ୪୮ ଜଣିଆ ବିଶ୍ୱକପ୍‌କୁ ଦଳ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଥିଲା। 'କାଫ୍' ପ୍ଲେ ଅଫ୍ ଫାଇନାଲରେ କଙ୍ଗୋଠାରୁ ହାରିବା ନାଇଜେରିଆ ପାଇଁ ମହଙ୍ଗା ପଡ଼ିଥିଲା। ନାଇଜେରିଆ ୨୦୨୨ ବିଶ୍ୱକପ୍‌କୁ ମଧ୍ୟ ଟିକଟ୍ ହାସଲ କରି ନ ଥିଲା। ଅପରପକ୍ଷରେ ୪ ବର୍ଷ ଧରି ରୁଷ ସହ ଯୁଦ୍ଧରେ ସଂଘର୍ଷ କରୁଥିବା ୟୁକ୍ରେନକୁ ମଧ୍ୟ ଏଥର ବିଶ୍ୱକପ୍ ଟିକଟ୍ ମିଳିନି। ବିଶ୍ୱ ମାନ୍ୟତାର ୩୨ତମ ସ୍ଥାନରେ ଥିବା ଏହି ୟୁରୋପୀୟ ରାଷ୍ଟ୍ର ଶେଷଥର ଲାଗି ୨୦୦୬ ସଂସ୍କରଣ ଖେଳିଥିଲା । ପୋଲାଣ୍ଡ ମଧ୍ୟ ଏଥର ବିଶ୍ୱକପ୍ ବସ୍ ମିସ୍ କରିଛି। ଫିଫା ର୍‌ୟାଙ୍କିଂରେ ୩୨ତମ ସ୍ଥାନରେ ଥିବା ପୋଲାଣ୍ଡ ଯୋଗ୍ୟତା ପର୍ଯ୍ୟାୟର ଫାଇନାଲ ମ୍ୟାଚରେ ୨-୩ ଗୋଲ୍‌ରେ ସ୍ୱିଡେନଠାରୁ ହାରିବା ପୋଲାଣ୍ଡ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା ।

## ହାଇତି ଜର୍ସିରେ ରହିବ ପୋଲାଣ୍ଡ ପତାକା




ୱାଶିଂଟନ, ୧୦।୬ (ଏଜେନ୍ସି): ଦୀର୍ଘ ୫୨ ବର୍ଷ ପରେ ହାଇତି ଫିଫା ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଏହି କାରବୀୟ ରାଷ୍ଟ୍ର ପ୍ରଥମ ଓ ଶେଷଥର ଲାଗି ୧୯୭୪ ଫିଫା ବିଶ୍ୱକପ୍‌ରେ ଅଂଶଗ୍ରହଣ କରି ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ୫୨ ବର୍ଷ ପରେ ପୁଣିଥରେ ଏହି ମେଗା ଇଭେଣ୍ଟକୁ ଯୋଗ୍ୟତା ଅର୍ଜନ କରିଥିବାରୁ ଏଥର ହାଇତି ପ୍ରଦର୍ଶନର ଛାପ ଛାଡ଼ିବା ଲକ୍ଷ୍ୟରେ ରହିଛି। କିନ୍ତୁ ହାଇତି ଖେଳାଳିମାନେ ପିନ୍ଧିବାକୁ ଥିବା ଜର୍ସିରେ ପୋଲାଣ୍ଡର ଜାତୀୟ ପତାକା ରହିବା ଫୁଟବଲପ୍ରେମୀଙ୍କ ଦୃଷ୍ଟି ଆକର୍ଷଣ କରିଛି । ପ୍ରଥମତଃ ଏହା କିଟ୍ ନିର୍ମାତାଙ୍କ ଦ୍ୱାରା କୌଣସି ତ୍ରୁଟି ନୁହେଁ । ପ୍ରକୃତରେ ଏହା ଡିଜାଇନର ଏକ ଅଂଶ । ହାଇତି ଦଳର ଜର୍ସିରେ ପୋଲାଣ୍ଡର ଜାତୀୟ ପତାକାର ଉପସ୍ଥିତିର ଏକ ଐତିହାସିକ ଗୁରୁତ୍ୱ ରହିଛି। ତାହା ହେଉଛି ୧୮୦୪ ମସିହାରେ ହାଇତିକୁ ସ୍ୱାଧୀନତା ହାସଲ କରିବାରେ ୫,୦୦୦ ପୋଲାଣ୍ଡ ସୈନିକଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା। ହାଇତିର ପ୍ରତିଷ୍ଠାତା ନେତା ଜିନ୍-ଜ୍ୟାକ୍ ଡେସାଲିନ୍ସ ପୋଲାଣ୍ଡମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସମର୍ଥନକୁ ସ୍ୱୀକାର କରିଥିଲେ। ତେଣୁ ଏଥର ହାଇତିର ଜର୍ସି ଡିଜାଇନ୍ ପୋଲାଣ୍ଡ ସୈନିକଙ୍କ ପ୍ରତି ଏକ ଶ୍ରଦ୍ଧାଞ୍ଜଳି ଭାବରେ ଦେଖାଯାଉଛି। ଯେଉଁମାନେ ସ୍ୱାଧୀନତା ପାଇଁ ସେମାନଙ୍କ ଲଢ଼େଇ ସମୟରେ ହାଇତିଙ୍କ ସହିତ ଠିଆ ହୋଇଥିଲେ। ଅପରପକ୍ଷରେ ଏକ ଉଲ୍ଲେଖନୀୟ ଘଟଣା ହେଉଛି ଏଥର ପୋଲାଣ୍ଡ ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଛି । କିନ୍ତୁ ହାଇତି ଜର୍ସିରେ ଏହାର ପରୋକ୍ଷ ପ୍ରତିନିଧିତ୍ୱ ରହିଛି ।



## କ୍ୟୁର୍‌ସାଓ ସବୁଠୁ କ୍ଷୁଦ୍ରତମ ଦେଶ

ଫିଫା ବିଶ୍ୱକପ୍ ଇତିହାସରେ କ୍ୟୁରସାଓ ସବୁଠୁ କ୍ଷୁଦ୍ରତମ ଦେଶ ଭାବେ ଯୋଗ୍ୟତା ଅର୍ଜନ କରିଛି। ଏହି କାରବୀୟ ଦ୍ୱୀପ ରାଷ୍ଟ୍ରର ମୋଟ ଜନସଂଖ୍ୟା ଦେଢ଼ ଲକ୍ଷରୁ ସାମାନ୍ୟ ଅଧିକ ରହିଛି । ଏହି କାରିବିଆନ୍ ଦ୍ୱୀପ, ଜନସଂଖ୍ୟା ଏବଂ ଭୂମି ଆକାର ଉଭୟ ଦୃଷ୍ଟିରୁ ଫିଫା ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ସବୁଠାରୁ ଛୋଟ ଦେଶ । ଉତ୍ତର ଆମେରିକୀୟ ମହାଦେଶର ଯୋଗ୍ୟତା ପର୍ଯ୍ୟାୟରେ ପ୍ରଭାବୀ ପ୍ରଦର୍ଶନ କରି କ୍ୟୁରସାଓ ୨୦୨୬ ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିବାର ସୌଭାଗ୍ୟ ଲାଭ କରିଥିଲା। ଅଧିନାୟକ ର୍‌ୟାନ ମେଣ୍ଡେସ ଏହି ଦଳର ପ୍ରମୁଖ ଖେଳାଳି ରହିଛନ୍ତି । ବିଶ୍ୱକପ୍ ପୂର୍ବରୁ କ୍ୟୁରସାଓ ଦଳର ଖେଳାଳିମାନେ ଝରକା କାଚ ନ ଥିବା ଏକ ପୁରୁଣା ସ୍କୁଲ ବସ୍‌ରେ ଗ୍ରାଉଣ୍ଡକୁ ଯାତ୍ରା କରୁଥିଲେ। ଯାହାର ଭିଡିଓ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଥିଲା ।

● ନାଇଟ୍ କ୍ଲବ ବିବାଦ

## ଦଳରୁ ବାଦ୍ ସହ ଅଧିନାୟକ ପଦ ହରାଇଲେ ଷ୍ଟୋକ୍ସ

ଲଣ୍ଡନ, ୧୦।୬ (ଏଜେନ୍ସି): ନାଇଟ୍ କ୍ଲବ୍ ବିବାଦ ପରେ ଇଂଲଣ୍ଡ କ୍ରିକେଟ୍ ବୋର୍ଡ (ଇସିବି) ଟେଷ୍ଟ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ନ୍ୟୁଜିଲାଣ୍ଡ ବିପକ୍ଷ ଆଗାମୀ ୧୭ରୁ ଆରମ୍ଭ ହେବାକୁ ଥିବା ଦ୍ୱିତୀୟ ଟେଷ୍ଟରୁ ଷ୍ଟୋକ୍ସଙ୍କ ସମେତ ଦ୍ରୁତ ବୋଲର୍ ଗସ୍ ଆଟକିନସନଙ୍କୁ ବାଦ୍ ଦିଆଯାଇଛି। ଷ୍ଟୋକ୍ସଙ୍କ ସ୍ଥାନରେ ଜୋ ରୁଟ୍‌ଙ୍କୁ ଅନ୍ତରୀଣ ଅଧିନାୟକ ନିଯୁକ୍ତ କରାଯାଇଛି। ସେହିଭଳି ଦ୍ରୁତ ବୋଲର ଜୋଫ୍ରା ଆର୍ଚର ଏବଂ ବ୍ୟାଟ୍ସମ୍ୟାନ୍ ଜୋର୍ଡାନ କକ୍ସଙ୍କୁ ଦଳରେ ସାମିଲ କରାଯାଇଛି। ଇସିବି ପକ୍ଷରୁ କୁହାଯାଇଛି ଯେ ନାଇଟ୍ କ୍ଲବ୍ ଘଟଣାର ତଦନ୍ତ ଚାଲିଥିବା ହେତୁ ଷ୍ଟୋକ୍ସ ଏବଂ ଆଟକିନସନ୍‌ଙ୍କ ନାମକୁ ଚୟନ ପାଇଁ ବିଚାରକୁ ନିଆଯାଇନାହିଁ।

ପ୍ରକାଶ ଯୋଗ୍ୟ ଲର୍ଡ୍ସରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ନ୍ୟୁଜିଲାଣ୍ଡକୁ ୧୧୫ ରନରେ ଇଂଲଣ୍ଡ ପରାସ୍ତ କରିଥିଲା। ପରେ ବିଜୟର ଉତ୍ସବ ପାଳନ କରିବା ପାଇଁ ଷ୍ଟୋକ୍ସ ଏବଂ ଆଟକିନସନ୍ ଏକ ନାଇଟ କ୍ଲବ୍‌କୁ ଯାଇଥିଲେ। ଏହି ସମୟରେ ଉଭୟ କ୍ଲବରେ ଜଣେ ରଗବି ଖେଳାଳିଙ୍କ ସହ ଯୁକ୍ତିତର୍କ ଓ ଗଣ୍ଡଗୋଳ ହୋଇଥିଲା। ଝଗଡ଼ାର ସିସିଟିଭି ଫୁଟେଜ୍ ମଧ୍ୟ ସାମ୍ନାକୁ ଆସିଛି। ଇଂଲଣ୍ଡ ବୋର୍ଡ ଏବେ ଏହି ମାମଲାକୁ ବିଚାରକୁ ନେଇ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି।

ପିଟିଏଫ୍ ତାଏକ୍ୱୋଣ୍ଡୋ ଚାମ୍ପିଅନସିପ୍

## ୪ ସ୍ୱର୍ଣ୍ଣ ସହ ଓଡ଼ିଶାକୁ ୬ ପଦକ



ଭୁବନେଶ୍ୱର, ୧୦।୬ (ସମିସ): ଶ୍ରୀନଗରର ସେର ଇ କାଶ୍ମୀର ଇଣ୍ଡୋର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ହେଉଥିବା ପ୍ରଥମ ପିଟିଏଫ ଇଣ୍ଟରନେସନାଲ ତାଏକ୍ୱୋଣ୍ଡୋ ଚାମ୍ପିଅନସିପରେ ଓଡ଼ିଶାକୁ ୬ଟି ପଦକ ମିଳିଛି । ଯେଉଁଥିରେ ୪ଟି ସ୍ୱର୍ଣ୍ଣ ଓ ୨ଟି ରୌପ୍ୟ ପଦକ ରହିଛି। ଅନୁଷ୍କା ଦାସ, ମିନାକ୍ଷୀ ନାୟକ, ଅନ୍ୱେଷ ହୋତା ଏବଂ କୁମାର କାଶ୍ୟପ ସରଙ୍ଗୀ ସ୍ୱର୍ଣ୍ଣ ପଦକ ଏବଂ ଆରାଭି ମିଶ୍ର ଓ ଅଂଶୁ ଅନନ୍ୟା ମହାପାତ୍ର ରୌପ୍ୟ ପଦକ ଜିତିଛନ୍ତି। ଏହି ସମସ୍ତ ୬ଜଣ ଖେଳାଳି କୋଚ୍ ଏହେସାସ ହୋତାଙ୍କ ପ୍ରଶିକ୍ଷଣ କେନ୍ଦ୍ରରେ ପ୍ରଶିକ୍ଷଣ ନେଉଛନ୍ତି । ପ୍ରତିଯୋଗିତାରେ ଚାରୋଟି ଦେଶରୁ ପାଖାପାଖି ୭୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପଦକ ବିଜେତା କ୍ରୀଡ଼ାବିତଙ୍କୁ ଓଡିଶା ତାଇକ୍ୱୋଣ୍ଡୋ ସଂଘ ଓ ଏକାଡେମୀ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି ।

## ରଜରେ ମଦନପୁରରେ ଜାତୀୟ କବାଡ଼ି



ଭୁବନେଶ୍ୱର, ୧୦।୬ (ସମିସ)

ରଜ ପର୍ବ ଉପଲକ୍ଷେ ପାରମ୍ପରିକ କ୍ରୀଡାକୁ ପ୍ରୋତ୍ସାହିତ କରିବା ଲାଗି କବାଡ଼ି ଓ ଟଗ ଅଫ ୱାର ଚାମ୍ପିଅନସିପ ଜୁନ ୧୩ରୁ ଭୁବନେଶ୍ୱର ଉପକଣ୍ଠ ମଦନପୁରରେ ଆରମ୍ଭ ହେବ । ବିଚିତ୍ର ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ୧୬ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଜାତୀୟସ୍ତରର କ୍ରୀଡ଼ା ପ୍ରତିଯୋଗିତାରେ ୧୬ଟି ଦଳ ଅଂଶଗ୍ରହଣ କରିବେ । ଉଭୟ ପୁରୁଷ ଓ ମହିଳା ବିଭାଗରେ କବାଡି ଓ ଟଗ୍ ଅଫ ୱାର ଚାମ୍ପିଅନସିପ ଅନୁଷ୍ଠିତ ହେବ। କବାଡିରେ ମୋଟ ୧୬ଟି ଦଳ ଅଂଶ ଗ୍ରହଣ କରିବେ । ସମାନ ସଂଖ୍ୟକ ଦଳ ଟଗ ଅଫ ୱାରରେ ଭାଗନେବେ । ପୁରୁଷରେ ଚାମ୍ପିଅନ ଦଳୁ ୫୦ ହଜାର ଓ ରନର୍ସଅପ ଦଳୁ ୩୦ ହଜାର ପ୍ରଦାନ କରାଯିବ । ସେହିପରି ମହିଳାରେ ଚାମ୍ପିଅନଙ୍କୁ ୩୦ ହଜାର ଓ ରନର୍ସ ଅପ ଦଳକୁ ୨୦ ହଜାର ଟଙ୍କା ମିଳିବ ବୋଲି ବୁଧବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମଦନପୁର ପଞ୍ଚାୟତ ରଜ ମହୋତ୍ସବର ସଭାପତି ପ୍ରଫେସର ଛେନୁ ଶେଖର ପଟ୍ଟନାୟକ ସୂଚନା ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟର ଆବାହକ ଅର୍ଦ୍ଧେନ୍ଦୁ ଦାସ, ସାଧାରଣ ସମ୍ପାଦକ ଅଜୟ ସାହୁ, ସୁଭଦ୍ରାଙ୍କ ବାଡଗ୍ରାହୀ ରାମଚନ୍ଦ୍ର ଦାସ ମହାପାତ୍ର, ପ୍ରଧାନ ଶିକ୍ଷକ କାହ୍ନୁଚରଣ ମିଶ୍ର, ଏମ୍ସର ପୂର୍ବତନ ଡିରେକ୍ଟର୍ ଅଫ ଆକାଉଣ୍ଟାଣ୍ଟ ଜ୍ଞାନରଞ୍ଜନ ସାହୁ ଏବଂ ପୂର୍ବତନ ଫୁଟବଲ ଖେଳାଳି ପ୍ରଦୀପ୍ତ କୁମାର ବଳିୟାରସିଂହ ପ୍ରମୁଖ ଉପସ୍ଥିତ ରହିଥିଲେ ।

● ମହିଳା ଟି-୨୦ ବିଶ୍ୱକପ୍

## ଶେଷ ୱାର୍ମଅପ୍‌ରେ ହାରିଲା ଭାରତ

ଲଣ୍ଡନ, ୧୦।୬ (ଏଜେନ୍ସି): ଆଇସିସି ମହିଳା ଟି-୨୦ ବିଶ୍ୱକପ୍ ଶୁକ୍ରବାରଠାରୁ ଇଂଲଣ୍ଡରେ ଆରମ୍ଭ ହେବାକୁଯାଉଛି। ଏଥିପୂର୍ବରୁ ଭାରତୀୟ ମହିଳା ଦଳ ଏହାର ଶେଷ ୱାର୍ମଅପ୍ ମ୍ୟାଚରେ ପରାଜୟବରଣ କରିଛି । ବୁଧବାର କାର୍ଡିଫରେ ଆୟୋଜକ ଇଂଲଣ୍ଡ ରୋମାଞ୍ଚକ ଭାବେ ୫ ରନରେ ହରମନପ୍ରୀତ୍ କୌରଙ୍କ ଦଳକୁ ହରାଇ ଦେଇଛି। ଏଥିପୂର୍ବରୁ ଭାରତ ପ୍ରଥମ ୱାର୍ମଅପ୍ ମ୍ୟାଚରେ ୨୬ ରନରେ ଦୁଇଥରର ଚାମ୍ପିଅନ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଥିଲା। ବିଶ୍ୱକପ୍‌ରେ ଭାରତ ଏହାର ପ୍ରଥମ ମ୍ୟାଚରେ ଜୁନ ୧୪ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ ।

ବୁଧବାର ଅନୁଷ୍ଠିତ ୱାର୍ମଅପ୍‌ରେ ଘରୋଇ ଇଂଲଣ୍ଡ ମହିଳା ଦଳ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୬ ୱିକେଟ୍‌ରେ ୧୭୧ ରନ କରିଥିଲା । ଆମି ଜୋନ୍ସ ୬୪ ଓ ନାଟାଲୀ ସ୍କିଭର-ବ୍ରଣ୍ଟ ୫୭ ରନ କରିଥିଲେ । ଭାରତ ପକ୍ଷରୁ ଶ୍ରେୟଙ୍କା ପାଟିଲଙ୍କୁ ୨ଟି ୱିକେଟ୍ ମିଳିଥିଲା । ଜବାବରେ ଭାରତ ଗୋଟିଏ ବଲ୍ ବଳକା ଥାଇ ୧୬୬ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା । ରିଚା ଘୋଷ (୩୬ ବଲରେ ୬୮ ରନ)ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବୃଥା ଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅଧିନାୟିକା ହରମନପ୍ରୀତ୍ ୧୭, ଭାରତୀ ଫୁଲମଣି ୧୮, ଶେଫାଳି ବର୍ମା ୧୩, ସ୍ମୃତି ମନ୍ଧାନା ୧ ରନ କରି ନିରାଶ କରିଥିଲେ । ଇଂଲଣ୍ଡର ଲିନସୀ ସ୍ମିଥଙ୍କୁ ୩ଟି ୱିକେଟ୍ ମିଳିଥିଲା ।

## ଆଫଗାନିସ୍ତାନ ବିପକ୍ଷ ସିରିଜ୍‌ରୁ ପାଣ୍ଡ୍ୟା ବାଦ୍

ନୂଆଦିଲ୍ଲୀ, ୧୦।୬ (ଏଜେନ୍ସି): ଆଫଗାନିସ୍ତାନ ବିପକ୍ଷ ଆଗାମୀ ଦିନିକିଆ ସିରିଜରୁ ଭାରତୀୟ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ବାଦ୍ ପଡ଼ିଛନ୍ତି। ପାଣ୍ଡ୍ୟାଙ୍କ ଜଂଘର ମାଂସପେଶୀରେ ଲାଗିଥିବା ଆଘାତରୁ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇନାହାନ୍ତି । ଆଇପିଏଲ୍‌ରେ ଖେଳୁଥିବାବେଳେ ପାଣ୍ଡ୍ୟାଙ୍କ ଏହି ଆଘାତ ସମସ୍ୟା ହୋଇଥିଲା। ଆଫଗାନିସ୍ତାନ ସିରିଜ ଲାଗି କ୍ଲିୟରାନ୍ସ ପାଇବା ପାଇଁ ପାଣ୍ଡ୍ୟା ବୁଧବାର ବେଙ୍ଗାଲୁରୁସ୍ଥିତ ବିସିସିଆଇର ସେଣ୍ଟର ଅଫ୍ ଏକ୍ସଲେନ୍ସରେ ଟେଷ୍ଟ ଦେଇଥିଲେ। ଟେଷ୍ଟ ସମୟରେ ବିସିସିଆଇ ମେଡିକାଲ ଟିମ୍ ଆକଳନ କରିଥିଲା ଯେ ମ୍ୟାଚରେ ପାଣ୍ଡ୍ୟା କୋଟାର ସମ୍ପୂର୍ଣ୍ଣ ୧୦ ଓଭର ବୋଲିଂ କଲେ ନୂତନ ଆଘାତ ପାଇପାରନ୍ତି । ଘରୋଇ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ଶନିବାରଠାରୁ ଆରମ୍ଭ ହେବ ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS